# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୫/୨୦୧୯ (୨୦ ପୃଷ୍ଠା) | Bhubaneswar, Thursday, September 5/2019 | ★★★★

୪୫ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



JBSPL

BHARAT™ MASALA

*Hosts Permanent*

INDIAN NATIONAL FLAG HOISTING

&

1st COMMERCIAL PRODUCTION CEREMONY

on 7th Sept. 2019 at 11A.M

Ramdaspur, Barang, Cuttack





Chief Guest

His Excellency

**Prof. Ganeshi Lal**

Governor of Odisha

**Guests of Honour**



**Shri Surendranath Panda**
Chairman
Bharat Masala



**Shri Debi Prasad Mishra**
Hon'ble MLA,
Badamba
Constrituency



**Shri Susanta Ku. Panda**
Ex. Board Member
GST & Customs (CBIC)



**Shri Susanta Ku. Panda**
Managing Director
Bharat Masala

*Awardees*

- **Prof. Ishan Ku. Patro**
  Hon'ble Vice Chancellor
  Ravenshaw University, Cuttack, Odisha
- **Dr. Soma Chand**
  Eminent Historian and Writer
- **Govindraj Ji, Prakash Ji, Alam Ji,**
  Sri Naganives Engineering &
  Service Pvt Ltd & A.P. Construction
- **Prof. Dr. Subrat Ku. Behera, M.D.**
  Prof. & H.O.D, E.N.T. Department
  S.C.B. Medical College and Hospital,
  Cuttack, Odisha
- **Sj. Abani Kanungo, Industrialist**
  Chairman,
  Odisha Industries Association
  M.D., Kalinga Packers (P) Ltd.
  M.D., Luis Packaging (P) Ltd.
- **Saraswati Sishu Vidya Mandir**
  Naya bazaar, Pota Pokhari,
  Cuttack
- **Dr. Satya Ray,**
  Eminent Journalist
- **Snehalata Rout,**
  Worker (Bharat Masala)

**JAY BHARAT SPICES (P) LTD**

**www.bharatmasala.in | Toll Free : 1800 345 1138**

ଧରିତ୍ରୀ
DHARITRI
ଗୁରୁବାର, ୫ ସେପ୍ଟେମ୍ବର ,୨୦୧୯



ହରିୟାଣା ବିଧାନସଭା ନିର୍ବାଚନ ପୂର୍ବରୁ କୁମାରୀ ସେଲ୍‌ଜାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିଯୁକ୍ତ କରାଯାଇଛି। ପୂର୍ବରୁ କେନ୍ଦ୍ରରେ ମନ୍ତ୍ରୀ ଥିବା ସେଲଜା କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ ଅଛନ୍ତି। ହରିୟାଣା ପିସିସି ମୁଖ୍ୟ ଥିବା ଅଶୋକ ତନଓ୍ବାର ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ହୋଇଥିଲେ ହେଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡାଙ୍କ ସହ ବିବାଦ କାରଣରୁ ତାଙ୍କୁ ଉକ୍ତ ପଦରୁ ହଟାଇଦିଆଯାଇଛି। ହୁଡା କଂଗ୍ରେସ ବିଧାୟକ ଦଳ ନେତା ରହିବା ସହ ନିର୍ବାଚନ ପରିଚାଳନା କମିଟି ସଭାପତି ନିଯୁକ୍ତ ହୋଇଛନ୍ତି।



# ୧୦ ଦିନ ଇଡି ରିମାଣ୍ଡରେ ଶିବକୁମାର

ନୂଆଦିଲ୍ଲୀ/ବେଙ୍ଗାଲୁରୁ,୪।୯(ପି.ଟି.)

ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କର୍ନାଟକ କଂଗ୍ରେସର ଟାଣୁଆ ନେତା ଡି.କେ. ଶିବକୁମାରଙ୍କୁ ମଙ୍ଗଳବାର ରାତିରେ ଗିରଫ କରିଥିଲା। ବୁଧବାର ତାଙ୍କୁ ଦିଲ୍ଲୀର ଏକ ଅଦାଲତରେ ହାଜର କରାଯିବା ପରେ ୧୩ ତାରିଖ ପର୍ଯ୍ୟନ୍ତ ରିମାଣ୍ଡରେ ପଠାଯାଇଛି। ତଦନ୍ତରେ ସହଯୋଗ କରୁ ନ ଥିବାରୁ ହାଜତ ଜେରା ପାଇଁ ୧୪ ଦିନ ରିମାଣ୍ଡରେ ନେବାକୁ ଇଡି ଆବେଦନ କରିଥିଲା। ରାମମନୋହର ଲୋହିଆ ହସ୍ପିଟାଲରେ ଶିବକୁମାରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ସ୍ୱତନ୍ତ୍ର ବିଚାରପତି ଅଜୟ କୁମାର କୁହାରଙ୍କ ଅଦାଲତରେ ହାଜର କରାଯାଇଥିଲା। ଆୟକର ତଦନ୍ତ ଓ ବିଭିନ୍ନ ସାକ୍ଷୀଙ୍କ ବୟାନରୁ ଶିବକୁମାରଙ୍କ ବିରୋଧରେ ଅପରାଧର ପ୍ରମାଣ ମିଳିଥିବା ଇଡି କୋର୍ଟଙ୍କୁ ଜଣାଇଥିଲା। ଶିବକୁମାରଙ୍କ କଥାରେ ତାଳମେଳ ରହୁନାହିଁ ଓ ସେ ତଦନ୍ତରେ ସହଯୋଗ କରୁ ନ ଥିବାରୁ ହାଜତ ଜେରାର ଆବଶ୍ୟକତା ଥିବା ଇଡି ପକ୍ଷରୁ କୁହାଯାଇଥିଲା। ତେବେ ତାଙ୍କୁ ୩୩ ଘଣ୍ଟା ଜେରା କରାଯାଇଥିବା ଶିବକୁମାରଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ।



କୋର୍ଟ ପରିସରରୁ ଶିବକୁମାରଙ୍କୁ ଇଡି କାର୍ଯ୍ୟାଳୟକୁ ନିଆଯାଉଛି।

ଅନ୍ୟପକ୍ଷରେ ଶିବକୁମାରଙ୍କ ଗିରଫଦାରି ପ୍ରତିବାଦରେ ବୁଧବାର କର୍ନାଟକର ବିଭିନ୍ନ ଅଞ୍ଚଳରେ କଂଗ୍ରେସ ପକ୍ଷରୁ ବ୍ୟାପକ ବିକ୍ଷୋଭ ଓ ପୋଡ଼ାଜଳା ହୋଇଛି। ତାଙ୍କ ନିଜ ଜିଲା ରାମନଗର ସମେତ ଚେନ୍ନାପଟ୍ଟନା ଏବଂ ଅନ୍ୟ ସହରରେ ବନ୍ଦ ପାଳନ ସହ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ସତର୍କତା ପଦକ୍ଷେପ ସ୍ୱରୂପ ଜିଲା ପ୍ରଶାସନ ସ୍କୁଲ କଲେଜକୁ ଛୁଟି ଘୋଷଣା କରିଥିଲେ। ବିକ୍ଷୋଭକାରୀମାନେ ଜବରଦସ୍ତ ଦୋକାନ ବଜାର ବନ୍ଦ କରିଦେଇଥିଲେ। ୧୫ରୁ ଊର୍ଦ୍ଧ୍ୱ ସରକାରୀ ବସ୍‌କୁ ଟେକାମାଡ଼ କରିବା ସହ ଭଙ୍ଗାରୁଜା କରିବାରୁ ପରିବହନ ସେବା ବାଧାପ୍ରାପ୍ତ ହୋଇଛି। କନକପୁରା ଓ ବେଙ୍ଗାଲୁରୁରେ ଦୁଇଟି ବସ୍ ପୋଡ଼ିଦେବାକୁ ଉଦ୍ୟମ ହୋଇଥିଲା ବୋଲି ପୋଲିସ କହିଛି।

**ମନିଲଣ୍ଡରିଂ ମାମଲା**
- ଗିରଫଦାରି ପ୍ରତିବାଦରେ କର୍ନାଟକରେ ବିକ୍ଷୋଭ
- ପ୍ରତିଶୋଧ ରାଜନୀତି କହିଲେ ରାହୁଲ

କର୍ନାଟକ କଂଗ୍ରେସରେ ସଙ୍କଟମୋଚନ ଭାବେ ପରିଚିତ ଶିବକୁମାରଙ୍କ ଗିରଫଦାରିକୁ ବିରୋଧୀ ଦଳଗୁଡିକ ପକ୍ଷରୁ ନିନ୍ଦା କରାଯାଇଛି। ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଏହାକୁ ପ୍ରତିଶୋଧ ରାଜନୀତି କହିଛନ୍ତି। କେନ୍ଦ୍ର ସରକାର ନିଜ ବିଫଳତାରୁ ଲୋକଙ୍କ ନଜର ହଟାଇବା ପାଇଁ ଏଭଳି ପଦକ୍ଷେପ ନେଉଥିବା କଂଗ୍ରେସ କହିଛି। ଗତ ମାସରେ ପି.ଚିଦାମ୍ବରମଙ୍କୁ ଗିରଫ କରାଯାଇଥିଲା। ଶାସକ ଭାଜପା ପ୍ରତିଶୋଧ ନେଉଥିବା ବିରୋଧୀ ଦଳଗୁଡିକ ଅଭିଯୋଗ କରିଛନ୍ତି। ବିରୋଧୀ ନେତାଙ୍କ ସ୍ୱରକୁ ଚାପିଦେବା ଲାଗି ଭାଜପା କେନ୍ଦ୍ରୀୟ ସଂସ୍ଥାଗୁଡିକୁ ବ୍ୟବହାର କରୁଥିବା କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ଏଚ୍.ଡି. କୁମାରସ୍ୱାମୀ କହିଛନ୍ତି। ଅନ୍ୟ ପକ୍ଷରେ ଆଇନ ତା' ବାଟରେ ଯିବ ବୋଲି ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା କହିବା ସହ କଂଗ୍ରେସ ନେତା ଦୋଷମୁକ୍ତ ହେଲେ ସେ ସବୁଠୁ ବେଶି ଖୁସି ହେବେ ବୋଲି କହିଛନ୍ତି।

ମାଣ୍ଡ୍ୟା, ହାସନ, ଚିକ୍କାବଲ୍ଲପୁର, କୋଲାର, ବେଲାରି, ବେଙ୍ଗାଲୁରୁରେ ବନ୍ଦ ପାଳନ କରାଯାଇଥିବାବେଳେ ସବୁ ଜିଲା ଶାଖାକୁ ବିକ୍ଷୋଭ ପ୍ରଦର୍ଶନ କରିବା ଲାଗି କର୍ନାଟକ କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା। କେତେକ ସ୍ଥାନରେ ବିକ୍ଷୋଭରେ କଂଗ୍ରେସ ସହଯୋଗୀ ଦଳ ଜେଡିଏସ୍ ମଧ୍ୟ ସାମିଲ ହୋଇଥିଲା। ଶିବକୁମାର ୪ ଦିନ ହେଲା ଇଡି କାର୍ଯ୍ୟାଳୟରେ ହାଜର ହୋଇ ସେମାନଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେଇଛନ୍ତି। ତଦନ୍ତରେ ସେ ଆଦୌ ଅସହଯୋଗ କରିନାହାନ୍ତି। ଏହା ସତ୍ତ୍ୱେ ତାଙ୍କୁ ଗିରଫ କରାଯିବା ଘଟଣାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡା ସମାଲୋଚନା କରିଛନ୍ତି।

- କଶ୍ମୀର ନିଷ୍ପତ୍ତି ସମ୍ପର୍କରେ ପୁଟିନଙ୍କୁ ଜଣାଇଲେ ମୋଦି

# ମିଥ୍ୟା ପ୍ରସାର କରୁଛି ପାକ୍



ଭ୍ଲାଡିଭୋଷ୍ଟକ୍,୪।୯

ଜମ୍ମୁ-କଶ୍ମୀର ମାମଲାରେ ହସ୍ତକ୍ଷେପ କରିବା ପାଇଁ ପାକିସ୍ତାନର ଅନୁରୋଧକୁ ରୁଷିଆ ପୂର୍ବରୁ ପ୍ରତ୍ୟାଖ୍ୟାନ କରିଥିଲା। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। କଶ୍ମୀର ପ୍ରସଙ୍ଗରେ ଇସ୍‌ଲାମାବାଦ ମିଥ୍ୟା ଏବଂ ବିଭ୍ରାନ୍ତିକର ତଥ୍ୟ ପ୍ରସାର କରୁଥିବା ପୁଟିନଙ୍କୁ ପ୍ରଧାନମନ୍ତ୍ରୀ ଜଣାଇଛନ୍ତି।

ଦୁଇଦିନିଆ ରୁଷିଆ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ବୁଧବାର ପୁଟିନଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ, ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ସେ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ନିଷ୍ପତ୍ତି ସମ୍ପର୍କିତ ବାସ୍ତବତା ସମ୍ପର୍କରେ ପୁଟିନଙ୍କୁ ଅବଗତ କରାଇଥିଲେ ବୋଲି ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। କଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଏଥିରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ବୋଲି ରୁଷିଆ ଇସ୍‌ଲାମାବାଦକୁ ରୋକଠୋକ ଶୁଣାଇଥିଲା। କୌଣସି ଦେଶର ଆଭ୍ୟନ୍ତରୀଣ ମାମଲାରେ ବାହ୍ୟ ହସ୍ତକ୍ଷେପକୁ ଉଭୟ ଭାରତ ଓ ରୁଷିଆ ବିରୋଧ କରନ୍ତି ବୋଲି ଗଣମାଧ୍ୟମକୁ ଦୁଇନେତା କହିଥିଲେ। ଫଳରେ କଶ୍ମୀର ମାମଲାରେ ଅନ୍ୟ ଦେଶର ହସ୍ତକ୍ଷେପ ପାଇଁ ଉଦ୍ୟମ ଚଳାଇଥିବା ପାକ୍‌କୁ ଶକ୍ତ ଝଟ୍‌କା ଲାଗିଛି।

ରୁଷିଆ ବିଶ୍ୱାସର ପ୍ରତୀକ ବୋଲି ମୋଦି କହିଥିବାବେଳେ ଭାରତ-ପାକ୍ ସମ୍ପର୍କ ଉପରେ ପୁଟିନ କୌଣସି ମନ୍ତବ୍ୟ ଦେଇ ନ ଥିଲେ। ତେବେ ଭାରତର ଆଭିମୁଖ୍ୟକୁ ରୁଷିଆ ଦୃଢ଼ ସମର୍ଥନ କରୁଥିବା ଗୋଖ୍‌ଲେ ସୂଚନା ଦେଇଛନ୍ତି। ହସ୍ତକ୍ଷେପ ପାଇଁ ବିଭିନ୍ନ ରାଷ୍ଟ୍ରକୁ ଅନୁରୋଧ କରି ବିଫଳ ହେବା ପରେ ପାକିସ୍ତାନର କେତେଜଣ ମନ୍ତ୍ରୀ ଭାରତ ବିରୋଧରେ ଯୁଦ୍ଧ ଭୟ ସୃଷ୍ଟି କରୁଛନ୍ତି।

ମୋଦି ଓ ପୁଟିନ୍‌ଙ୍କ ମଧ୍ୟରେ ଆଲୋଚନା ବେଶ୍ ଉତ୍ସାହଜନକ ଥିଲା। ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଏକ ନୂଆ ଶିଖରକୁ ନେବା ଲାଗି ରାଜି ହୋଇଥିବା ଗୋଖ୍‌ଲେ ଗଣମାଧ୍ୟମକୁ କହିଛନ୍ତି। ଆସନ୍ତାବର୍ଷ ମେ'ରେ ରୁଷିଆ ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଜୟର ୭୫ତମ ବାର୍ଷିକୀ ପାଳନ କରିବାକୁ ଯାଉଥିବାବେଳେ ଏଥିରେ ଯୋଗଦେବା ପାଇଁ ମୋଦିଙ୍କୁ ରାଷ୍ଟ୍ରପତି ପୁଟିନ ଆମନ୍ତ୍ରଣ କରିଛନ୍ତି।

- ଗିରଫ ଲଶ୍କର ଆତଙ୍କବାଦୀ ମାନିଲେ

# ପାକ୍ ସହାୟତାରେ ଅନୁପ୍ରବେଶ କରିଥିଲେ

ଶ୍ରୀନଗର,୪।୯

ଗତ ମାସରେ ଜମ୍ମୁ-କଶ୍ମୀର ସୀମାନ୍ତରୁ ଗିରଫ ହୋଇଥିବା ଲଶ୍କର-ଇ-ତୋଇବାର ଦୁଇଜଣ ଆତଙ୍କବାଦୀ ପାକିସ୍ତାନ ସରକାରଙ୍କ ସହାୟତାରେ ଅନୁପ୍ରବେଶ କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ଜମ୍ମୁ-କଶ୍ମୀରରେ ଆକ୍ରମଣ କରିବା ଲାଗି ସେମାନଙ୍କୁ ପଠାଯାଇଥିଲା ବୋଲି ବୁଧବାର ଖବରଦାତା ସମ୍ମିଳନୀରେ ଜଣେ ବରିଷ୍ଠ ସେନାଧିକାରୀ ସୂଚନା ଦେଇଛନ୍ତି।

ଦୁଇ ପାକିସ୍ତାନୀ ଆତଙ୍କବାଦୀଙ୍କୁ ଗତମାସ ୨୧ରେ ସେନା ଯବାନ ଗିରଫ କରିଥିଲେ। ଲଶ୍କର ପାଇଁ କାମ କରୁଥିବା ଏବଂ ସେମାନଙ୍କ ଆକ୍ରମଣ ଯୋଜନା ସମ୍ପର୍କରେ ଜେରାବେଳେ ସ୍ୱୀକାର କରିଛନ୍ତି। ସେମାନେ ସୀମା ଆରପଟେ ପାକିସ୍ତାନର କଚେରବାନ୍‌ଠାରେ ସପ୍ତାହେ ତାଲିମ ନେଇଥିଲେ ବୋଲି ଚିନାର କର୍ପସ୍ କମାଣ୍ଡର ଲ୍ୟୁଟନାଣ୍ଟ ଜେନେରାଲ କେଜେଏସ୍ ଢିଲୋଁ ସୂଚନା ଦେଇଛନ୍ତି। ସେମାନଙ୍କ ସ୍ୱୀକାରୋକ୍ତି ସମୟର ଭିଡିଓ ସେନା ପକ୍ଷରୁ ଶେୟାର କରାଯାଇଛି। ଜଣେ ଆତଙ୍କବାଦୀ ରାଓ୍ବଲପିଣ୍ଡିର ଜଲେବି ଚୌକରୁ ଆସିଥିବା କହିଛନ୍ତି। ସେ ଓ ତାଙ୍କ ସହଯୋଗୀ ନଜିମ୍ ୪/୫ ବର୍ଷ ହେଲା ମୁଜାହିଦ୍ଦିନ ଓ ଲଶ୍କର ସଂଗଠନ ପାଇଁ କାମ କରୁଥିଲେ। ଜମ୍ମୁ-କଶ୍ମୀରରେ ଆକ୍ରମଣ ଉଦ୍ଦେଶ୍ୟରେ ପାକ୍ ସରକାରଙ୍କ ସହାୟତା ନେଇ ସେମାନେ ଅନୁପ୍ରବେଶ କରିଥିବା କହିଛନ୍ତି।

ଗୁଲମାର୍ଗ ଓ ଅନ୍ୟ ଅଞ୍ଚଳ ଦେଇ କ୍ରମାଗତ ଭାବେ ଅନୁପ୍ରବେଶ ଉଦ୍ୟମ ଜାରି ରହିଥିବା ଭିଡିଓରୁ ସ୍ପଷ୍ଟ ହୋଇଛି ବୋଲି ପୋଲିସ ଅତିରିକ୍ତ ଡିଜି ମୁନିର ଖାନ୍ କହିଛନ୍ତି। ଅଗଷ୍ଟ ୫ରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ସହ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯାଇଥିଲା। ଏଥିପାଇଁ ସେଠାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ଏପର୍ଯ୍ୟନ୍ତ ଉପତ୍ୟକାରେ ଜଣେ ହେଲେ ହିଂସାରେ ପ୍ରାଣ ହରାଇନାହାନ୍ତି। ଏହାର ଶ୍ରେୟ ସେଠାରେ ମୁତୟନ ସବୁ ବାହିନୀକୁ ମିଳିବା ଆବଶ୍ୟକ ବୋଲି ଖାନ୍ କହିଛନ୍ତି।

# ଭାରତୀୟ ଦୂତାବାସ ବାହାରେ ବିକ୍ଷୋଭ, ଭଙ୍ଗାରୁଜା



ନୂଆଦିଲ୍ଲୀ,୪।୯(ପି.ଟି.)

ପାକିସ୍ତାନ ପ୍ରରୋଚନାରେ କେତେଜଣ ଅସାମାଜିକ ଯୁବକ ଲଣ୍ଡନସ୍ଥିତ ଭାରତୀୟ ଦୂତାବାସ ବାହାରେ ମଙ୍ଗଳବାର ବେଆଇନ ଭାବେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଭଙ୍ଗାରୁଜା କରିଛନ୍ତି। ମାସକ ମଧ୍ୟରେ ଏହା ଦ୍ୱିତୀୟ ଘଟଣା। ଏହି ଘଟଣାରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୂଆଦିଲ୍ଲୀ ବ୍ରିଟେନକୁ କହିଛି।

**ପାକିସ୍ତାନକୁ ଦୋଷ ଦେଲା ନୂଆଦିଲ୍ଲୀ**

ଜମ୍ମୁ-କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ପ୍ରତ୍ୟାହାର ପ୍ରତିବାଦରେ ବ୍ରିଟେନରେ ଥିବା ପାକିସ୍ତାନୀ ସଂଗଠନ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ଏହି ହିଂସାତ୍ମକ ବିକ୍ଷୋଭ ଯୋଗୁ ଭାରତୀୟ ଦୂତାବାସ ପରିସର କ୍ଷତିଗ୍ରସ୍ତ ହୋଇଛି। ଗତମାସ ୧୫ରେ ମଧ୍ୟ ଉପରୋକ୍ତ ଗୋଷ୍ଠୀ ବିକ୍ଷୋଭ ପ୍ରଦର୍ଶନ ବେଳେ ଭଙ୍ଗାରୁଜା କରିଥିଲେ। ଏହା ଆଦୌ ଗ୍ରହଣୀୟ ନୁହେଁ, ବ୍ରିଟେନ ଆବଶ୍ୟକ ପଦକ୍ଷେପ ନେଉ ବୋଲି ବହିର୍ବ୍ୟାପାର ବିଭାଗ ମୁଖପାତ୍ର ରବୀଶ୍ କୁମାର କହିଛନ୍ତି। ଅନ୍ୟପକ୍ଷରେ ବ୍ରିଟିଶ ବହିର୍ବ୍ୟାପାର ସଚିବ ଡୋମିନିକ୍ ରାବ୍ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏଭଳି ଘଟଣା ଦୁଃଖଦାୟକ ବୋଲି କହିଛନ୍ତି। ଏଭଳି ହିଂସାତ୍ମକ କାର୍ଯ୍ୟ ଦ୍ୱାରା ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା କମିବା ପରିବର୍ତ୍ତେ ବୃଦ୍ଧି ପାଇବ ବୋଲି ସେ ବ୍ରିଟିଶ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ କହିଛନ୍ତି।

# ମୁମ୍ବାଇରେ ପ୍ରବଳ ବର୍ଷା

ମୁମ୍ବାଇ, ୪।୯(ପି.ଟି.)

- ରେଳ ଓ ବିମାନ ଯାତ୍ରା ପ୍ରଭାବିତ
- ସବୁ ସ୍କୁଲ ବନ୍ଦ କରାଗଲା
- ରେଡ୍ ଆଲର୍ଟ ଜାରି

ମୁମ୍ବାଇ ସମେତ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳରେ ବୁଧବାର ପ୍ରବଳ ବର୍ଷା ହେବା ପରେ ସହରତଳି ଅଞ୍ଚଳର ଅବସ୍ଥା ସାଂଘାତିକ ହୋଇପଡ଼ିଛି। ଲୋକମାନେ ଯାତାୟାତରେ ଘୋର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଅନେକ ଲୋକାଲ୍ ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ବିମାନ ଯାତ୍ରା ମଧ୍ୟ ପ୍ରଭାବିତ ହୋଇଛି। ମୁମ୍ବାଇରେ ସ୍କୁଲଗୁଡିକ ବନ୍ଦ କରାଯାଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯିବା ସହ ରେଡ୍ ଆଲର୍ଟ ଜାରି କରାଯାଇଛି। ପରିସ୍ଥିତିର ମୁକାବିଲା ଓ ପ୍ରସ୍ତୁତି ଲାଗି ଅଧିକାରୀମାନଙ୍କୁ ସତର୍କ କରାଯାଇଛି। ରାସ୍ତାଘାଟ ଜଳାର୍ଣ୍ଣବ ହୋଇପଡ଼ିବାରୁ ଗଡ଼ଚିରୋଲି ଓ ବିଦର୍ଭ ଅଞ୍ଚଳର ଗୋନ୍ଦିଆରେ ଶତାଧିକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ରତ୍ନଗିରି, ସିନ୍ଧୁଦୁର୍ଗ, ରାୟଗଡ଼ ଅଞ୍ଚଳରେ ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।



# ୬ ଆଇଏସ୍ ଆତଙ୍କବାଦୀ ନିହତ

କରାଚୀ, ୪।୯(ପି.ଟି.)

ପାକିସ୍ତାନର ବେଲୁଚିସ୍ତାନ ଅନ୍ତର୍ଗତ କ୍ୱେଟାରେ ବୁଧବାର ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ଜଣେ ମହିଳାଙ୍କ ସମେତ ୬ ଆଇଏସ୍ ଆତଙ୍କବାଦୀ ନିହତ ହୋଇଛନ୍ତି। ଅପରେଶନରେ ଜଣେ କର୍ମଚାରୀ ପ୍ରାଣ ହରାଇଥିବାବେଳେ ୮ ସୁରକ୍ଷାକର୍ମୀ ଆହତ ହୋଇଥିବା ଆଇଜିପି ମହସିନ୍ ହାସନ୍ ବଟ୍ଟ ପ୍ରକାଶ କରିଛନ୍ତି। ଆତଙ୍କବାଦୀମାନେ ଲୁଚିଥିବା ଖବର ମିଳିବା ପରେ ସେଠାରେ ସୁରକ୍ଷାକର୍ମୀମାନେ ଚଢାଉ କରିଥିଲେ। ଆତ୍ମଘାତୀ ଜ୍ୟାକେଟ୍ ପିନ୍ଧିଥିବା ଜଣେ ମହିଳା ଆତଙ୍କବାଦୀ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ଆତଙ୍କବାଦୀଙ୍କୁ ଧରିବା ଲାଗି ପ୍ରାୟ ୬ ଘଣ୍ଟା ଅପରେଶନ ଚାଲିଥିଲା। ଏଥିରେ ଗୋଇନ୍ଦା ଏଜେନ୍ସି, ଆତଙ୍କ ନିରୋଧୀ ବାହିନୀ ପ୍ରମୁଖ ସାମିଲ ଥିଲେ। ନିହତ ୬ ଆଇଏସ୍ ଆତଙ୍କବାଦୀଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ପ୍ରକାଶ। ବେଲୁଚିସ୍ତାନରେ ବିସ୍ଫୋରଣ ସହ ସିରିଜ୍ ହତ୍ୟାକାଣ୍ଡରେ ଏହି ଆତଙ୍କବାଦୀମାନେ ସମ୍ପୃକ୍ତ ଥିବା ଜଣାପଡ଼ିଛି।

# ଭିଜାମୁକ୍ତ ଯାତ୍ରା ଲାଗି ଭାରତ-ପାକ୍ ସହମତି

**ଅଟ୍ଟାରି/ନୂଆଦିଲ୍ଲୀ, ୪।୯(ପି.ଟି.):** ପାକିସ୍ତାନର ଗୁରଦ୍ୱାର ଦରବାର ସାହିବ୍‌କୁ କର୍ତ୍ତାରପୁର କରିଡ଼ର ଦେଇ ଭାରତୀୟ ତୀର୍ଥଯାତ୍ରୀ ଭିଜାମୁକ୍ତ ଯାତ୍ରା କରିପାରିବେ। ଏନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ବୁଧବାର ବୁଝାମଣା ହୋଇଛି। ଦୁଇପକ୍ଷ ମଧ୍ୟରେ ଅଟ୍ଟାରିଠାରେ ବସିଥିବା ବୈଠକରେ ପାକିସ୍ତାନ ପକ୍ଷରୁ ସେବା କର ଲାଗୁକରିବା ସମ୍ପର୍କରେ ଦାବି କରାଯାଇଥିଲା ବେଳେ ଭାରତ ଏହାକୁ ବିରୋଧ କରିଛି। ଭିଜାମୁକ୍ତ ଯାତ୍ରା ଲାଗି ଭାରତ ଓ ପାକିସ୍ତାନର ଅଧିକାରୀମାନେ ସବୁଜସଂକେତ ଦେଇଥିବାବେଳେ କରିଡର୍ ନେଇ ଚିଠାଚୁକ୍ତି ଚୂଡ଼ାନ୍ତ ହୋଇ ନ ଥିବା କୁହାଯାଇଛି। ତେବେ ପ୍ରତ୍ୟେକ ଦିନ ୫ ହଜାର ତୀର୍ଥଯାତ୍ରୀ କର୍ତ୍ତାରପୁର ଗୁରଦ୍ୱାରକୁ ଯାଇପାରିବେ।

**କର୍ତ୍ତାରପୁର କରିଡର ଆଲୋଚନା**

# ନ୍ୟୁନତମ ବାସଯୋଗ୍ୟ ସହର ତାଲିକା
# ୫ମ ସ୍ଥାନରେ କରାଚୀ

**କରାଚୀ:** ବିଶ୍ୱର ନ୍ୟୁନତମ ବାସଯୋଗ୍ୟ ସହର ତାଲିକାରେ କରାଚୀ ରହିଛି। ବିଶ୍ୱ ବାସଯୋଗ୍ୟ ସୂଚକାଙ୍କ-୨୦୧୯ ବୁଧବାର ପ୍ରକାଶ ପାଇଥିବାବେଳେ ଇକନମିଷ୍ଟ ଗ୍ରୁପ୍‌ର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ଡିଭିଜନ୍‌ର ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍ (ଇଆଇୟୁ)ର ରିପୋର୍ଟରୁ ଏହି ସୂଚନା ମିଳିଛି। ଚଳିତ ବର୍ଷ ଏହି ତାଲିକାରେ କରାଚୀ ୧୩୬ତମ ସ୍ଥାନରେ ରହି ବିଶ୍ୱର ପଞ୍ଚମ ନୂନତମ ବାସଯୋଗ୍ୟ ସହର ମାନ୍ୟତା ପାଇଛି। ଅବଶ୍ୟ ସହର ପରିଚାଳନା କ୍ଷେତ୍ରରେ କରାଚୀ ସିରିଆ, ଦାମାସ୍କସ୍ ନାଇଜେରିଆର ଲାଗୋସ, ବାଂଲାଦେଶର ଢାକା ଏବଂ ଲିବ୍ୟାର ତ୍ରିପୋଲିଠାରୁ ଅପେକ୍ଷାକୃତ ଉନ୍ନତ ମାନ ପ୍ରଦର୍ଶନ କରିଛି। ୧୦ ନ୍ୟୁନତମ ବାସଯୋଗ୍ୟ ସହର ତାଲିକାରେ ରହିଛନ୍ତି ଭେନିଜୁଏଲାର କାରାକାସ, ଆଲଜେରିଆର ଆଲଜିୟର୍ସ, କାମେରୁନ୍‌ର ଡୋଉଆଲା, ଜିମ୍ବାୱେର ହାରାରେ ଏବଂ ପାପୁଆ ନ୍ୟୁଗିନିର ପୋର୍ଟ ମୋରେସବାଏ।



ତେବେ କରାଚୀର ର୍‍ୟାଙ୍କିଂ ପୂର୍ବବର୍ଷ ତୁଳନାରେ ଗୋଟିଏ ସ୍ତରକୁ ବୃଦ୍ଧି ପାଇଛି। ୨୦୧୮ରେ ଏହା ୧୩୭ତମ ସ୍ଥାନରେ ଥିଲା। ଅଷ୍ଟ୍ରିଆର ରାଜଧାନୀ ଭିଏନା ବିଶ୍ୱର ସର୍ବାଧିକ ବାସଯୋଗ୍ୟ ସହର ର୍‍ୟାଙ୍କରେ ରହିଛି। ଭିଏନା ଚଳିତବର୍ଷ ଅଷ୍ଟ୍ରେଲିଆର ମେଲବୋର୍ନ ସହରଠାରୁ ଗୋଟିଏ ର୍‍ୟାଙ୍କ ଆଗରେ ରହିଛି। ମେଲବୋର୍ନ ୭ବର୍ଷ ଧରି ସର୍ବାଧିକ ବାସଯୋଗ୍ୟ ସହର ତାଲିକାର ଶୀର୍ଷରେ ରହି ଆସିଥିଲା। ଏଥିପାଇଁ କୌଣସି ସହରର ଡିଜିଟାଲ୍, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ନିରାପତ୍ତାକୁ ବିଚାରକୁ ନିଆଯାଏ। କରାଚୀ ଡିଜିଟାଲ୍ ନିରାପତ୍ତାରେ ୫୨ତମ, ସ୍ୱାସ୍ଥ୍ୟରେ ୫୯ତମ, ଭିତ୍ତିଭୂମିରେ ୫୫ତମ ଏବଂ ବ୍ୟକ୍ତିଗତ ନିରାପତ୍ତା କ୍ଷେତ୍ରରେ ୫୮ତମ ସ୍ଥାନରେ ରହିଛି।

**ଇତିହାସର ଆଇନାରେ**

## ସେପ୍ଟେମ୍ବର ୫ର ପ୍ରମୁଖ ଘଟଣା

୧୯୮୬ ସେପ୍ଟେମ୍ବର ୫ରେ ମୁମ୍ବାଇରୁ ଉଡାଣ କରିଥିବା ପାନ୍ ଆମ୍ ଫ୍ଲାଇଟ୍ ୭୩ ବିମାନକୁ କରାଚୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରୁ ଅପହରଣ କରି ନିଆଯାଇଥିଲା। ପାନ୍ ଆମ୍ ଫ୍ଲାଇଟ୍ ୭୩ ହେଉଛି ଏକ ପାନ୍ ଆମେରିକାନ୍ ୱାର୍ଲଡ ଏୟାରୱେଜ୍ ଫ୍ଲାଇଟ୍। ଏହା ମୁମ୍ବାଇରୁ ନ୍ୟୁୟର୍କ ଯାତ୍ରା କରିବା ବେଳେ ପାକିସ୍ତାନର କରାଚୀ ଏବଂ ପଶ୍ଚିମ ଜର୍ମାନୀର ଫ୍ରାଙ୍କଫର୍ଟଠାରେ ଧାର୍ଯ୍ୟ ରହଣି କରିଥାଏ।

୧୯୯୦ ସେପ୍ଟେମ୍ବର ୫ରେ ଶ୍ରୀଲଙ୍କା ସେନା ଆକ୍ରମଣରେ ୧୫୮ ଲୋକ ନିହତ ହୋଇଥିଲେ। ଏହା ଥିଲା ଶ୍ରୀଲଙ୍କା ଗୃହଯୁଦ୍ଧ ସମୟର ଘଟଣା। ଇଷ୍ଟର୍ନ ୟୁନିଭର୍ସିଟି କ୍ୟାମ୍ପସରେ ଆଶ୍ରୟ ନେଇଥିବା ଶ୍ରୀଲଙ୍କାର ତାମିଲ ଶରଣାର୍ଥୀଙ୍କ ଗିରଫଦାରି ସହ ସେନା ଆକ୍ରମଣ ଯୋଗୁ ଘଟିଥିବା ଏହି ହତ୍ୟାକାଣ୍ଡକୁ ବଟ୍ଟିକାଲୋଆ କ୍ୟାମ୍ପସ ହତ୍ୟାକାଣ୍ଡ କୁହାଯାଏ।

# ଶ୍ରୀଦେବୀଙ୍କ ମହମ ପ୍ରତିମୂର୍ତ୍ତି ଅନାବରଣ

ସିଙ୍ଗାପୁର

ବଲିଉଡ ସୁପରଷ୍ଟାର ତଥା ସ୍ୱର୍ଗତା ଅଭିନେତ୍ରୀ ଶ୍ରୀଦେବୀଙ୍କ ମହମ ପ୍ରତିମୂର୍ତ୍ତି ବୁଧବାର ସ୍ଥାନୀୟ ମାଡାମ ଟୁସାଡ୍ସରେ ଅନାବରଣ ହୋଇଛି। ଏଥିପାଇଁ ଆୟୋଜିତ ଏକ ଉତ୍ସବରେ ଯୋଗଦେଇଥିଲେ ଅଭିନେତ୍ରୀଙ୍କ ସ୍ୱାମୀ ବୋନି କପୁର ଏବଂ ତାଙ୍କର ଦୁଇ କନ୍ୟା ଜାହ୍ନବୀ ଓ ଖୁସି। ୧୯୮୭ର ସୁପରହିଟ୍ ଫିଲ୍ମ 'ମିଷ୍ଟର ଇଣ୍ଡିଆ'ର ଲୋକପ୍ରିୟ ହିନ୍ଦୀ ସଙ୍ଗୀତ 'ହାଓ୍ବା ହାଓ୍ବାଇ' ଗାଇ ଶ୍ରୀଦେବୀ ଯେଉଁ ବାଙ୍କ ଚାହାଣି ମାରିଥିଲେ ତାହାର ଅବିକଳ ରୂପ ଏହି ପ୍ରତିମୂର୍ତ୍ତିରେ ଦେଖିବାକୁ ମିଳୁଛି। ଏହି କାର୍ଯ୍ୟକ୍ରମରେ ବୋନି ଖୁବ୍ ଅଳ୍ପ ସମୟ ପାଇଁ ବକ୍ତୃତା ଦେଇ ଶ୍ରୀଦେବୀଙ୍କୁ ସ୍ମରଣକରି ସାମାନ୍ୟ ଭାଙ୍ଗି ପଡ଼ିଥିଲେ। ଏ ସମ୍ପର୍କରେ ବୋନି ଟୁଇଟ୍ କରିଛନ୍ତି, 'ଶ୍ରୀଦେବୀ କେବଳ ଆମ ହୃଦୟରେ ନୁହଁ, ବରଂ ତାଙ୍କର ଲକ୍ଷ ଲକ୍ଷ ପ୍ରଶଂସକଙ୍କ ହୃଦୟରେ ବଞ୍ଚି ରହିଛନ୍ତି।'

ସୁପରଷ୍ଟାର ଶ୍ରୀଦେବୀ ୮୦ଦଶକରେ ବଲିଉଡ ବକ୍ସ ଅଫିସରେ ବେଶ୍ ରାଜୁତି କରୁଥିଲେ। ଶ୍ରୀଦେବୀ ଦୁବାଇ ଗସ୍ତ କରିଥିବାବେଳେ ୨୦୧୮ ଫେବୃଆରୀ ୨୪ରେ ଏକ ହୋଟେଲର ଗାଧୁଆକୁଣ୍ଡରେ ବୁଡ଼ିଯାଇ ପ୍ରାଣ ହରାଇଥିଲେ।



# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୫/୨୦୧୯ | Bhubaneswar, Thursday, September 5/2019 | ପୃଷ୍ଠା-୧




## 'ଲଭ୍ ଆଜ୍‌କଲ୍ ୨' ପାଇଁ ବ୍ୟସ୍ତ ସାରା

ଇମ୍ତିଆଜ୍ ଅଲିଙ୍କ 'ଲଭ୍ ଆଜ୍‌କଲ୍ ୨' ରିଲିଜ ପାଇଁ ବ୍ୟସ୍ତ ରହୁଛନ୍ତି ବଲିଉଡ ଅଭିନେତ୍ରୀ ସାରା ଅଲି ଖାନ୍।

୧୩ | ୧୬

## ସେରେନାଙ୍କ ୧୦୦ତମ ବିଜୟ

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ୱାଙ୍ଗ୍ କ୍ୱିଙ୍ଗଙ୍କୁ ହରାଇ ୧୦୦ତମ ମ୍ୟାଚ ବିଜୟ ସ୍ୱାଦ ଚାଖିଛନ୍ତି ସେରେନା ୱିଲିୟମ୍ସ।



**ଆଜିର ସମ୍ପାଦକୀୟ**

### ଚତୁର କୁଆ

**ଆଜିର ମନ୍ତବ୍ୟ**

"ପର୍ଯ୍ୟାୟକ୍ରମେ ରେଳଷ୍ଟେଶନ ଓ ପ୍ଲାଟଫର୍ମଗୁଡ଼ିକୁ ପ୍ଲାଷ୍ଟିକମୁକ୍ତ କରାଯିବ।

–ସୁରେଶ ଅଙ୍ଗଦି, ରେଳ ରାଷ୍ଟ୍ରମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 04.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 51 | 94 | 104 |
| CTC | 51 | 94 | 104 |
| DKL | 52 | 96 | 106 |
| BDK | 50 | 93 | 103 |
| BLS | 50 | 93 | 103 |
| ANG | 51 | 94 | 104 |
| BHM | 51 | 94 | 104 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ଆଝାର, ହାଫିଜ, ଦାଉଦ, ଲଖ୍‌ଭିଙ୍କୁ ଆତଙ୍କବାଦୀ ଘୋଷଣା କଲା ଭାରତ

ନୂଆଦିଲ୍ଲୀ, ୪।୯(ପି.ଟି.)

ନୂଆ ଆତଙ୍କ ବିରୋଧୀ ଆଇନ ଅନୁଯାୟୀ ଭାରତ ବୁଧବାର ଜୈଶ୍-ଇ- ମହମ୍ମଦ ମୁଖ୍ୟ ମାସୁଦ ଆଝାର, ଲଶ୍କର-ଇ-ତୋଇବାର ପ୍ରତିଷ୍ଠାତା ହାଫିଜ୍ ମହମ୍ମଦ ସଇଦ, ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତ ଜାକି-ଉର୍-ରହମନ-ଲଖ୍‌ଭି ଏବଂ ମୋଷ୍ଟ ୱାଣ୍ଟେଡ୍ ଦାଉଦ ଇବ୍ରାହିମ୍‌ଙ୍କୁ ଆତଙ୍କବାଦୀ ଘୋଷଣା କରିଛି। ପାର୍ଲାମେଣ୍ଟରେ ଗୁରୁତ୍ୱପୂର୍ଣ୍ଣ ୟୁଏପିଏ(ଅନ୍‌ଲଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନ୍‌ଶନ୍ ଆମେଣ୍ଡମେଣ୍ଟ ଆକ୍ଟ)କୁ ସ୍ୱୀକୃତି ମିଳିବାର ମାସକ ପରେ ଭାରତ ଏଭଳି ପଦକ୍ଷେପ ଗ୍ରହଣ କରିଛି। ଏହି ଆଇନ ଅନ୍ତର୍ଗତ ସେମାନଙ୍କୁ ପ୍ରଥମେ ବ୍ୟକ୍ତିଗତ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

୨୦୦୧ରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ମାସୁଦ ଆଝାର ଜମ୍ମୁ-କଶ୍ମୀର ବିଧାନସଭା ଉପରେ ଆକ୍ରମଣ କରିଥିବାବେଳେ ପାର୍ଲାମେଣ୍ଟ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ୨୦୧୬ ପଠାନ୍‌କୋଟ୍ ବିମାନବନ୍ଦରରେ ଆତଙ୍କବାଦୀ ଆକ୍ରମଣ, ୨୦୧୭ରେ ଶ୍ରୀନଗରସ୍ଥିତ ବିଏସ୍ଏଫ୍ କ୍ୟାମ୍ପ ଉପରେ ଆକ୍ରମଣ, ୨୦୧୯ ଫେବୃୟାରୀ ୧୪ରେ ପୁଲ୍‌ୱାମାରେ ସିଆର୍‌ପିଏଫ୍ ବସ୍ ବିସ୍ଫୋରଣ ପଛରେ ଆଝାରଙ୍କ ହାତ ଥିଲା। ଜାତିସଂଘ ନିରାପତ୍ତା ପରିଷଦ ପକ୍ଷରୁ ୨୦୧୯ ମେ ପହିଲାରେ ତାଙ୍କୁ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଥିଲା।



ଦାଉଦ ଇବ୍ରାହିମ୍, ଜାକି-ଉର୍-ରହମନ-ଲଖ୍‌ଭି, ହାଫିଜ୍ ମହମ୍ମଦ ସଇଦ, ମାସୁଦ ଆଝାର

ସେହିଭଳି ହାଫିଜ ସଇଦ ୨୦୦୦ରେ ରେଡ୍‌ପୋର୍ଟ ଆକ୍ରମଣ, ଉତ୍ତରପ୍ରଦେଶର ରାମ୍‌ପୁରସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ଆକ୍ରମଣ, ୨୦୦୮ ମୁମ୍ବାଇ ଆକ୍ରମଣ, ଜମ୍ମୁ-କଶ୍ମୀରର ଉଦ୍ଧମପୁରସ୍ଥିତ ବିଏସ୍ଏଫ୍ ଗାଡ଼ି ଉପରେ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି। ଏଥିସହ ପାକିସ୍ତାନ ସମର୍ଥିତ ଜମାତ୍- ଉଦ୍-ଦାୱା ଆତଙ୍କବାଦୀ ସଙ୍ଗଠନର ସେ ପ୍ରତିଷ୍ଠାତା। ହାଫିଜଙ୍କୁ ଜାତିସଂଘ ୨୦୦୮ରେ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରିଛି। ଲଶ୍କର କମାଣ୍ଡର ଲଖ୍‌ଭି ମଧ୍ୟ ରେଡ୍‌ପୋର୍ଟ ଆକ୍ରମଣ ଘଟଣା ସହ ୨୦୦୮ ରାମ୍‌ପୁରସ୍ଥିତ ସିଆର୍‌ପିଏଫ୍ କ୍ୟାମ୍ପ ଉପରେ ଆକ୍ରମଣ ମାମଲାରେ ସମ୍ପୃକ୍ତ ଥିଲେ। ଏଥିସହ ୨୦୦୮ ମୁମ୍ବାଇ ଆକ୍ରମଣ ଓ ଜମ୍ମୁ-କଶ୍ମୀରର ଉଦ୍ଧମପୁର ବିଏସ୍ଏଫ୍ ଗାଡ଼ି ଉପରକୁ ଆକ୍ରମଣ କରିବା ଘଟଣାରେ ସେ ସମ୍ପୃକ୍ତ। ଜାତିସଂଘ ପକ୍ଷରୁ ୨୦୦୮ରେ ତାଙ୍କୁ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଥିଲା।

ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଦାଉଦ ଇବ୍ରାହିମ୍ ବିଶ୍ୱବ୍ୟାପୀ ଅପରାଧର ଶାଖା ଖୋଲି ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଇବା, ଚୋରା ଅସ୍ତ୍ରଶସ୍ତ୍ର ଯୋଗାଇବା, ଜାଲ୍ ନୋଟ କାରବାର କରିବା, ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ରହିବା, ନିଶା କାରବାର, ଦାଦାବଟି ସଂଗ୍ରହ, ବେନାମୀ ରିୟଲ ଇଷ୍ଟେଟ୍ ଚଳାଇବା ଭଳି ଅନେକ କୁକର୍ମରେ ସମ୍ପୃକ୍ତ ରହିଛନ୍ତି। ଜାତିସଂଘ ପକ୍ଷରୁ ତାଙ୍କୁ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷଣା କରାଯାଇଛି। ଅଲ୍ କାଏଦା ଓ ତାଲିବାନ୍ ଆତଙ୍କବାଦୀ ସଙ୍ଗଠନ ସହ ତାଙ୍କର ସୁସମ୍ପର୍କ ରହିଆସିଛି। ନିଜ ସହଯୋଗୀଙ୍କ ମାଧ୍ୟମରେ ସେ ୧୯୯୩ରେ ମୁମ୍ବାଇରେ ସିରିଜ୍ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୨୫୭ ବ୍ୟକ୍ତି ପ୍ରାଣ ହରାଇଥିଲେ।

# ନିଯୁକ୍ତି ଦେବାରେ ଓଡ଼ିଶା ବିଫଳ

ଭୁବନେଶ୍ୱର,୪।୯(ବ୍ୟୁରୋ)

ଦେଶର ଆର୍ଥିକ ସ୍ଥିତି ମାନ୍ଦା ଅବସ୍ଥା ଦେଇ ଗତି କରୁଛି। ସାମଗ୍ରିକ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ଅଭିବୃଦ୍ଧି ଗତ ୬ ବର୍ଷର ସବୁଠାରୁ ରେକର୍ଡସ୍ତରକୁ ହ୍ରାସ ପାଇଛି। ଏହାର ପ୍ରଭାବ ଓଡ଼ିଶାରେ ଦେଖାଦେଇଛି। ଆର୍ଥିକ ମାନ୍ଦାବସ୍ଥା ଯୋଗୁ ରାଜ୍ୟର ବେକାର ସ୍ଥିତି ଦୟନୀୟ ସ୍ତରକୁ ଚାଲି ଯାଇଛି। ନିଯୁକ୍ତି ସୁଯୋଗ ତଳକୁ ତଳକୁ ଖସିଯାଉଛି। ଘରୋଇ କିମ୍ବା ସରକାରୀସ୍ତରରେ ନିଯୁକ୍ତି ହାର ଚିନ୍ତାଜନକ ହୋଇଛି। ବେକାର ଯୁବତୀଯୁବକଙ୍କ ସଂଖ୍ୟା ହୁହୁ ହୋଇ ବଢ଼ି ଚାଲିଛି। ସରକାର ନିଯୁକ୍ତି ଦେବା ନେଇ ଯେଉଁ ଚିତ୍ର ଦେଖାଉଛନ୍ତି ତାହା କେବଳ କାଗଜକଲମରେ ସୀମିତ ରହିଛି। ନୂତନ ନିଯୁକ୍ତି ସୃଷ୍ଟି କରିବାରେ ଓଡ଼ିଶା ବିଫଳ ହୋଇଛି। ଏପରିକି ନିଯୁକ୍ତି କ୍ଷେତ୍ରରେ ଓଡ଼ିଶା ଦେଶର ଅନ୍ୟ ରାଜ୍ୟଠାରୁ ନିମ୍ନରେ ରହିଛି। ନିକଟରେ କର୍ମଚାରୀ ବୀମା ପାଣ୍ଠି ସଂଗଠନ(ଇପିଏଫ୍‌ଓ) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଏଭଳି ଦୟନୀୟ ଚିତ୍ର ପଦାକୁ ଆସିଛି।

ଏପ୍ରିଲରୁ ଜୁନମାସ ମଧ୍ୟରେ ପୂର୍ବବର୍ଷ ତୁଳନାରେ ୧୪ ପ୍ରତିଶତରୁ କମ କର୍ମଚାରୀ ଇପିଏଫଓ ପରିସରଭୁକ୍ତ ହୋଇଛନ୍ତି। ୧୮ରୁ ୨୫ ବର୍ଷ ବୟସ୍କ ଯୁବତୀଯୁବକଙ୍କ ନିଯୁକ୍ତି ହାର କ୍ଷେତ୍ରରେ ଏଭଳି ଅବସ୍ଥା ଦେଖାଦେଇଛି। ଜାତୀୟସ୍ତରରେ ଓଡ଼ିଶାର ହାର ସବୁଠାରୁ କମ୍ ଥିବା ଜଣାପଡିଛି। ଦେଶରେ ୨୮ ପ୍ରତିଶତ ନୂଆ ନିଯୁକ୍ତି ପାଇଥିବା କର୍ମଚାରୀ ଇପିଏଫଓରେ ସାମିଲ ହୋଇଥିବା ବେଳେ ଓଡ଼ିଶାରେ ଏହା ଅତ୍ୟନ୍ତ ନଗଣ୍ୟ ରହିଛି। ୨୦୧୯ ଏପ୍ରିଲରେ ସମଗ୍ର ଦେଶରେ ୧୮ରୁ ୨୫ ବର୍ଷର ୪.୮ ଲକ୍ଷ ନୂତନ ☞ପୃଷ୍ଠା-୨

### ୩ ମାସରେ କମିଲା ୧୪%

- ଆର୍ଥିକ ମାନ୍ଦାବସ୍ଥାରେ ପେଷିହେଉଛି ନିଯୁକ୍ତି
- ଜିଏସ୍‌ଡିପି ଅଭିବୃଦ୍ଧିରେ ବାଧକ



### ସେବା କ୍ଷେତ୍ରକୁ ମଧ୍ୟ ମାଡ଼
## ପିଏମ୍‌ଆଇ ୫୨.୪ ପଏଣ୍ଟକୁ ହ୍ରାସ

**ନୂଆଦିଲ୍ଲୀ,୪।୯:** ଦେଶର ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା ପ୍ରଭାବ ଗୋଟିଏ ପରେ ଗୋଟିଏ ସେକ୍ଟରକୁ ମାଡ଼ିଚାଲିଛି। ସର୍ଭିସ ସେକ୍ଟର ବା ସେବା କ୍ଷେତ୍ର ସେଥିରୁ ବାଦ ପଡ଼ିନି। ଏକ ମାସିକ ସର୍ଭେ ଅନୁଯାୟୀ ଦେଶରେ ନୂଆ କାରବାର ବୃଦ୍ଧି ହାର, ନିଯୁକ୍ତି ସୃଷ୍ଟି ଧିମା ହେବା ଏବଂ ଉତ୍ପାଦନ ମଧ୍ୟମ ହାରରେ ବଢ଼ୁଥିବା କାରଣରୁ ଦେଶର ସେବା କ୍ଷେତ୍ରର ଗତିବିଧି ଅଗଷ୍ଟରେ ହ୍ରାସ ପାଇଛି। ଆଇଏଚ୍‌ଏସ୍ ମାର୍କିଟର ଇଣ୍ଡିଆ ସର୍ଭିସେସ୍ ବିଜନେସ ଆକ୍ଟିଭିଟି ସୂଚକାଙ୍କ ବା ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ(ପିଏମ୍‌ଆଇ) ଅଗଷ୍ଟରେ ୫୨.୪ ପଏଣ୍ଟକୁ ହ୍ରାସ ପାଇଛି, ଯାହା କି ଜୁଲାଇରେ ୫୩.୮ ରହିଥିଲା। ତେବେ ଏହା ୫୦ ପଏଣ୍ଟ ସ୍ତର ଉପରେ ରହିବା ବିଶେଷଜ୍ଞଙ୍କ ପାଇଁ ସାମାନ୍ୟ ଆଶ୍ୱସ୍ତି ଆଣିଛି। କାରଣ ଏହାଠାରୁ କମ୍ ରହିଲେ ସେବା କ୍ଷେତ୍ର ଅତ୍ୟନ୍ତ ଧିମା ବୋଲି ଧରାଯାଇଥାଏ। ରଏଟର ପକ୍ଷରୁ କରାଯାଇଥିବା ସର୍ଭେରେ ଅଗଷ୍ଟରେ ପିଏମ୍‌ଆଇ ୫୧.୯ ପଏଣ୍ଟ ରହିବ ବୋଲି ଅନୁମାନ କରାଯାଇଥିଲା। ବିନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ୧୫ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବାରୁ କମ୍ପୋଜିଟ୍ ଆଉଟ୍‌ପୁଟ ସୂଚକାଙ୍କ ଅଗଷ୍ଟରେ ୫୨.୬ ପଏଣ୍ଟକୁ ହ୍ରାସ ପାଇଛି, ଯାହା କି ଜୁଲାଇରେ ୫୩.୯ ରହିଥିଲା। ଏହି ସୂଚକାଙ୍କରେ ବିନିର୍ମାଣ ଏବଂ ସେବା କ୍ଷେତ୍ରକୁ ସାମିଲ କରାଯାଇଛି। ତେବେ ପିଏମ୍‌ଆଇ ଆଉଟପୁଟ ସୂଚକାଙ୍କରେ କ୍ରମାଗତ ୧୮ ମାସ ହେବ ବୃଦ୍ଧି ଦେଖିବାକୁ ମିଳିଛି। ଆଇଏଚ୍‌ଏସ୍ ମାର୍କିଟର ମୁଖ୍ୟ ଅର୍ଥନୀତିଜ୍ଞ ପି.ଡି.ଲିମା କହିଛନ୍ତି ଯେ, ଭାରତର ସେବା କ୍ଷେତ୍ରର ପିଏମ୍‌ଆଇ ବୃଦ୍ଧି ହାର ବିନିର୍ମାଣ କ୍ଷେତ୍ରର ଅଭିବୃଦ୍ଧି ଅନୁଯାୟୀ ଆଗେଇ ଚାଲିଛି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଆର୍ଥିକ ବର୍ଷ ୨୦୧୯-୨୦ର ଦ୍ୱିତୀୟ ତ୍ରୈମାସରେ ଅର୍ଥନୀତିରେ ଦେଖାଦେଇଥିବା ମାନ୍ଦାବସ୍ଥା ଦୃଶ୍ୟପଟ ଆହୁରି ଶୋଚନୀୟ ହେବାକୁ ଯାଉଛି।

# ବାଣ କାରଖାନାରେ ବିସ୍ଫୋରଣ: ୨୩ ମୃତ



ବିସ୍ଫୋରଣରେ ଭୁଶୁଡ଼ି ପଡ଼ିଥିବା କାରଖାନା କୋଠା।

ବଟାଲା,୪।୯

ପଞ୍ଜାବର ଗୁରୁଦାସପୁର ଜିଲା ବଟାଲାରେ ଥିବା ଏକ ବାଣ କାରଖାନାରେ ବୁଧବାର ବିସ୍ଫୋରଣ ଘଟି ୨୩ ଜଣ ପ୍ରାଣ ହରାଇଥିବାବେଳେ ୩୦ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ କାରଖାନାର କର୍ମଚାରୀ। ସେମାନଙ୍କ ମଧ୍ୟରେ କାରଖାନାର ଜଣେ ମାଲିକ ମଧ୍ୟ ଅଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ପାଖ ରାସ୍ତାରେ ଯାଉଥିବା ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। ବିସ୍ଫୋରଣରେ ବିଲ୍ଡିଂ ଭୁଶୁଡ଼ି ପଡ଼ିବାରୁ ଭଗ୍ନାବଶେଷ ତଳେ ଅନେକ ଫସିରହିଥିବା ଆଶଙ୍କା କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍‌ଡିଆର୍‌ଏଫ୍) ଟିମ୍ ମୁତୟନ ହୋଇଛନ୍ତି। ମୃତଦେହଗୁଡିକୁ ବଟାଲା ସିଭିଲ୍ ହସ୍ପିଟାଲ ନିଆଯାଇଥିବାବେଳେ ଆହତଙ୍କ ମଧ୍ୟରୁ ଗୁରୁତର ୭ ଜଣଙ୍କୁ ଅମୃତସରର ଗୁରୁ ନାନକ ଦେବ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଜିଲାର ଉଚ୍ଚ ପଦାଧିକାରୀ ଓ ପୋଲିସ ଅଫିସର ପହଞ୍ଚି ପରିସ୍ଥିତିର ତଦାରଖ କରୁଛନ୍ତି।

ଏହି ଦୁଃଖଦ ଘଟଣା ପାଇଁ ମର୍ମାହତ ବୋଲି ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ କହିଛନ୍ତି। ବାଣ କାରଖାନାଟି ଜନବସତି ଅଞ୍ଚଳରେ ଥିଲା। ଗୁରୁବାର ଏକ ବିବାହ ଉତ୍ସବ ପାଇଁ କାରଖାନାରେ ବାଣ ତିଆରି ବେଳେ ଅପରାହ୍ଣ ୩ଟା ୪୫ରେ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର କାରଣ ଜଣାପଡିନାହିଁ। ଏହାର ପ୍ରଭାବରେ ନିକଟବର୍ତ୍ତୀ କେତେକ ବିଲ୍ଡିଂ ଓ ପାର୍କିଂରେ ଥିବା ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ୫୦୦ ମିଟର ମଧ୍ୟରେ ଥିବା ଘର ଓ ଶପିଙ୍ଗ ମଲ୍‌ର କାଚ ଝରକା ଭାଙ୍ଗିଯାଇଛି। ୧୨ରୁ ଅଧିକ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏହି ଦୁର୍ଘଟଣାରେ ମୃତାହତଙ୍କ ପରିବାର ପ୍ରତି ଶୋକବ୍ୟକ୍ତ କରିଛନ୍ତି।

# ବିଦ୍ୟୁତ୍ ନେଲା ୬ ଜୀବନ

ଭୁବନେଶ୍ୱର,୪।୯(ବ୍ୟୁରୋ)

ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜ୍ୟର ବିଭିନ୍ନ ସ୍ଥାନରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ଜିଲାରେ ଏକ ଦମ୍ପତିଙ୍କ ସହ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ନୟାଗଡ଼ ଜିଲାରେ ୨ ଜଣ ଓ ବରଗଡ଼ ଜିଲାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରଜନୀ ନାଗ(୩୦) ଓ ତାଙ୍କ ସ୍ୱାମୀ ହେମନ୍ତ ନାଗ(୩୫)ଙ୍କ ମୃତ୍ୟୁ ଘଟିଛି। ରଜନୀ ଓଦା କପଡ଼ା ଶୁଖାଇବାକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲେ। ତାଙ୍କ ବଞ୍ଚାଇବାକୁ ଯାଇ ହେମନ୍ତଙ୍କ ବି ମୃତ୍ୟୁ ଘଟିଥିଲା। ସେହି ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଗୁରୁଣ୍ଡା ଗ୍ରାମରେ ସେମିତି ଏକ ଅଭାବନୀୟ ଘଟଣା ଘଟିଛି। ସାନ ଭଉଣୀ ପ୍ରେମଲତା ସରାଫ(୧୬)ଙ୍କୁ ବିଦ୍ୟୁତ୍ ଆଘାତରୁ ବଞ୍ଚାଇବାକୁ ଯାଇ ବଡ଼ଭାଇ କର୍ଣ୍ଣଦାନୀ ସରାଫ(୧୯)ଙ୍କ ମୃତ୍ୟୁ ଘଟିଛି। ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡି ରଙ୍କଦେଉଳି ଗାଁରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଲକ୍ଷ୍ମଣ ସାହୁ(୫୮) ଓ ରବି ପରିଡା(୩୦)। ଅଚଳ ହୋଲ୍ଡର ମରାମତି ବେଳେ ଏହି ଦୁଃଖଦ ଘଟଣା ଘଟିଛି। ସେହିପରି ବରଗଡ଼ ଜିଲା ଗାଇସିଲେଟ ଥାନା ତାଲପାଲି ପଞ୍ଚାୟତର ଜେମକେରା ଗାଁର ବୀରେନ୍ଦ୍ର ବରିହା(୨୬) ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ଘଟିଛି।

(ସମ୍ପୂର୍ଣ୍ଣ ବିବରଣୀ ପୃଷ୍ଠା ୮)

### ■ ମହଙ୍ଗା ପଡ଼ିଲା ଟ୍ରାଫିକ ନିୟମ ଉଲ୍ଲଂଘନ
# ଅଟୋ ଚାଳକଙ୍କୁ ୪୭,୫୦୦ ଜରିମାନା

ଭୁବନେଶ୍ୱର, ୪।୯(ବ୍ୟୁରୋ)

ନୂଆ ମୋଟର ଯାନ ନିୟମ ଲାଗୁ ପରଠାରୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ନିୟମ ଉଲ୍ଲଂଘନକାରୀ ଧରାପଡ଼ି ତଣ୍ଡ ଗଣୁଛନ୍ତି। ବୁଧବାର ଭୁବନେଶ୍ୱରରେ ଜଣେ ଅଟୋ ଚାଳକଙ୍କ ଉପରେ ବଡ଼ ଧରଣର ଜରିମାନା ହୋଇଛି। ମୋଟ ୮ ନିୟମ ଭଙ୍ଗ ପାଇଁ ୪୭ ହଜାର ୫ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିବାବେଳେ ଗାଡ଼ି ଚାଳକମାନେ ଛାନିଆ ହୋଇପଡ଼ିଛନ୍ତି। ଅନ୍ୟପକ୍ଷରେ ଏହି ଜରିମାନା ପରିମାଣ ଦେଶରେ ଦ୍ୱିତୀୟ ସର୍ବାଧିକ ବୋଲି କୁହାଯାଉଛି। ହରିୟାଣାରେ ଏକାଧିକ ନିୟମ ଉଲ୍ଲଂଘନ ପାଇଁ ଏକ ଟ୍ରାକ୍ଟର ଉପରେ ୫୯ହଜାର ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି।




■୮ ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ଲାଗିଲା ଦଣ୍ଡ
■ସୋସିଆଲ ମିଡିଆରେ ଭାଇରାଲ, ଗାଡ଼ି ଚାଳକ ଛାନିଆ

ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନରେ ଆଚାର୍ଯ୍ୟବିହାର ଛକରେ ଆର୍‌ଟିଓ ଓ କମିଶନରେଟ ପୋଲିସ ପକ୍ଷରୁ ଚେକିଂ ଚାଲିଥିଲା। ଓଆର୍୦୨ଏକ୍ୟୁ୨୨୪୩ ନମ୍ବର ବିଶିଷ୍ଟ ଅଟୋଟି ହଠାତ୍ ଟ୍ରାଫିକ ସିଗ୍‌ନାଲ ନ ମାନି ଆଗକୁ ମାଡ଼ି ଯାଉଥିବାବେଳେ ସେଠାରେ ଉପସ୍ଥିତ ଟ୍ରାଫିକ ପୋଲିସ ଅଟକାଇବା ସହ କାବୁ କରିନେଇଥିଲା। ପୋଲିସ ଅଟୋ ଚାଳକ ହରିବନ୍ଧୁ କହଁରଙ୍କୁ ପ୍ରଥମେ ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ି କାଗଜପତ୍ର ମାଗିଥିଲେ। ମାତ୍ର ହରିବନ୍ଧୁ କାଗଜପତ୍ର ଦେଇପାରି ନ ଥିଲେ। ଏପରିକି ସେ ମଦ୍ୟପାନ କରିଥିବା ଜଣାପଡ଼ିଥିଲା। ଏହାପରେ ଗାଡ଼ିର ଅନ୍ୟ କାଗଜପତ୍ର ନେଇ ଖୋଳତାଡ଼ କରାଯିବାରୁ କିଛି ମିଳି ନ ଥିଲା। ଏହାପରେ ଆର୍‌ଟିଓ ପି.କେ. ମହାନ୍ତି ଅଟୋକୁ ଜବତ କରିଥିଲେ। ଏଥିସହ ଆର୍‌ଟିଓ ଓ ପୋଲିସ ପକ୍ଷରୁ ବିଭିନ୍ନ ଜରିମାନା ଲଗାଯାଇଥିଲା। ମଦ୍ୟପାନ କରି ଗାଡ଼ିଚାଳନା ପାଇଁ ମୋଟର ଯାନ ଆଇନର ଧାରା ୧୮୫ ଅନୁଯାୟୀ ୧୦ ହଜାର ଟଙ୍କା, ଡ୍ରାଇଭିଂ ଲାଇସେନ୍ସ ନ ଥିବାରୁ ଧାରା ୧୮୧ ଆଧାରରେ ୫ ହଜାର ଟଙ୍କା, ଅନଧିକୃତ ଗାଡ଼ି ଚାଳନା ଲାଗି ଧାରା ୧୮୦ରେ ୫ ହଜାର ଟଙ୍କା, ପ୍ରଦୂଷଣ ନିୟମ ଉଲ୍ଲଂଘନ ପାଇଁ ଧାରା ୧୯୦(୨) ଅନୁଯାୟୀ ୧୦ ହଜାର ଟଙ୍କା, ରେଜିଷ୍ଟ୍ରେଶନ ନ ଥିବାରୁ ଧାରା ୧୯୨ରେ ୫ହଜାର ଟଙ୍କା, ବିନା ପରିମିଟ୍‌ରେ ଗାଡ଼ି ଚାଲୁଥିବାରୁ ଧାରା ୧୯୨ (ଏ)ରେ ୧୦ ହଜାର ଟଙ୍କା, ଇନ୍ସ୍ୟୁରାନ୍ସ ନ ଥିବାରୁ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଓ ସାଧାରଣ ନିୟମ ଉଲ୍ଲଂଘନ ପାଇଁ ଧାରା ୧୭୭ରେ ୫୦୦ ଟଙ୍କା ଜରିମାନା କରାଯାଇଛି। ସମସ୍ତ ଜରିମାନା ବାବଦ ଟଙ୍କା ଚନ୍ଦ୍ରଶେଖରପୁରସ୍ଥିତ ଡ୍ରାଇଭିଂ ଟେଷ୍ଟ ପାର୍କ ଅଫିସ୍‌ରେ ଦାଖଲ କରିବାକୁ ଅଟୋ ଚାଳକ ହରିବନ୍ଧୁଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଆର୍‌ଟିଓ ମହାନ୍ତି କହିଛନ୍ତି।

ପରିବହନ ବିଭାଗ ୱେବ୍‌ସାଇଟ୍‌ରୁ ଜଣାପଡିଛି ଯେ, ଉକ୍ତ ଅଟୋକୁ ୨୦୦୭ ଅକ୍ଟୋବର ୧୭ରେ କସ୍ତୁରୀ ଖଟୁଆ ନାମକ ଜଣେ ବ୍ୟକ୍ତି କିଣିଥିଲେ। ଏହାର ଫିଟ୍‌ନେସ ୨୦୧୨ରୁ ସରିଯାଇଥିବାବେଳେ ଇନସ୍ୟୁରାନ୍ସ ମଧ୍ୟ ୨୦୦୮ ପରଠାରୁ ରିନ୍ୟୁଆଲ କରାଯାଇନାହିଁ। ଅଟୋ ଚାଳକ ହରିବନ୍ଧୁ କୁହନ୍ତି, କିଛିଦିନ ତଳେ ସେ ଗାଡ଼ିଟିକୁ ଜଣେ ବ୍ୟକ୍ତିଙ୍କଠାରୁ କିଣିଥିଲେ। ମାତ୍ର ଅବହେଳା କାରଣରୁ ଗାଡ଼ିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସହ ଅନ୍ୟାନ୍ୟ କାଗଜପତ୍ର କରି ନ ଥିଲେ ବୋଲି ସେ କହିଥିଲେ।

### ■ ଆକ୍ସିସ୍ ବ୍ୟାଙ୍କ ଶାଖାରୁ ସଶସ୍ତ୍ର ଡକାୟତି
# ରିଭଲଭର ଦେଖାଇ ୧୪ ଲକ୍ଷ ଟଙ୍କା ଲୁଟ୍

ବେଲପାହାଡ଼,୪।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ନିକଟ ଗୁମାଡ଼େରା ମୁଖ୍ୟ ବଜାରସ୍ଥିତ ଆକ୍ସିସ ବ୍ୟାଙ୍କ ଶାଖାରେ ବୁଧବାର ମଧ୍ୟାହ୍ନ ପ୍ରାୟ ୧ଟା ୨୦ରେ ସଶସ୍ତ୍ର ଡକାୟତି ହୋଇଛି। ଲୁଟେରାମାନେ ଅଧିକାରୀ ଓ କର୍ମଚାରୀମାନଙ୍କୁ ରିଭଲଭର ଦେଖାଇ ବ୍ୟାଙ୍କ କ୍ୟାଶିୟରଙ୍କ କାଉଣ୍ଟରରୁ ପ୍ରାୟ ୧୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଡକାୟତି କଲା ପରେ ଲୁଟେରାମାନେ ଏକ ନମ୍ବର ବିହୀନ ସ୍କର୍ପିଓରେ ଫେରାର୍ ହୋଇଯାଇଛନ୍ତି। ଏଥିରେ ୬ ଜଣ ଲୁଟେରା ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି।

ଲୁଟେରାମାନେ ପ୍ରଥମେ ବ୍ୟାଙ୍କ ବାହାରେ ଥିବା ମେନ ସୁଇଚ୍ ବନ୍ଦ କରି ବିଦ୍ୟୁତ୍ ସରବରାହକୁ ବନ୍ଦ କରି ଦେଇଥିଲେ। ଜଣେ ଲୁଟେରା ବ୍ୟାଙ୍କ ଗେଟ୍ ନିକଟରେ ଛିଡ଼ା ହୋଇ ଗ୍ରାହକଙ୍କୁ ଭିତରକୁ ନ ଛାଡ଼ିବା ପାଇଁ ଉଦ୍ୟମ କରୁଥିଲେ। ଅନ୍ୟ ୪ ଜଣ ବ୍ୟାଙ୍କ ଭିତରକୁ ପଶି ପ୍ରଥମେ ସିକ୍ୟୁରିଟି ଗାର୍ଡ଼ ହାତୀରାମ ସାହୁଙ୍କ ମୁଣ୍ଡରେ ରିଭଲଭର ରଖି କାବୁ କରିବା ସହ ରଶିରେ ତାଙ୍କ ଦୁଇ ଗୋଡ଼କୁ ବାନ୍ଧି ପକାଇଥିଲେ। ଏହାପରେ ଲୁଟେରାମାନେ ବ୍ୟାଙ୍କ ଭିତରେ ଥିବା ଗ୍ରାହକଙ୍କୁ ରିଭଲଭର ଦେଖାଇ ଭୟଭୀତ କରିବା ସହ ବ୍ୟାଙ୍କ ଅପରେଶନ ମୁଖ୍ୟ ସନତ ବେହେରାଙ୍କୁ ପିଟିଥିଲେ। ଶେଷର କ୍ୟାଶିୟରଙ୍କ କାଉଣ୍ଟରରୁ ପ୍ରାୟ ୧୪ ଲକ୍ଷ ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଲୁଟେରାମାନେ ହିନ୍ଦୀରେ କଥାବାର୍ତ୍ତା ହେଉଥିଲେ ବୋଲି ଅବଦୁଲ କୁଦରତ ଖାନ୍ ନାମକ ଜଣେ ଯୁବକ ପ୍ରକାଶ କରିଛନ୍ତି। ଅବଦୁଲ ଆକାଉଣ୍ଟ ଖାତା ଅପଡେଟ୍ କରିବା ପାଇଁ ବ୍ୟାଙ୍କ ଭିତରକୁ ପଶିବା ପାଇଁ ଉଦ୍ୟମ କରିଥିଲେ। ମାତ୍ର ଜଣେ ଲୁଟେରା ତାଙ୍କୁ 'ଏଟିଏମ୍ ଖରାପ ଅଛି।




ବେଲପାହାଡ଼ ଆକ୍ସିସ ବ୍ୟାଙ୍କ ଶାଖାରେ ସଶସ୍ତ୍ର ଡକାୟତି ପରେ ଲୋକେ ଘଟଣା ଜାଣିବା ପାଇଁ ରୁଣ୍ଡ ହୋଇଛନ୍ତି।

କାମ ଚାଲିଛି। ଭିତରକୁ ଯାଅ' ନାହିଁ ବୋଲି କହିଥିଲେ। ହେଲେ ଅବଦୁଲ ଭିତରକୁ ଯିବା ପାଇଁ ଉଦ୍ୟମ କରିବାରୁ ଲୁଟେରା ଜଣକ ତାଙ୍କୁ ରିଭଲଭର ଦେଖାଇ ଭିତରକୁ ଟାଣି ନେଇଥିଲେ। ସଟର୍ ପକାଇ ତାଙ୍କ ହାତରେ ଥିବା ମୋବାଇଲକୁ ତଳେ କଚାଡ଼ି ଭାଙ୍ଗି ଦେଇଥିଲେ। ଲୁଟେରାମାନଙ୍କ ମାଡ଼ରେ ବ୍ୟାଙ୍କ ଅପରେଶନ ମୁଖ୍ୟ ବେହେରାଙ୍କ ମୁହଁରେ ଆଘାତ ଲାଗିଛି। ଘଟଣା ପରେ ଝାରସୁଗୁଡ଼ା ଏସ୍‌ପି ଅଶ୍ୱିନୀ କୁମାର ମହାନ୍ତି ଓ ଅନ୍ୟ ପୋଲିସ ଅଧିକାରୀମାନେ ଘଟଣାସ୍ଥଳକୁ ଆସି ବ୍ୟାଙ୍କ୍ ଅଧିକାରୀ ଓ କର୍ମଚାରୀମାନଙ୍କୁ ପଚରାଉଚରା କରିଛନ୍ତି। ପୋଲିସ ଏବେ ବ୍ୟାଙ୍କ ସିସି ଟିଭି କ୍ୟାମେରାକୁ ଅନୁଧ୍ୟାନ କରୁଛି। ଲୁଟେରାମାନଙ୍କୁ ଧରିବା ପାଇଁ ଜିଲାର ବିଭିନ୍ନ ଛକରେ ଯାନବାହନ ଅଟକାଇ ତଲାସି ଚଳାଇଛି।

ଧରିତ୍ରୀ
DHARITRI
ଗୁରୁବାର, ୫ ସେପ୍ଟେମ୍ବର, ୨୦୧୯

**କିଛି ତଥ୍ୟ**
ଗତ ପାଞ୍ଚ ବର୍ଷରେ ଦେଶରୁ ୪୭,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସିଫୁଡ ରପ୍ତାନି ହୋଇଛି।
– ମେରାଇନ ପ୍ରଡକ୍ଟସ୍ ଏକ୍ସପୋର୍ଟସ ଡେଭଲପମେଣ୍ଟ ଅଥରିଟି



## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................


ଆଲେକ୍ସା
ପରିବାରବର୍ଗ


ପ୍ରଣବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ଲେଭଲ କ୍ରସିଂ ଗେଟ ଭଙ୍ଗା ଘଟଣା

## ଆରପିଏଫ୍ ଥାନାରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ଭୁବନେଶ୍ୱର, ୪।୯(ବ୍ୟୁରୋ): ଏକ ରେଲୱେ ଲେଭଲ କ୍ରସିଂ ଗେଟ ଭାଙ୍ଗିବା ଘଟଣାରେ ଅଭିଯୁକ୍ତ ବୁଧବାର ଆରପିଏଫ୍ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଚକେଇସିଆଣୀ ଅଞ୍ଚଳର ରିଙ୍କୁ ଦଳେଇ। ରିଙ୍କୁ ଗତ ମାସ ୩୧ରେ ଟାଟା ଏସି(ଓଡି୦୨ଟି-୬୦୪୪)ରେ ଭିଏସଏସ ନଗର ଲେଭଲ କ୍ରସିଂ ପାର ହେଉଥିବାବେଳେ ଗେଟ୍‌ରେ ଧକ୍କା କରି ଭାଙ୍ଗିଦେଇଥିଲେ। ରେଲୱେ ଧାରା ୧୬୦(୨)ରେ କେସ ନଂ.୨୧୩୩/୧୯ରେ ମାମଲା ରୁଜୁ କରି କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଯେ, ଗେଟ ଭାଙ୍ଗିଯିବାର ଏକ ଘଣ୍ଟା ଭିତରେ ରେଲୱେର ସିଗ୍ନାଲ ବିଭାଗ ପକ୍ଷରୁ ନୂଆ ଗେଟ ଲଗାଯାଇଥିଲା।

### ପୁରୀ ସୁରକ୍ଷା ମଞ୍ଚ-ପ୍ରଶାସନ ଆଲୋଚନା ବିଫଳ

# 'ଅସୁରକ୍ଷିତ ନିର୍ମାଣ ଉଚ୍ଛେଦ ଜାରି ରହିବ'

- ଉଚ୍ଛେଦ ବନ୍ଦ ଦାବିକୁ ଜିଲାପାଳଙ୍କ ପ୍ରତ୍ୟାଖାନ
- ବୁଲ୍‌ଡୋଜର ଆଗରେ ଧାରଣା ଦେବୁ: ମଞ୍ଚ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇବାକୁ ନିଷ୍ପତ୍ତି



ପୁରୀ ଅଫିସ, ୪।୯

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ ମିଟର ପର୍ଯ୍ୟନ୍ତ ନିର୍ମାଣ ଉଚ୍ଛେଦ ଲାଗି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ଅଶାନ୍ତ ହୋଇପଡ଼ିଛି ଶ୍ରୀକ୍ଷେତ୍ର। ପ୍ରଶାସନର ଉଚ୍ଛେଦ ଅଭିଯାନକୁ ବିରୋଧ କରି ମେଳି ବାନ୍ଧୁଛନ୍ତି ମଠ ମହନ୍ତ, ଦୋକାନୀ ଏବଂ କ୍ଷତିଗ୍ରସ୍ତ। ପ୍ରାଥମିକ ପର୍ଯ୍ୟାୟରେ ୭୫ ମିଟର ପରିଧି ମଧ୍ୟରେ ଥିବା ମଠ ଉଚ୍ଛେଦ କରାଯାଉଛି। ବର୍ତ୍ତମାନ ସୁଦ୍ଧା ଲଙ୍ଗୁଳି ମଠ ଏବଂ ଏମାର ମଠ ଭଙ୍ଗାଯାଇଥିବା ବେଳେ ଏବେ ବଡ଼ ଆଖଡ଼ା ଉଚ୍ଛେଦକୁ ନେଇ ପ୍ରତିବାଦ ତୀବ୍ର ହୋଇଛି। ଆଗକୁ ଘର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ମଠ, ମନ୍ଦିର ଭଙ୍ଗାଯିବା ନେଇ ସର୍ଭେ ଚାଲିଛି। ଏହି ଉଚ୍ଛେଦକୁ ବିରୋଧ କରିଛି ପୁରୀ ସୁରକ୍ଷା ମଞ୍ଚ। ବୁଧବାର ସୁରକ୍ଷା ମଞ୍ଚର ୧୫ଜଣିଆ ପ୍ରତିନିଧି ଦଳ ଏବଂ ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲା। ତେବେ ଏହି ଆଲୋଚନା ବିଫଳ ହୋଇଛି। ଉଚ୍ଛେଦ ବନ୍ଦ କରିବା ଲାଗି ସୁରକ୍ଷା ମଞ୍ଚର ଦାବିକୁ ଜିଲାପାଳ ବଲୱନ୍ତ ସିଂ ପ୍ରତ୍ୟାଖ୍ୟାନ କରିଛନ୍ତି। ଫଳରେ ଆଗକୁ ଏହି ଅସନ୍ତୋଷ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି କୁହାଯାଉଛି। ତେବେ ପୁରୀ ସହରବାସୀଙ୍କ ସ୍ୱାର୍ଥ, ଐତିହ୍ୟ ଓ ପରମ୍ପରାର ସୁରକ୍ଷା ପାଇଁ ମଞ୍ଚ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଲାଗି ନିଷ୍ପତ୍ତି ନେଇଛନ୍ତି । ଏପରି କି ଆବଶ୍ୟକ ପଡ଼ିଲେ ସେମାନେ ବୁଲ୍‌ଡୋଜର ଆଗରେ ଧାରଣା ଦେବେ ବୋଲି କହିଛନ୍ତି।

ଉଚ୍ଛେଦ ନିଷ୍ପତ୍ତି ବିରୋଧରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ୧୫ଜଣିଆ ପ୍ରତିନିଧି ଦଳ ବୁଧବାର ପୂର୍ବାହ୍ନରେ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ। ବର୍ତ୍ତମାନର ଉଚ୍ଛେଦ ପ୍ରକ୍ରିୟା ବନ୍ଦ କରିବା ଲାଗି ସେମାନେ ପ୍ରଥମ ଦାବି ରଖିଥିଲେ। ଏଥିସହ ଆଗ ଥଇଥାନ ପରେ ଉଚ୍ଛେଦ ଭଳି ଏକାଧିକ ଦାବି ଉପସ୍ଥାପନ କରିଥିଲେ। କେତେକ ସଦସ୍ୟ କହିଥିଲେ ପୁରୀର ଅଧିକାଂଶ ପରିବାରର ଜମିପଟ୍ଟା ତାଙ୍କ ନାମରେ ନାହିଁ। ସେମାନେ ମଠ ମହନ୍ତଙ୍କଠାରୁ ଦଲିଲ କରି ଜାଗା କିଣି ଘର କରିଥିଲେ। ପରବର୍ତ୍ତୀ ସମୟରେ ସୁପ୍ରିମ୍‌କୋର୍ଟ ମଠ ସମ୍ପତ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବୋଲି ରାୟ ଦେବା ପରେ ସମ୍ପୃକ୍ତ ବ୍ୟକ୍ତିମାନେ ଏ ପର୍ଯ୍ୟନ୍ତ ଜମିପଟ୍ଟା ପାଇପାରିନାହାନ୍ତି। ଯେଉଁଥିପାଇଁ ପୁରୀ ସହରରେ ଭୂ ସମ୍ପତ୍ତି ସୁରକ୍ଷା ପରିଷଦ ଏବଂ ସଦରରେ ଆଞ୍ଚଳିକ ଭୂ ସମ୍ପତ୍ତି ସୁରକ୍ଷା ପରିଷଦ ଆନ୍ଦୋଳନ ଚଳାଇଛି। ତେଣୁ ୭୫ ମିଟର ମଧ୍ୟରେ ଏମିତି ପରିବାର ଥିଲେ କ୍ଷତିପୂରଣ ଟଙ୍କା କିଏ ପାଇବ ବୋଲି ପ୍ରଶ୍ନ କରିଥିଲେ। ଅନ୍ୟ ଜଣେ ସଦସ୍ୟ କହିଥିଲେ, ନବକଳେବର ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟକୁ ଲାଗି ଥିବା ମୋର ଘର ଭାଙ୍ଗିଦିଆଗଲା। ସେତେବେଳେ ପ୍ରଶାସନ ଥଇଥାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ମୋତେ ଥଇଥାନ କରାଗଲାନାହିଁ। ବର୍ତ୍ତମାନ କିପରି ପ୍ରଶାସନକୁ ଆଉ ଭରସା କରିବୁ ବୋଲି ସେ ଜିଲାପାଳଙ୍କୁ ପ୍ରଶ୍ନ କରିଥିଲେ। ସେହିପରି ଘୋଷଣା ହୋଇଥିବା ପ୍ୟାକେଜକୁ ନେଇ କେତେଜଣ ଅଭିଯୋଗ ଉଠାଇଥିଲେ। ଏଭଳି ଏକାଧିକ ଅଭିଯୋଗ ଓ ଅସନ୍ତୋଷ ଉପସ୍ଥାପନ କରିଥିଲେ ପ୍ରତିନିଧି ଦଳର ସଦସ୍ୟ। ଜିଲାପାଳ ସମସ୍ତଙ୍କ କଥା ଶୁଣିଥିଲେ ମଧ୍ୟ ଉଚ୍ଛେଦ ବନ୍ଦ ଦାବିକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ଏହି ଆଲୋଚନା ଏକପ୍ରକାର ବିଫଳ ହୋଇଥିଲା।

ଏ ସମ୍ପର୍କରେ ବିଧାୟକ ଷଡ଼ଙ୍ଗୀ କହିଛନ୍ତି, ଜିଲାପାଳ ସବୁ କଥା ଶୁଣିଲେ। ପର୍ଯ୍ୟାୟକ୍ରମେ ସେ କ୍ଷତିଗ୍ରସ୍ତ ଜନସାଧାରଣ, ମଠ ମହନ୍ତ, ବ୍ୟବସାୟୀ ସମସ୍ତଙ୍କ ଅଭିଯୋଗ ଶୁଣିବେ। ସମସ୍ତଙ୍କୁ ସୁହାଇଲା ଭଳି ଯାହା ପଦକ୍ଷେପ ନେବେ। ମଞ୍ଚ ଆବାହକ ଦାମୋଦର ପ୍ରଧାନୀ କହିଛନ୍ତି, ଆମେ ପ୍ରଥମେ ଉଚ୍ଛେଦ ବନ୍ଦ ପାଇଁ ଦାବି କରିଥିଲୁ। କିନ୍ତୁ ଜିଲାପାଳ ଏହାକୁ ଅଗ୍ରାହ୍ୟ କରି ଦେଇଛନ୍ତି। କେବଳ ମଠର ବିଜେସ୍ଥଳୀ ଓ ଗାଦିଘରକୁ ବାଦ୍ ଦେଇ ମଠର ବ୍ୟବସାୟିକ କୋଠାକୁ ଭଙ୍ଗାଯିବ। ଏଥିରେ ଆମେ ସନ୍ତୁଷ୍ଟ ହୋଇନାହୁଁ। ୨୦୧୫ରେ ଉଚ୍ଛେଦ ସମୟରେ ଯେଉଁମାନଙ୍କର ଜାଗା ଯାଇଥିଲା ସେମାନେ ଏ ପର୍ଯ୍ୟନ୍ତ ଜାଗା ପାଇନାହାନ୍ତି। ତେଣୁ ପୁନର୍ବାର ବୈଠକ କରି ଦରକାର ପଡ଼ିଲେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବୁ। ଯଦି ପ୍ରଶାସନ ଉଚ୍ଛେଦ ଜାରି ରଖେ ତେବେ ବୁଲ୍‌ଡୋଜର ଆଗରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବୁ।

ଅନ୍ୟପକ୍ଷରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ଆଲୋଚନା ବେଳେ ୭୫ ମିଟର ଭିତରେ କ'ଣ କ'ଣ କରାଯିବ ତା'ର ବ୍ଲୁ ପ୍ରିଣ୍ଟ ସମ୍ପର୍କରେ ଏବଂ ଜମି ଅଧିଗ୍ରହଣ ପ୍ରକ୍ରିୟା କିପରି ରହିଛି ତାହା ପ୍ରତିନିଧି ଦଳ ବୁଝିଥିଲେ। ୨୦୧୫ରେ ଅନେକ ଲୋକଙ୍କ ଜମି ସରକାର ନେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେମାନେ ଟଙ୍କା ପାଇ ନ ଥିବା କେତେକ ଲୋକ ଅଭିଯୋଗ କରିଥିଲେ। ତେବେ ବର୍ତ୍ତମାନ ଯେଉଁ ଉଚ୍ଛେଦ ଚାଲିଛି ତାହାକୁ ବନ୍ଦ କରିବା ଲାଗି ସେମାନେ କହିଥିଲେ। କିନ୍ତୁ ଏହା ସମ୍ଭବ ନୁହେଁ, ଶ୍ରୀମନ୍ଦିର ସୁରକ୍ଷା ପାଇଁ ଏହା କରାଯାଉଛି। ୭୫ ମିଟର ପରିଧି ମଧ୍ୟରେ ଯେତେ ମଠ ଆସିବ ସେ ସବୁର ବିଜେସ୍ଥଳୀ, ଗାଦିଘରକୁ ସଂରକ୍ଷଣ, ସୌନ୍ଦର୍ଯ୍ୟକରଣ କରାଯିବ। କିନ୍ତୁ ମଠରେ ବ୍ୟବସାୟିକ ଉଦ୍ଦେଶ୍ୟରେ ଥିବା ନିର୍ମାଣ ଭଙ୍ଗାଯିବ। ବର୍ତ୍ତମାନ ଅସୁରକ୍ଷିତ କୋଠା ଭଙ୍ଗାଯାଉଛି, ଭବିଷ୍ୟତରେ ଅନ୍ୟଗୁଡ଼ିକ ଭଙ୍ଗାଯିବ। ୭୫ ମିଟର ମଧ୍ୟରେ ଅସୁରକ୍ଷିତ ନିର୍ମାଣ ଉଚ୍ଛେଦ ପ୍ରକ୍ରିୟା ଜାରି ରହିବ।



ଓଡିଶା କାଜୁ ନିଗମ ଅଧକ୍ଷ ଅମରେନ୍ଦ୍ର ଦାସ ବୁଧବାର ଧରିତ୍ରୀ କାର୍ଯ୍ୟାଳୟକୁ ସୌଜନ୍ୟମୂଳକ ପରିଦର୍ଶନରେ ଆସିଥିବା ଅବସରରେ ସମ୍ପାଦକ ତଥାଗତ ସତପଥୀଙ୍କୁ ସାକ୍ଷାତ୍ କରିଛନ୍ତି।

## ନିଯୁକ୍ତି ଦେବାରେ...

ପ୍ରଥମ ପୃଷ୍ଠାରୁ...

ଯୁବତୀଯୁବକ ଇପିଏଫ୍‌ଓରେ ଯୋଡି ହୋଇଥିବା ବେଳେ ଜୁନରେ ଏହା ୬.୨୮ ଲକ୍ଷକୁ ବୃଦ୍ଧି ହୋଇଛି। ମାତ୍ର ଓଡ଼ିଶାରେ ଏହାର ବିପରୀତ ଗତି ଦେଖିବାକୁ ମିଳିଛି। ୨୦୧୯ ଏପ୍ରିଲରେ ରାଜ୍ୟରେ ୩ ହଜାର ୮୯୫ ନୂତନ ଆକାଉଣ୍ଟଧାରୀ ଇପିଏଫ୍‌ଓରେ ସାମିଲ ହୋଇଥିବା ବେଳେ ଜୁନରେ ଏହା ୩ ହଜାର ୩୪୮କୁ ଖସି ଆସିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ ମାସ (ଏପ୍ରିଲରୁ ଜୁନ) ମଧ୍ୟରେ ୧୪ ପ୍ରତିଶତ ତଳକୁ ଖସି ଆସିଛି।

ବେକାରି ସମସ୍ୟା ରାଜ୍ୟର ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଏକ ବିରାଟ ଅନ୍ତରାୟ ସୃଷ୍ଟି କରୁଛି। ରାଜ୍ୟର ଘରୋଇ ଅଭିବୃଦ୍ଧି ଜାତୀୟ ଅଭିବୃଦ୍ଧି ତୁଳନାରେ ଅଧିକ ରହୁଥିବା ସରକାର ଦାବି କରୁଛନ୍ତି । ୨୦୧୭-୧୮ରେ ଅଭିବୃଦ୍ଧି ହାର ୭.୧ ଥିବା ବେଳେ ୨୦୧୮-୧୯ରେ ଏହା ୮.୪ ରେ ପହଞ୍ଚିଛି। ମାତ୍ର ରାଜ୍ୟରେ ବେକାରିଙ୍କ ସଂଖ୍ୟା ହୁ ହୁ ହୋଇ ବଢି ଚାଲିଥିବାରୁ ଚଳିତ ଆର୍ଥିକ ବର୍ଷର ଅଭିବୃଦ୍ଧି ଲକ୍ଷ୍ୟ ହାସଲ ନେଇ ଆଶଙ୍କା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୭-୧୮ରେ ଜାତୀୟ ବେକାରି ହାର ୬.୧ ପ୍ରତିଶତ ଥିବା ବେଳେ ରାଜ୍ୟରେ ଏହି ହାର ୭.୧ ପ୍ରତିଶତ ରହିଛି। ୨୦୧୫-୧୬ରେ ଏହି ହାର ଓଡ଼ିଶାରେ ୩.୮ ପ୍ରତିଶତ ଥିବା ବେଳେ ଜାତୀୟସ୍ତରରେ ରହିଥିଲା ୩.୭ ପ୍ରତିଶତ। ନ୍ୟାଶନାଲ ସାମ୍ପୁଲ ସର୍ଭେ(ଏନ୍‌ଏସ୍‌ଏସ୍) ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ, ରାଜ୍ୟରେ ଶ୍ରମ ଶକ୍ତି ହ୍ରାସ ପାଇ ଚାଲିଛି। ରାଜ୍ୟରେ ଶ୍ରମଶକ୍ତି ଭାଗୀଦାରି(ଏଲଏଫ୍‌ପିଆର) ୪୮.୩ ପ୍ରତିଶତ ଥିବା ବେଳେ ଜାତୀୟସ୍ତରରେ ୪୯.୮ ପ୍ରତିଶତ ରହିଛି। ଶ୍ରମିକଙ୍କ ସଂଖ୍ୟା ଅନୁପାତ ୪୪.୯ ପ୍ରତିଶତ ଥିବା ବେଳେ ଜାତୀୟସ୍ତରରେ ୪୬.୮ ପ୍ରତିଶତ ରହିଛି। ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ବେକାରି ସଂଖ୍ୟା ବଢୁଛି। ସହରାଞ୍ଚଳରେ ୮.୪ ପ୍ରତିଶତ ବେକାରି ଥିବା ବେଳେ ଗ୍ରାମାଞ୍ଚଳରେ ୬.୯ ପ୍ରତିଶତ ରହିଛି।

ରାଜ୍ୟ ସରକାର ଶିଳ୍ପାୟନର ସ୍ୱପ୍ନ ଦେଖାଉଛନ୍ତି । ରାଜ୍ୟକୁ ଆଲୁମିନିୟମ୍, ଇସ୍ପାତ, ଆଲୁମିନା, ସାର, ପେଟ୍ରୋ କେମିକାଲ, ପ୍ଲାଷ୍ଟିକ ଭଳି ବଡ଼ବଡ଼ ଶିଳ୍ପ ସାଙ୍ଗକୁ କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ପ୍ରତିରକ୍ଷା, ଶକ୍ତି, ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ବୃହତ୍ ପୁଞ୍ଜିନିବେଶ ହେବ। ରାଜ୍ୟର ଭାଗ୍ୟ ବଦଳିଯିବ। ବେକାର ଯୁବତୀଯୁବକଙ୍କୁ କାମଧନ୍ଦା ମିଳିଯିବ। ମାତ୍ର ନିଯୁକ୍ତିର ସିଂହ ଭାଗ ପୂରଣ କରୁଥିବା ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡ଼ିକ ମଧ୍ୟରୁ ଅଧିକାଂଶ ସରକାରୀ ପ୍ରୋତ୍ସାହନ ଅଭାବରୁ ବନ୍ଦ ହୋଇଗଲାଣି । ରାଜ୍ୟରେ ଗତ ୫ ବର୍ଷରେ ପଞ୍ଜୀକୃତ ହୋଇଥିବା ୧୫,୩୧୫ ସୂକ୍ଷ୍ମ ଓ ମଧ୍ୟମ ଶିଳ୍ପରେ ତାଲା ପଡିଛି। ଏଥିରେ ନିୟୋଜିତ ଥିବା ୧,୨୯,୯୫୦ ଲୋକ ବେକାର ହୋଇଯାଇଛନ୍ତି। ବନ୍ଦ ହୋଇଥିବା ଏହି ଶିଳ୍ପ ମଧ୍ୟରୁ ସୁନ୍ଦରଗଡରେ ୨୦୨୦, କଟକରେ ୨୪୦୨, ଭୁବନେଶ୍ୱରରେ ୧୫୦୪, ଗଞ୍ଜାମରେ ୧୦୬୧, ସମ୍ବଲପୁରରେ ୫୩୩, ବରଗଡ଼ରେ ୩୩୪, କେନ୍ଦୁଝରରେ ୬୮୩, ବାଲେଶ୍ୱରରେ ୫୫୮, ଭଦ୍ରକରେ ୩୪୬, ଢେଙ୍କାନାଳରେ ୩୯୬, କଳାହାଣ୍ଡିରେ ୪୧୮, ରାୟଗଡ଼ାରେ ୨୫୬, ନବରଙ୍ଗପୁରରେ ୧୫୭ ଏବଂ ମାଲକାନଗିରିରେ ୧୧୬ଟି ଶିଳ୍ପ ବନ୍ଦ ହୋଇଛି। ଶିକ୍ଷିତ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ, ବଜାର ଓ ବ୍ୟାଙ୍କ ସୁବିଧା ଦେଇପାରୁ ନ ଥିବାରୁ ଆରମ୍ଭର ଅଳ୍ପ କେଇମାସ ପରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ତାଲା ପଡୁଛି। ସରକାର ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ନ ଦେଲେ ପରିସ୍ଥିତି ଆହୁରି ବିଗିଡିବ ବୋଲି ଅର୍ଥନୀତିଜ୍ଞ ମତ ଦେଲେଣି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଦ୍ୱିତୀୟ ଭାବକୁ ଚନ୍ଦ୍ର ଓ ଗୁରୁଙ୍କ ଦୃଷ୍ଟିରୁ ଆପଣଙ୍କୁ ଅର୍ଥଲାଭ, ଉଚ୍ଚସମ୍ମାନପ୍ରାପ୍ତି ଯୋଗ ରହିଛି। ସମସ୍ୟା ରହିଥିବାରୁ ପ୍ରତି ମୁହୂର୍ତ୍ତରେ ପ୍ରତିକୂଳ ପରିସ୍ଥିତିରେ ଚାପ ମଧ୍ୟ କମିବ ନାହିଁ। ଅବଶ୍ୟ ସଭାସମିତି, ମାମଲାମକଦ୍ଦମାରେ ଅଗ୍ରଗତି ଘଟିବ। କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ।

**ବୃଷ**
ପରିସ୍ଥିତିବଶତଃ ଆତ୍ମୀୟଙ୍କ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ପ୍ରତିବନ୍ଧକ ମଧ୍ୟରେ କର୍ମକ୍ଷେତ୍ରରେ ଉପସ୍ଥିତି ବୁଦ୍ଧି ଖଟାଇ ପରିସ୍ଥିତିକୁ ସୁଧାରିନେବେ। ଅଫିସିଆଲି କାମ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଆକସ୍ମିକ ଭାବେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବନ୍ଧୁଙ୍କ ଅପ୍ରତ୍ୟାଶିତ ଆଗମନରୁ ଖୁସୀ ହୋଇପାରନ୍ତି।

**ମିଥୁନ**
ପାରିବାରିକ ସମସ୍ୟା ସମାଧାନ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ । ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ମଧ୍ୟ ଧନ ଆଗମନର ସମ୍ଭାବନା ଦେଖାଦେଇପାରେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ଖାଲରେ ପକାଇବାକୁ ଚେଷ୍ଟା କଲେ ମଧ୍ୟ ସଫଳ ହେବେ ନାହିଁ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କର୍କଟ**
ସକାଳୁ ସକାଳୁ ଆନୁଷ୍ଠାନିକ କାମରେ ନିଜକୁ ଜଡ଼ିତ ରଖିପାରନ୍ତି। ଅନ୍ୟମାନଙ୍କ ବିରୋଧାଭାସ ଆପଣଙ୍କ କାମ ଗୁଡ଼ିକୁ ଅଟକାଇ ରଖିପାରିବ ନାହିଁ। ପରିବାରରେ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ସାମୟିକ ଅସନ୍ତୁଷ୍ଟ ରହିପାରନ୍ତି। ଅତୀତରେ ଘଟିଯାଇଥିବା ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତାକରି ଅପରାହ୍ନରେ ଚିନ୍ତିତ ରହିପାରନ୍ତି।

**ସିଂହ**
ବନ୍ଧୁଙ୍କ ପ୍ରେରଣା ପାଇଲେ ମଧ୍ୟ ମନରେ ସକାରାତ୍ମକ ଭାବ ଉଦ୍ରେକ ହେବନାହିଁ। ସାମାଜିକ ସ୍ତରରେ ଅପରାହ୍ନେ କଳହର ସମ୍ମୁଖୀନ ହୋଇପାରନ୍ତି। ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ କେତେକାଂଶରେ ଉପକୃତ ହେବେ।

**କନ୍ୟା**
ଭାଗ୍ୟ ସ୍ଥାନକୁ ଶୁଭଗ୍ରହଙ୍କ ଦୃଷ୍ଟି ଫଳରେ ଯେମିତି ଚିନ୍ତା କରୁଛନ୍ତି, ବାସ୍ତବରେ ସେହି ଅନୁସାରେ ହିଁ କାମଗୁଡିକ ସମ୍ପନ୍ନ ହୋଇପାରିବ। ଆନୁଷଙ୍ଗିକ ସହଯୋଗରେ କାର୍ଯ୍ୟ ତ୍ୱରାନ୍ୱିତ କଲେ ମଧ୍ୟ ପ୍ରାଥମିକ ଅବସ୍ଥାରେ କିଛିଟା ବ୍ୟତିକ୍ରମ ଦେଖାଦେଇପାରେ। ଶିଳ୍ପ, ବ୍ୟବସାୟ, ପରିବହନ, ଏଜେନ୍‌ସିପ୍ ପ୍ରଭୃତିରେ ଉନ୍ନତି କରିବେ।

**ତୁଳା**
ଯାହା ଓ ଯେତିକି ପାଇବା କଥା ସେଥିପାଇଁ ଆପଣଙ୍କୁ ପ୍ରବଳ ସଂଘର୍ଷ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ର ସକାଶେ ଚନ୍ଦ୍ର ସମସ୍ୟା ସୃଷ୍ଟି କଲେ ମଧ୍ୟ ମନୋବଳକୁ ଅକ୍ଷୁଣ୍ଣ ରଖିପାରିବେ। ପାରିବାରିକ କ୍ଷେତ୍ରରେ କୌଣସି ଅସୁବିଧା ନ କଲେ ମଧ୍ୟ ଆର୍ଥିକ କ୍ଷତି ଘଟାଇ ପାରନ୍ତି। ବ୍ୟସ୍ତତା ମଧ୍ୟରେ ଯାଉ ଯାଉ ଯାନ୍ତ୍ରିକ ତ୍ରୁଟି ଯୋଗୁ ଆଜିର ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା**
ଆଜିର ଗ୍ରହ ସ୍ଥିତି ଆପଣଙ୍କ ସକାଶେ ବିଶେଷଭାବରେ ଅନୁକୂଳ ରହିବ, ଫଳରେ ପୁରସ୍କୃତ ହେବାର ଆଶା ରହିଛି। ପାରିବାରିକ ସମସ୍ୟା ସମାଧାନ କ୍ଷେତ୍ରରେ ପାଖ ଲୋକଙ୍କ ଭୂମିକା ଅତି ଜରୁରୀ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବ।

**ଧନୁ**
ଆଜିର ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କୁ ସୁସ୍ଥ ମାନସିକତା, କର୍ମକ୍ଷେତ୍ରରେ ସମ୍ମାନଜନକ ସ୍ଥିତି ପ୍ରଦାନ କରିବ। କିନ୍ତୁ ଶନିଙ୍କ ପ୍ରଭାବଜନିତ ଅନିଦ୍ରା ଓ ଧନବ୍ୟୟ ହେତୁ ସାମୟିକ ଦୁଶ୍ଚିନ୍ତା ସୃଷ୍ଟି ହୋଇପାରେ। ବନ୍ଧୁମାନଙ୍କ ଗହଣରେ ଅପ୍ରିୟ ସତ୍ୟ କହିବା କାରଣରୁ ବନ୍ଧୁଙ୍କ ସହ ସମ୍ପର୍କ ହାନି ଘଟିପାରେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ଉଚ୍ଚ ପ୍ରଶଂସିତ ହେବେ।

**ମକର**
ଶୁକ୍ରଙ୍କ ସୁପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତ ଚର୍ଚ୍ଚାରେ ଦିନଟିକୁ ଉପଭୋଗ କରିପାରନ୍ତି। ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ପୂର୍ବାଲୋଚନା ଅନୁଯାୟୀ ଅର୍ଥ ସାହାଯ୍ୟ ପାଇବେ ଏବଂ ଆଶା କରିଥିବା କୌଣସି ଖବର ପାଇ ଖୁସି ହେବେ। ପାରିବାରିକ ସ୍ତରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**
ଆଜି ଆପଣଙ୍କୁ କର୍ମକ୍ଷେତ୍ରରେ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ। ପରିବର୍ତ୍ତିତ ସମୟକୁ ଆଖି ଆଗରେ ରଖି କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ପ୍ରିୟବନ୍ଧୁଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଅସୁବିଧାରେ ପକାଇପାରନ୍ତି। ଗୃହ, ଭୂମି, ଗାଡ଼ିମୋଟର, ପ୍ରେସ୍, ପବ୍ଲିକେଶନ ସମ୍ପର୍କିତ ଦୁଶ୍ଚିନ୍ତା ଆସିବ।

**ମୀନ**
ଆଜି ସାଂସ୍କୃତିକ ଅନୁଷ୍ଠାନରେ କିଛି କାମକରି ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କ୍ଷେତ୍ରରେ ଯତ୍ନବାନ୍ ହେଲେ ତାହା ନିଜ ପାଇଁ ହିତକର ହେବ। ପରିବାରର ଖର୍ଚ୍ଚ ବୃଦ୍ଧି ପାଇବା ଯୋଗୁ ଚିନ୍ତିତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, କ୍ରୀଡ଼ା, କଳା, ସାହିତ୍ୟ, ସଙ୍ଗୀତାଲୋଚନାରେ ପ୍ରତିଦ୍ୱନ୍ଦ୍ୱିତା ଦେଖାଦେଇପାରେ।

ଆଜି ପବିତ୍ର ଗୁରୁଦିବସ, ମହାନ୍ ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ଭାଦ୍ରବ କୃଷ୍ଣପକ୍ଷର ଲଳିତା ସପ୍ତମୀ ଗୁରୁବାର, ସେପ୍ଟେମ୍ବର ୫ ତାରିଖ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୦୭।୧୯ମି. ମଧ୍ୟେ ଘ୦୧୧।୦୯ମି. ଗତେ, ଘ୦୧୨।୪୮ମି. ମଧ୍ୟେ ଘ୦୨।୨୭ମି. ଗତେ, ଘ୦୪।୦୬ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ୦୨।୨୭ମି. ଗତେ ଘ୦୩।୦୬ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୦୧।୧୮ମି. ଗତେ ଘ୦୨।୫୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302



**HIRE**

ଦଶଚକିଆ, ଛଅଚକିଆ, 1109, 709 ଟ୍ରକ ମାସିକ/ ବିକ୍ରିସୂତ୍ରରେ ଆବଶ୍ୟକ: 9439733321, 9938732425. D-67057



**SALE**

4BHK duplex with Gated community at Balianta (Land-1400 construction 2200 @ 55,00,000/- and 2600 @ 65,00,000/) Contact Mplanets: 9938219397, 9861022055. D-14207

7,50,000/- ଟଙ୍କା ଦେଇ 1500sqft. ଜାଗାର ମାଲିକ ହୁଅନ୍ତୁ, ଭୁବନେଶ୍ୱର ନୂଆ ରେଲୱେଷ୍ଟେସନ ପାଖରେ। 9040628648. D-66775

21000sqft gharabari converted (commercial zone) land sale at Pahal, near Bharat Motors, frontage 130ft NH connecting. Contact: 8480620050. (Broker excuse). D-67376

20904sqft. gharabari commercial land for sale at Pahal, Adjacent to NH Phone- 7008346486, 9437192512 (Broker excuse). D-67377

ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66764

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66767



ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା NH-5, ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। 7008439019, 8895436651. D-66763



Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Herbal full body massage by smart / expert therapist. Contact: 8338067247. D-67369

Summer special mesmerizing offer expert therapeutic refreshing massage appointment. 9668374480. D-67370

Full body herbal massage with refreshment expert therapist. 7381239385, 06742540855. D-67371

Experience full body massage with us (expert). Call: 7377048581, 06742597822. D-67372

Ayurvedic herbal body massage trend therapist. Mob: 8018246332. D-66956



ମାସକୁ ୧୦,୦୦୦ରୁ ୩୦,୦୦୦ କମାନ୍ତୁ, ନିଜଘରେ ବ୍ୟବସାୟ କରି। Training free. Mob: 9777434078. D-14214

ନିଜର ଖାଲି ଜମିରେ Jio ଟାୱାର ଲଗାଇ ମାସକୁ ୪୦,୦୦୦ ଟଙ୍କା କମାନ୍ତୁ। Contact: 6205369267. D-14117



ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



# ଜିଲା ଚିଠି
## ରାୟଗଡ଼ା

# ଶିକ୍ଷା ବ୍ୟବସ୍ଥାରେ କେଁ

ରାୟଗଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଏଥିପ୍ରତି ରାଜ୍ୟ ସରକାର, ଜିଲା ପ୍ରଶାସନ କିମ୍ବା ଶିକ୍ଷା ବିଭାଗର ନଜର ନାହିଁ। ଅଭିଯୋଗ ହେଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସମସ୍ତେ ନୀରବଦ୍ରଷ୍ଟା ସାଜିଛନ୍ତି। ଛାତ୍ରୀଛାତ୍ରଙ୍କ ତୁଳନାରେ କେଉଁଠି ଶିକ୍ଷକ ଅଭାବ ତ ଆଉ କେଉଁଠି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା ଅଧିକ ରହିଛି। ଏହା ଜାଣି ମଧ୍ୟ ଶିକ୍ଷା ବିଭାଗ ହାତ ବାନ୍ଧି ବସିଛି। ଏପରି ସମସ୍ୟା ନେଇ ଛାତ୍ରୀଛାତ୍ର ଏକାଧିକବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତରେ ଗତ ୪ ବର୍ଷ ହେଲା ଆଦର୍ଶ ବିଦ୍ୟାଳୟ କାମ ଚାଲିଛି। ସେହି କାମ ଆଜି ପର୍ଯ୍ୟନ୍ତ ସରୁନାହିଁ। ଅବ୍ୟବସ୍ଥା ମଧ୍ୟରେ ପିଲାମାନେ ପାଠ ପଢୁଛନ୍ତି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିଥିଲେ। ତଥାପି ସେମାନଙ୍କ ଦୁଃଖ କମିନି। ନକଲି ପ୍ରମାଣପତ୍ର ଦେଇ ଶିକ୍ଷକତା କରିବା ଅଭିଯୋଗରେ ଜିଲାପାଳ ୩ ବର୍ଷ ତଳେ ରାୟଗଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ବରଖାସ୍ତ କରିଥିଲେ। ହେଲେ ସେହି ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଶିକ୍ଷା ବିଭାଗକୁ ୩ ବର୍ଷ ଲାଗିଥିଲା। ଜିଲାକୁ ଶିକ୍ଷକମାନେ ଡେପୁଟେଶନରେ ଆସିଲେ ମଧ୍ୟ ଆଉ ମୂଳସ୍ଥାନକୁ ଫେରୁ ନ ଥିବା ନଜିର ରହିଛି। ଗୁଣପୁର ସହରରେ ଥିବା ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନକୁ ୫ ବର୍ଷ ତଳେ ୫ ଜଣ ଶିକ୍ଷକ ଜିଲାର ବିଭିନ୍ନ ସ୍କୁଲରୁ ଡେପୁଟେଶନରେ ଆସିଥିଲେ। ହେଲେ ସେମାନେ ଏଠାରୁ ଫେରିବାକୁ ନାରାଜ। ଶିକ୍ଷା ବିଭାଗର ବି ଏଦିଗରେ ଆନ୍ତରିକତା ନାହିଁ ବୋଲି ଅଭିଯୋଗ ହୋଇଛି। ଏପରି ସ୍ଥିତିରେ ୪ ବର୍ଷ ହେବ ଜିଲାରେ ଶିକ୍ଷକ ବଦଳି ହୋଇନାହିଁ। ବଦଳିରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସେହି ବ୍ୟବସ୍ଥାକୁ ଏକ ପ୍ରକାର ବନ୍ଦ କରି ଦିଆଯାଇଛି। ଗଣ ଶିକ୍ଷା ବିଭାଗରେ ୪ରୁ ୫ ବର୍ଷ ହେଲା ଶିକ୍ଷକ ବଦଳି ହୋଇ ନ ଥିବାବେଳେ ମଙ୍ଗଳ ବିଭାଗରେ ମଧ୍ୟ ସେହି ଏକା ସ୍ଥିତି। ଗତ ଜୁନରେ ବଦଳି ଆଦେଶ ବାହାରିଥିଲା। ଏଥିରେ ଅବସରପ୍ରାପ୍ତ ଶିକ୍ଷକଙ୍କ ସମେତ ଅନ୍ୟ ପଦବୀରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବଦଳି ତାଲିକା ବାହାରିଥିଲା। ଏହି ବଦଳିକୁ ନେଇ ବିବାଦ ସୃଷ୍ଟି ହେବା ପରେ ସେଥିରେ ପରିବର୍ତ୍ତନ କରାଯାଇଥିଲା। ଅନ୍ୟପକ୍ଷେ ହଷ୍ଟେଲଗୁଡ଼ିକର ପରିଚାଳନାଗତ ତ୍ରୁଟି ସ୍କୁଲ ଛାଡିବା ପାଇଁ ପିଲାମାନଙ୍କୁ ବାଧ୍ୟ କରିଛି। ନିମ୍ନମାନର ଖାଦ୍ୟ ଯୋଗାଣ ଅଭିଯୋଗରେ ପଦ୍ମପୁର ବ୍ଲକ ନାଇରା ଗ୍ରାମର ଛାତ୍ରୀମାନେ ଦୁଇ ଦିନ ତଳେ ହଷ୍ଟେଲ ଛାଡି ପଳାଇଥିଲେ। ରାମନାଗୁଡା ବ୍ଲକ ଟିକରପଡା ଆଶ୍ରମ ସ୍କୁଲରେ ଶ୍ରେଣୀଗୃହ ଅଭାବରୁ ବାରଣ୍ଡାରେ ବସି ପିଲାମାନେ ପାଠ ପଢୁଛନ୍ତି। ୩୯୬ ପିଲାଙ୍କ ପାଇଁ ୫ ଜଣ ଶିକ୍ଷକ ଅଛନ୍ତି। ନିଲାମଗୁଡାରେ ୨୬୪ ପିଲାଙ୍କ ପାଇଁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଏଥିଯୋଗୁ ପାଠ ପଢ଼ା ବନ୍ଦ ହୋଇଯାଇଛି। ଛାତ୍ରୀମାନେ ଯୌନ ନିର୍ଯାତନାର ଶିକାର ହେଉଥିବା ଅଧିକାଂଶ ସମୟରେ ଶୁଣିବାକୁ ମିଳୁଛି। ୧୦ ଜଣରୁ କମ୍ ପିଲା ଥିବା ଜିଲାର ୧୩୯ଟି ସ୍କୁଲ ବନ୍ଦ ହୋଇଛି। ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ ହେଉଥିବାବେଳେ କଲ୍ୟାଣ ବିଭାଗରେ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରାଯିବାକୁ ଦାବି ମୁଣ୍ଡ ଟେକିଛି। ଗଣଶିକ୍ଷା ବିଭାଗରେ ପିଲାଙ୍କ ସଂଖ୍ୟା କମୁଥିବାବେଳେ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲରେ ପିଲାଙ୍କ ସଂଖ୍ୟା ବଢୁଛି। ତଥାପି ଜିଲାରେ କଲ୍ୟାଣ ବିଭାଗ ସ୍କୁଲଗୁଡିକ ଦୟନୀୟ ସ୍ଥିତିରେ ରହିଛି।

– ପ୍ରଦୀପ ପାଢ଼ୀ

# ବିଜେଡି ପକ୍ଷରୁ ମୁଖପାତ୍ର, ପ୍ୟାନେଲିଷ୍ଟ ନାଁ ଘୋଷଣା

**ଭୁବନେଶ୍ୱର,୪।୯(ବ୍ୟୁରୋ)**

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ବୁଧବାର ଦଳୀୟ ମୁଖପାତ୍ର ଏବଂ ପ୍ୟାନେଲିଷ୍ଟ ତାଲିକାର ପୁନର୍ଗଠନ କରାଯାଇଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ଗଣମାଧ୍ୟମ ସଂଯୋଜକ ଭାବେ ନିଯୁକ୍ତ କରାଯାଇଛି। ଦଳ ପକ୍ଷରୁ ୫ଜଣଙ୍କୁ ଜାତୀୟସ୍ତରୀୟ ମୁଖପାତ୍ର, ୧୫ ଜଣଙ୍କୁ ମୁଖପାତ୍ର ଏବଂ ୧୦ ଜଣଙ୍କୁ ପ୍ୟାନେଲିଷ୍ଟ ଭାବେ ନିଯୁକ୍ତ କରାଯାଇଛି।

ଲୋକ ସଭାରେ ଦଳର ନେତା ତଥା ପୁରୀ ଏମ୍‌ପି ପିନାକୀ ମିଶ୍ର, କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି, ରାଜ୍ୟ ସଭା ସଦସ୍ୟ ଡକ୍ଟର ଅମର ପଟ୍ଟନାୟକ, ଡକ୍ଟର ସସ୍ମିତ ପାତ୍ର ଏବଂ ବିଜେଡି ନେତା ସତ୍ୟ ନାରାୟଣ ସାହୁଙ୍କୁ ଜାତୀୟ ଗଣମାଧ୍ୟମ ମୁଖପାତ୍ର ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ବିଧାୟକ ପ୍ରତାପକେଶରୀ ଦେବ, ଦେବୀପ୍ରସାଦ ମିଶ୍ର, ବ୍ୟୋମକେଶ ରାୟ, ଏମ୍‌ପି ପ୍ରଶାନ୍ତ ନନ୍ଦ, ରମେଶ ମାଝିଙ୍କୁ ମୁଖପାତ୍ର ଭାବେ ନିଯୁକ୍ତି ମିଳିଛି। ଏମାନଙ୍କ ବ୍ୟତୀତ ସୁବାସ ଚୌହାନ, ସୁବାସ ସିଂ, ଆକାଶ ଦାସ ନାୟକ, ଅନୁଭବ ପଟ୍ଟନାୟକ, ଡକ୍ଟର ଲେନିନ୍ ମହାନ୍ତି, ସୁଲତା ଦେଓ, ଲୋପାମୁଦ୍ରା ବକ୍ସିପାତ୍ର, ଶ୍ରୀମୟୀ ଶ୍ୱେତା ସ୍ନିଗ୍ଧା ମିଶ୍ର ଏବଂ ଭରଦ୍ୱାଜ ମିଶ୍ରଙ୍କୁ ମଧ ମୁଖପାତ୍ର ଭାବେ ନିଯୁକ୍ତି ଦିଆଯାଇଛି।

ସେହିପରି ମିହିର ମହାନ୍ତି, ଡକ୍ଟର ସନ୍ତୋଷ ଲେଙ୍କା, ବିଶ୍ୱଜିତ ମହାନ୍ତି, ସଞ୍ଜୟ ବାବୁ, ଡକ୍ଟର ହରିଶ୍ ଚୌଧୁରୀ, ତପନ ଦାସ, ଦୁର୍ଗା ସାମନ୍ତରାୟ, ପ୍ରିୟବ୍ରତ ମାଝି, ଚକ୍ରଧର ଦାଶ ଏବଂ ଓମ୍ ପ୍ରକାଶ ସାହୁଙ୍କୁ ନୂତନ ପ୍ୟାନେଲିଷ୍ଟ ଭାବେ ନିଯୁକ୍ତି ମିଳିଛି।




**ଜଳ ସମ୍ପଦ ବିଭାଗ**

# ୧୩୨୩ ବିଭିନ୍ନ ବର୍ଗର ଯନ୍ତ୍ରୀ ପଦବୀ ଖାଲି

- ଧାର୍ଯ୍ୟ ଲକ୍ଷ୍ୟ ଠିକ୍ ସମୟରେ ହାସଲ ନେଇ ଆଶଙ୍କା
- କନିଷ୍ଠ ଯନ୍ତ୍ରୀ(ସିଭିଲ) ୪୧୦, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ସିଭିଲ) ୩୦୨ ପଦ ଖାଲି

**ଭୁବନେଶ୍ୱର,୪।୯(ବ୍ୟୁରୋ)**

ଓଡ଼ିଶା କୃଷି ପ୍ରଧାନ ରାଜ୍ୟ। କୃଷି କାର୍ଯ୍ୟରେ ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ଏହି ବିଭାଗରେ ବିଭିନ୍ନ ବର୍ଗର ସଂଖ୍ୟାଧିକ ଯନ୍ତ୍ରୀ ପଦବୀ ଖାଲି ପଡିଛି। ନିକଟରେ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟରୁ ଜଣାପଡିଛି ଯେ, ମଞ୍ଜୁରୀପ୍ରାପ୍ତ ୫୨୧୨ ଯନ୍ତ୍ରୀ ପଦବୀ ମଧ୍ୟରୁ ୧୩୨୩ଟି ଖାଲି ରହିଛି।

ରାଜ୍ୟରେ ୪ଟି ମୁଖ୍ୟ ଯନ୍ତ୍ରୀ(ସିଭିଲ) ପଦବୀ ଖାଲି ରହିଛି। ସେହିପରି ବରିଷ୍ଠ କାର୍ଯ୍ୟନିର୍ବାହୀ(ଏସ୍.ଇ-ସିଭିଲ) ଲେଭଲ-୧ରେ ୧୪, ଏସ୍ଇ(ବୈଷୟିକ)ଲେଭଲ-୨ରେ ଗୋଟିଏ ପଦବୀ ଖାଲି ରହିଛି। ଅନୁରୂପ ଭାବେ ଲେଭଲ-୨ରେ ସିଭିଲ୍ ୭, ବୈଷୟିକରେ ୩ଟି ପଦବୀ ଖାଲି ରହିଛି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ସିଭିଲ)ରେ ୨୨ଟି, ଉପକାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ସିଭିଲ)ରେ ୮୭ଟି ପଦବୀ ଖାଲି ରହିଛି। ସହାୟକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ସିଭିଲ)ରେ ସର୍ବାଧିକ ୩୦୨ ପଦବୀ ଏବଂ ବୈଷୟିକ ବିଭାଗରେ ୩୭ଟି ପଦବୀ ଖାଲି ରହିଛି। ସହାୟକ ଯନ୍ତ୍ରୀ(ସିଭିଲ)ରେ ୧୯୮ ଏବଂ ବୈଷୟିକ ବିଭାଗରେ ୧୨୪ଟି ପଦବୀ ଖାଲି ରହିଛି। ସେହିପରି କନିଷ୍ଠ ଯନ୍ତ୍ରୀ (ସିଭିଲ)ରେ ୪୧୦, ବୈଷୟିକ ବିଭାଗ ୧୧୩ ଏବଂ ବିଦ୍ୟୁତ୍ ସମ୍ବନ୍ଧୀୟ ଗୋଟିଏ ମାତ୍ର କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ପଡିଛି। ତେଣୁ ଜଳସମ୍ପଦ ବିଭାଗର କ୍ଷେତ୍ରୀୟସ୍ତରୀୟ କାର୍ଯ୍ୟ ପରିଚାଳନା କରୁଥିବା ସଂଖ୍ୟାଧିକ ଯନ୍ତ୍ରୀ ପଦବୀ ଖାଲି ପଡିବା ଦ୍ୱାରା ଧାର୍ଯ୍ୟ ଲକ୍ଷ୍ୟ ହାସଲ ହେବ ବୋଲି ଆଶଙ୍କା କରାଯିବା ସ୍ୱାଭାବିକ।

ନିକଟରେ ସରକାର ବିଭାଗଗୁଡିକ ସହ ସଂପୃକ୍ତ ନିର୍ଦ୍ଦେଶାଳୟର ମିଶ୍ରଣ ନେଇ ନିଷ୍ପତ୍ତି ନେଇଛନ୍ତି। ତେଣୁ ଖାଲିଥିବା ପଦବୀ ପୂରଣ ହେଉଛି କି ସମ୍ମିଶ୍ରଣ ଆଢୁଆଳରେ ସବୁଦିନ ପାଇଁ ଉଚ୍ଛେଦ ହେଉଛି, ସେ ନେଇ ଆଲୋଚନା ଆରମ୍ଭ ହେଲାଣି। ଉଲ୍ଲେଖଯୋଗ୍ୟ, ନିକଟରେ ଜଳସମ୍ପଦ ବିଭାଗ ପକ୍ଷରୁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ହୋଇଥିଲା। ଏଥିରେ ୨୬ ଜିଲାର ପଥୁରିଆ ଅଞ୍ଚଳରେ କ୍ଲଷ୍ଟର ଗଭୀର କୂପ ଖନନ ଯୋଜନାରେ ଚଳିତ ବର୍ଷ ପ୍ରାୟ ୧୦,୧୦୫ଟି ଗଭୀର କୂପ ଖୋଳାଯିବାକୁ ବାକି ରହିଥିବା ଜଣାପଡିଥିଲା। ଏହା ବ୍ୟତୀତ ଏକାଧିକ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ ଜାରି ରହିଛି। ବିଭାଗ ତଥା ବିଶେଷକରି ଉଠାଜଳସେଚନ ନିଗମରେ ଆବଶ୍ୟକ ଥିବା ମାନବସମ୍ବଳ ସମ୍ପର୍କରେ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୂର୍ବ ଆର୍ଥିକ ବର୍ଷ(୨୦୧୮-୧୯)ରେ କେବଳ ଉଠାଜଳସେଚନ ପ୍ରକଳ୍ପ ସ୍ଥାପନ ପାଇଁ ୩୫୮୪ଟି ଆବେଦନ ପତ୍ର ଦାଖଲ କରାଯାଇଥିଲା। ସେଥିରୁ ୧୧୫୬ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଥିଲା। ହେଲେ ତନ୍ମଧ୍ୟରୁ ୨୭୧ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଉଛି। ଆହୁରି ୮୮୫ଟି ପ୍ରକଳ୍ପ ହେବାକୁ ବାକି ରହିଛି। ତେଣୁ ଗତ ଆର୍ଥିକ ବର୍ଷର ବଳକା ସହ ଚଳିତ ବର୍ଷର ଧାର୍ଯ୍ୟ ପ୍ରକଳ୍ପ ଲକ୍ଷ୍ୟ ହାସଲରେ ମାନବ ସମ୍ବଳ ଅଭାବ ଅନୁଭୂତ ହେବ ବୋଲି ସମୀକ୍ଷକ ମହଲରେ ମତ ପ୍ରକାଶ ପାଇଛି।

# ଇ-ଗ୍ଲୋବ୍: କୃତ୍ରିମ ହାତକୁ ଦେବ ବାସ୍ତବ ଅନୁଭବ

ନ୍ୟୁୟର୍କ: ଆମେରିକାର ପୁରଡ୍ୟୁ କଲେଜ ଅଫ ଇଞ୍ଜିନିୟରିଂର ଗବେଷକମାନେ ଏକ ଇଲେକ୍ଟ୍ରୋନିକ ଗ୍ଲୋବ୍(ଇ-ଗ୍ଲୋବ୍) ବିକାଶ କରିଛନ୍ତି, ଯାହା ପ୍ରୋସ୍ଥେଟିକ୍ ହ୍ୟାଣ୍ଡ୍ ବା ରୋବୋ ବାୟୋନିକ୍ ହ୍ୟାଣ୍ଡ୍‌କୁ ମଣିଷ ହାତ ସ୍ପର୍ଶର ବାସ୍ତବ ଅନୁଭବ ଦେଇପାରିବ। ଏହି ଗ୍ଲୋବ୍‌କୁ ବାୟୋନିକ ହ୍ୟାଣ୍ଡ୍‌ରେ ପିନ୍ଧିଲେ ତାହା ମଣିଷ



ହାତ ଭଳି କୋମଳତା ଓ ଉଷ୍ଣତା ଦେଉଛି। ଚାପ ଓ ତାପମାନକୁ ଅନୁଭବ କରିବା ସହ ଆର୍ଦ୍ରତା ବାରିପାରୁଛି। ଏହି ଗ୍ଲୋବ୍‌ରେ ସୂକ୍ଷ୍ମ ଓ ଚଳନଶୀଳ ସେନ୍‌ସର ଓ ସିଲିକନ ସର୍କିଟ ଚିପ୍ସ ଲଗାଯାଇଛି। ଏହାକୁ ସ୍ୱତନ୍ତ୍ର ଭାବେ ତିଆରି କରାଯାଇଥିବା ରିଷ୍ଟ ୱାଚରେ ସଂଯୋଗ କରାଯାଇଛି। ପୁର୍‌ଡ୍ୟୁ କଲେଜ୍ ଅଫ୍ ଇଞ୍ଜିନିୟରିଂର ସହକାରୀ ପ୍ରାଧ୍ୟାପକ ଚି ହ୍ୱାନ୍ ଲି ଏବଂ ତାଙ୍କ ସାଥୀ ଗବେଷକମାନେ କହିଛନ୍ତି ଯେ, ଏହି ଗ୍ଲୋବ୍ ପ୍ରୋସ୍ଥେଟିକ ହ୍ୟାଣ୍ଡ୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଅଧିକ ସହାୟକ ହୋଇପାରିବ। ଚଳପ୍ରଚଳ ହେବା ଭଳି ଅଙ୍ଗୁଳି ଓ କୃତ୍ରିମ ନଖ ଥିବା ଏହି ଗ୍ଲୋବ ବିଭିନ୍ନ ସ୍କିନ୍‌ଟୋନ୍ କଲର୍‌ରେ ବଜାରରେ ଉପଲବ୍ଧ ହେବ ବୋଲି କହିଛନ୍ତି ଗବେଷକମାନେ।


**SAHARAYN UNIVERSAL MULTIPURPOSE SOCIETY LIMITED**
(Formerly known as Saharayn E-Multipurpose Society Limited) I (Regd. No.-MSCS/CR/935/2014)
195, Zone –1, In front of D.B. Mall, M.P. Nagar, Bhopal, Madhya Pradesh- 462011

**NOTICE**

THE 6th ANNUAL GENERAL MEETING OF THE MEMBERS OF SAHARAYN UNIVERSAL MULTIPURPOSE SOCIETY LIMITED IS SCHEDULED TO BE HELD AT ITS REGISTERED OFFICE AT 11.00 A.M. ON THURSDAY THE 19TH DAY OF SEPTEMBER, 2019 AT 195, ZONE-1, IN FRONT OF D.B. MALL, M.P. NAGAR, BHOPAL, MADHYA PRADESH-462011.

**BUSINESS ON AGENDA**

1. To confirm the minutes of last General Body Meeting.
2. To consider and adopt the audited financial statement of accounts for the Financial Year 2018-19.
3. To consider and approve the Statutory Auditors' Report and Annual Report.
4. To announce the payment of dividend for the Financial Year 2018-19.
5. To consider the creation of specific reserve and other funds.
6. To consider the disposal of net profit.
7. To approve the annual budget for the Financial Year 2020-21.
8. To approve the annual action plan for the Financial Year 2020-21.
9. To consider and approve the appointment of Statutory Auditors for the Financial Year 2019-20.
10. To consider the list of employees who are relatives of members of the Board or of the Managing Director.
11. Any other item, if any, with the permission of Chairman.

By order of the Board
For Saharayn Universal Multipurpose Society Limited
Sd/-
Managing Director

Place: Bhopal
Date: 21st August, 2019

**Note:** Please note that if there is no quorum within half an hour of the time fixed for the scheduled meeting, the meeting shall be adjourned and the adjourned meeting shall be held at 11:30 A.M. on the same day i.e. 19th September, 2019 to transact the agenda items as aforesaid and that no quorum shall be necessary for transacting the business in the adjourned meeting so held.





**ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ**



**ଧାନ ସଂଗ୍ରହ ବର୍ଷ 2019-20**

- ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ କାର୍ଯ୍ୟକ୍ରମ **10 ସେପ୍ଟେମ୍ବର** ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।
- ଅଦ୍ୟାବଧି ପଞ୍ଜିକରଣ ଉଦ୍ଦେଶ୍ୟରେ ଆବେଦନ ପତ୍ର ଦାଖଲ କରି ନଥିବା ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ, ନିର୍ଦ୍ଧାରିତ ଫର୍ମରେ ସେମାନେ ସେମାନଙ୍କର ନିକଟସ୍ଥ ଅନୁମୋଦିତ ସମିତି (ପେକ୍ସ / ଲ୍ୟାମ୍ପ୍ସ / ମହିଳା ସ୍ୱୟଂସହାୟକ ଗୋଷ୍ଠୀ ବା ପାଣି ପଞ୍ଚାୟତ)ରେ ବର୍ଦ୍ଧିତ ସମୟ ସୀମା ମଧ୍ୟରେ ଆବେଦନ କରିବେ।
- ଚାଷୀ ପଞ୍ଜିକରଣ ପାଇଁ ଏହା ଶେଷ ସୁଯୋଗ। ଏହାକୁ ହାତଛଡ଼ା ନ କରିବା ପାଇଁ ବିନୀତ ଅନୁରୋଧ।

**ପଞ୍ଜିକୃତ ତଥ୍ୟର ଚିଠା ପ୍ରକାଶନ**

- ପଞ୍ଜିକୃତ ଚାଷୀମାନେ ଖରିଫ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା (ତା.31.08.2019 ସୁଦ୍ଧା ପଞ୍ଜିକୃତ ତଥ୍ୟ ଅନୁଯାୟୀ) ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯାଇଛି।
- ଏହି ତଥ୍ୟ ସମ୍ପୃକ୍ତ ପଞ୍ଜିକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସମିତି, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ ଦୋକାନରେ ପ୍ରକାଶନ କରାଯାଇଛି।
- ସବିଶେଷ ତଥ୍ୟ ସମ୍ପୃକ୍ତ ସମିତିରେ ଉପଲବ୍ଧ ଏବଂ ପଞ୍ଜିକୃତ ଚାଷୀ / ସର୍ବସାଧାରଣ ତା'ହା ନିରୀକ୍ଷଣ କରିପାରିବେ।
- ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍ ସମ୍ବନ୍ଧୀୟ ଅଭିଯୋଗ ସମ୍ପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା **ତା.12.09.2019** ସୁଦ୍ଧା ଦରଜ କରିପାରିବେ।
- ଆପତ୍ତି କରିବା ପାଇଁ ନିର୍ଦ୍ଧାରିତ ଫର୍ମ ପ୍ରକାଶନ ସ୍ଥଳରେ ଉପଲବ୍ଧ ଅଟେ।
- ସମିତି ସମ୍ପାଦକ / ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ / କଣ୍ଟ୍ରୋଲ ଡିଲର ଅଭିଯୋଗକାରୀଙ୍କ ଦସ୍ତଖତ ସମ୍ବଳିତ ଆପତ୍ତି ପତ୍ର ପ୍ରାପ୍ତି ସ୍ୱୀକାର ସହ ଗ୍ରହଣ କରିବେ।
- ଏକ ନିର୍ଭୁଲ ଓ ତଥ୍ୟନିଷ୍ଠ ଚାଷୀ ତାଲିକା ପ୍ରସ୍ତୁତ କରିବା ସରକାରଙ୍କ ଲକ୍ଷ୍ୟ।
- ଏ ବାବଦରେ ସହାୟତା କରିବା ପାଇଁ ଜନସାଧାରଣଙ୍କୁ ବିନମ୍ର ଅନୁରୋଧ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**
**ଓଡ଼ିଶା ସରକାର**


- ମଠ ଉଚ୍ଛେଦକୁ ବିରୋଧ

# ପ୍ରଧାନ ବିଚାରପତିଙ୍କୁ ମହନ୍ତଙ୍କ ଖୋଲା ଚିଠି

**ପୁରୀ ଅଫିସ, ୪।୯:** ଶ୍ରୀମନ୍ଦିର ସୁରକ୍ଷା ପାଇଁ ମେଘନାଦ ପାଚେରିଠାରୁ ୭୫ମିଟର ପରିଧି ମଧ୍ୟରେ ଜାଗା ଖାଲି କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ଏଥିପାଇଁ ବିଭିନ୍ନ ନିର୍ମାଣ ଉଚ୍ଛେଦ କରାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ବିପଦସଙ୍କୁଳ ଥିବା ଦର୍ଶାଯାଇ ଲଙ୍ଗୁଳି ମଠ ଓ ଏମାର ମଠ ଭଙ୍ଗାଯାଇଛି। ଆଗକୁ ଆହୁରି ମଠ ଭଙ୍ଗାଯିବା ଲାଗି ଯୋଜନା ଥିବାବେଳେ ମଠ ମହନ୍ତମାନେ ଏହାକୁ ବିରୋଧ କରିଛନ୍ତି। ଏ ନେଇ ସେମାନେ ବୁଧବାର ସୁପ୍ରିମ୍‌କୋର୍ଟର ପ୍ରଧାନ ବିଚାରପତିଙ୍କୁ ଖୋଲା ଚିଠି ଲେଖିଛନ୍ତି। ଏଥିରେ ହସ୍ତକ୍ଷେପ କରିବାକୁ ସେମାନେ ନିବେଦନ କରିଛନ୍ତି। ଚିଠିରେ ମହନ୍ତମାନେ ଦର୍ଶାଇଛନ୍ତି, ମେଘନାଦ ପାଚେରିଠାରୁ ୭୫ ମିଟର ପରିଧି ମଧ୍ୟରେ ନିର୍ମାଣ ଉଚ୍ଛେଦ ଲାଗି ସରକାରଙ୍କ ଦ୍ୱାରା ନିଷ୍ପତ୍ତି ହୋଇଛି। ଏହି ପରିସୀମା ମଧ୍ୟରେ ପ୍ରାୟ ୧୮ଟି ମଠ ରହିଛି। ଶହ ଶହ ବର୍ଷର ଏହି ପୁରାତନ ଐତିହ୍ୟ ସମ୍ପନ୍ନ ମଠକୁ ବହୁ ସାଧୁସନ୍ଥ ଓ ଆଚାର୍ଯ୍ୟ ପରିଦର୍ଶନରେ ଆସିଛନ୍ତି। ଏଗୁଡ଼ିକର ସୁରକ୍ଷା ପରିବର୍ତ୍ତେ ରାଜ୍ୟ ସରକାର ଧ୍ୱଂସ କରୁଛନ୍ତି। ଗତ ସପ୍ତାହରେ ସୁପ୍ରିମକୋର୍ଟଙ୍କୁ ମିଥ୍ୟା ତଥ୍ୟ ଦିଆଯାଇଛି। ଉଚ୍ଛେଦ ନେଇ ମଠ ମହନ୍ତଙ୍କ ସହମତି ଥିବା କୁହାଯାଇଛି, ମାତ୍ର ଏଥିରେ ମହନ୍ତମାନେ ଆଦୌ ସହମତି ଦେଇନାହାନ୍ତି। ଏବେ ଜିଲା ପ୍ରଶାସନ ଉଚ୍ଛେଦ ପାଇଁ ଆମ ଉପରେ ଚାପ ପକାଉଛି। ସୁପ୍ରିମ୍‌କୋର୍ଟ ଆମିକସ୍‌କ୍ୟୁରି ଓ ଏସ୍‌ଜିଙ୍କୁ ପୁରୀ ଆସିବାକୁ କହିଛନ୍ତି। ସରକାର କିନ୍ତୁ ସେମାନଙ୍କୁ ଅପେକ୍ଷା ନ କରି ମଠକୁ ଧ୍ୱଂସ କରିଚାଲିଛନ୍ତି। ତେଣୁ ଏଥିରେ ହସ୍ତକ୍ଷେପ କରି ଐତିହ୍ୟର ସୁରକ୍ଷା ପାଇଁ ଉଚ୍ଛେଦ ଉପରେ ରହିତାଦେଶ ଦେବାକୁ ମହନ୍ତମାନେ ପ୍ରଧାନ ବିଚାରପତିଙ୍କୁ ନିବେଦନ କରିଛନ୍ତି।




ଧରିତ୍ରୀ
DHARITRI
ଗୁରୁବାର, ୫ ସେପ୍ଟେମ୍ବର, ୨୦୧୯

> ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ।
> –ଶ୍ରୀଅରବିନ୍ଦ



# ଚତୁର କୁଆ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପୁଣି ଥରେ ମୋ ପ୍ରିୟ ବିଷୟକୁ ଆସୁଛି: କୁଆ। ସେମାନେ ଏବେ କ୍ରମଶଃ ଅନ୍ତର୍ଦ୍ଧାନ ହେବାରେ ଲାଗିଛନ୍ତି, ତେଣୁ ସେମାନଙ୍କ ସୁରକ୍ଷା ଅତି ଜରୁରୀ। ସେମାନଙ୍କୁ ଚିନାବାଦାମ, ଚାଉଳ ଓ ଫଳ ଆଦି ଖାଇବାକୁ ଦିଅନ୍ତୁ। କିନ୍ତୁ ସେମାନଙ୍କୁ ତଳେ ଖାଇବାକୁ ଦିଅନ୍ତୁ ନାହିଁ। ସେମାନଙ୍କୁ କୌଣସି ଟ୍ରେରେ, ଖୋଲା ଫିଡରରେ ବା ଟେବୁଲ ଉପରେ ଖାଇବାକୁ ଦିଅନ୍ତୁ। ସେମାନେ ଖାଇଲାବେଳେ ତାଙ୍କ ଆଗରେ ଠିଆହୋଇ ଚାହାନ୍ତୁ ନାହିଁ, ତା'ହେଲେ ସେମାନେ ଭୟରେ ଖାଇବେ ନାହିଁ। ଆପଣ ଖାଇବାକୁ ଦେଇ ସେଠାରୁ ଚାଲିଯାଆନ୍ତୁ। ସେମାନେ ଥରେ ଆପଣଙ୍କୁ ବିଶ୍ୱାସ କରିବା ଆରମ୍ଭ କଲା ପରେ ଖଣ୍ଡେ ଦୂରରେ ଥାଇ ତାଙ୍କୁ ଦେଖିପାରିବେ ଓ ତା'ପରେ ଆଉ ଟିକେ ପାଖକୁ ଆସିପାରିବେ।

ଆପଣ କୁଆମାନଙ୍କୁ ନିୟମିତ ଖାଇବାକୁ ଦେଲେ ସେମାନେ ବେଳେବେଳେ କିଛି ଉପହାର ଛାଡ଼ି ଦେଇଯାଆନ୍ତି। ତେଣୁ ଯଦି ଆପଣ କୌଣସି ଚିକ୍‌ଚିକିଆ ପଦାର୍ଥ ବା ଅଦ୍ଭୁତ ବାଡ଼ି ଉପହାର ସ୍ୱରୂପ ପାଇବାକୁ ଚାହାନ୍ତି, ତା'ହେଲେ କୁଆମାନଙ୍କୁ ଖାଇବାକୁ ଦେଇଚାଲନ୍ତୁ। କୁଆଙ୍କୁ ଖାଇବାକୁ ଦେଉଥିବା ଗାବି ମାନ୍ ନାମକ ଜଣେ ଲୋକ କୁଆମାନେ ତାଙ୍କୁ ଦେଇଥିବା ଉପହାରଗୁଡ଼ିକୁ ୟୁଟ୍ୟୁବ୍ ଦ ବିଟରସ୍ୱିଟ୍ ଲାଇଫ୍‌ରେ ଦେଖାଇଛନ୍ତି: କାନଫୁଲ, ପେପର୍ କ୍ଲିପ୍, ନଟ୍ ଓ ବୋଲ୍‌ଟ ଏବଂ ଏକ ଛୋଟ ଲାଇଟ୍ ବଲ୍‌ବ।

କୁଆମାନେ ମଜାଦାର ଖେଳ ଖେଳନ୍ତି। ତାହା କେବଳ ବାଡ଼ିର ଖେଳ ବା ଲୁଚକାଳି ଖେଳ ନୁହେଁ। ଉଦାହରଣସ୍ୱରୂପ ସେମାନେ ଗୋଟିଏ ତାର ଉପରେ ବସିବେ ଏବଂ ଗୋଟିଏ କୁଆ ହଠାତ୍ ଓଲଟିପଡ଼ିବ ଭୂମିରେ ପଡ଼ିବା ପର୍ଯ୍ୟନ୍ତ। ତା'ପରେ ସେ ଉଠି ପୁଣି ତାର ଉପରେ ବସିବ ଓ ପୁଣି ଓଲଟିପଡ଼ିବ। ପାହାଡ଼ ଚୂଡ଼ାରେ ବସିଥିବା ତରୁଣ କୁଆମାନେ ପରସ୍ପରକୁ ଠେଲିବେ, ପରସ୍ପର ଉପରକୁ ବରଫ ଫିଙ୍ଗିବେ, ଗୋଟିଏ କୁଆ ଲୁଚି ଲୁଚି ଅନ୍ୟ ଏକ କୁଆ ପଛପଟେ ବସି ତାକୁ ଠେଲିଦେବ– ଏହିପରି ନାନା ପ୍ରକାର ଖେଳ ସେମାନେ ଖେଳନ୍ତି। ଗଛଡାଳରେ ଝୁଲି ଝୁଲି ସେମାନେ ନାନା ପ୍ରକାର ବାୟବୀୟ କ୍ରୀଡ଼ା ପ୍ରଦର୍ଶନ କରନ୍ତି। ବୈଜ୍ଞାନିକମାନେ କୁଆମାନଙ୍କର ୭ ପ୍ରକାର ଖେଳର ତାଲିକା କରିଛନ୍ତି: ୧. ବିଭିନ୍ନ ଜିନିଷ ସାହାଯ୍ୟରେ ଖେଳ, ୨. ବିଭିନ୍ନ ଦ୍ରବ୍ୟକୁ ଲୁଚେଇବାର ଖେଳ, ୩. ଆକାଶରେ ବିଭିନ୍ନ କୌଶଳରେ ଉଡ଼ିବାର ଖେଳ, ୪. ପାଣିରେ ଗାଧୋଇବାର ଖେଳ, ୫. ବରଫରେ ଖସିବାର ଖେଳ, ୬. ଡାଳରେ ଝୁଲିବାର ଖେଳ ଏବଂ ବିଭିନ୍ନ ଢଙ୍ଗରେ ରାବିବାର ଖେଳ।

କାକ–ନିରୀକ୍ଷକମାନେ ତାଙ୍କ ଅନୁଭୂତିରୁ ଯାହା ଲେଖିଛନ୍ତି, ସେ ବିଷୟରେ ଏଠାରେ କିଛି ଉଲ୍ଲେଖ କରୁଛି। ଜଣେ ଲେଖିଛନ୍ତି ଯେ ଗୋଟିଏ ପତ୍ର ସହ କୁଆଟିଏ କେମିତି ୧୦ ମିନିଟ୍ ଧରି ଖେଳୁଥିଲା। କୁଆଟି ଏକ ଇଲେକ୍ଟ୍ରିକ୍ ତାର ଉପରେ ବସି ପତ୍ରଟିକୁ ତଳକୁ ପକାଇଦେଲା। ତା'ପରେ ସେ ଉଡ଼ିଆସି ତାକୁ ପୁଣି ଧରିଲା ଓ ତାର ଉପରକୁ ଯାଇ ତା'ର ପୁନରାବୃତ୍ତି କଲା। ଆଉ ଜଣେ ଲେଖିଛନ୍ତି ଯେ ସେ ତାଙ୍କ ଘର ପଛପଟେ ଏକ ରେଷ୍ଟୁରାଣ୍ଟର ପାର୍କିଂ ସ୍ଥଳରେ ତରୁଣ କୁଆମାନଙ୍କ ଖେଳ ଦେଖୁଥିଲେ। ଥରେ ଏକ ଛିଣ୍ଡା କାଗଜର ବଲ୍ ପାର୍କିଂ ସ୍ଥାନରେ ଗଡ଼ିବାର ଦେଖି କୁଆମାନେ ତାକୁ ନେଇ ଖେଳିବାକୁ ଆରମ୍ଭ କରିଦେଲେ। ମନେହେଲା ସତେ ଯେମିତି ସେମାନେ ଫୁଟ୍‌ବଲ ଖେଳୁଛନ୍ତି। ଆଉ ଜଣେ ଲେଖିଛନ୍ତି ଯେ, କୁଆମାନେ ଏକ ଷ୍ଟୋର ଭିତରେ ପଶି କିଛି ଚିପ୍ ଥିବା ବ୍ୟାଗ୍ ଚୋରି କରି ନେଇଗଲେ। ବାହାରେ ତାକୁ ଖୋଲି ସେଥିରେ ଥିବା ଚିପ୍‌ଗୁଡ଼ିକ ଖାଇବାକୁ ଲାଗିଲେ, ଠିକ୍ ଯେମିତି ପେସାଦାର ଚୋର ପରି।

ସାରା ପୃଥିବୀରେ ୪୦ ପ୍ରଜାତିର କୁଆ ଅଛନ୍ତି। ଅଧିକାଂଶ ଦଳବଦ୍ଧ ହୋଇ ରହନ୍ତି। ଅନ୍ୟମାନେ ଏକୁଟିଆ ରହିଲେ ମଧ୍ୟ ଖାଦ୍ୟ ଅନୁସନ୍ଧାନରେ ଗଲାବେଳେ ଦଳବଦ୍ଧ ହୋଇ ଯାଆନ୍ତି। ଗୋଟିଏ କୁଆ ମରିଗଲେ ଦଳର ଅନ୍ୟମାନେ ତା' ମଲାଦେହ ଚାରିପଟେ ବେଢ଼ିଯାଆନ୍ତି। ସେମାନେ କେବଳ ମୃତକ ପାଇଁ ଶୋକ ପ୍ରକାଶ କରନ୍ତିନି ବରଂ ଦେଖନ୍ତି ତାଙ୍କ ସାଥୀକୁ କିଏ ମାରିଛି। ମାରିଥିବା ମଣିଷ ବା ଜନ୍ତୁକୁ ସେମାନେ ପିଛା କରି ଆକ୍ରମଣ କରନ୍ତି। କୁଆମାନେ ନିଜ ଜନ୍ମସ୍ଥାନର ପାଖାପାଖି ସ୍ଥାନରେ ରହନ୍ତି ଏବଂ ଶାବକମାନଙ୍କ ଲାଳନପାଳନରେ ସାହାଯ୍ୟ କରନ୍ତି।

ଡାମରା କୁଆମାନେ କେଉଁଠି ଖାଦ୍ୟ ଦେଖିଲେ ଉଚ୍ଚ ସ୍ୱରରେ କା କା କରି ଅନ୍ୟମାନଙ୍କୁ ସଚେତନ କରାଇ ଦିଅନ୍ତି। ଗବେଷକମାନଙ୍କ ମତରେ ସେହି ରାବରୁ ସେମାନଙ୍କ ବୟସ ଓ ଲିଙ୍ଗ ସମ୍ପର୍କରେ ଅନ୍ୟମାନେ ଜାଣିପାରନ୍ତି ଏବଂ ସେମାନଙ୍କ ଡାକରାକୁ ସମ୍ମାନ ଦେଇ ଖାଦ୍ୟ ଖାଇବାକୁ ଯିବେ କି ନାହିଁ ନିଷ୍ପତ୍ତି ନିଅନ୍ତି। ଏହି ନିଷ୍ପତ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାରଣ ଖାଦ୍ୟ ଖାଇବା ବେଳେ ଅଧିକ କୁଆଙ୍କ ଉପସ୍ଥିତି ଏବଂ ଆକ୍ରମଣାତ୍ମକ ଆଭିମୁଖ୍ୟ ବେଳେ ବେଳେ ବିପଦର କାରଣ ହୋଇଥାଏ।

କୁଆମାନେ ସବୁ ମଣିଷଙ୍କୁ ବିଶ୍ୱାସ କରନ୍ତି ନାହିଁ ଏବଂ ଥରେ କାହାକୁ ବିଶ୍ୱାସ କରିଗଲେ ସେମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଘଟେ। ଉଦାହରଣସ୍ୱରୂପ ସ୍ତ୍ରୀଠାରୁ ଖାଦ୍ୟ ଖାଇଲା ପରେ ସ୍ୱାମୀଙ୍କ କାର୍ ଯିବା ପର୍ଯ୍ୟନ୍ତ ସେମାନେ ଅପେକ୍ଷା କରନ୍ତି। ଆୟର୍ଲାଣ୍ଡର ଜଣେ କାକ–ନିରୀକ୍ଷକ କହିଛନ୍ତି ଯେ ତାଙ୍କ ସ୍ତ୍ରୀ କୁଆଙ୍କ ପାଇଁ ଖାଇବାକୁ ଆଣନ୍ତି ଏବଂ ସେ ସେଥିରୁ ଖଣ୍ଡେ ଖଣ୍ଡେ କୁଆଙ୍କ ପାଖକୁ ଫୋପାଡ଼ନ୍ତି। କିଛିଦିନ ପରେ ସେ ଯେତେବେଳେ ଆଗ ଆସିଲେ ସେତେବେଳେ କୁଆମାନେ ରାବି ଜାଣିବାକୁ ଚାହିଁଲେ ଯେ ତାଙ୍କ ସ୍ତ୍ରୀ ଆସୁଛି ନା ନାହିଁ।

ମଣିଷଙ୍କ ପରି କୁଆମାନେ ମଧ୍ୟ ଭବିଷ୍ୟତ ପାଇଁ ଯୋଜନା କରନ୍ତି। ଭବିଷ୍ୟତର ବ୍ୟବହାର ପାଇଁ ସେମାନେ କିଛି ଜିନିଷ ସାଇତି ରଖନ୍ତି ଏବଂ ସେହିସବୁ ଖାଦ୍ୟ ଲୁଚାଇ ରଖନ୍ତି, ଯାହା ଭବିଷ୍ୟତରେ ମିଳିବା କଷ୍ଟକର। ଏକ ଗବେଷଣା ରିପୋର୍ଟ ଅନୁସାରେ ଗବେଷକମାନେ କୁଆମାନଙ୍କୁ ଏକ ଟୋକନ ବାଛିବାକୁ ଦେଲେ ଯାହା ବିନିମୟରେ ସେମାନେ ଖାଦ୍ୟ ପାଇପାରିବେ। କୁଆମାନେ ସେହି ଟୋକନକୁ ବାଛିଲେ ଏବଂ ଭବିଷ୍ୟତରେ ତା' ବିନିମୟରେ ଖାଦ୍ୟ ପାଇବା ପାଇଁ ତାକୁ ସାଇତି ରଖିଲେ ଏବଂ ପରେ ପୁଣି ତାକୁ ବ୍ୟବହାର ବି କଲେ।

କୁଆମାନେ କେବଳ ନିଜର ଭବିଷ୍ୟତ ପାଇଁ ଯୋଜନା କରନ୍ତି ନାହିଁ, ସେମାନେ ଅନ୍ୟମାନଙ୍କ କଥା ମଧ୍ୟ ଭାବନ୍ତି। କୁଆଟିଏ କିଛି ଖାଦ୍ୟ ସଂଗ୍ରହ କଲାବେଳେ ଦେଖେ, ତାଙ୍କୁ କିଏ ଦେଖୁଚି ନା ନାହିଁ। ଯଦି ଆଉ କିଏ ଦେଖୁଥାଏ, ତେବେ ସେ ଉକ୍ତ ଖାଦ୍ୟକୁ ଡେଣା ଭିତରେ ଲୁଚାଇ ଏକ ନୂଆ ଗୋପନ ସ୍ଥାନକୁ ଉଡ଼ିଯାଏ, ଯେଉଁଠି ସେ ତାକୁ ସାଇତି ରଖେ। କିନ୍ତୁ ତାକୁ ଦେଖୁଥିବା କୁଆ ତା'ର ପିଛା କରି ତା'ର ନୂତନ ଗୋପନ ସ୍ଥାନଟି ବିଷୟରେ ଜାଣିନିଏ। ଡାମରା କୁଆମାନେ ନୂଆ ସ୍ଥାନରେ ଖାଦ୍ୟ ଲୁଚାଇବାର ଛଳନା କରି ତାଙ୍କୁ କିଏ ପିଛା କରୁଛି ଜାଣିବାକୁ ଚେଷ୍ଟା କରନ୍ତି। ତେଣୁ ସେ ସ୍ଥାନରୁ ତାଙ୍କ ଖାଦ୍ୟ ଚୋରି ହୋଇଯିବାର ସନ୍ଦେହ କରି ସେମାନେ ଅନ୍ୟ ସ୍ଥାନରେ ତାହା ଲୁଚାନ୍ତି।

ଚାଥମ୍, ଓଣ୍ଟାରିଓରୁ କୁଆମାନଙ୍କ ସ୍ମୃତିଶକ୍ତି ବିଷୟରେ ଜଣାପଡ଼ିଛି। ପ୍ରାୟ ଅଧ ନିୟୁତ କୁଆ ପରିବ୍ରାଜନ ବେଳେ ଚାଥମ୍‌ଠାରେ ଅଟକୁଥିଲେ। କିନ୍ତୁ ସେଠାରେ ସେମାନେ ମଳତ୍ୟାଗ କରି ପରିବେଶକୁ ଅସନା କରୁଥିବାରୁ ସହରର ମେୟର କୁଆମାନଙ୍କ ବିରୋଧରେ ଯୁଦ୍ଧଘୋଷଣା କଲେ। ଲୋକମାନେ ଗୁଳିକରି କୁଆମାନଙ୍କୁ ମାରିବାକୁ ଲାଗିଲେ। ସେହିଦିନଠାରୁ କୁଆମାନେ ଗୁଳିମାଡ଼ରୁ ବର୍ତ୍ତିବା ପାଇଁ ଆଉ ଚାଥମ୍‌ଠାରେ ରହିଲେ ନାହିଁ ଏବଂ ବହୁ ଉଚ୍ଚରେ ଉଡ଼ି ଉଡ଼ି ଚାଥମ୍ ଅତିକ୍ରମ କଲେ। ଏହାଦ୍ୱାରା ସେମାନଙ୍କ ମଳତ୍ୟାଗ କରି ସାରା ସହରକୁ ଅସନା କରିବା ବନ୍ଦ ହେଲା ନାହିଁ କିନ୍ତୁ ଆଉ କେହି ସେମାନଙ୍କୁ ମାରିପାରିଲେ ନାହିଁ।

ଯଦି ଆପଣ ଭାବୁଥାନ୍ତି ଯେ ଦୁଇଟା କୁଆ ଆପଣଙ୍କୁ ଦେଖୁଛନ୍ତି ଓ କା କା କରି ଆପଣଙ୍କ ବିଷୟରେ ପରସ୍ପର ସହ କଥା ହେଉଛନ୍ତି, ତେବେ ଆପଣଙ୍କ ଧାରଣା ଭୁଲ୍ ହୋଇ ନ ପାରେ। କୁଆମାନଙ୍କ ରାବିବାର ତାନ, ତାଳ ଓ ବ୍ୟବଧାନ ସେମାନଙ୍କ ଭାଷାର ଭିତ୍ତି। ଡାମରା କୁଆମାନଙ୍କର ୩୩ ପ୍ରକାର ଭାଷା ଅଛି। କୁଆମାନେ ଆମର କାର୍ଯ୍ୟକୁ ଦେଖନ୍ତି ଓ ସେଥିରୁ ଶିଖନ୍ତି। କୁଆମାନେ ଖାଦ୍ୟ ମଞ୍ଜିକୁ ରାସ୍ତା ଉପରେ ପକାଇଦିଅନ୍ତି। ତା' ଉପରେ କାର୍ ଚଢ଼ିଗଲା ପରେ ତାହା ଭାଙ୍ଗିଯାଏ ଓ ପରେ କୁଆମାନେ ତାକୁ ନେଇ ଖାଆନ୍ତି। କୁଆମାନେ ହୋଟେଲର ଅଳିଆ କେତେବେଳେ ବାହାରେ ପଡୁଛି ତାହା ମନେରଖି ସେହି ସମୟରେ ସେଥିରୁ ନିଜର ଖାଦ୍ୟ ସଂଗ୍ରହ କରନ୍ତି। ଏବେ କୁଆମାନଙ୍କ ବଂଶ ବିପଦରେ, ତେଣୁ ଆପଣମାନେ ସେମାନଙ୍କୁ ଖାଇବାକୁ ଦିଅନ୍ତୁ ଓ ସେମାନଙ୍କ ଜୀବନ ବଞ୍ଚାନ୍ତୁ।

Email: gandhim@nic.in

## ଏଇ ଭାରତରେ

ଛୋଟ ପିଲାଙ୍କ ମନ ଓ ହୃଦୟ ଅଲେଖା ସ୍ଲେଟ୍ ପରି ନିର୍ମଳ। ସେମାନଙ୍କ ମଧ୍ୟରେ କୌଣସି ଧର୍ମ, ଜାତି, ସମ୍ପ୍ରଦାୟ ଜ୍ଞାନ ନ ଥାଏ। ଛତିଶଗଡ଼ ରାୟପୁରରେ ଏଭଳି ଏକ ନିଆରା ଘଟଣା ଦେଖିବାକୁ ମିଳିଛି। ଏଠାରେ ବାସ କରୁଥିବା ରମ୍‌ଜାନ ଓ ମୁବାରକ ଘରୁ ଲୁଚି ସ୍ଥାନୀୟ ରେଲ୍‌ୱେ ଫାଟକଠାରେ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା କରିଛନ୍ତି। ରମଜାନ୍ ସ୍ୱପ୍ନରେ ଗଣେଶଙ୍କୁ ଦେଖିଥିବା କଥା ତାଙ୍କ ସାଙ୍ଗ ମୁବାରକଙ୍କୁ କହିଥିଲେ। ଏହାପରେ ଦୁଇ ସାଙ୍ଗ ଗଣେଶ ପୂଜା କରିବା ପାଇଁ ଘରୁ ଲୁଚି ପଳାଇଥିଲେ। ସ୍ଥାନୀୟ ଶାରଦା ବିହାର କଲୋନୀରେ ଗଣେଶ ପୂଜା ଲାଗି ସେମାନେ ଘର ଘର ବୁଲି ଚାନ୍ଦା ସଂଗ୍ରହ କରିଥିଲେ। ରେଲ୍‌ୱେ ଫାଟକ ନିକଟରେ ବାଉଁଶ ତାଟିରେ ଛୋଟ ପେଣ୍ଡାଲ ତିଆରି କରି ସେଠାରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ। ଲୋକେ ପେଣ୍ଡାଲ ଦେଖି ସେଠାରେ ପୂଜା କରିବାକୁ ଆସିଥିଲେ। ଦୁଇ ନାବାଳକଙ୍କୁ ସ୍ଥାନୀୟ ଲୋକେ ଖାଇବାକୁ ମଧ୍ୟ ଦେଇଥିଲେ। ତେବେ ଦୁଇଦିନ ଧରି ଘରୁ ରମଜାନ୍ ଏବଂ ମୁବାରକ ନିଖୋଜ ହେବା ପରେ ପରିବାର ସଦସ୍ୟ ଥାନାରେ ଖବର ଦେଇଥିଲେ। ପୋଲିସ ସହରସାରା ଦୁଇ ନାବାଳକଙ୍କୁ ଖୋଜିବା ପରେ ରେଲ୍‌ୱେ ଫାଟକ ପାଖରୁ ସେମାନଙ୍କୁ ଉଦ୍ଧାର କରିଥିଲା। ପଚରାଉଚରା ପରେ ଦୁଇ ନାବାଳକ ସତକଥା ପ୍ରକାଶ କରିଥିଲେ। ତେବେ ଦୁଇଜଣଙ୍କ ଉତ୍ତର ସମସ୍ତଙ୍କୁ ଯେତିକି ଖୁସି କରିଥିଲା ସେତିକି ବିସ୍ମିତ କରିଥିଲା।

## ଚିରନ୍ତନୀ

ଆଶ୍ୱିନର ଉଷା ଘାସେ ମୁକୁତା ତୁଷାର ପଡ଼େ ଝରି
ସବୁଜ ବେଦନା ପରେ ଲୋତକ ଉଠଇ କିବା ଭରି।
ଆଷାଢ଼ ମାଟିର ବ୍ୟଥା ହୁଅଇ ପ୍ରକାଶ
କମ୍ପନରେ ଜାଗଇ ଆକାଶ।
ରୁଦ୍ଧ ହୃଦୟ ଆବେଗ ନୟନ ଜଳରେ ଦିଏ ଢାଳି,
ପରାହତ କବି ଯଥା ଲୋତକରେ ଦିଅଇ ପଖାଳି
ଅପ୍ରକାଶ ଅନାଗତ ବେଦନାର ଛନ୍ଦ,
ଫାଟି ପଡ଼େ ହୃଦୟର ବନ୍ଧ।

(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | | 0 | | | | | 7 | | | |
| | | | 0 | | B | 7 | | 9 | 2 | | 1 | | | |
| | E | | | | 5 | | 1 | A | | | | | | |
| 3 | | | | 9 | 2 | | D | | | 5 | C | | | |
| 6 | 0 | B | | D | 1 | | 8 | | A | | 9 | | | |
| | 8 | | | | A | | B | | | 3 | | | | |
| | 1 | | 9 | | D | | | | | | 2 | | | 0 |
| | B | | | | 0 | 2 | 9 | 7 | | 8 | A | | | |
| D | | 4 | E | 6 | | | | | | | | | | 1 |
| A | | | C | | | 6 | | 4 | | | | | | 3 |
| | 2 | | 7 | | E | B | | 5 | 4 | | | 9 | | |
| | | 3 | | 5 | | | | E | 9 | A | | | | 4 |
| | 9 | | | 1 | 3 | | C | | 0 | | | 5 | | 7 |
| | | | D | 8 | | | | 6 | | | | | | |
| | 5 | | B | | | 3 | A | | | 6 | D | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 1 | 9 | B | 8 | D | 7 | 2 | A | C | 3 | E | 4 | 0 | 5 |
| 2 | 5 | 0 | C | 9 | A | E | B | 8 | 7 | 1 | 4 | D | 3 | 6 |
| 8 | 4 | B | 5 | 3 | E | 6 | 0 | 9 | D | A | 2 | 1 | C | 7 |
| 7 | 3 | E | 2 | 0 | 4 | C | 1 | D | 5 | 9 | 6 | A | B | 8 |
| C | D | A | 7 | 6 | 1 | 5 | 4 | 3 | 8 | 0 | B | E | 9 | 2 |
| E | 8 | 3 | D | C | 5 | 2 | 9 | 0 | 1 | 4 | 7 | 6 | A | B |
| 4 | 9 | 2 | 3 | B | 7 | A | 6 | 5 | 0 | 8 | D | C | 1 | E |
| 5 | A | D | E | 1 | 8 | B | 7 | 4 | 6 | C | 3 | 9 | 2 | 0 |
| B | 0 | 6 | 4 | 2 | 9 | 1 | 3 | C | A | E | 5 | 8 | 7 | D |
| 1 | C | 7 | 0 | A | 6 | 8 | D | E | B | 2 | 9 | 3 | 5 | 4 |
| A | E | 4 | 8 | 7 | 2 | 3 | 5 | B | 9 | D | 1 | 0 | 6 | C |
| 9 | 6 | 8 | 1 | E | 0 | 4 | A | 7 | 2 | 5 | C | B | D | 3 |
| 3 | 2 | 1 | A | 5 | C | D | 8 | 6 | E | B | 0 | 7 | 4 | 9 |
| 0 | B | 5 | 6 | D | 3 | 9 | C | 1 | 4 | 7 | 8 | 2 | E | A |
| D | 7 | C | 9 | 4 | B | 0 | E | 2 | 3 | 6 | A | 5 | 8 | 1 |

ଗତକାଲିର ଉତ୍ତର

# ଜୀବନର ନାଲିଆଖି



ଡ. ସୁବାସ ଚନ୍ଦ୍ର ପାତ୍ର

ମୃତ୍ୟୁର ନାଲିଆଖିର ବର୍ଣ୍ଣନା ସହିତ ଆମେ ଏତେ ପରିଚିତ ଯେ ଜୀବନର ଯେ ଗୋଟିଏ ଆଖି ଅଛି, ସେ ନାଲି ହେଉ ଅବା ସବୁଜ, ଆମେ ସେ କଥା ପ୍ରାୟତଃ ଭୁଲିଯାଉ। ସେ ସବୁଜ ହେଉ କିମ୍ବା ନାଲି, କମନୀୟ ଭାବରେ ମୃତ୍ୟୁର ଆଖିଠୁ ବେଶ୍ ଶକ୍ତିଶାଳୀ, ମୃତ୍ୟୁକୁ ଅପ୍ରାସଙ୍ଗିକ କରିବା ପାଇଁ ଯଥେଷ୍ଟ।

ଜୀବନର ଆଖିକୁ ଆମେ ବେଳେବେଳେ ଯୁଦ୍ଧକ୍ଷେତ୍ରରେ ଦେଖୁ ଏବଂ ଆମେ ଦେଖୁ ସେତେବେଳେ, ଯେତେବେଳେ ଜଣେ ଆହତ ତୃଷାର୍ତ୍ତ, ମୁମୂର୍ଷୁ ସୈନ୍ୟ ଶୋଷରେ ଛଟପଟ ହୋଇ ପିଇବାକୁ ଯାଉଥିବା ପାଣି ବୋତଲଟି ଅନ୍ୟ ଏକ ସମଦଶାପନ୍ନ ସାଥୀ ସୈନ୍ୟକୁ ବଢ଼େଇଦିଅନ୍ତି ଏହି କଥା କହି ଯେ– "ତୁମର ଆବଶ୍ୟକତା ମୋଠୁ ତଥାପି ଅଧିକ।" ଘଟଣାର ତାତ୍ପର୍ଯ୍ୟ ଏହା ହୋଇପାରେ ଯେ ପ୍ରଥମ ସୈନିକର ହୁଏତ ହୃଦ୍‌ବୋଧ ହୋଇଥିବ ମୃତ୍ୟୁ ତାଙ୍କର ଆସନ୍ନ ବରଂ ଅଳ୍ପ ଆହତ ସାଥୀ ସୈନିକଟି ବଞ୍ଚିରହୁ। ଦେଶ ପାଇଁ ଲଢୁ। ୧୭ ଅକ୍ଟୋବର ୧୫୮୬ରେ ଘଟିଥିବା ଏହି ଘଟଣା ପ୍ରଖ୍ୟାତ ଇଂରାଜୀ କବି ସାର୍ ଫିଲିପ୍ ସିଡ୍‌ନୀଙ୍କ ଜୀବନକୁ ନେଇ ଯାହା ସୂଚାଏ ସେ ଖାଲି ଜଣେ କବି ନ ଥିଲେ, ଜଣେ ମହାନୁଭବ ଦେଶପ୍ରେମୀ ସୈନିକ ଥିଲେ ଯିଏ ଦେଶରକ୍ଷା ଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନର ଡାକ ଓ ତା' ଆଖିର ଠାର ଠିକ୍ ବୁଝିପାରିଥିଲେ। ଏହି ବହୁଚର୍ଚ୍ଚିତ ଘଟଣା ପଛର ତ୍ୟାଗ ଓ ବଳିଦାନ ପରବର୍ତ୍ତୀ ସମୟରେ ବହୁ ଦେଶ ଓ ସଂସ୍କୃତିରେ ଏକ ଲୋକକଥାରେ ପରିଣତ ହୋଇଛି।

ବେଳେବେଳେ ଜୀବନ ମୃତ୍ୟୁ ଉପରେ ବହୁତ ଭାରି ପଡ଼େ। ନିଶ୍ଚିତ ମୃତ୍ୟୁ ସବୁ ଜୀବନରେ ରୂପାନ୍ତରିତ ହୁଏ, ବିଶେଷତଃ ସେମାନଙ୍କ ପାଇଁ ଯେଉଁମାନେ ଜାତୀୟତା ନିର୍ବିଶେଷରେ ମାନବଜାତିର ସମ୍ପତ୍ତି। ସେହିପରି ଏକ ସ୍ୱର୍ଗୀୟ ସମ୍ପତ୍ତି ହେଲେ ମହାତ୍ମା ଗାନ୍ଧୀ। ବହୁଥର ସେ ନିଶ୍ଚିତ ମୃତ୍ୟୁରୁ ରକ୍ଷା ପାଇଛନ୍ତି। ବହୁ ପ୍ରତିକୂଳ ପରିବେଶରେ ଘଟିଥିବା ଗୋଟିଏ ଘଟଣା ଅନେକଙ୍କୁ ଆଲୋଡ଼ିତ କରେ। ୧୮୯୭ ଜାନୁୟାରୀ ୧୩ ତାରିଖ। ଗାନ୍ଧିଜୀଙ୍କ ଦ୍ୱିତୀୟ ଦକ୍ଷିଣ ଆଫ୍ରିକା ଗସ୍ତ। ଡର୍‌ବାନ ବନ୍ଦରରେ ପହଞ୍ଚିବା ପୂର୍ବରୁ ଏକ ଖବର ଖେଳିଯାଇଥିଲା ଯେ ଗାନ୍ଧିଜୀ ଗୋରା ବିରୋଧୀ ଏବଂ ଭାରତ ଆଗମନ କାଳରେ ବିଭିନ୍ନ ସ୍ଥାନରେ ସେ ଗୋରାମାନଙ୍କୁ କୁତ୍ସିତ ଭାବରେ ଚିତ୍ରିତ କରିଛନ୍ତି। ଖାଲି ସେତିକି ନୁହେଁ, ଗୋରା ବାସିନ୍ଦାମାନଙ୍କ ସହ ଲଢ଼ିବା ପାଇଁ ସେ ଭାରତରୁ ବହୁ ଲୋକ ଦକ୍ଷିଣ ଆଫ୍ରିକା ପଠାଇଛନ୍ତି। ତେଣୁ ଡର୍‌ବାନ ତଥା ସାରା ଦକ୍ଷିଣ ଆଫ୍ରିକାରେ ପ୍ରବଳ ବିରୋଧ। ଜାହାଜରେ କିଛିଦିନର ସାମୟିକ ନିର୍ବାସନ ପରେ ପରିସ୍ଥିତି ଶାନ୍ତ ପଡ଼ିଯାଇଥିବ ଭାବି ସେ ସିନା ଓହ୍ଲାଇଗଲେ ଜାନୁୟାରୀ ୧୩ରେ, କିନ୍ତୁ ବାଟରେ ପ୍ରବଳ ବିରୋଧର ସମ୍ମୁଖୀନ ହେଲେ।

ରୁସ୍ତମ୍‌ଜୀଙ୍କ ଘରକୁ ଆସିବା ରାସ୍ତାରେ ଏକ ଛକରେ ହିଂସ୍ର ଜନତାଙ୍କ କବଳରେ ପଡ଼ିଗଲେ ଗାନ୍ଧୀ। ଇଟା, ପଥର, ବିଧା, ଗୋଇଠା ବର୍ଷିଗଲା ଗାନ୍ଧୀଙ୍କ ପିଠିରେ। ଅଧାମରା ଅବସ୍ଥାରେ ଗୋଟିଏ ଘରର ରେଲିଂ ଧରି ଝୁଲି ରହିଥିବା ବେଳେ ସେଇ ରାସ୍ତାରେ ଯାଉଥିବା ସହରର ପୋଲିସ ଅଧୀକ୍ଷକଙ୍କ ସ୍ତ୍ରୀ ଶ୍ରୀମତୀ ଆଲେକ୍‌ଜାଣ୍ଡରଙ୍କ ସାହାଯ୍ୟରେ ସେ ରୁସ୍ତମ୍‌ଜୀଙ୍କ ଘରେ ପହଞ୍ଚିଲେ। ହେଲେ ସେଠି ନିସ୍ତାର ନ ଥିଲା। ହଜାର ହଜାର ହିଂସ୍ର ଜନତା ରୁସ୍ତମ୍‌ଜୀଙ୍କ ଘରକୁ ଘେରିଯାଇଥିଲେ। ନାରା ଥିଲା, "ଗାନ୍ଧୀଙ୍କୁ ଆମକୁ ଦିଅ।" ଅବଶ୍ୟ ଜନତାଙ୍କୁ ଶୃଙ୍ଖଳିତ କରିବାକୁ ପହଞ୍ଚିଯାଇଥିଲେ ଆରକ୍ଷୀ ଅଧୀକ୍ଷକ ଆଲେକ୍‌ଜାଣ୍ଡର। ଲୋକଙ୍କ ସହ ମୁକାବିଲା ନ କରି ଗୀତ ଗାଇ, କୌତୁକକରି ଲୋକଙ୍କୁ ଅଟକାଇ ରଖିଥିଲେ। ସବୁବେଳେ କିନ୍ତୁ କହୁଥିଲେ ଗାନ୍ଧୀ ଏ ଘରେ ନାହାନ୍ତି। ୟା'ରି ଭିତରେ ଦୁଇଜଣ ଗୋଇନ୍ଦା ପୋଲିସ ସହାୟତାରେ ଛଦ୍ମବେଶରେ ସେ ଗାନ୍ଧୀଙ୍କୁ ଥାନାକୁ ସ୍ଥାନାନ୍ତରିତ କରିସାରିଥିଲେ। ଆଲେକ୍‌ଜାଣ୍ଡର ସବୁବେଳେ ଜନତାଙ୍କ ସହ ସ୍ୱର ମିଳାଇ କହୁଥିଲେ, "ଗାନ୍ଧୀଙ୍କୁ ଫାଶୀ ଦେବା, ସେହି ତେନ୍ତୁଳିଗଛରେ ଫାଶୀ ଦେବା।" ଗାନ୍ଧୀଙ୍କ ବହିର୍ଗମନ ସମ୍ବନ୍ଧରେ ନିଶ୍ଚିତ ହେଲାପରେ ଜନତାଙ୍କ ଭିତରୁ ଦୁଇଜଣ ପ୍ରତିନିଧିଙ୍କୁ ଭିତରକୁ ପଠାଇଲେ ତନଖି ପାଇଁ।

ଭାରତର ସ୍ୱାଧୀନତା ଲାଭ ନୁହେଁ, ସମଗ୍ର ମାନବଜାତିକୁ କ୍ଷମତାସୀନ ଶାସକଙ୍କ ସହ ଲଢ଼ିବାର ନୂଆ ମାର୍ଗ ଦେଖାଇବା ପାଇଁ ଗାନ୍ଧୀଙ୍କର ବଞ୍ଚିରହିବାର ଦାୟିତ୍ୱ ସତରେ ଜୀବନ ହାତରେ ନ୍ୟସ୍ତ ଥିଲା। ଯେଉଁ ଦାୟିତ୍ୱ ନିର୍ବାହ କାଳରେ ଜୀବନ ହାତରେ ମୃତ୍ୟୁର ପରାଜୟ ଘଟିଥିଲା। ତେବେ ଜୀବନର ଆଖି ଖାଲି ଗାନ୍ଧୀମାନଙ୍କ ଉପରେ ପଡ଼େନାହିଁ। ଅତି ସାଧାରଣ ଲୋକଟିଏ ମଧ୍ୟ ଜୀବନର ଆଶୀର୍ବାଦ ଲଭେ। ସେ ଆଶୀର୍ବାଦ ସହ ମୃତ୍ୟୁର କିଛି ସମ୍ପର୍କ ନାହିଁ। ବରଂ ଭିନ୍ନ ଭାବରେ ଜୀବନକୁ କିପରି ଆଦର୍ଶମୟ କରିହେବ, ତାତ୍ପର୍ଯ୍ୟପୂର୍ଣ୍ଣ କରିହେବ, ତାହାହିଁ ସେ ଆଶୀର୍ବାଦର ମୂଳମଞ୍ଜି। ସେ ଶୁଭ ଆଶୀର୍ବାଦ ପଡ଼ିପାରେ କୋରାପୁଟ ସେମିଳିଗୁଡ଼ା ମହାବିଦ୍ୟାଳୟର ଲାବରେଟୋରି ଆସିଷ୍ଟାଣ୍ଟଙ୍କ ଉପରେ, ଯିଏ ହଷ୍ଟେଲ ଅଭାବରୁ ବସ୍‌କୁ ଅପେକ୍ଷା କରିବାକୁ ଯାଇ ଦୀର୍ଘ ସମୟ ଧରି ବାଳିକାମାନଙ୍କର କଲେଜରେ ପଡ଼ିରହିବାର ଦୃଶ୍ୟ ଦେଖି ବ୍ୟଥିତ ହୁଅନ୍ତି। ଜୀବନର ଶୁଭଦୃଷ୍ଟିର ଯଥାର୍ଥତା ପ୍ରମାଣ କରିବାକୁ ଅବସର ପରେ ନିଜର ନର୍ସ ସ୍ତ୍ରୀ ଓ ପିଲାମାନଙ୍କ ସହମତିରେ ସ୍ୱକଷ୍ଟାର୍ଜିତ ଧନରେ ଗଢ଼ା ତିନିମହଲା ଘରଟିକୁ ବାଳିକା ହଷ୍ଟେଲ ପାଇଁ କଲେଜକୁ ଦାନ କରିଦିଅନ୍ତି। କଥା ସେଇଠି ସରେ ନାହିଁ। ଛାତ୍ରୀନିବାସଟିକୁ ପୂର୍ଣ୍ଣାଙ୍ଗ କରିବାକୁ ବକେୟା ଅବସରକାଳୀନ ପ୍ରାପ୍ୟରୁ ଅନ୍ତେବାସୀମାନଙ୍କ ପାଇଁ ଖଟ, ଅନ୍ୟାନ୍ୟ ଆସବାବପତ୍ର ଓ ରୋଷେଇ ସରଞ୍ଜାମ କିଣି ଦିଅନ୍ତି। ଜୀବନ ସେତେବେଳେ ଧନ୍ୟ ମନେକରେ ଯେତେବେଳେ ସେ ଲକ୍ଷ୍ୟକରେ ଅବସରପ୍ରାପ୍ତ ସେହି ସାଧାରଣ ଦମ୍ପତିଙ୍କୁ କଲେଜର ଛାତ୍ରୀମାନେ ଏକ ବିରାଟ ଶୋଭାଯାତ୍ରାରେ ନେଇ ସେମାନଙ୍କ ଭଡ଼ାଘରେ ଛାଡ଼ିଦେଇ ଆସୁଛନ୍ତି। ତେଣୁ ଜୀବନକାଳ ଭିତରେ ମୃତ୍ୟୁର ନାଲିଆଖି ଯେତିକି ସତ, ଜୀବନର ସବୁଜ, ସ୍ନିଗ୍ଧ ଆଶୀର୍ବାଦଭରା ଆଖି ସେତିକି ସତ।

ଭାରତୀୟ ଦର୍ଶନ, ସାମାଜିକ ଚିନ୍ତନରେ ଅବଶ୍ୟ ଜୀବନ ଓ ମୃତ୍ୟୁ ମଧ୍ୟରେ ଏତେ ସଂଘର୍ଷ ନାହିଁ। ପାଶ୍ଚାତ୍ୟ ଦର୍ଶନରେ ମୃତ୍ୟୁ ଏକ ପୂର୍ଣ୍ଣଚ୍ଛେଦ, ଏକ ପରିସମାପ୍ତି। ଅଥଚ ଭାରତୀୟ ଦର୍ଶନ କହେ, ମୃତ୍ୟୁ ଏକ ପର୍ଯ୍ୟାୟ, ଆତ୍ମାର କ୍ରମବିକାଶ ଓ କ୍ରମବିବର୍ତ୍ତନର ଏକ ମାଧ୍ୟମ। ସେ ଦୃଷ୍ଟିରୁ ଦେଖିଲେ ମୃତ୍ୟୁ ପ୍ରତି ମଣିଷ ମଧ୍ୟ କୃତଜ୍ଞ। ମୃତ୍ୟୁର ତଥାକଥିତ ନାଲିଆଖି ଏକ କଳ୍ପନା ମାତ୍ର। ଜୀବନ ପ୍ରତି ଅତ୍ୟଧିକ ମୋହ, ଆସକ୍ତି ମୃତ୍ୟୁକୁ ଆମ ଆଗରେ ସେମିତି ଉପସ୍ଥାପିତ କରେ। ବାସ୍ତବରେ ଜୀବନ ହେଉଛି ମୃତ୍ୟୁର ହିଁ ଅବଦାନ। ଆମ ପୂର୍ବଜନ୍ମକୁ ଅନ୍ତ କରିଥିଲା ଏକ ମୃତ୍ୟୁ। ଫଳରେ ଆମେ ଯାପନ କରୁଛୁ ଚଳିତ ଜୀବନ। ଗଭୀର ଭାବରେ ଚିନ୍ତାକଲେ ଜଣାଯିବ, ମୃତ୍ୟୁର ନାଲିଆଖି ଏକ ଅତିରଞ୍ଜନ। ମୃତ୍ୟୁକୁ ତା' ସ୍ଥାନରେ ଛାଡ଼ି ଆମେ କେମିତି ଜୀବନମୁଖୀ ହେବା, ଜୀବନଲାଭର ଆଶୀର୍ବାଦକୁ ମାନବ କଲ୍ୟାଣରେ ନିୟୋଜିତ କରିବା, ତାହା ହିଁ ଆମର ଲକ୍ଷ୍ୟ ହେବା ଉଚିତ।

ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର, ମୋ: ୯୪୩୭୩୭୬୨୧୯

# ଗୁରୁ ହିଁ ଈଶ୍ୱର



ସଂଗ୍ରାମ କେଶରୀ ପୃଷ୍ଟି

ବ୍ୟକ୍ତି ନିର୍ମାଣ ଓ ଚରିତ୍ର ଗଠନ ଦିଗରେ ଶିକ୍ଷାର ବିଶେଷ ଭୂମିକା ରହିଛି। ଶିକ୍ଷା ପରି ଏକ ପବିତ୍ର ଦାନ ସମ୍ଭବତଃ ଦୁନିଆରେ ଆଉ କିଛି ନାହିଁ। ଏହିପରି ଏକ ପବିତ୍ର ବୃତ୍ତିକୁ ଆପଣେଇ ଶିଷ୍ୟ ମନରୁ ଅଜ୍ଞାନ ଅନ୍ଧକାରକୁ ଦୂରେଇ ଦେଇ ପାରୁଥିବା ମହାନ୍ ବ୍ୟକ୍ତିବିଶେଷଙ୍କୁ ସମାଜ 'ଗୁରୁ' ଭାବରେ ଗ୍ରହଣ କରିଥାଏ। ପିତାମାତାଙ୍କ ପରେ ସେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇଥାନ୍ତି।

ବିନା ଗୁରୁରେ ଜ୍ଞାନଲାଭ କରିବା ଅସମ୍ଭବ। ସୁତରାଂ ମୋକ୍ଷ ରୂପକ ମାର୍ଗ ଦେଖାଉଥିବା ବ୍ୟକ୍ତି 'ଗୁରୁ' ହିଁ ଅଟନ୍ତି। ଗୁରୁ ଶିଷ୍ୟ ମନରୁ କେବଳ ଅଜ୍ଞାନତା ନୁହେଁ, ତା' ଭିତରେ ଥିବା ଅହଂକାରକୁ ମଧ୍ୟ ଦୂର କରନ୍ତି। ଅଜ୍ଞାନତା ହିଁ ସୁଖ–ଦୁଃଖ, ଜୀବନ–ମୃତ୍ୟୁ ମଧ୍ୟରେ ବିଭେଦ ସୃଷ୍ଟି କରିଥାଏ। ମାତ୍ର ମନରୁ ଅଜ୍ଞାନତା ଦୂର ହୋଇଗଲେ ଜୀବନର ବାସ୍ତବ ସତ୍ୟକୁ ଉପଲବ୍ଧି କରିହୁଏ। ଏହାକୁ ଧ୍ୟେୟ କରି ବାଟଚାଲିଲେ ଜୀବନର ଚଲାପଥ ହୁଏ କୁସୁମିତ। ସବୁ ବାଧାବିଘ୍ନକୁ ସହିବା ପାଇଁ ମନରେ ଆସେ ଅଦମ୍ୟ ସାହସ। ଏହା ନେପଥ୍ୟରେ ରହିଥାଏ ଗୁରୁଙ୍କ ଅସାମାନ୍ୟ ତ୍ୟାଗ, ଉତ୍ସର୍ଗୀକୃତ ଭାବନା ଓ ଅସୁମାରି ସ୍ନେହପ୍ରେମ। ତାଙ୍କ ପରି ହିତକାରୀ ସଂସାରରେ ବିରଳ ନିଶ୍ଚିତ। ସନ୍ଥ କବୀରଙ୍କ ଭାଷାରେ– "ସଦ୍‌ଗୁରୁ ସମ କୋଇ ନହିଁ ସାତ ଦୀପ ନୌ ଖଣ୍ଡ, ତିନ୍ ଲୋକ ନ ପାରୟେ, ଅରୁ ଇକଇସ ବ୍ରହ୍ମାଣ୍ଡ।" ଅର୍ଥାତ୍ ସାତଦ୍ୱୀପ, ନଅ ଖଣ୍ଡ, ତିନି ଲୋକ, ଏକୋଇଶ ବ୍ରହ୍ମାଣ୍ଡରେ ସଦ୍‌ଗୁରୁଙ୍କ ସମାନ ହିତକାରୀ ଆପଣ କାହାକୁ ମଧ୍ୟ ପାଇବେ ନାହିଁ।

ପିତାମାତା ହେଉଛନ୍ତି ଶିଶୁର ଆଦ୍ୟଗୁରୁ। ସେମାନଙ୍କ ସଂଯମ, ଅଚରଣ, ଉଚ୍ଚାରଣ, ସଂସ୍କାରର ପ୍ରତିଫଳନ ଘଟେ ଶିଶୁ ଉପରେ। ପରବର୍ତ୍ତୀ ସମୟରେ ସେ ବିଦ୍ୟାଶିକ୍ଷା ପାଇଁ ଗୁରୁଙ୍କ ଶରଣାପନ୍ନ ହୋଇଥାଏ। ଏ ଶିକ୍ଷାର କିନ୍ତୁ ଶେଷ ନ ଥାଏ। କାରଣ ଏଠି ଜୀବନଟା ହେଉଛି ଶିକ୍ଷାର ଏକ ପ୍ରୟୋଗଶାଳା। ଗୁରୁଙ୍କ ଦିଗ୍‌ଦର୍ଶନ କାରଣରୁ ସମୟଠାରୁ ସେ ବହୁତ କିଛି ଶିଖିଥାଏ। ଶିକ୍ଷା ଗ୍ରହଣ ପାଇଁ ବୟସ କେବେ ବାଧକ ସାଜି ନ ପାରେ। ଶିଖିବାରେ ନିଷ୍ଠା ରଖୁଥିବା ବ୍ୟକ୍ତି ହିଁ ଜଣେ ଯୋଗ୍ୟ ଗୁରୁ ହୋଇଥାନ୍ତି। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଭାଷାରେ– "ନିଜକୁ ଯେ ନିରନ୍ତର ଶିଷ୍ୟ ରୂପେ ଗଣେ, ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟେ ଜଣେ।"

ଗୁରୁ ଓ ରାସ୍ତା ଏକାପରି। ସେମାନେ ଗୋଟିଏ ଜାଗାରେ ଥିବେ କିନ୍ତୁ ଅନ୍ୟକୁ ଆଗକୁ ବଢାଇବାକୁ ପ୍ରୋତ୍ସାହିତ କରିବେ। ଏହା ହିଁ ତ ଗୁରୁଙ୍କ ମହାନତା। ଛାତ୍ରୀ–ଛାତ୍ରଙ୍କ ଏକ ସୁନ୍ଦର ଭବିଷ୍ୟତ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ। କଞ୍ଚାମାଟିର ପିତୁଳାକୁ ସେ ଦେବତା ଭାବରେ ଗଢିବାକୁ ନିରନ୍ତର ପ୍ରୟାସ ଜାରିରଖନ୍ତି। ବିନା ଗୁରୁରେ କେହି କେବେ ଜ୍ଞାନୀ ପଦବାଚ୍ୟ ହୋଇପାରି ନ ଥାଏ। ତେଣୁ ଭାଗବତରେ ଅଛି "ଗୁରୁ ନ ଥାଇ ତୁ ଅର୍ଜୁନ, କାହୁଁ ପାଇବୁ ସଦଜ୍ଞାନ।" ଗୁରୁ ହିଁ ପ୍ରେରଣାର ଉତ୍ସଟିଏ। ଯିଏକି ଜ୍ଞାନ ପ୍ରଦାନ କରିବା ସହିତ ଶିଷ୍ୟ ମଧ୍ୟରେ ଥିବା

## ଗୁରୁଦିବସ ଉପଲକ୍ଷେ

ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରିଥାନ୍ତି। ତା' ଭିତରେ ଥିବା ସୃଜନଶୀଳତାର ବିକାଶ ପାଇଁ ଦିଅନ୍ତି ପ୍ରେରଣା। ବିଶିଷ୍ଟ ଦାର୍ଶନିକ ଆର୍ଥର ୱାର୍ଡଙ୍କ ମତରେ– "ଜଣେ ସାଧାରଣ ଶିକ୍ଷକ କେବଳ ଶିକ୍ଷାଦାନ କରିଥାନ୍ତି। ଭଲ ଶିକ୍ଷକ ଉତ୍ତମ ରୂପେ ବୁଝାଇଥାନ୍ତି। ସବୁଠୁ ଭଲ ଶିକ୍ଷକ ପ୍ରଦର୍ଶନ କରାନ୍ତି ମାତ୍ର ଜଣେ ମହାନ୍ ଶିକ୍ଷକ ପ୍ରେରଣା ଦେଇଥାନ୍ତି।" ବାସ୍ତବରେ ଶିକ୍ଷକଙ୍କ ଏହି ପ୍ରେରଣା ହିଁ ଶିଷ୍ୟ ମନରେ ଆଶା ସଞ୍ଚାର କରେ। କଳ୍ପନା ଉଦ୍ରେକ କରିଦିଏ। ପୁନଶ୍ଚ ଭଲପାଇବାର ପ୍ରବଣତା ଭରିଦିଏ। ଏହାହିଁ ଶିକ୍ଷାକୁ ମହତ୍ତ୍ୱର ସୋପାନ ଆଡକୁ ବାଟ କଢାଇନିଏ।

ଶିକ୍ଷା ହେଉଛି ପ୍ରଗତିର ମାପକାଠି। ଏହା ମାଧ୍ୟମରେ ହିଁ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଅଣାଯାଇପାରିବ। ତେଣୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହିତ ଶିକ୍ଷାକୁ ବିକାଶ ସହିତ ଯୋଡିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାର ଗୁରୁଦାୟିତ୍ୱ ନ୍ୟସ୍ତ ଥାଏ ଗୁରୁଙ୍କ ଉପରେ। ଦାର୍ଶନିକ ମୈଗୀ ଗୈଲେଘରଙ୍କ ମତରେ– "ସବୁଠୁ କଠିନ କାର୍ଯ୍ୟ ମଧ୍ୟରେ ଗୋଟିଏ ବଡ କାର୍ଯ୍ୟ ହେଉଛି ଜଣେ ଭଲ ଶିକ୍ଷକ ହେବା।" ଆଦର୍ଶ, ନୀତିନିଷ୍ଠ, ସଚ୍ଚୋଟ, କର୍ତ୍ତବ୍ୟପରାୟଣ, ସମୟାନୁବର୍ତ୍ତୀ, ସମଦର୍ଶୀ ବ୍ୟକ୍ତି ହିଁ ଭଲ ଶିକ୍ଷକ ପଦବାଚ୍ୟ, ଯିଏକି ଶିକ୍ଷକତାକୁ ବୃତ୍ତି ନୁହେଁ ବରଂ ବ୍ରତ ବୋଲି ମନେକରନ୍ତି। ଶିକ୍ଷା ପ୍ରତି ସମର୍ପିତ ଭାବନା ହିଁ ତାଙ୍କୁ ମହାନ କରି ଗଢିତୋଳିଥାଏ।

ପ୍ରାଚୀନ ଗୁରୁ–ଶିଷ୍ୟର ମହାନ୍ ପରମ୍ପରା ଅତୀତ ଗହ୍ୱର ମଧ୍ୟରେ ହଜିଯାଇଥିଲେ ମଧ୍ୟ ସେମାନଙ୍କ ପଦାଙ୍କ ଅନୁସରଣ କରିବା ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ। ଗୁରୁ ତାଙ୍କର ମହନୀୟ ବ୍ୟକ୍ତିତ୍ୱକୁ ବଜାୟ ରଖିବା ସହିତ ଶିଷ୍ୟମାନେ ମଧ୍ୟ ଗୁରୁଙ୍କ ପ୍ରତି ଯଥେଷ୍ଟ ସମ୍ମାନବୋଧ ରଖିଲେ ଯାଇ ଏ ପରମ୍ପରାକୁ ବଜାୟ ରଖି ହେବ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ଅବତାର ଭାବରେ ବିବେଚିତ ଗୁରୁଙ୍କ ମହିମାକୁ ନେଇ ସନ୍ଥ କବୀର ଦାସ କହିଛନ୍ତି–
"ସବ୍ ଧରତୀ କାଗଜ କରୁଁ ଲିଖନୀ ସବ୍ ବନରାୟ,
ସାତ ସମୁଦ୍ର କୀ ମସି କରୁଁ ଗୁରୁ ଗୁଣ ଲିଖା ନ ଜାୟ।"

ଅର୍ଥାତ୍ ସାରା ପୃଥିବୀକୁ କାଗଜ, ସାରା ଜଙ୍ଗଲକୁ କଲମ, ସାତ ସମୁଦ୍ରକୁ ସ୍ୟାହି କରି ଲେଖିଲେ ମଧ୍ୟ ଗୁରୁଙ୍କ ଗୁଣ ଲେଖାଯାଇପାରିବ ନାହିଁ। ସୁତରାଂ 'ଗୁରୁହିଁଈଶ୍ୱର'–ଏ ଭାବଧାରା ଆମ ମନରେ ଉଦ୍ରେକ ହେବା ଆବଶ୍ୟକ।

ଶିକ୍ଷକ, କିଶୋରନଗର ହାଇସ୍କୁଲ, ରାଜକିଶୋର ନଗର, ଅନୁଗୋଳ, ମୋ– ୯୪୩୭୫୪୭୧୪୬

## ପାଠକ ଶ୍ରେଷ୍ଠ ବିଚାରକ

### ଗୁରୁଦିବସରେ ବିସ୍ମୃତ ଆଦ୍ୟଗୁରୁ

ମହାଶୟ,

ଗୁରୁ ସବୁରି ଉର୍ଦ୍ଧ୍ୱରେ। ଚାଟଶାଳୀର ଅବଧାନ ହୁଅନ୍ତୁ ବା ଆଜିର ନିମ୍ନପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବହୁ କଠିନ ପରିଶ୍ରମ କରି ଅ, ଆ, କ, ଖରୁ ଶିକ୍ଷା ଆରମ୍ଭ କରି ଆମକୁ ମଣିଷ ଭାବେ ଗଢିତୋଳିବାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଆଜି ତାଙ୍କରି ହାତଗଢା ମଣିଷଙ୍କ ମଧ୍ୟରେ ଅଛନ୍ତି ବିଧାୟକ, ମନ୍ତ୍ରୀ, ପ୍ରଶାସକ, ଡାକ୍ତର, ଇଞ୍ଜିନିୟର, ବିଚାରକ ପ୍ରମୁଖ। କିନ୍ତୁ ଦୁଃଖର କଥା ଆମେ ଆଜି ଆମର ପ୍ରଥମ ଗୁରୁଙ୍କୁ ଭୁଲିଯାଇଛୁ। ଆମେ ଭୋଗବିଳାସରେ ବୁଡି ରହିଥିବା ବେଳେ ସେମାନେ ଦୁଃଖଦୈନ୍ୟ ମଧ୍ୟରେ କାଳାତିପାତ କରୁଛନ୍ତି। ଗୁରୁମାନେ ଦେବତାଙ୍କ ସହିତ ସମାନ। ଆମ ଉନ୍ନତିରେ ବେଶି ଖୁସି ହୁଅନ୍ତି ସେମାନେ। ଆଜି ଯଦି ଏହି ପବିତ୍ର ଗୁରୁଦିବସରେ ଆମେ ଆମ କାର୍ଯ୍ୟରୁ ସମୟ ବାହାର କରି ସେହି ମଣିଷଗଢା ଶିକ୍ଷକମାନଙ୍କ ପାଖରେ ଛିଡା ହୁଅନ୍ତେ ଓ ତାଙ୍କ ଦୁଃଖ ଦୂରକରିବା ପାଇଁ ଚେଷ୍ଟା କରନ୍ତେ, ତା'ହେଲେ ତାଙ୍କ ଆଶୀର୍ବାଦର ହାତ ଆମର ମୁଣ୍ଡ ଉପରକୁ ଉଠିଆସନ୍ତା ଓ ଆମେ ଆମର କର୍ତ୍ତବ୍ୟ କରିଛେ ବୋଲି ନିଜକୁ ଧନ୍ୟ ମନେକରନ୍ତେ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ନାରୀ ନିର୍ଯାତନା

ଧରିତ୍ରୀ(୨୫।୭)ର ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶିତ ଡା. ସୁରେନ୍ଦ୍ରନାଥ ପତିଙ୍କ ଲେଖା 'ନାରୀ ନିର୍ଯାତନା' ପଢ଼ିଲି। କିନ୍ତୁ ଏହାର ସମାଧାନ କ'ଣ ? ନାରୀମାନେ ଯେତେ ଆଧୁନିକ ହୋଇ ସ୍ୱାଧୀନଭାବେ ବୁଲାବୁଲି କଲେ ମଧ୍ୟ ନିଜର ସୁରକ୍ଷା ପ୍ରତି ଯତ୍ନଶୀଳ ହେବା ଉଚିତ। ବାପା, ମାଆ, ଅଭିଭାବକମାନେ ମଧ୍ୟ ଝିଅର ସୁରକ୍ଷା ପ୍ରତି ଚିନ୍ତା କରିବା ଆବଶ୍ୟକ। ଶିକ୍ଷା ବ୍ୟବସ୍ଥାରେ ବି ସୁଧାର ଆଣିବା ଦରକାର। ସବୁ ଜାଣି ଅଜଣା ହେଲେ ଚଳିବ ନାହିଁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୫ ସେପ୍ଟେମ୍ବର ୧୯୯୪

- ମିଳିତ ବାଣିଜ୍ୟ କାରବାର ପାଇଁ ରୁଷିଆ ଓ ଚାଇନା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଅନ୍ତର୍ଜାତୀୟ ଜନସଂଖ୍ୟା ଏବଂ ଉନ୍ନୟନ ସଂକ୍ରାନ୍ତ ଜାତିସଂଘ ସମ୍ମିଳନୀ କାଏରୋରେ ଆରମ୍ଭ।

## ବିରିଡ଼ି ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ

# ଘର ନ କଲେ ଆବାସ ହିତାଧିକାରୀ ଟଙ୍କା ଫେରାଇବେ

**ବିରିଡି/ବାଲିଆ,୪।୯(ଡି.ଏନ.ଏ.)**


ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

- ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ
- ୧୧୯ ପ୍ରକଳ୍ପ ପାଇଁ ଆସିଥିବା ଅର୍ଥ ଖର୍ଚ୍ଚ ହୋଇନାହିଁ

ବିରିଡ଼ି ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପଦ୍ମନାଭ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ବିଡିଓ ଗିରିଜା ପ୍ରସାଦ ବାରିକ, ଜିଲା ପରିଷଦସଭ୍ୟ ଲତା ଦାସ, ସଭ୍ୟ ପ୍ରତାପ ବେହେରା, ତହସିଲଦାର ସିଗ୍ଧା ପ୍ରିୟଦର୍ଶିନୀ, ସହକାରୀ ଯନ୍ତ୍ରୀ ଅମିୟ ମଲ୍ଲିକ, ପ୍ରଗତି ସହାୟକ ସୁରେନ୍ଦ୍ର ନାଥ ଶତପଥୀ, ସିଡିପିଓ ଗୌରୀ ଦେଈ, ଜିପିଇଓ ପାୟଲ ମହାପାତ୍ର ଯୋଗଦେଇ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଆବାସ କାର୍ଯ୍ୟାଦେଶ ନେଇ ଯେଉଁମାନେ ଘର କରୁନାହାନ୍ତି ଓପିଡିଆରଏ ଆକ୍ଟରେ ସେମାନଙ୍କଠାରୁ ଅର୍ଥ ଆଦାୟ କରାଯିବ ବୋଲି ବିଡିଓ ସମସ୍ତ ଜନପ୍ରତିନିଧିଙ୍କୁ କହିଥିଲେ।

ପ୍ରାରମ୍ଭରେ ବଡିମିରା ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ ଫନୀ କ୍ଷତିଗ୍ରସ୍ତଙ୍କ ପାଇଁ ଆସିଥିବା ପଲିଥିନ୍ ତହସିଲଦାର ବଣ୍ଟନ କରିନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ପରେ ବ୍ଲକ ସହକାରୀ ଯନ୍ତ୍ରୀ ମଲ୍ଲିକ ଗୃହରେ ସମସ୍ତ ଜନପ୍ରତିନିଧିଙ୍କୁ ଅବଗତ କରାଇ କହିଥିଲେ, ବ୍ଲକକୁ ଆମ ଗାଁ ଆମ ବିକାଶ ଯୋଜନାରେ ୨୩୮ଟି ପ୍ରକଳ୍ପ ପାଇଁ ୪ କୋଟି ୫୦ ଲକ୍ଷ ଟଙ୍କା ଆସିଥିଲା। ବର୍ତ୍ତମାନ ସୁଦ୍ଧା ୪ଟି ପ୍ରକଳ୍ପ ସରିଛି। ଏସବୁ ବାବଦରେ ୯ ଲକ୍ଷ ୩୮ ହଜାର ବ୍ୟୟ କରାଯାଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଜିଜିୱାଇ ବାବଦକୁ ୬୨ଟି ପ୍ରକଳ୍ପ ପାଇଁ ୮୦ ଲକ୍ଷ ୭୫ ହଜାର ଟଙ୍କା ଆସିଥିଲା। ସେଥିରୁ ୬୦ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ସେ ବାବଦକୁ ୭୬ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୧-୧୨ରୁ ୨୦୧୬-୧୭ ପର୍ଯ୍ୟନ୍ତ ବ୍ଲକକୁ ୯୧ ଅଙ୍ଗନୱାଡି ଘର ଆସିଥିଲା। ସେଥିରୁ ୪୪ ଘର ଶେଷ ହୋଇଛି। ଫନୀ ବାତ୍ୟାରେ ବ୍ଲକକୁ ୧୧୯ ପ୍ରକଳ୍ପ ପାଇଁ ୨ କୋଟି ୩୮ଲକ୍ଷ ଟଙ୍କା ଆସିଥିବାବେଳେ କୌଣସି ଅର୍ଥ ଖର୍ଚ୍ଚ ହୋଇ ନ ଥିବା ପ୍ରକାଶ କରିଥିଲେ। ବହୁ ଜନପ୍ରତିନିଧି ସୋମନଙ୍କ ପଞ୍ଚାୟତରେ ଅଙ୍ଗନୱାଡି କେନ୍ଦ୍ର ନ ହୋଇ ପଡି ରହିଛି ବୋଲି କହିଥିଲେ। ତୁରନ୍ତ ସେଗୁଡିକୁ ସରିବ ବୋଲି ବିଡିଓ ବାରିକ ସୂଚନା ଦେଇଥିଲେ। କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଆଲୋଚନା କରାଯାଇଥିଲା। ଏଥିରେ କେବଳ ହାଜିପୁର ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇଥିବା ବିଡିଓ ପ୍ରକାଶ କରିଥିଲେ। ଉକୁନ୍ଦରା ସରପଞ୍ଚ ଚନ୍ଦ୍ରଶେଖର ଦାଶ କହିଥିଲେ, ବିରିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ପ୍ରଭାତ ଦାସ ଥିଲେ। କିନ୍ତୁ ହଠାତ୍ ତାଙ୍କୁ ସିଡିଏମଓ ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେଶନରେ ନେଇଗଲେ। ତାଙ୍କ ସ୍ଥାନରେ କାହାରିକୁ ଦେଲେନାହିଁ। ଫଳରେ ଏଠାରେ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକର ଉତ୍ତରଶାସନ ପଞ୍ଚାୟତରେ କ୍ଳୋଡ ଷ୍ଟୋର ହେବା ପାଇଁ ସ୍ଥିର କରାଯାଇଛି। ଜମି ସ୍ଥିର ନ ହେବାରୁ କରାଯାଇ ନ ଥିବା ବିଡିଓ କହିଥିଲେ। ୧୦ ପିଲାରୁ କମ ଥିବା ସ୍କୁଲଗୁଡିକ ପାଖ ସ୍କୁଲରେ ମିଶିବା ପାଇଁ ସରକାର ସ୍ଥିର କରିଛନ୍ତି।

ସେଭଳି ବିରିଡ଼ି ବ୍ଲକରେ ୪ଟି ସ୍କୁଲ ରହିଛି ବୋଲି ଏବିଇଓ ବିଜୟ ଦ୍ୱିବେଦୀ କହିଥିଲେ। ବ୍ଲକ କୃଷି ବିଭାଗ ପକ୍ଷରୁ ୨୦୧୮ରେ କୃଷିମେଳା ପାଇଁ ଆସିଥିବା ୫୦ ହଜାର ଟଙ୍କା କାହିଁକି ପଡି ରହିଛି ବୋଲି ସରପଞ୍ଚ ଚନ୍ଦ୍ରଶେଖର ଦାଶ ପ୍ରଶ୍ନ କରିଥିଲେ। ସେହିପରି ବିହନ ବିଶୋଧନ କାର୍ଯ୍ୟ ଠିକ ସମୟରେ ନ ହୋଇ ଚାଷୀ ତଳି ପକାଇ ସାରିବା ପରେ କାହିଁକି କରାଗଲା ସହକାରୀ କୃଷି ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। କୃଷି ଅଧିକାରୀ ବେଉରା ଠିକ ଉତ୍ତର ଦେଇପାରି ନ ଥିଲେ। ପିଠା ଯୋଜନାରେ ସମସ୍ତ ରାଶନକାର୍ଡଧାରୀଙ୍କୁ ୪ଟି ଇଲେକ୍ଟ୍ରିକ ବଲ୍‌ବ ଦିଆଯିବାକୁ ଥିଲେ ମଧ୍ୟ ତାହା ହୋଇନାହିଁ। ବର୍ତ୍ତମାନ ବିଦ୍ୟୁତ୍ ୪ରୁ ୫ ଘଣ୍ଟା କଟୁଛି ବୋଲି ସେସୁ କନିଷ୍ଠ ଯନ୍ତ୍ରୀ ବନୋଜ ନାୟକଙ୍କୁ ଜନପ୍ରତିନିଧି ପ୍ରଶ୍ନ କରିଥିଲେ। ଫନୀରେ ଭାଙ୍ଗିଯାଇଥିବା ବିଦ୍ୟୁତ୍ ଖୁଣ୍ଟ ଗ୍ରାମବାସୀ ମରାମତି କଲେ। ହେଲେ ବିଲ କାହା ନାମରେ କରାଗଲା ବୋଲି ପ୍ରଶ୍ନ କରିଥିଲେ। କନିଷ୍ଠ ଯନ୍ତ୍ରୀ ନାୟକ ଠିକ ଉତ୍ତର ଦେଇ ନ ଥିଲେ। ଆମ ଗାଁ ଆମ ବିକାଶ ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ବିଧାୟକ ଓ ବ୍ଲକ ଅଧ୍ୟକ୍ଷଙ୍କ ନିଷ୍ପତ୍ତିରେ କରାଯିବ ବୋଲି ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ତିର୍ତ୍ତୋଲ ବିଧାୟକ ବିଷ୍ଣୁ ଦାସ ଓ ଜଗତ୍‌ସିଂହପୁର ଏମପି ଡା. ରାଜଶ୍ରୀ ମଲ୍ଲିକ ବୈଠକରେ ଯୋଗଦେବାକୁ ଥିଲେ ମଧ୍ୟ କୌଣସି କାରଣରୁ ଆସି ପାରି ନ ଥିଲେ। ଶେଷରେ ପ୍ରଗତି ସହାୟକ ସୁରେନ୍ଦ୍ର ନାଥ ଶତପଥୀ ଧନ୍ୟବାଦ ଦେଇଥିଲେ।


ବିରିଡ଼ି: ଶଙ୍ଖାରୀସାହି ସିଦ୍ଧିବିନାୟକ ପୂଜା କମିଟିରେ ପୂଜା ପାଉଥିବା ଗଜାନନ।

## ନୂଆ ମୋଟର ଯାନ ଆଇନ କାର୍ଯ୍ୟକାରିତାର ଦ୍ୱିତୀୟ ଦିନ

# ଜରିମାନା ଆଦାୟ ହେଲା ୫୯ ହଜାର

**ଜଗତ୍‌ସିଂହପୁର ଅଫିସ,୪।୯**

ନୂଆ ମୋଟର ଯାନ ଆଇନ ୩ ତାରିଖରୁ ଜଗତ୍‌ସିଂହପୁର ଜିଲାରେ କଡ଼ାକଡି ଭାବେ କାର୍ଯ୍ୟକାରୀ କରାଯାଇଛି। ପ୍ରଥମ ଦିନ ଜିଲାର ୧୨ଟି ଥାନା ଅଞ୍ଚଳ ଏବଂ ଦ୍ୱିତୀୟ ଦିନ ୫ଟି ଥାନା ଅଞ୍ଚଳରେ ଚେକିଂ କରାଯାଇଛି। ବୁଧବାର ଚେକିଂ ସମୟରେ ଜଗତ୍‌ସିଂହପୁର ଥାନା ଅଞ୍ଚଳରୁ ସର୍ବାଧିକ ୪୨,୪୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ବାଲିକୁଦା ଥାନା ଅଞ୍ଚଳରୁ ୪,୦୦୦, ବିରିଡ଼ି ୫,୦୦୦, ନାଉଗାଁ ୩,୦୦୦ ଓ ପାରାଦୀପ ଲକ୍ ଥାନା ଅଞ୍ଚଳରୁ ୪,୫୦୦ ଏହିପରି ମୋଟ ୫୮,୯୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ୩ ତାରିଖରେ ଜିଲାର ସମସ୍ତ ଥାନା ଅଞ୍ଚଳରେ ଚେକିଂ ବେଳେ ୨୧୨ଟିଗାଡି (୨ କାର୍‌ସମେତ ୨୧୦ବାଇକ୍) ଅଟକାଯାଇଥିଲା ଏବଂ ୧,୧୪,୧୦୦ ଟଙ୍କା ଜରିମାନା ଆଦାୟ ହୋଇଥିଲା।

# ଗୃହ ନିର୍ମାଣ ସମ୍ପର୍କରେ ସଚେତନତା

**ତିର୍ତ୍ତୋଲ,୪।୯(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ସଚେତନ କରାଇବା ଉଦ୍ଦେଶ୍ୟରେ ବୁଧବାର ତିର୍ତ୍ତୋଲ ବ୍ଲକର ବିଷ୍ଣୁନପୁର ଏବଂ ଜଡ଼ତିରାରେ ଆବାସ ଯୋଜନା ହିତାଧିକାରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ କନିମୁଳ, ବିଷ୍ଣୁନପୁର, କୃଷ୍ଣାନନ୍ଦପୁର, ଦାଇଁଲୋ ଏବଂ ଗୋପାଳପୁର(ଶ)ପଞ୍ଚାୟତର ହିତାଧିକାରୀମାନେ ଯୋଗଦେଇଥିଲେ। ନୂତନ ଜ୍ଞାନ କୌଶଳ ଉପଯୋଗରେ କମ ଖର୍ଚ୍ଚରେ ଘର ତିଆରି, ଭାବ ବିନିମୟ, ଘର ତିଆରି ସମ୍ପର୍କରେ ସରକାରଙ୍କୁ ତଥ୍ୟ ପଠାଇବା ନିମନ୍ତେ ଏଡବ୍ଲ୍ୟୁ ଆପ୍ ସମ୍ପର୍କରେ ହିତାଧିକାରୀଙ୍କୁ ସଚେତନ କରାଯାଇଥିଲା। ପ୍ରଶିକ୍ଷକ ଭାବେ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟନାରାୟଣ ବାରିକ, ପାର୍ଥସାରଥୀ ଦାସ, ଚିନ୍ମୟୀ ଦ୍ୱିବେଦୀ, ସୁଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ତିର୍ତ୍ତୋଲ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଣିଜଙ୍ଗା, ତେନ୍ତୁଳିପଦା, ତିର୍ତ୍ତୋଲ, ତରଜଙ୍ଗା ଏବଂ ଜଡତିରା ପଞ୍ଚାୟତର ହିତାଧିକାରୀଙ୍କୁ ନେଇ ସମ୍ମିଳନୀ ହୋଇଥିଲା। ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଦୀପ ହାଁସଦା, କନିଷ୍ଠ ଯନ୍ତ୍ରୀ ସାଗରିକା ରାଉତ, କ୍ଷିତିଶ ପଣ୍ଡା, ସ୍ମୃତିରଞ୍ଜନ ନାୟକ, ଲୋପାମୁଦ୍ରା ବେଉରା, ମୀରାବାଇ ସାମଲ ପ୍ରମୁଖ ପ୍ରଶିକ୍ଷକ ଭାବରେ ଯୋଗଦେଇଥିଲେ। ଶେଷରେ ସମସ୍ତ ଉପସ୍ଥିତ ହିତାଧିକାରୀଙ୍କୁ ଧାର୍ଯ୍ୟ ସମୟରେ ଗୃହ ସମ୍ପୂର୍ଣ୍ଣ କରିବା ନିମନ୍ତେ ଶପଥପାଠ କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ବିଜ୍ଞାନ ମେଳା

# ୯ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

**ବାଲିକୁଦା,୪।୯(ସ୍ୱ.ପ୍ର.)**

ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଦ୍ୱାରା ପରିଚାଳିତ କୃଷ୍ଣଦାସପୁର ପଞ୍ଚାୟତର ଦେବହତାସ୍ଥିତ ମା'ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବୁଧବାର ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ନିରଞ୍ଜନ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିଥିଭାବେ ସଭାପତି ହାଡିବନ୍ଧୁ ଦଳାଇ, ଉପସଭାପତି ସତ୍ୟବ୍ରତ ରଥ, କୋଷାଧ୍ୟକ୍ଷ ଶିକ୍ଷାବିତ୍ ପଦ୍ମନାଭ ସ୍ୱାଇଁ, ଯୁଗ୍ମ ସମ୍ପାଦକ ସୁବାଷ ନନ୍ଦ, ଉପସଭାପତି ଶିବ ପ୍ରସାଦ ରାଉତରାୟ, ପ୍ରଧାନ ଆଚାର୍ଯ୍ୟ ଦିଲୀପ ପରିଡା ଓ ବରିଷ୍ଠ ଗୁରୁ ମା' ପୁଷ୍ପିତା ନାୟକ ପ୍ରମୁଖ ଯୋଗଦେଇ କୁନିକୁନି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବିଚାରକ ଭାବେ ପଞ୍ଚପାଣ୍ଡବ ଶୈଳବାଳା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ତୋଷ ବେହେରା, ବୈକୁଣ୍ଠନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନଶିକ୍ଷକ ବସନ୍ତ କୁମାର ବେହୋର ଯୋଗଦେଇଥିଲେ। ମେଳାରେ ୯ ଜଣଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ଆସନ୍ତା ୭ରେ ବିଦ୍ୟାମନ୍ଦିରରେ ଜିଲାସ୍ତରୀୟ ବିଜ୍ଞାନ ମେଳା ଆୟୋଜନ କରାଯିବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମେଳାକୁ ଗୁରୁଜୀ ବିଶ୍ୱଜିତ ରାୟ, ଗୁରୁମା ସୁଭଦ୍ରା ଦାସ, ରୀତା ଖୁଣ୍ଟିଆ, ବିଜୟଲକ୍ଷ୍ମୀ ମହାପାତ୍ର, ମଧୁସ୍ମିତା ଦାସ, ପ୍ରିୟମ୍ବଦା ନନ୍ଦ, ବୈଜୟନ୍ତୀ ସାହୁ, ଲତିକା ଓଝା ଓ ପ୍ରିୟଙ୍କା ବାରିକ ପ୍ରମୁଖ ପରିଚାଳନା କରିଥିଲେ। ଗୌରହରି ପଣ୍ଡା, ତ୍ରିନାଥ ମଲିକ, ରାଜକିଶୋର ସ୍ୱାଇଁ ଏବଂ ଶାରଳା ପଣ୍ଡା ପ୍ରମୁଖ ଏଥିରେ ସହାୟତା କରିଥିଲେ।


**ଗୁରୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା**



ଗୁରୁ ଦିବସ ଅବସରରେ ରାଜ୍ୟର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି।

ଶିକ୍ଷା ହିଁ ପ୍ରଗତିର ଚାବିକାଠି ଓ ପରିବର୍ତ୍ତନର ମାଧ୍ୟମ । ତେଣୁ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବାପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମରେ ମୁଁ ଆପଣମାନଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି।

ନବୀନ ପଟ୍ଟନାୟକ
( ନବୀନ ପଟ୍ଟନାୟକ )

**ମାନ୍ୟବର ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶାଙ୍କ**

**ବାର୍ତ୍ତା**

ପବିତ୍ର ଗୁରୁଦିବସ - ୨୦୧୯ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଶିକ୍ଷକମାନେ ହେଉଛନ୍ତି ସମାଜର ଦିଗ୍‌ଦର୍ଶକ ଓ ସଂସ୍କାରକ। ନୈତିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରି ସେମାନେ ଉତ୍ତମ ନାଗରିକ ସୃଷ୍ଟି କରିଥାନ୍ତି। ଗୁଣାତ୍ମକ ଏବଂ ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ସେମାନେ ନିଷ୍ଠାପର ଉଦ୍ୟମ କଲେ ରାଜ୍ୟର ଶୈକ୍ଷିକ ପରିମଣ୍ଡଳ ସମୃଦ୍ଧ ହୋଇପାରିବ।

ଆସନ୍ତୁ, ଗୁରୁଶିଷ୍ୟ ପରମ୍ପରାର ଏହି ମହାନ ଦିବସ ପାଳନ ଅବସରରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ ଓ ସମୃଦ୍ଧ କରିବା ପାଇଁ ସଂକଳ୍ପ ନେବା।

ସମୀର ରଞ୍ଜନ ଦାଶ
(ସମୀର ରଞ୍ଜନ ଦାଶ)



# ODISHA JOINT ENTRANCE EXAMINATION-2019 (OJEE - 2019)

**No: OJEE2019/ 0471** **Date: 04.09.2019**

**NOTICE FOR BAMS/BHMS COUNSELLING & ADMISSION**

**TENTATIVE SCHEDULE**

| ACTIVITY | DATE |
|---|---|
| On-line Registration, Choice Filling and Choice Locking | 06-09-2019 to 13-09-2019 |
| Provisional Allotment | 16-09-2019 |
| Document Verification for Allotted Candidates only | 17-09-2019 to 19-09-2019 (Only at Nodal Centre, OJEE Cell, Gandamunda, Bhubaneswar) |
| Last date for Withdrawal by Candidates (Who wish to withdraw from the Admission process after fee payment and document verification) | 19-09-2019 |
| Final Allotment | 21-09-2019 |
| Document Verification for Freshly Allotted Candidates only (Candidates already verified after 1st Round Allotment, need not come for document verification) | 23-09-2019 at Nodal Center, OJEE Cell, Gandamunda, Bhubaneswar |
| Withdrawal for Candidates (Who wish to withdraw from Admission process) | 25-09-2019 (by 5 PM) at Nodal Center, OJEE Cell only |
| Reporting to Allotted Institution for final Admission | 23-09- 2019 to 25-09-2019 |
| Spot Admission (if vacancy arises due to any reason) | 27-09-2019 and 28-09-2019 |

**ELIGIBILITY**

1. Candidates interested to participate in BAMS/BHMS counselling must be NEET (UG)-2019 qualified.
2. The candidates must be of at least **17 years** of age as on **31.12.2019.**
3. The parents of candidates must be permanent natives of Odisha. Every candidate has to produce **Resident / Nativity certificate** during certificate verification.
4. The candidate must have passed +2 Sc. in the subjects of **Physics, Chemistry, Biology and English** individually and must have secured minimum of 50% marks taken together in **Physics, Chemistry & Biology** at +2 Sc. level for General Candidate (GE). This minimum mark is 40% for SC/ST candidates.

- **Only the Candidates who have registered and filled their Choices will be considered for Selection/Admission at any stage.**
- During registration, candidates should pay registration fee of Rs.1000/- online.
- Allotted candidates have to deposit a part admission fee of Rs.5000/- through online in the web portal or at any Axis Bank counter. Challan is available in OJEE webpage as well as in Axis Bank. During document verification, candidates should come with online fee payment receipts or the receipts of Axis Bank which they will get after depositing the part admission fee in the bank.
- For more information, please visit the OJEE website (**www.ojee.nic.in**).

Sd/-
CHAIRMAN, OJEE-2019



PARCSON WELLNESS
Your Wellness Our Priority

# PARCSON WELLNESS PVT. LTD.

**Celebrates World Physiotherapy Month**

On Occasion of World Physiotherapy day avail the services at Centre & Home with nominal charges.

| Conditions | 14 days Package @ Centre with discount | 14 days package @ home with discount |
|---|---|---|
| **Package - A includes** Ortho, Neuro, Geriatric, Sports, Cardio | 52% | 44% |
| **Package - B includes** Post Operative, Pulmonary, Diabetes, Obesity | 54% | 39% |
| **Package - C includes** Arthritis, Post natal, Prenatal, Ergonomics | 43% | 38% |

NB : Everything is applicable for registration done on or before 10th of Sept. 2019

Contact :- PARCSON WELLNESS PVT. LTD.
D-101, Metro Sattelite City, Puri Canal Road
Hanspal, Bhubaneswar-752101
Ph. No.- 9238138122 / 9238138133 / 9238138166
E-mail : parcsonbbsr@gmail.com



# ମନେ ପଡ଼ନ୍ତି

**ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତା ସୁଷମା ଦାସ**
ଧବଳଗିରି, ଯାଜପୁରରୋଡ଼, ଯାଜପୁର
ଆବିର୍ଭାବ: ୧୯୪୫ ମସିହା
ତିରୋଧାନ: ୨୬.୦୮.୨୦୦୯

ନଅବର୍ଷ ହେଲା କୁଆଡ଼େ ଗଲ ବୋଉ,
(ଆଉ) ଦେଖା ତ ଦେଲ ନାହିଁ
ତୁମ ଗଲା ବାଟକୁ ଅନାଇ ଅନାଇ
ଦିନ ଆମ ସରୁ ନାହିଁ
ତୁମେ ପରା ଥିଲ ଦୂର ଆକାଶର ଚାନ୍ଦପରି
ତୁମ କଥା ମାନ ମନରେ ପଡ଼ିଲେ
କୋହରେ ହୃଦୟ ଯାଏ ଭରି
କେତେ ଦିନ ଆଉ ମନେ ପକାଇବୁ
କିଏ କହିବ ଏଇ କଥା
ତଥାପି ତୁମକୁ ଭୁଲି ପାରିବୁନି
ଭାବିଲେ ମନରେ ଲାଗୁଛି ବ୍ୟଥା।
ଏବେ ଆମ ବୋଉ ଯେଉଁଠି ଥାଆନ୍ତୁ ମନରେ ଆମକୁ ରଖିଣ ଥାଆନ୍ତୁ
ଠାକୁରଙ୍କ ପାଖେ ପ୍ରାର୍ଥନା କରୁଛୁ ସୁଖରେ ଦିନ କଟାଉ ଥାନ୍ତୁ।
'ଇତି'
ହତଭାଗ୍ୟ- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ପରିବାରବର୍ଗ।

ଧ-୧୪୨୧୮

**ପ୍ରଥମ ଶ୍ରାଦ୍ଧ ବାର୍ଷିକୀ**



**୰ ହରିହର ଦାଶ**
ଧାଙ୍ଗୁଡିଶୋଳ, ମୟୁରଭଞ୍ଜ
ଆବିର୍ଭାବ - ୦୯.୦୫.୧୯୩୬
ତିରୋଧାନ - ୦୬.୦୯.୨୦୧୮

ବାପା, ତୁମ ଆଦର୍ଶ, କର୍ତ୍ତବ୍ୟ ନିଷ୍ଠା, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ଆମର ପ୍ରେରଣା ର ଉତ୍ସ, ତୁମ ଆଶିର୍ବାଦ ଆମମାନଙ୍କ ଉପରେ ସବୁବେଳେ ଥାଉ ଏତିକି ଭଗବାନଙ୍କ ପାଖରେ ପ୍ରାର୍ଥନା।

**ଶୋକ ସନ୍ତପ୍ତ**
ପୁତ୍ର-କୁନ୍ତୁ, ପୁତ୍ରବଧୂ-ରୁବି, ଝିଅ-ଗିତା, ବେବି, ମାନ୍ତୁ, ଜ୍ୱାଇଁ-ଅମଲ, ରତନ, ଦିଲ୍ଲିପ୍, ନାତି-ପିଙ୍କୁ, ନିକୁ, ଟିକନ,ଟିକୁ, ନାତୁଣୀ-ରିଙ୍କି, ପିଙ୍କି, ଟିକିଲି, ପରିବାର, ବନ୍ଧୁ ଓ ଆତ୍ମୀୟସଜନ।

ଧ-୧୪୨୧୯

## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଠିକା ଶ୍ରମିକ ଗୁରୁତର

କୋରେଇ,୪।୯(ସ୍ୱ.ପ୍ର)– ବିଦ୍ୟୁତ ବିଭାଗରେ ଠିକା ଶ୍ରମିକଭାବେ କାର୍ଯ୍ୟ କରୁଥିବା ଜଣେ ଯୁବକ ଖୁଣ୍ଟରୁ ପଡ଼ି ଗୁରୁତର ହୋଇଛନ୍ତି। ଆହତ ଯୁବକ ଜଣକ ହେଲେ କୋରେଇ ଥାନା ହଳଦୀଗଡ଼ିଆ ଗ୍ରାମର ଗୁରୁଚରଣ ବରାଳଙ୍କ ପୁଅ ବାବୁନା(୧୯)। ସେ ସାଦକପୁର ପଞ୍ଚାୟତର ଏକ ଗ୍ୟାସ ଡିପୋ ନିକଟରେ ବୁଧବାର କାମ କରୁଥିବାବେଳେ ଖୁଣ୍ଟରୁ ପଡ଼ି ଗୁରୁତର ହୋଇଥିବା ଜଣାପଡିଛି। ୧୦୮ ଆମ୍ବୁଲାନ୍ସ ନ ଆସିବାରୁ ତାଙ୍କୁ ଏକ ଘରୋଇ ଗାଡ଼ିରେ ପ୍ରଥମେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### କୋରେଇରୁ ୨ ଯୁବକଙ୍କୁ ଉଠାଇ ନେଲା ରାଜସ୍ଥାନ ପୋଲିସ

କୋରେଇ,୪।୯(ସ୍ୱ.ପ୍ର)– ସୁନା ଚୋରି ମାମଲାରେ ରାଜସ୍ଥାନ ପୋଲିସ କୋରେଇ ଥାନା ଅଞ୍ଚଳରେ ୩ଦିନ ବୁଲିବା ପରେ ପୂର୍ବକୋଟ ତେଲଙ୍ଗା ବସ୍ତିରୁ ଦୁଇଜଣ ଯୁବକଙ୍କୁ ଉଠାଇ ନେଇଛି। ପୂର୍ବରୁ ଏହି ମାମଲାରେ ଜଣଙ୍କୁ ଗିରଫ କରାଯାଇଥିଲା। ତାଙ୍କଠାରୁ ତଥ୍ୟ ସଂଗ୍ରହ କରି ସମ୍ପୃକ୍ତ ଦୁଇ ଯୁବକଙ୍କୁ କୋରେଇ ପୋଲିସ ସହାୟତାରେ ରାଜସ୍ଥାନ ପୋଲିସ ଗିରଫ କରିବାକୁ ସକ୍ଷମ ହୋଇଛି। ରାଜସ୍ଥାନ ଜୋତପୁର ବାସନି ଥାନାର ଏସଆଇ ଓମାରାମଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ କୋରେଇ ଆସିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଗିରଫ ଯୁବକଙ୍କ ନାମ କିମ୍ବା ଏ ସମ୍ପର୍କରେ ଅଧିକ ସୂଚନା ମିଳିପାରି ନାହିଁ।

■ ଭିସା ଷ୍ଟିଲ୍‌ର ୧୩୬ ଛଟେଇ କର୍ମଚାରୀଙ୍କୁ ନିଯୁକ୍ତି ଦାବି

# ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ଘେରାଉ

ଯାଜପୁର ରୋଡ,୪।୯(ନି.ପ୍ର)



କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ଭିସା ଷ୍ଟିଲ୍ କାରଖାନା କଞ୍ଚାମାଲ ଅଭାବରୁ କେତେଗୁଡ଼ିଏ ୟୁନିଟକୁ ବନ୍ଦ କରିଛି। ଏହି ୟୁନିଟରେ ଠିକାଦାର ଅଧୀନରେ କାର୍ଯ୍ୟ କରୁଥିବା ୧୩୬ଜଣ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ସେମାନଙ୍କୁ ପୂର୍ଣ୍ଣ ନିଯୁକ୍ତି ଦାବିରେ ବୁଧବାର ଠିକା ଶ୍ରମିକ ସଂଘ ସଂଯୋଜକ ସଂଜୀବ କୁମାର ନାୟକଙ୍କ ନେତୃତ୍ୱରେ ଛଟେଇ କର୍ମଚାରୀମାନେ ଯାଜପୁର ରୋଡ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ଏକ ଦାବିପତ୍ର ପ୍ରଭାଗୀୟ ଆୟୁକ୍ତ ସୁନୀଲ କୁମାର ସାହୁଙ୍କୁ ପ୍ରଦାନ କରିଥିଲେ। ସାହୁ ଶ୍ରମିକଙ୍କ ସହିତ ଛଟେଇ ଶ୍ରମିକମାନେ ପୂର୍ଣ୍ଣ ନିଯୁକ୍ତି ପାଇବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଏକେଡି କନ୍‌ଷ୍ଟ୍ରକ୍ସନ, ଡି.ଡି କନ୍‌ଷ୍ଟ୍ରକ୍ସନ, ଦେବ କ୍ୟାରିୟର୍, କେଜେଟିଏସ୍ ଆଦି ଠିକା ସଂସ୍ଥାର ଶ୍ରମିକ ପ୍ରତିନିଧି, ଭିସା ଷ୍ଟିଲ୍ ଏଚ୍‌ଆର ମଧୁସ୍ମିତା ସିଂ, ଠିକା ଶ୍ରମିକ ସଂଘ ପକ୍ଷରୁ ସଂଜୀବ ନାୟକ, ସୁଶାନ୍ତ ସାମଲ, ଅଭିଜିତ୍ ଦାସ୍, ଅନନ୍ତ କୁମାର ସେଠୀ, ମାନସ ମହାରଣା ପ୍ରମୁଖ ବହୁ ଶ୍ରମିକ ଶ୍ରମ କାର୍ଯ୍ୟାଳୟରେ ପ୍ରଭାଗୀୟ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ। ଠିକାଦାରମାନେ ୭ଦିନ ମଧ୍ୟରେ ଶ୍ରମିକଙ୍କୁ ପୂର୍ଣ୍ଣ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରମିକ ଓ ଠିକାଦାରଙ୍କ ମଧ୍ୟରେ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ ବୋଲି ପ୍ରଭାଗୀୟ ଆୟୁକ୍ତ ସାହୁ ସୂଚନା ଦେଇଥିଲେ। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ଯଖପୁରା ଥାନାଧିକାରୀ, ଠିକାଦାରଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା। ଗତ ୧ତାରିଖରେ ଠିକା ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇ ଦେବାକୁ ସ୍ଥିର ହୋଇଥିଲା। କିନ୍ତୁ ଶ୍ରମିକଙ୍କୁ ନିଯୁକ୍ତି ନ ଦେବାରୁ ଏହି ଘେରାଉ କରାଯାଇଥିଲା ବୋଲି ଠିକା ଶ୍ରମିକ ସଂଘ ସଂଯୋଜକ ସାହୁ ସୂଚନା ଦେଇଥିଲେ।

## ମରାମତି ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

କୋରେଇ,୪।୯(ସ୍ୱ.ପ୍ର)

୧୬ ନମ୍ବର ଜାତୀୟ ରାଜପଥର ୬ ଥାକିଆ କାର୍ଯ୍ୟ କରୁଥିବା ଦିଲୀପ କନ୍‌ଷ୍ଟ୍ରକଶନର ବ୍ରଜନଗରସ୍ଥିତ ଷ୍ଟକ୍ ୟାର୍ଡକୁ ଯାଇଥିବା ରାସ୍ତାକୁ ବ୍ରଜନଗର ଗ୍ରାମବାସୀ ବୁଧବାର ଅବରୋଧ କରିଥିଲେ। ପ୍ଲାଣ୍ଟକୁ ଯିବା ପାଇଁ କନ୍‌ଷ୍ଟ୍ରକଶନର କୌଣସି ଗାଡ଼ିକୁ ଛାଡି ନ ଥିଲେ। ବ୍ରଜନଗର ହରିଜନ ସାହିକୁ ଯାଇଥିବା ରାସ୍ତାରେ କନ୍‌ଷ୍ଟ୍ରକଶନର ଗାଡ଼ିଗୁଡ଼ିକ ଷ୍ଟକୟାର୍ଡକୁ ଯାତାୟାତ କରିଥାଏ। ମାତ୍ର ରାସ୍ତା ମରାମତି ନ କରି ଏହି ରାସ୍ତାରେ ଭାରିଯାନ ଚଳାଇବା ଯୋଗୁ ତାହା ମରଣଯନ୍ତା ପାଲଟିଛି। ବାରମ୍ବାର କହିବା ସତ୍ତ୍ୱେ କମ୍ପାନୀ କର୍ଣ୍ଣପାତ କରୁ ନାହିଁ। ମଙ୍ଗଳବାର ରାତିରେ ଏହି ରାସ୍ତାରେ ଏକ ଟ୍ରଲର ଯିବା ଯୋଗୁ ୧୧କେଭି ବିଦ୍ୟୁତ୍ ତାର ଛିଡିବା ସହ ଗଛ ଭାଙ୍ଗି ଯାଇଥିଲା। ଫଳରେ ସକାଳୁ ଏହା ଦେଖି ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇଯାଇଥିଲେ। ଏହାପରେ ଗ୍ରାମବାସୀ କମ୍ପାନୀ ଗାଡିଗୁଡିକର ଯାତାୟାତ ବନ୍ଦ କରିବା ସହ ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ତାର ସଂଯୋଗ ଓ ଗଛ ବାବଦରେ ଗ୍ରାମବାସୀଙ୍କୁ ଅର୍ଥ ଦେବା ସହ ୪ଦିନ ମଧ୍ୟରେ ସମସ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରି ରାସ୍ତା ଅବସ୍ଥାର ସ୍ଥାୟୀ ସମାଧାନ କରିବାକୁ କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଇସା କ୍ୟା ନ କରେ କାମ୍**
**ଆବେ ପରଶୁ ଯାବେ ପରଶୁ**
**ବାବୁ ପରଶୁରାମ୍ ।**

ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ଧନ ବା ଅର୍ଥ ନ ଥିଲେ କେହି ଆଡ଼ ଆଖିରେ ବି ଚାହିଁ ନ ଥାନ୍ତି କି ଭଲରେ କଥା ପଦେ ମଧ୍ୟ କହି ନ ଥାନ୍ତି। ପରନ୍ତୁ ହାତକୁ ଧନ ଆସିଗଲେ ସେହି ବ୍ୟକ୍ତିକୁ ଆଦର ଅଭ୍ୟର୍ଥନା ଦେଖାଇବା ସହ ସମ୍ମାନ ପ୍ରଦାନ କରିବାକୁ ପଛାଇ ନ ଥାନ୍ତି। ଏହାହିଁ ଧନ ବା ଟଙ୍କାର କରାମତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ପଥର ପରି ହେଲେ କରିବୁ ଘର**
**ପତର ପରି ହେଲେ ହସିବେ ପର ।**

ଜୀବନର ଅନ୍ୟନାମ ସଂଘର୍ଷ। ସଂସାରରେ ଘର କରିଥିଲେ ଅନେକ ଦୁଃଖକଷ୍ଟ ସହିବାକୁ ପଡ଼ିଥାଏ। ଏଥିରେ ଭାଙ୍ଗି ନ ପଡ଼ି ଯିଏ ଧୈର୍ଯ୍ୟ ଧରି ବାଟ ଚାଲେ ସିଏ ହିଁ ସଂସାରରେ ତିଷ୍ଠି ରହେ। ପରନ୍ତୁ ଯିଏ ସାମାନ୍ୟ କଥାରେ ବ୍ୟତିବ୍ୟସ୍ତ ହୋଇପଡ଼େ ବିପଦକୁ ସାମ୍ନା କରିବାକୁ ଭୟକରେ ତା'ପକ୍ଷେ ସଂସାରରେ ରହି ବାଟଚାଲିବା ଅତ୍ୟନ୍ତ କଷ୍ଟକର ହୋଇଯାଇଥାଏ। ଦେହ ଏବଂ ମନକୁ ଟାଣ କରିଚାଲିଲେ କର୍ମକ୍ଷେତ୍ରରେ ସଫଳତା ମିଳିବା ଅବଶ୍ୟମ୍ଭାବୀ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
– ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

■ ସୋତି ସ୍କୁଲ କମିଟି ସଭାପତି ନିର୍ବାଚନ ବାତିଲ

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ବର୍ଷିଲେ ସଦସ୍ୟ

କୋରେଇ,୪।୯(ସ୍ୱ.ପ୍ର)

କୋରେଇ ବ୍ଲକ ଗୋଳେଇପୁର ପଞ୍ଚାୟତର ସୋତି ୟୁଜିଏମଇ ସ୍କୁଲରେ ପରିଚାଳନା କମିଟି ସଭାପତି ନିର୍ବାଚନ ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ବୈଠକ ଡାକିଥିଲେ। ମାତ୍ର ଶେଷରେ ତାହାକୁ ବାତିଲ କରିଦେବାରୁ ନବ ନିର୍ବାଚିତ ସଦସ୍ୟମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ବର୍ଷିବା ସହ ସ୍କୁଲରେ ତାଲା ପକାଇ ଧାରଣାରେ ବସିବାକୁ ଧମକ ଦେଇଥିଲେ। ପ୍ରକାଶ ଯେ, ଗତ ୨୬ ତାରିଖ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଥିଲା। କିନ୍ତୁ ଏହି କମିଟି ଗଠନରେ ଅନିୟମିତତା ହୋଇଥିବା ଦର୍ଶାଇ ଅଭିଭାବକମାନେ ବିଇଓ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ଫଳରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କମିଟି ଗଠନ ସମ୍ପର୍କରେ ଅଭିଯୋଗ ଥିବାରୁ ଆଉ ଆଗକୁ ନ ବଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯଦ୍ୱାରା ବୁଧବାର ହେବାକୁ ଥିବା କମିଟି ସଭାପତି ନିର୍ବାଚନକୁ ପ୍ରଧାନ ଶିକ୍ଷୟିତ୍ରୀ ବାତିଲ କରିଦେଇଥିଲେ। କିନ୍ତୁ ବାତିଲ କରିବାର କାରଣ ସଦସ୍ୟଙ୍କୁ ନ ଜଣାଇ ବୈଠକ ଡକାଯାଇଥିବାରୁ ସଭାପତି ନିର୍ବାଚନ କରାଯିବାକୁ ସଦସ୍ୟମାନେ ଜିଦ୍ କରିବା ସହ ସ୍କୁଲରେ ତାଲା ପକାଇ ଧାରଣାରେ ବସିବାକୁ ଧମକ ଦେଇଥିଲେ। କିନ୍ତୁ ପ୍ରଧାନ ଶିକ୍ଷୟିତ୍ରୀ ସଭାପତି ନିର୍ବାଚନ କରି ନ ଥିଲେ।

# ଅର୍ଥନୈତିକ ଅଭିବୃଦ୍ଧି ସଂକ୍ରାନ୍ତରେ ଆଲୋଚନାଚକ୍ର

ଯାଜପୁର ରୋଡ,୪।୯(ନି.ପ୍ର)

ଯାଜପୁର ରୋଡ ଇନ୍ଦିରା ଗାନ୍ଧୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟରେ ବୁଧୁବାର ଅର୍ଥନିତୀ ସମ୍ମାନ ବିଭାଗ ପକ୍ଷରୁ 'ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧି ଓ ସାମ୍ପ୍ରତିକ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ର ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ଗୁଜୁରାଟସ୍ଥିତ ଦିନଦୟାଲ ପେଟ୍ରୋଲିୟମ ୟୁନିଭର୍ସିଟିର ଅର୍ଥନୀତି ବିଭାଗ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ଭାରତ ଅର୍ଥନୈତିକ ଅଭିବୃଦ୍ଧିରେ ଜିଏସ୍‌ଟି, ଜିଡିପି ଓ ବିମୁଦ୍ରୀକରଣ ଉପରେ ବିସ୍ତୃତଭାବେ ଆଲୋଚନା କରିଥିଲେ। ମୁଖ୍ୟବକ୍ତାଭାବେ ଅଙ୍ଗାଳୋସ୍ଥିତ ବାବା ଲଛମନ ଜୀୟୁ କଲେଜର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରମୋଦ କୁମାର ରାୟ ମୁଦ୍ରା ବିନିମୟ ପରିବର୍ତ୍ତେ ଏବେ ଚେକ୍ ମାଧ୍ୟମରେ କିଣାବିକା ବ୍ୟବହାର ବଢ଼ିଛି ଓ ବ୍ୟବସାୟିକ କ୍ଷେତ୍ରରେ ଶୁଳ୍କ ବ୍ୟବସ୍ଥା ପ୍ରଚଳନ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରତ୍ନାକର ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ସହ ସ୍ୱସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଲିପ୍ସା ମିଶ୍ର ଏକ ସନ୍ଦର୍ଭ ପାଠ କରିବା ପରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଅର୍ଥନୈତିକ ଅଭିବୃଦ୍ଧି ଉପରେ ସନ୍ଦର୍ଭ ପାଠ କରିଥିଲେ। ଛାତ୍ରୀଙ୍କ ମଧ୍ୟରେ ଆକାଂକ୍ଷା ମହାପାତ୍ର, ରଞ୍ଜିତା ନାୟକ, ପୂଜା ରଣା, ସୁପ୍ରଭା ସାହୁ, ଅର୍ଣ୍ଣପୂର୍ଣ୍ଣ ଜେନା, ପୁଷ୍ପାଞ୍ଜଳି ଦାସ, ରଞ୍ଜିତା ଦାସ, ଲୋପିତା ସାହୁ, ରଞ୍ଜିତା ଗୁରୁ ପ୍ରମୁଖ ସ୍ୱପ୍ରସ୍ତୁତ ସନ୍ଦର୍ଭ ପାଠ କରିଥିଲେ।

## ରାଜପଥରେ ଦୁର୍ଘଟଣା, ୨ଗୁରୁତର

କୋରେଇ,୪।୯(ସ୍ୱ.ପ୍ର)

ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥର ଟୋଲପ୍ଲାଜା ନିକଟରେ ବିଳମ୍ବିତ ରାତିରେ ଏକ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତଙ୍କୁ ଡାକ୍ତରଖାନା ପଠାଇବା ସହ ବାଇକ୍ ଜବତ କରିଛି। ପ୍ରକାଶ ଯେ, ଭୁବନେଶ୍ୱର ସୁନ୍ଦରପଦା ଅଞ୍ଚଳର ବି.କେ. ସାହୁ ଓ ଛୋଟୁ ସାହୁ ଏକ ବାଇକ (ଓଡି୦୨ଏଜେଡ୍‌୦୩୫୯) ଯୋଗେ ଭୁବନେଶ୍ୱରକୁ ଫେରୁଥିବା ବେଳେ ଟୋଲପ୍ଲାଜାର ଅନତୀ ଦୂରରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ଼ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
Mob: 9351833615
Address - 12, Govt. Place (East), 2nd floor, Kolkata, west Bengal- 700069

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7683914951
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
NRC FINANCE
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
99901-64008
99901-64236
nrcfinanceonline@gmail.com
Office no. 09 11th floor statesman House plot no. 48 Connaught Place N.D 110001

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ। ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦ୍ଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ଼, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠ୍‌କରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠୀକରଣୀ, ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର

HEALTH CARE

AT PURI AT PURI AT PURI
ଗୁପ୍ତ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ବୈବାହିକ ସମସ୍ୟା, ଶୀଘ୍ର ସ୍ଖଳନ, ପୁରୁଷ ସମସ୍ୟା, ମୂତ୍ରରେ ଧାତୁ ପଡିବା, ସ୍ତ୍ରୀ ରୋଗ – ଋତୁସ୍ରାବ ଅନିୟମିତତା, ଧଳାସ୍ରାବ, ସନ୍ତାନ ହୀନତା, ମୁଖବ୍ରଣ, ରୁପି ଏବଂ ସମସ୍ତ ଚର୍ମ ରୋଗର ଉତ୍ତମ ପରାମର୍ଶ ଏବଂ ଚିକିତ୍ସା।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

ଧାନରେ ରଖନ୍ତୁ ଆମ କମ୍ପାନୀର ଅନ୍ୟ କୌଣସି ଶାଖା ନାହିଁ।
HI-TECH TOWER
ଗୋଲ୍ଡମେଡାଲିଷ୍ଟ କମ୍ପାନୀ ଦ୍ୱାରା ସବୁ କମ୍ପାନୀର
ଡିଜିଟାଲ ଟାୱାର ପ୍ଲଟ୍, ଛାତ, ଜମି, କ୍ଷେତରେ ଲଗାନ୍ତୁ
ଅଗ୍ରିମ 60 ଲକ୍ଷ, ଭଡ଼ା + 40,000
ମୋବାଇଲ, ଲାପଟପ୍, 20,000/-ର ଅତିରିକ୍ତ ଆର୍ଥିକ ଲାଭ
7024558747
7354398404
908, Ward, Backside Anand Market, Dhiman Line, Yamunagar, Delhi

EDUCATION

ADMISSION OPEN
MAA TARA TARINI SCHOOL OF NURSING,
Neelachal Nagar, Berhampur
ANM/ Multipurpose Health Worker (Female) Training Programme Recognised by Govt. of Odisha H&FW Dept. Affiliated by INC, New Delhi.
We also offered Course (OT Technician, DMLT X-ray Technician)
Contact No:
9437425759
8280476992
Email : maataratarinison@gmail.com

ADMISSION OPEN FOR 2019-21
B.Ed & M.Ed
Acharya Nagarjuna University UGC & NCTE Approved Equivalent to Govt. of Odisha
FREE Practical & Study Material
NIDT
B.Ed Academy Since 2001
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | GST 5% will be added extra |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | |

on every Tuesday & Friday

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପୁଣି ଝୁଲି ରହିଲା ହାଇକୋର୍ଟଙ୍କ ନିର୍ଦ୍ଦେଶ

ଯାଜପୁର ଅଫିସ/କାଳିଆପାଣି (ଡି.ଏନ.ଏ.),୪ା୯

ଯାଜପୁର ଜିଲା ସୁକିନ୍ଦା କ୍ରୋମ ଖଣି ଅଞ୍ଚଳରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ଆଇନକୁ କାର୍ଯ୍ୟକାରୀ କରିବାକୁ ନେଇ ଉପୁଜିଥିବା ବିବାଦ ପୁଣି ଝୁଲି ରହିଛି। ଗୁରୁବାରଠାରୁ ପୂର୍ବଭଳି କେବଳ ୬ ଚକିଆ ଟ୍ରକ ପରିବହନରେ ଏହି ଆଇନ ଲାଗୁ ହୋଇ ଖଣିଗୁଡ଼ିକରୁ ଉତ୍ତୋଳନ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ମାସିକ କୋଟି କୋଟି ଟଙ୍କା ଆଦାୟ ଲକ୍ଷ୍ୟରେ ବିଭିନ୍ନ ସର୍ତ୍ତ ରଖି ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ଆଇନକୁ କାର୍ଯ୍ୟକାରୀ କରିବାକୁ ହେଉଥିବା ଷଡ଼ଯନ୍ତ୍ରକୁ କୁହିକା, ଚଣ୍ଡିଖୋଲ ଓ ଯାଜପୁରରୋଡ ଟ୍ରକ ମାଲିକମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଅନ୍ୟପକ୍ଷେ ଏନେଇ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ(ଡିଡିଏମ)ଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ବୁଧବାର କାଳିଆପାଣି ଖଣି ନିଗମ ଅତିଥିଶାଳାରେ ଅନୁଷ୍ଠିତ ସମାଧାନ ବୈଠକରେ ଚଣ୍ଡିଖୋଲ, ଯାଜପୁର ରୋଡ଼, ଟମ୍କା, ସୁକିନ୍ଦା ମିନେରାଲ, କୁହିକା ଓ ଖଣି ଅଞ୍ଚଳର ଟ୍ରକ ମାଲିକ ସଂଘ ସଭାପତି ଓ ସମ୍ପାଦକଙ୍କୁ ନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ଡିଡିଏମ୍ ପ୍ରିୟଦର୍ଶନୀ ସନ୍ଦିପ କୁମାର ବଳ ଅଧ୍ୟକ୍ଷତା କରିଥିଲେ। ସମସ୍ତ



କାଳିଆପାଣି ଖଣି ନିଗମ ଅତିଥିଶାଳାରେ ବୁଧବାର ଅନୁଷ୍ଠିତ ବୈଠକ।

## ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ

### ସନ୍ଦେହ ଘେରରେ ଡିଡିଏମଙ୍କ ଭୂମିକା
### ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ସପକ୍ଷରେ ବିଧାୟକ

ସଂଘର ଉପସ୍ଥିତ କାର୍ଯ୍ୟକର୍ତ୍ତାମାନେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିବା ସହ ଜିଲାପାଳଙ୍କ ନିର୍ଦ୍ଦେଶ ମୁତାବକ ଏହାକୁ ପରିଚାଳନା କରିବା ପାଇଁ ଏକ କୋର କମିଟି ଗଠନ କରିବାକୁ ମତାମତ ଦେଇଥିଲେ। ତେବେ ଏହାକୁ କୁହିକା ଟ୍ରକ୍ ମାଲିକ ସଂଘ ଫାଷ୍ଟ କମ୍ ଫାଷ୍ଟ ଲୋଡ଼ିଂ ପଦ୍ଧତି ପ୍ରଶାସନ ମାଧ୍ୟମରେ ପରିଚାଳନା କରିବାକୁ ମତ ରଖି ବୈଠକରୁ ଉଠି ଚାଲିଯାଇଥିଲେ। ଏହି ଘଟଣାକୁ ନେଇ ଉପସ୍ଥିତ ଥିବା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ ଦଳମତ ନିର୍ବିଶେଷରେ ଅଞ୍ଚଳର ବିକାଶ ପାଇଁ ଖଣି ଅଞ୍ଚଳରେ ସ୍ୱାଭାବିକ ପରିବେଶ ସୃଷ୍ଟି ପାଇଁ ଜିଲାର ସମସ୍ତ ଟ୍ରକ୍ ମାଲିକ ଏକ ହେବା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି। ତେବେ ବିଧାୟକ ଘଡେଇଙ୍କ ଏହି ମତରେ କେତେ ଆନ୍ତରିକତା ଥିଲା ତାହା ଅନ୍ୟମାନେ ବୁଝିପାରି ବୈଠକରୁ ଉଠି ଚାଲି ଯାଇଥିଲେ। କୋର କମିଟି ଗଠନ ହେଲେ ପୁଣି ପୂର୍ବ ବ୍ୟବସ୍ଥାକୁ ଫେରି ଆସିବ ଏବଂ ଜୋରଦାର ମୂଳକ ତାର ହେବ ବୋଲି କେତେକ ଟ୍ରକ୍ ମାଲିକ ମତପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଏହି ଆଇନକୁ କାର୍ଯ୍ୟକାରୀ କରିବାକୁ ଜିଲାପାଳଙ୍କ ଦ୍ୱାରା ନିୟୋଜିତ ହୋଇଥିବା ନୋଡାଲ ଅଫିସର ଡିଡିଏମ୍‌ଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ଆଲୋଚନା ମାଧ୍ୟମରେ ଏହି ବିବାଦକୁ ସମାଧାନ କରିବା ପରିବର୍ତ୍ତେ ଏକ ରୁଦ୍ଧଦ୍ୱାର ବୈଠକରେ ଚାପ ପକାଇଥିବା ଅଭିଯୋଗ ହୋଇଛି। ବୈଠକରେ ଡିଡିଏମ ୬ଟି ଟ୍ରକ ମାଲିକ ସଂଘର ୨ ଜଣ ଲେଖାଏ କାର୍ଯ୍ୟକର୍ତ୍ତାଙ୍କୁ ବସିବାକୁ ଅନୁମତି ଦେଇଥିବାବେଳେ ଯାଜପୁରରୋଡ, ଚଣ୍ଡିଖୋଲ, ଡୁବୁରୀ, ଟମକା ଓ ସୁକିନ୍ଦା ଅଞ୍ଚଳର ବହୁ ଅସନ୍ତୁଷ୍ଟ ଟ୍ରକ ମାଲିକଙ୍କୁ ଆଲୋଚନାରେ ଭାଗ ନେବାକୁ ସୁଯୋଗ ଦେଇ ନ ଥିଲେ। ଏହାବାଦ୍ ଆଲୋଚନା ଉପରେ ଜିଲାପାଳଙ୍କୁ ମିଥ୍ୟା ବିବରଣୀ ପ୍ରଦାନ କରିଥିବା ମଧ୍ୟ ଅଭିଯୋଗ ହେଉଛି। କୁହିକା ଟ୍ରକ୍ ମାଲିକ ସଂଘ ସଭାପତି ବାବୁନି ରାଜ କହିଛନ୍ତି ବୈଠକରେ ମିନେରାଲ ଟ୍ରକ୍ ମାଲିକ ସଂଘ ତତ୍ତ୍ୱାବଧାନରେ କ୍ରୋମ୍ ଲୋଡିଂ ପାଇଁ ମସୁଧା କରାଯାଇଛି। ଏହା କେତେଦୂର ସମିଚୀନ ବୋଲି ବୁଧବାର ସନ୍ଧ୍ୟାରେ କୁହିକାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ ପ୍ରକାଶ କରିଛନ୍ତି। ହାଇକୋର୍ଟରେ ଆବେଦନକାରୀ କୁହିକା ମାଲିକଙ୍କୁ ଆଲୋଚନାକୁ ନ ଡାକି ଏପରି ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଅଭିଯୋଗ ଆଣିଛନ୍ତି। ଗତ ୩୧ତାରିଖରେ ଡିଡିଏମ୍‌ଙ୍କ ପକ୍ଷରୁ ଆହୁତ ସମାଧାନ ବୈଠକ ବିଫଳ ହେବାରୁ ପୁନରାୟ କେଉଁ ଦିନ ସମାଧାନ ହେବ ସେ ନେଇ ପ୍ରଭାବିତ ଟ୍ରକ ମାଲିକ, ବ୍ୟବସାୟୀ, ଶ୍ରମିକ ମହଲରେ ଭାଳେଣି ପଡ଼ିଛି। ତେବେ ବୈଠକ ସରିବା ପରେ ଡିଡିଏମଙ୍କ ମତାମତ ନେବାକୁ ଉଦ୍ୟମ କରାଯାଇଥିଲେ ହେଁ ସେ କୌଣସି ମତାମତ ନ ଦେଇ ଚାଲି ଯାଇଥିଲେ।

## ସଂକ୍ଷେପରେ

### ଆମ ଗାଁ ଆମ ବିକାଶ ଯୋଜନା
## ରାଁସୋଳ ଶ୍ରେଷ୍ଠ ପଞ୍ଚାୟତଭାବେ ପୁରସ୍କୃତ

**କାଳିଆପାଣି,୪ା୯(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ 'ଆମ ଗାଁ ଆମ ବିକାଶ' ଯୋଜନାର ସଫଳ ରୂପାୟନ ନେଇ ବୁଧବାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତଭାବେ ପୁରସ୍କୃତ କରାଯାଇଛି। ଏ ନେଇ ଯାଜପୁରଠାରେ ଏକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତି, ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ ବେହେରା ଉପସ୍ଥିତ ରାଁସୋଳକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ବିବେଚନା କରି ସରପଞ୍ଚ ବିଶ୍ୱଜିତ ମହାନ୍ତିଙ୍କୁ ମାନପତ୍ର ପ୍ରଦାନ କରିଥିଲେ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ

**ଧର୍ମଶାଳା,୪ା୯(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀଙ୍କୁ ଆକ୍ରମଣ ଘଟଣାରେ ବୁଧବାର ଜଣେ ଯୁବକଙ୍କୁ ପୋଲିସ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଯୁବକ ଜଣଙ୍କ ରାଉତରାପୁର ଗ୍ରାମର ପ୍ରଫୁଲ୍ଲ ପୃଷ୍ଟି(୩୭)। ଗତ ଜୁଲାଇରେ ପ୍ରଫୁଲ ଏବଂ ସରପଞ୍ଚ ରେଣୁବାଳା ସେଠୀଙ୍କ ସ୍ୱାମୀ ଗୋକୁଳଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହାକୁ ନେଇ ପ୍ରଫୁଲ ଗୋକୁଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ଗୋକୁଳଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା। ଏହାପରେ ପ୍ରଫୁଲ ଫେରାର ହୋଇଯାଇଥିଲେ। ମଙ୍ଗଳବାର ରାତିରେ ଘରକୁ ଫେରିଥିବା ଖବର ପାଇ ପୋଲିସ ଚଢ଼ାଇକରି ତାଙ୍କୁ ଗିରଫ କରିଥିଲା।

## ବିଜେଡିରେ ଯୋଗଦେଲେ ଉତ୍ତରପ୍ରତାପ ସରପଞ୍ଚ, ଯୁବ ସଂଗଠକ

**ଧର୍ମଶାଳା,୪ା୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତର ଭାଜପା ସମର୍ଥିତ ସରପଞ୍ଚ ବୁଧବାର ବିଜେଡିରେ ଯୋଗଦେଇଛନ୍ତି। ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ସରପଞ୍ଚ ସସ୍ମିତା ବେହେରା ଓ ଯୁବ ସଂଗଠକ ସରୋଜ ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଧର୍ମଶାଳା ବିଧାୟକଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦେଇଥିବା କହିଛନ୍ତି। ସେମାନଙ୍କୁ ବିଧାୟକ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଧର୍ମଶାଳା ବିଜେଡି ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ପୂର୍ବତନ ଉପାଧ୍ୟକ୍ଷ ଜଳଧର ମହାନ୍ତି, ଜିଲାପରିଷଦ ସଭ୍ୟ ମମତା ଦଣ୍ଡପାଟ, ଯୁବନେତା ଗୌତମ ସାହୁ, ସଞ୍ଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ନୀଳସୁନ୍ଦର ନୋଡାଲ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ଧର୍ମଶାଳା,୪ା୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନେଉଳପୁରସ୍ଥିତ ନୀଳସୁନ୍ଦର ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ ସୋମବାର ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂସଦର ସଭାପତି ବିଜୟ କୁମାର ରାମଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ପ୍ରାରମ୍ଭରେ ସଂସଦର ଦିବଙ୍ଗତ ସମ୍ପାଦକ ଦୁର୍ଯ୍ୟୋଧନ ସେଠୀଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଦୁର୍ଯ୍ୟୋଧନଙ୍କ ସ୍ଥାନରେ ନୂତନ ଭାବେ ଅଧ୍ୟାପକ ଅରୁଣ କୁମାର ନାୟକଙ୍କୁ ସର୍ବସମ୍ମତି କ୍ରମେ ସଂସଦର ସମ୍ପାଦକ ଦାୟିତ୍ୱ ଅର୍ପଣ କରାଯାଇଛି। ପୁରାତନ ଛାତ୍ରୀଛାତ୍ର, ଅଭିଭାବକଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଆସନ୍ତା ଡିସେମ୍ବରରେ ସୁବର୍ଣ୍ଣଜୟନ୍ତୀ ପାଳନ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଅତିଥିରୂପେ ନିମନ୍ତ୍ରଣ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ଆଖପାଖ ଅଞ୍ଚଳରେ ଥିବା ସ୍କୁଲଗୁଡିକରେ ବିଭିନ୍ନ ପ୍ରକାରର ଇଭେଣ୍ଟ୍ ମାନ କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଏକ ପତ୍ରିକା ପ୍ରକାଶ କରିବାକୁ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଶେଷରେ ରଣଜିତ୍ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଉଦ୍‌ଘାଟନ ହୋଇ ପାରୁନି ଆମ ଶୌଚାଳୟ ଗୃହ
# ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଲୋକେ

ଯାଜପୁର ରୋଡ, ୪ା୯(ନି.ପ୍ର.)




ବ୍ୟାସନଗର ପୌରପରିଷଦ ୯ ନଂ ୱାର୍ଡ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମ୍ମୁଖରେ ନିର୍ମିତ ଆମ ଶୌଚାଳୟ ଓ ସ୍ନାନାଗାର ଗୃହ ଉଦ୍‌ଘାଟନ ନ ହୋଇ ପଡି ରହିଛି। ୨୦୧୭ରେ ତତ୍କାଳୀନ ପୌର ଅଧ୍ୟକ୍ଷା ସବିତା ରାଉତ ସ୍ୱଚ୍ଛ ଭାରତ ଯୋଜନାରେ ଏହାର ଶିଳାନ୍ୟାସ କରିଥିଲେ। ଏ ନେଇ ୧୩ଲକ୍ଷ ୪୮ ହଜାର ଟଙ୍କାର ଅର୍ଥ ଅନୁଦାନ ମଞ୍ଜୁର ହୋଇଥିଲା। ଗୃହ ନିର୍ମାଣ କରି ଠିକାଦାର ୬ ମାସରୁ ଉର୍ଦ୍ଧ୍ୱ ହେବ ପୌର ପରିଷଦକୁ ହସ୍ତାନ୍ତର କରିଥିବା ଜଣାପଡିଛି। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ପୌର ପରିଷଦ ପକ୍ଷରୁ ଉଦ୍‌ଘାଟନ କରାଯାଇ ପାରି ନାହିଁ। ଏଠାରେ ଅତିରିକ୍ତ ଜିଲା ଦୌରା ଜଜ୍ କୋର୍ଟ, ଟେଲି ଫୋନ ଭବନ, ଶ୍ରମ ବିଭାଗ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ, ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବାଣିଜ୍ୟ କର, ବିଦ୍ୟୁତ୍ ବିଭାଗ, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମେତ ବହୁ ଛୋଟ ବଡ଼ ଅନୁଷ୍ଠାନ ରହିଥିବାରୁ ଦୈନନ୍ଦିନ ବହୁ ଲୋକ ଆସିଥାନ୍ତି। ହେଲେ ଶୌଚାଳୟ

### ଗୃହ ନିର୍ମାଣକୁ ୬ ମାସରୁ ଉର୍ଦ୍ଧ୍ୱ ସମୟ ବିତିଲାଣି

ଏବଂ ସ୍ନାନାଗାର ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୌରପରିଷଦର ପ୍ରଶାସକ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ, ଆମ ଶୌଚାଳୟ ଓ ସ୍ନାନାଗାର ଗୃହରେ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ୍ ଓ ପାଣି ସଂଯୋଗ ହୋଇ ନ ଥିବାରୁ ତାହା ଉଦ୍‌ଘାଟନ ହୋଇ ପାରିନାହିଁ। ଖୁବ୍‌ଶୀଘ୍ର ଉଦ୍‌ଘାଟନ କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।

### ଛାତ୍ରୀଙ୍କୁ ଘରେ ପଶି ବଳାତ୍କାର ଅଭିଯୋଗ
# ଅଭିଯୁକ୍ତ ଥାନାରେ ଅଟକ

ବିଞ୍ଝାରପୁର,୪ା୯(ଡି.ଏନ୍.ଏ.)

ବିଞ୍ଝାରପୁର ଥାନା ଅନ୍ତର୍ଗତ ଅରେଇ ପଞ୍ଚାୟତ ପୋଖରିଆପଡ଼ା ଗ୍ରାମରେ ଜଣେ ୧୪ବର୍ଷିୟା ନାବାଳିକାଙ୍କୁ ସେହି ଗ୍ରାମର ଜୈନିକ ଯୁବକ ବୁଧବାର ମଧ୍ୟାହ୍ନରେ ଘରେ ପଶି ବଳାତ୍କାର କରିଥିବା ଘଟଣା ସମଗ୍ର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାକୁ ନେଇ ପୀଡ଼ିତାଙ୍କ ମା' ବିଞ୍ଝାରପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ୨୧୮/୧୯ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ସାଗର ଯେନାଙ୍କୁ ଥାନାକୁ ଆଣି ପଚରା ଉଚରା ଜାରି ରଖିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ଅଭିଯୋଗ ଅନୁସାରେ ଅରେଇ ପଞ୍ଚାୟତର ପୋଖରୀଆପଡ଼ାର ପୀଡ଼ିତା ନାବାଳିକା ନବମ ଶ୍ରେଣୀରେ ପାଠ ପଢ଼ନ୍ତି। ସେହି ସ୍କୁଲ୍‌ରେ ତାଙ୍କ ମା' ମଧ୍ୟ ମଧ୍ୟାହ୍ନ ଭୋଜନ ଯୋଜନାରେ ସହାୟିକା କାର୍ଯ୍ୟ କରନ୍ତି। ବୁଧବାର ଗ୍ରାମରେ ରାଶନକାର୍ଡ ହିତାଧିକାରୀଙ୍କୁ ମାଗଣାରେ ଏଲଇଡି ବଲବ୍ ବଣ୍ଟା ଯାଉଥିଲା। ଏଣୁ ପୀଡ଼ିତାଙ୍କ ମା' ଝିଅକୁ ଘରୁ ରାଶନ କାର୍ଡ ଆଣିବାକୁ ପଠାଇଥିଲେ। ନାବାଳିକା ଛାତ୍ରୀ ଜଣକ ଆଧାରକାର୍ଡ ଆଣିବାକୁ ଘରକୁ ଯାଇଥିଲେ। ଏହିସମୟରେ ସେହି ଗ୍ରାମର ସାଗର(୨୧ବର୍ଷ) ନାବାଳିକାଙ୍କୁ ଏକୁଟିଆ ଦେଖି ତାଙ୍କ ଘର ଭିତରକୁ ପଶି ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏହାପରେ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ୍ ଦେଇ ଘଟଣାସ୍ଥଳରୁ ଚାଲିଯାଇଥିଲେ। ପୀଡ଼ିତା ନାବାଳିକା ସ୍କୁଲ ଯାଇ ମା'ଙ୍କୁ ସବୁ ଘଟଣା ସମ୍ପର୍କରେ ପ୍ରକାଶ କରିବା ପରେ ଘଟଣା ପଦାକୁ ଆସିଥିଲା। ନ୍ୟାୟ ପାଇବା ପାଇଁ ନାବାଳିକାଙ୍କୁ ସାଙ୍ଗରେ ନେଇ ବୁଧବାର ଅପରାହ୍ନରେ ମା' ଥାନାରେ ଅଭିଯୋଗ କରିଛି। ବିଞ୍ଝାରପୁର ପୋଲିସ ଏହି ଘଟଣାକୁ ପ୍ରଥମେ ହାଲୁକାଭାବେ ଗ୍ରହଣ କରି ଚପାଇଦେବାକୁ ବସିଥିଲାବେଳେ ଘଟଣା ସମ୍ପର୍କରେ ଏସ୍‌ଡିପିଓ ରବୀନ୍ଦ୍ର କୁମାର ଜେନା କୌଣସି ସୂତ୍ରରୁ ଖବରପାଇ ଏହି ଘଟଣାରେ ହସ୍ତକ୍ଷେପ କରବାରୁ ମାମଲା ଥାନାରେ ରୁଜୁ ହୋଇଛି। ଏସଡିପିଓ ଜେନା ସନ୍ଧ୍ୟାରେ ଘଟଣାସ୍ଥଳ ତଦନ୍ତ କରି ଫେରିଛନ୍ତି। ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ କରାଯାଇଛି। ଗୁରୁବାର ପୀଡ଼ିତାଙ୍କ ଡାକ୍ତରୀମାଇନା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଜେନା କହିଛନ୍ତି।

# ଇନରହ୍ୱିଲ୍ କ୍ଲବ ପରିଦର୍ଶନ କଲେ ଜିଲା ଅଧ୍ୟକ୍ଷା




କ୍ଲବର ବାର୍ଷିକ ପତ୍ରିକା ''ଅସ୍ମିତା''କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଧର୍ମଶାଳା,୪ା୯(ଡି.ଏନ୍.ଏ.)

ଜାରକା ଇନରହ୍ୱିଲ୍ କ୍ଲବର ବିଭିନ୍ନ ଜନହିତକର କାର୍ଯ୍ୟକୁ ବୁଧବାର ଇନରହ୍ୱିଲ୍ କ୍ଲବ ୩୨୬ ଜିଲାର ଅଧ୍ୟକ୍ଷା ଜାଗୃତି ଯୋଶୀ ପରିଦର୍ଶନ କରି ତଦାରଖ କରିଛନ୍ତି। ଏହି ସମୟରେ କ୍ଲବ ପକ୍ଷରୁ ପୋଷ୍ୟ ସ୍କୁଲ ଭାବେ ନୀଳକଣ୍ଠପୁର ପ୍ରକଳ୍ପ ବିଦ୍ୟାଳୟ ପରିଦର୍ଶନ କରିବା ସହିତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଉତ୍ତମ ଅଧ୍ୟୟନ ନିମନ୍ତେ ଅଧ୍ୟକ୍ଷା ପରାମର୍ଶ ଦେଇଥିଲେ। ପରେ ଇନରହ୍ୱିଲ୍ କ୍ଲବ ପକ୍ଷରୁ ଧର୍ମଶାଳା କ୍ଲବଠାରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ଯୋଶୀ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ଅଧ୍ୟକ୍ଷା ନଳିନୀ ମହାପାତ୍ର ଓ ଜିଲା ସମ୍ପାଦକ ସନ୍ଧ୍ୟାରାଣୀ ମିଶ୍ର ଯୋଗଦେଇ ଜାରକା ଇନରହ୍ୱିଲ୍ କ୍ଲବର ଜନହିତକର କାର୍ଯ୍ୟ ପାଇଁ ପ୍ରଶଂସା କରିବା ସହିତ କ୍ଲବ ପକ୍ଷରୁ ପ୍ରକାଶିତ 'ଅସ୍ମିତା' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଏଥିସହିତ ଜାରକା ଇନରହ୍ୱିଲ୍ କ୍ଲବର ନୂତନ ସଦସ୍ୟା ଭାବେ ରେଣୁବାଳା ଦାସ ଓ ଅନିତା ମଞ୍ଜରୀ ଜେନାଙ୍କୁ ଜିଲା ଅଧ୍ୟକ୍ଷା ବ୍ୟାଚ୍ ପରିଧାନ କରିବା ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କ୍ଲବ ସଭାପତି କଳ୍ପନା ପରିଡାଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଲୋପାମୁଦ୍ରା ଷେଣ୍ଢ ବିବରଣୀ ପାଠ କରିଥିଲେ। ପୂର୍ବତନ ସଭାପତି ମାଧୁରୀ ଶତପଥୀ, ମିନତି ସାହୁ, ପ୍ରତିଭା ସାହୁ, କୋଷାଧ୍ୟକ୍ଷ ରଶ୍ମିତା ନାୟକ, ଆଇଏସ୍‌ଓ ଉପାସନା ଶତପଥୀ, ପତ୍ରିକା ସମ୍ପାଦକ ବିଶ୍ୱମିତ୍ରା ସାହୁ, ଶକୁନ୍ତଳା ମହାନ୍ତି, ଅଜନ୍ତା ପାଣିଗ୍ରାହୀ, ପ୍ରଭାତ ନଳିନୀ ସାହୁ, କଳ୍ପନା ନାୟକ, ଅରୁଣାରଶ୍ମୀ ସାମଲ, ଗୋଲାପ ମଞ୍ଜରୀ ପଣ୍ଡା, ମିନତି ମହାନ୍ତି, ଶୁଭଲକ୍ଷ୍ମୀ କର, ରୋଜାଲିନ ପ୍ରଧାନ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ। ରୋଟାରୀ କ୍ଲବର ସମ୍ପାଦକ ହରିହର ପଣ୍ଡା, ବରିଷ୍ଠ ସଭ୍ୟ ବିଜୟ କୁମାର ଶତପଥୀ, ରମେଶ ଚନ୍ଦ୍ର ସାହୁ, କଳାକାର ମହାନ୍ତି, ବିନୋଦ ବିହାରୀ ପରିଡା, ନିରଞ୍ଜନ ପାଣିଗ୍ରାହୀ, ଜୟନ୍ତ କୁମାର ସାହୁ, ପ୍ରଦୀପ୍ତ ବରାଳ, ଅମୂଲ୍ୟ ମହାରଣା, ରାଜେନ୍ଦ୍ର ପଲେଇ, ପ୍ରମୋଦ ସାମଲ, ପ୍ରଶାନ୍ତ କୁମାର ପୃଷ୍ଟି, ଜୟପ୍ରକାଶ ତ୍ରିପାଠୀ, ରଶ୍ମୀରଞ୍ଜନ ରାୟ ଓ ଜ୍ୟୋତି ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କ୍ଲବର ପୂର୍ବତନ ସମ୍ପାଦକ ଅର୍ଚ୍ଚନା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


## ପୂର୍ବ ତଟ ରେଳପଥ

### ବ୍ରେକ୍ ଭ୍ୟାନ୍ ଗୁଡ଼ିକର ଲିଜ୍

ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-Leasing-SLRs- 1 to 114, ତା : 26.08.2019 ରିଖ

କାର୍ଯ୍ୟର ନାମ

ପଞ୍ଜିକୃତ ଲିଜ୍‌ଧାରୀମାନଙ୍କୁ ବ୍ରେକ୍ ଭ୍ୟାନ୍ (SLRs/SLRDs) ପାର୍ସଲ ଜାଗାର ଲିଜ୍ ।

**68 ଟି ଟ୍ରେନ୍‌ର 114 SLRs/SLRDs (4 ଏବଂ 3.9 ଟନ୍ ) ବହନ କ୍ଷମତା**

| କ୍ର. ସଂ. | ଟ୍ରେନ୍ ସଂ. | ଟ୍ରେନ୍‌ର ନାମ | ଠାରୁ - ପର୍ଯ୍ୟନ୍ତ | ଆରକ୍ଷଣ ମୂଲ୍ୟ (ଟଙ୍କାରେ) |
|---|---|---|---|---|
| 1 | 18401 | ପୁରୀ-ଓଖା ଏକ୍ସପ୍ରେସ୍ | ପୁରୀ-ଓଖା | 23,198/- |
| 2 | 20813 | ପୁରୀ-ଯୋଧପୁର ଏକ୍ସପ୍ରେସ୍ | ପୁରୀ-ଯୋଧପୁର | 21,400/- |
| 3 | 18477 | କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ | ପୁରୀ-ହରିଦ୍ୱାର | 21,114/- |
| 4 | 12843 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ (ଭାୟା-ବିଜୟନଗରମ୍) | ପୁରୀ-ଅହମଦାବାଦ | 19,493/- |
| 5 | 14710 | ପୁରୀ-ବିକାନେର ଏକ୍ସପ୍ରେସ୍ | ପୁରୀ-ବିକାନେର | 19,177/- |
| 6 | 22910 | ପୁରୀ-ଭାଲସାଡ଼ ଏକ୍ସପ୍ରେସ୍ | ପୁରୀ-ଭାଲସାଡ଼ | 20,775/- |
| 7 | 11020 | କୋଣାର୍କ ଏକ୍ସପ୍ରେସ୍ | ଭୁବନେଶ୍ୱର-ଛତ୍ରପତି ଶିବାଜୀ ଟର୍ମିନସ୍ | 18,193/- |
| 8 | 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ (ଭାୟା-ସମ୍ବଲପୁର) | ପୁରୀ-ଅହମଦାବାଦ | 24,773/- |
| 9 | 18496 | ଭୁବନେଶ୍ୱର-ରାମେଶ୍ୱରମ ଏକ୍ସପ୍ରେସ୍ | ଭୁବନେଶ୍ୱର-ରାମେଶ୍ୱରମ | 19,358/- |
| 10 | 22827 | ପୁରୀ-ସୁରଟ ଏକ୍ସପ୍ରେସ୍ | ପୁରୀ-ସୁରଟ | 18,484/- |
| 11 | 12845 | ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଣ୍ଟ ଏକ୍ସପ୍ରେସ୍ | ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଣ୍ଟ | 16,727/- |
| 12 | 17479 | ପୁରୀ-ତିରୁପତି ଏକ୍ସପ୍ରେସ୍ | ପୁରୀ-ତିରୁପତି | 14,541/- |
| 13 | 22871 | ଭୁବନେଶ୍ୱର-ତିରୁପତି ଏକ୍ସପ୍ରେସ୍ | ଭୁବନେଶ୍ୱର-ତିରୁପତି | 13,670/- |
| 14 | 17015 | ବିଶାଖା ଏକ୍ସପ୍ରେସ୍ | ଭୁବନେଶ୍ୱର-ସିକନ୍ଦରାବାଦ | 12,150/- |
| 15 | 18419 | ପୁରୀ-ଜୟନଗର ଏକ୍ସପ୍ରେସ୍ | ପୁରୀ-ଜୟନଗର | 11,962/- |
| 16 | 18449 | ବୈଦ୍ୟନାଥଧାମ ଏକ୍ସପ୍ରେସ୍ | ପୁରୀ-ପାଟନା | 11,179/- |
| 17 | 12896 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | ପୁରୀ-ହାଓଡ଼ା | 8,073/- |
| 18 | 18447 | ହୀରାଖଣ୍ଡ ଏକ୍ସପ୍ରେସ୍ | ଭୁବନେଶ୍ୱର-ଜଗଦଲପୁର | 8,721/- |
| 19 | 18452 | ତପସ୍ୱିନୀ ଏକ୍ସପ୍ରେସ୍ | ପୁରୀ-ହାତିଆ | 7,845/- |
| 20 | 58132 | ପୁରୀ-ରାଉରକେଲା ପାସେଞ୍ଜର | ପୁରୀ-ରାଉରକେଲା | 6,206/- |
| 21 | 58002 | ପୁରୀ-ସାନ୍ତ୍ରାଗାଛି ପାସେଞ୍ଜର | ପୁରୀ-ସାନ୍ତ୍ରାଗାଛି | 6,122/- |
| 22 | 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | ପୁରୀ-ହାଓଡ଼ା | 8,073/- |
| 23 | 22819 | ଇଣ୍ଟରସିଟି ଏକ୍ସପ୍ରେସ୍ | ଭୁବନେଶ୍ୱର-ବିଶାଖାପାଟଣା | 5,523/- |
| 24 | 18421 | ପୁରୀ-ଆଜମେର ଏକ୍ସପ୍ରେସ୍ | ପୁରୀ-ଆଜମେର | 14,467/- |
| 25 | 12994 | ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ (ଭାୟା-ସମ୍ବଲପୁର) | ପୁରୀ-ଗାନ୍ଧୀଧାମ | 13,647/- |
| 26 | 12146 | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ | 12,906/- |
| 27 | 22866 | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ | 11,807/- |
| 28 | 12880 | ଭୁବନେଶ୍ୱର-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ଭୁବନେଶ୍ୱର-ଲୋକମାନ୍ୟ ତିଲକ ଟର୍ମିନସ୍ | 11,483/- |
| 29 | 22882 | ଭୁବନେଶ୍ୱର-ପୁନେ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁନେ | 14,925/- |
| 30 | 18407 | ସାଇ ନଗର ଶିରିଡ଼ି ଏକ୍ସପ୍ରେସ୍ | ପୁରୀ-ସାଇ ନଗର ଶିରିଡ଼ି | 11,048/- |
| 31 | 22879 | ଭୁବନେଶ୍ୱର-ତିରୁପତି ଏକ୍ସପ୍ରେସ୍ | ଭୁବନେଶ୍ୱର-ତିରୁପତି | 8,414/- |
| 32 | 18437 | ଭୁବନେଶ୍ୱର-ଭବାନୀପାଟଣା ଲିଙ୍କ୍ ଏକ୍ସପ୍ରେସ୍ | ଭୁବନେଶ୍ୱର-ଜୁନାଗଡ଼ ରୋଡ଼ | 10,232/- |
| 33 | 22809 | ପାରାଦୀପ-ବିଶାଖାପାଟଣା ଏକ୍ସପ୍ରେସ୍ | କଟକ-ବିଶାଖାପାଟଣା | 4,308/- |
| 34 | 22836 | ପୁରୀ-ଶାଲିମାର ଏକ୍ସପ୍ରେସ୍ | ପୁରୀ-ଶାଲିମାର | 3,969/- |
| 35 | 22890 | ପୁରୀ-ଦୀଘା ଏକ୍ସପ୍ରେସ୍ | ପୁରୀ-ଦୀଘା | 5,691/- |
| 36 | 22814 | ପାରାଦୀପ-ସାନ୍ତ୍ରାଗାଛି ଏକ୍ସପ୍ରେସ୍ | କଟକ-ସାନ୍ତ୍ରାଗାଛି | 3,908/- |
| 37 | 58417 | ପୁରୀ-ଗୁଣୁପୁର ପାସେଞ୍ଜର | ପୁରୀ-ନୌପଡା | 3,287/- |
| 38 | 58525 | ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର | ବ୍ରହ୍ମପୁର-ବିଶାଖାପାଟଣା | 3,008/- |
| 39 | 18425 | ପୁରୀ-ଦୁର୍ଗ ଏକ୍ସପ୍ରେସ୍ | ପୁରୀ-ଦୁର୍ଗ | 6,528/- |
| 40 | 12893 | ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ୍ | ଭୁବନେଶ୍ୱର-ବଲାଙ୍ଗୀର | 1,889/- |
| 41 | 18304 | ଇଣ୍ଟରସିଟି ଏକ୍ସପ୍ରେସ୍ | ପୁରୀ-ସମ୍ବଲପୁର | 1,733/- |
| 42 | 58004 | ଭଦ୍ରକ-ହାଓଡ଼ା ପାସେଞ୍ଜର | ଭଦ୍ରକ-ହାଓଡ଼ା | 1,576/- |
| 43 | 58010 | ଯାଜପୁର-କେନ୍ଦୁଝର ରୋଡ଼-ଖଡ଼ଗପୁର ପାସେଞ୍ଜର | ଯାଜପୁର କେନ୍ଦୁଝର ରୋଡ଼ -ଖଡ଼ଗପୁର | 1,332/- |
| 44 | 58424 | କଟକ-ଭଦ୍ରକ ପାସେଞ୍ଜର | କଟକ-ଭଦ୍ରକ | 895/- |
| 45 | 58436 | କଟକ-ଭଦ୍ରକ ପାସେଞ୍ଜର | କଟକ-ଭଦ୍ରକ | 895/- |
| 46 | 58416 | ପୁରୀ-କଟକ ପାସେଞ୍ଜର | ପୁରୀ-କଟକ | 770/- |
| 47 | 58415 | କଟକ - ପୁରୀ ପାସେଞ୍ଜର | କଟକ - ପୁରୀ | 1,246/- |
| 48 | 58410 | ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | ପୁରୀ-ଖୋର୍ଦ୍ଧା ରୋଡ଼ | 600/- |
| 49 | 58404 | ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | ପୁରୀ-ଖୋର୍ଦ୍ଧା ରୋଡ଼ | 600/- |
| 50 | 58403 | ଖୋର୍ଦ୍ଧା ରୋଡ଼-ପୁରୀ ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ | 600/- |
| 51 | 58409 | ଖୋର୍ଦ୍ଧା ରୋଡ଼-ପୁରୀ ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ | 600/- |
| 52 | 22974 | ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | ପୁରୀ-ଗାନ୍ଧୀଧାମ | 23,777/- |
| 53 | 12819 | ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ୍ | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | 23,625/- |
| 54 | 58423 | ଭଦ୍ରକ-କଟକ ପାସେଞ୍ଜର | ଭଦ୍ରକ-କଟକ | 1,105/- |
| 55 | 58435 | ଭଦ୍ରକ-କଟକ ପାସେଞ୍ଜର | ଭଦ୍ରକ-କଟକ | 1,105/- |
| 56 | 20817 | ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ (ଭାୟା-ସମ୍ବଲପୁର ସିଟି) | ଭୁବନେଶ୍ୱର-ନୂଆଦିଲ୍ଲୀ | 24,125/- |
| 57 | 18463 | ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ୍ | ଭୁବନେଶ୍ୱର-ବାଙ୍ଗାଲୋର | 19,260/- |
| 58 | 12898 | ଭୁବନେଶ୍ୱର-ପୁଡୁଚେରୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁଡୁଚେରୀ | 21,767/- |
| 59 | 12830 | ଭୁବନେଶ୍ୱର-ଚେନ୍ନାଇ ଏକ୍ସପ୍ରେସ୍ | ଭୁବନେଶ୍ୱର-ଚେନ୍ନାଇ | 17,154/- |
| 60 | 12822 | ପୁରୀ-ହାଓଡ଼ା ଧଉଳି ଏକ୍ସପ୍ରେସ୍ | ପୁରୀ-ହାଓଡ଼ା | 7,452/- |
| 61 | 22833 | ଭୁବନେଶ୍ୱର-କ୍ରୀଷ୍ଣରାଜପୁରମ୍ ହମ୍‌ସଫର ଏକ୍ସପ୍ରେସ୍ | ଭୁବନେଶ୍ୱର-କ୍ରୀଷ୍ଣରାଜପୁରମ୍ | 13,767/- |
| 62 | 12892 | ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସ୍ | ଭୁବନେଶ୍ୱର-ବାଙ୍ଗିରିପୋଷି | 4,037/- |
| 63 | 19318 | ପୁରୀ-ଇନ୍ଦୋର୍ ଜଙ୍କସନ୍ ହମ୍‌ସଫର ଏକ୍ସପ୍ରେସ୍ | ପୁରୀ-ଇନ୍ଦୋର୍ ଜଙ୍କସନ୍ | 14,350/- |
| 64 | 12281 | ଦୁରନ୍ତୋ ଏକ୍ସପ୍ରେସ୍ | ଭୁବନେଶ୍ୱର-ନୂଆଦିଲ୍ଲୀ | 26,005/- |
| 65 | 18410 | ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ | ପୁରୀ-ହାଓଡ଼ା | 9,200/- |
| 66 | 18414 | ପୁରୀ-ପାରାଦୀପ ଏକ୍ସପ୍ରେସ୍ | ପୁରୀ-କଟକ | 1,571/- |
| 67 | 18416 | ପୁରୀ-ବଡ଼ବିଲ ଏକ୍ସପ୍ରେସ୍ | ପୁରୀ-ବଡ଼ବିଲ | 2,590/- |
| 68 | 22805 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ଏକ୍ସପ୍ରେସ୍ | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | 22,061/- |

**ବହନ କ୍ଷମତା :** କ୍ରମ.ସଂ. 1ରୁ 5, 7, 12, 14, 18ରୁ 21, 23ରୁ 25, 27ରୁ 28, 30ରୁ 34, 36ରୁ 55, 57, 60, 62 ଏବଂ 64ରୁ 68 ନିମନ୍ତେ : **4 ଟନ୍**, କ୍ରମ.ସଂ. 6, 8ରୁ 11, 13, 15ରୁ 17, 22, 26, 29, 35, 56, 58ରୁ 59, 61 ଏବଂ 63 ନିମନ୍ତେ : **3.9 ଟନ୍**

**ବ୍ରେକ୍ ଭ୍ୟାନ୍ (SLR/SLRD) ଫ୍ରଣ୍ଟ/ରିଅର :** କ୍ରମ.ସଂ. 1ରୁ 5, 7, 12, 14, 18ରୁ 19, 23ରୁ 25, 27ରୁ 28, 30ରୁ 34, 39ରୁ 40, 53 ଏବଂ 60 ନିମନ୍ତେ: **ରିଅର-SLR, ଫ୍ରଣ୍ଟ-SLRD**, କ୍ରମ.ସଂ. 6, 8ରୁ 11, 13, 15ରୁ 17, 22, 26, 29, 35, 58ରୁ 59, 61ରୁ 63 ଏବଂ 68 ନିମନ୍ତେ : **ରିଅର-SLR,** କ୍ରମ.ସଂ. 20ରୁ 21, 37ରୁ 38, 41ରୁ 46, 48ରୁ 51, 54ରୁ 55 ଏବଂ 64ରୁ 67 ନିମନ୍ତେ: **ଫ୍ରଣ୍ଟ ଏବଂ ରିଅର - SLR,** କ୍ରମ.ସଂ. 36 ଏବଂ 52 ନିମନ୍ତେ : **ରିଅର - SLRD, ଫ୍ରଣ୍ଟ-SLR,** କ୍ରମ.ସଂ. 57 ନିମନ୍ତେ: **ଫ୍ରଣ୍ଟ-SLRD,** କ୍ରମ.ସଂ. 47 ଏବଂ 56ନିମନ୍ତେ : **ଫ୍ରଣ୍ଟ - SLR.**

**ସପ୍ତାହରେ ଚଳାଚଳ ଦିବସ ଏବଂ ସ୍କେଲ୍ :** କ୍ରମ.ସଂ. 1ରୁ 2, 5ରୁ 6, 8ରୁ 11, 13, 15ରୁ 17, 22, 52, 56, 58ରୁ 59, 64 ଏବଂ 68 ନିମନ୍ତେ : ଏକ ଦିନ **[R-Scale],** କ୍ରମ.ସଂ. 3, 7, 14, 18ରୁ 21, 23, 32, 57, 60 ଏବଂ 65 ନିମନ୍ତେ : ଦୈନିକ **[R-Scale],** କ୍ରମ.ସଂ. 53 ନିମନ୍ତେ : ଦୁଇ ଦିନ **[R-Scale],** କ୍ରମ.ସଂ. 4 ନିମନ୍ତେ : ଚାରି ଦିନ **[R-Scale],** କ୍ରମ.ସଂ. 12 ନିମନ୍ତେ: ପାଞ୍ଚ ଦିନ **[R-Scale],** କ୍ରମ.ସଂ. 25ରୁ 27, 29ରୁ 31, 33ରୁ 36, 61 ଏବଂ 63 ନିମନ୍ତେ: ଏକ ଦିନ **[P-Scale],** କ୍ରମ.ସଂ. 37ରୁ 39, 47 ଏବଂ 62 ନିମନ୍ତେ: ଦୈନିକ **[P-Scale],** କ୍ରମ.ସଂ. 24 ଏବଂ 28 ନିମନ୍ତେ: ଦୁଇ ଦିନ **[P-Scale]** ଏବଂ କ୍ରମ.ସଂ. 40ରୁ 46, 48ରୁ 51, 54ରୁ 55 ଏବଂ 66ରୁ 67 ନିମନ୍ତେ: ଦୈନିକ**[S-Scale].**

ଅମାନତ ରାଶି (EMD) : ₹ 1,00,000/- (ଏକ ଲକ୍ଷ ଟଙ୍କା ମାତ୍ର) ପ୍ରତ୍ୟେକ SLR ଏବଂ SLRD ନିମନ୍ତେ ।

ଆବେଦନ ଫର୍ମର ମୂଲ୍ୟ (GST @ 18% ସହିତ) : ₹ 1180/- ପ୍ରତ୍ୟେକ SLR ଏବଂ SLRD ନିମନ୍ତେ ।

ଟେଣ୍ଡର ବନ୍ଦ କରାଯିବାର ଅନ୍ତିମ ତାରିଖ ଓ ସମୟ : ତା 26.09.2019 ରିଖ 1500 ଘଟିକା ପର୍ଯ୍ୟନ୍ତ

ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା 26.09.2019 ରିଖ 1530 ଘଟିକାରେ

ପରବର୍ତ୍ତୀ ଅନୁସନ୍ଧାନ ଏବଂ ସ୍ପଷ୍ଟିକରଣ (ଯେଦି ଆବଶ୍ୟକ ହୁଏ) ନିମନ୍ତେ ଦୟାକରି **"ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ)** ଅର୍ଥାତ୍ **ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ଫୋନ୍ : 0674-2492945 / 2372750** ସହିତ ସମ୍ପର୍କ କରି ପାରନ୍ତି ।

ଉପରୋକ୍ତ ଟେଣ୍ଡରର ସମସ୍ତ ବିବରଣୀ ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-**III** ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ସହିତ **IREPS** ପୋର୍ଟାଲରେ ନିଶ୍ଚିତ ଭାବେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା(ମାନେ)/ ବିଡର(ମାନେ) ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ ପେପରଗୁଡ଼ିକ ନିଶ୍ଚିତ ଭାବେ ଅପଲୋଡ୍ କରିବାକୁ ହେବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

PR-339/K/19-20 ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ଖୋର୍ଦ୍ଧା ରୋଡ଼

## ସଂକ୍ଷେପରେ

### ବିମ୍ବାସୁରକୁ ବଧ କଲେ ଶ୍ରୀକୃଷ୍ଣ

**ପୁରୀ ଅଫିସ, ୪।୯:** ବୁଧବାର ଥିଲା ଭାଦ୍ରବ ଶୁକ୍ଳ ଷଷ୍ଠୀ। ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ ବିମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଛି। ସନ୍ଧ୍ୟାଧୂପ ପରେ ମଦନମୋହନ ଆଜ୍ଞାମାଳ ପାଇଁ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ସେଠାରେ ବିମ୍ବାସୁର ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଏହି ଲୀଳା ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦ୍ୱାପର ଯୁଗରେ ବିମ୍ବାସୁର ନାମକ ଜଣେ ମହାବଳଶାଳୀ ଅସୁରକୁ କଂସ ବୃନ୍ଦାବନକୁ ପ୍ରେରଣ କରିଥିଲେ। କୃଷ୍ଣ ବଳରାମଙ୍କ ନିଧନ ନିମନ୍ତେ ତାଙ୍କୁ ଆଦେଶ ଦେଇଥିଲେ। ହେଲେ ଭଗବାନ ଶ୍ରୀକୃଷ୍ଣ ଅବଲୀଳା କ୍ରମେ ବିମ୍ବାସୁରକୁ ବଧ କରିଥିଲେ। ଏହି ସ୍ମୃତିରେ ପ୍ରତିବର୍ଷ ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରରେ ବିମ୍ବାସୁର ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

### ପୋଲ ତଳକୁ ଖସିଲା କାର, ୨ମୃତ

**ବଡ଼ଗାଁ, ୪।୯ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାମରା ଯିବା ରାସ୍ତାର ମାଲିପଡ଼ା ଗାଁ ନିକଟରେ ଥିବା ପୋଲ ତଳକୁ ଭାରସାମ୍ୟ ହରାଇ ଏକ କାର ଖସି ପଡ଼ିଛି। ଫଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ବୁଧବାର ଅପରାହ୍ନ ୪ଟାରେ ବାମରା ଥାନା ଅନ୍ତର୍ଗତ ସର୍ଗୀଡିହି ଗ୍ରାମର ବୀରେନ୍ଦ୍ର ନାଏକ (୪୦), ସୌମ୍ୟରଞ୍ଜନ ନାଏକ(୪୩), ବଡ଼ଗାଁ ଥାନା ରାଏଡିହି ଗ୍ରାମର ନରେନ୍ଦ୍ର ସା (୪୫) ଓ ଚେମଠାପଡ଼ା ଗ୍ରାମର ଭବାନୀଶଙ୍କର ଗୌଡ଼ (୪୩) ଏକ କାର (ନଂ. ଓଡି୧୫ଜେ-୫୪୫୩)ରେ ବାମରା ଆଡ଼କୁ ଯାଉଥିଲେ। ପୋଲ ନିକଟରେ ନିୟନ୍ତ୍ରଣ ହରାଇ କାର ତଳକୁ ଖସିପଡ଼ିଥିଲା। ଗୁରୁତର ଅବସ୍ଥାରେ ସମସ୍ତଙ୍କୁ ବଡ଼ଗାଁ ଡାକ୍ତରଖାନା ଅଣାଯାଇଥିଲା। ଡାକ୍ତରଖାନାରେ ବୀରେନ୍ଦ୍ର ନାଏକଙ୍କ ମୃତ୍ୟୁ ଘଟିଥିଲା। ନରେନ୍ଦ୍ର ସାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ସୁନ୍ଦରଗଡ଼ ଡାକ୍ତରଖାନା ନିଆଯାଉଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ବଡ଼ଗାଁ ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ସ୍ତ୍ରୀଙ୍କ ଦେହରେ ନିଆଁ ଲଗାଇ ହତ୍ୟା
#### ସ୍ୱାମୀ ଗିରଫ,ଶାଶୁ ଅଟକ

**ସିନାପାଲି,୪।୯(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ଥାନା ଅନ୍ତର୍ଗତ ଖଲନା ଗ୍ରାମରେ ବୁଧବାର ସକାଳେ ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀଙ୍କୁ କିରୋସିନ ଢାଳି ସ୍ୱାମୀ ନିଆଁ ଲଗାଇ ହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ମୁକ୍ତା ଛତ୍ରୀ (୩୬)। ଏ ନେଇ ସିନାପାଲି ଥାନାରେ ମୃତକଙ୍କ ବାପା ଅଭିଯୋଗ କରିଛନ୍ତି। ଖବର ପାଇ ସିନାପାଲି ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସଂକ୍ରାନ୍ତରେ ପୋଲିସ ଦଫା ୪୯୮, ୩୦୪, ୩୦୨, ୪ ଡିପି ଆକ୍ଟ ୩୪ ଆଇପିସିରେ ଏକ ମାମଲା (ନଂ.୧୯୭/୧୯) ରୁଜୁ କରିଛି। ପୋଲିସ ଏହି ଘଟଣାରେ ସ୍ୱାମୀ ହୀରାଧର ଛତ୍ରୀଙ୍କୁ ଗିରଫ କରିଛି। ଶାଶୁଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ୫ ବର୍ଷ ହେବ ହୀରାଧର ବଲାଙ୍ଗୀର ଜିଲା ସିନ୍ଧେକେଲା ଥାନା ପିପଲପଦର ଗ୍ରାମର ହରେକୃଷ୍ଣ ନାଏକଙ୍କ ଝିଅ ମୁକ୍ତାଙ୍କୁ ପାରମ୍ପରିକ ରୀତିରେ ବିବାହ କରିଥିଲେ। ମଙ୍ଗଳବାର ତାଙ୍କ ଘରେ ନୂଆଁଖାଇ ପାଳିତ ହୋଇଥିଲା। ବୁଧବାର କାହିଁକି ମୁକ୍ତାଙ୍କୁ ତାଙ୍କ ସ୍ୱାମୀ ପୋଡି ହତ୍ୟା କଲେ ତାର ରହସ୍ୟ ଜଣାପଡିନାହିଁ। ତାଙ୍କ ଅନୁପସ୍ଥିତିରେ ମୁକ୍ତା ଚୂଲି ନିଆଁରେ ପୋଡି ମରିଯାଇଥିବା ହୀରାଧର କହିଛନ୍ତି। ତାଙ୍କର ୪ ବର୍ଷର ଏକ ଝିଅ ଓ ୮ ମାସର ଏକ ପୁଅ ଅଛି।

### ଅବସରପ୍ରାପ୍ତ ରେଳ କର୍ମଚାରୀଙ୍କ ଆତ୍ମହତ୍ୟା

**ବେଲପାହାଡ଼,୪।୯ (ଡି.ଏନ୍.ଏ):** ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ସମଡ଼ା ବଜାରପଡ଼ାରେ ଜଣେ ଅବସରପ୍ରାପ୍ତ ରେଳ କର୍ମଚାରୀ ଗଳାରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ନଗେନ୍ଦ୍ର ଦାଶ (୬୨)। ଏହି ସମୟରେ ତାଙ୍କ ଘରେ କେହି ନ ଥିଲେ। ପୁଅ ଏକ ଘରୋଇ କମ୍ପାନୀରେ ଚାକିରୀ କରୁଥିବାରୁ ଘରେ ନ ଥିଲେ। ନଗେନ୍ଦ୍ରଙ୍କ ସ୍ତ୍ରୀ କୌଣସି କାମରେ ଗାଁକୁ ଯାଇଥିଲେ। ପୋଲିସ ଆତ୍ମହତ୍ୟା ସୂଚନା ପାଇ ଘର ଭିତରୁ ଝୁଲନ୍ତା ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ବିଦ୍ୟୁତ୍ ନେଲା ୬ ଜୀବନ

**ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରାଜ୍ୟର ବିଭିନ୍ନ ସ୍ଥାନରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ବଲାଙ୍ଗୀର ଜିଲାରେ ଏକ ଦମ୍ପତିଙ୍କ ସହ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ନୟାଗଡ଼ ଜିଲାରେ ୨ ଜଣ ଓ ବରଗଡ଼ ଜିଲାରେ ଜଣେ ଯୁବକଙ୍କ ଜୀବନ ଯାଇଛି।**

### ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଦମ୍ପତି ମୃତ

**ଲୋଇସିଂହା,୪।୯(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ଗ୍ରାମରେ ବୁଧବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଜନୀ ନାଗ(୩୦) ଓ ତାଙ୍କ ସ୍ୱାମୀ ହେମନ୍ତ ନାଗ(୩୫)। ମଙ୍ଗଳବାର ହେମନ୍ତଙ୍କ ପରିବାର ବେଶ୍ ହସଖୁସିରେ ନୂଆଁଖାଇ ମନାଇଥିଲେ। ବୁଧବାର ସକାଳ ପ୍ରାୟ ୫ଟାରେ ରଜନୀ ଗାଧୋଇ ସାରି ଘର ଅଗଣାରେ ଓଦା କପଡା ଶୁଖାଉଥିଲେ। ଏହି ସମୟରେ ସେଠାରେ ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସି ଯାଇଥିଲେ। ସ୍ତ୍ରୀଙ୍କ ଚିତ୍କାର ଶୁଣି ହେମନ୍ତ ସେଠାକୁ ଆସି ବିଦ୍ୟୁତ୍ ତାରକୁ ଏକ ବାଡିରେ ପିଟି ଦେଇଥିଲେ। ହେଲେ ତାରଟି ଛିଡି ଯାଇ ତାଙ୍କ ଗୋଡରେ ଛନ୍ଦି ହୋଇଯାଇଥିଲା। ଫଳରେ ଉଭୟେ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ପଡିଥିଲେ। ପଡୋଶୀମାନେ ତାଙ୍କୁ ଉଦ୍ଧାର କରି ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଲୋଇସିଂହ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୧୯) ରୁଜୁ ହୋଇଛି। ନାଗ ଦମ୍ପତିଙ୍କ ମୃତ୍ୟୁ ପରେ ତାଙ୍କ ଦୁଇ ଝିଅ ଅସହାୟ ହୋଇ ପଡିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅନ୍ତର୍ଗତ କର୍ଡଙ୍ଗ ଗ୍ରାମର ମୂଳବାସିନ୍ଦା ହେମନ୍ତ ନାଗ ରଜନୀଙ୍କୁ ପ୍ରେମ ବିବାହ କରିଥିଲେ। ବିବାହ ପରଠାରୁ ଗତ ୧୦ବର୍ଷ ହେଲା ସେମାନେ ଆଗଲପୁର ଆସି ରହୁଥିଲେ। ତାଙ୍କର ୬ ଓ ୩ ବର୍ଷର ଦୁଇ ଝିଅ ଅଛନ୍ତି।



ରଜନୀ ଓ ହେମନ୍ତଙ୍କ ମୃତ୍ୟୁ ପରେ ଅସହାୟ ହୋଇ ପଡ଼ିଥିବା ଦୁଇ ଝିଅ।

### ସାନଭଉଣୀ ପାଇଁ ବଡ଼ଭାଇ ଆଖି ବୁଜିଲେ

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ଗୁରୁଣ୍ଡା ଗ୍ରାମରେ ସେମିତି ଏକ ଅଭାବନୀୟ ଘଟଣା ବୁଧବାର ଘଟିଛି। ସାନ ଭଉଣୀକୁ ବଞ୍ଚାଇବାକୁ ଯାଇ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ସାନଭଉଣୀ ପ୍ରେମଲତା ସରାଫ(୧୬) ସକାଳେ ଘର ଓଳାଉଥିଲେ। ଏହି ସମୟରେ ଗଣେଶ ପୂଜା ପାଇଁ ଘରେ ଲାଗିଥିବା ଲିଟୁ ଲାଇଟ ସଂସ୍ପର୍ଶରେ ସେ ଆସି ଯାଇଥିଲେ। ଭଉଣୀଙ୍କ ଚିତ୍କାର ଶୁଣି ଅନ୍ୟ ଘରେ ଥିବା ବଡ଼ଭାଇ କର୍ଣ୍ଣଦାନୀ(୧୯)ସେଠାକୁ ଆସି ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିଥିଲେ। ହେଲେ ବିଦ୍ୟୁତ ଆଘାତରେ ସେ ଗୁରୁତର ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ କଣ୍ଟାବାଞ୍ଜି ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଡାକ୍ତର କର୍ଣ୍ଣଦାନୀଙ୍କୁ ମୃତ ଘୋଷଣା କରିଥିଲେ। କଣ୍ଟାବାଞ୍ଜି ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କଣ୍ଟାବାଞ୍ଜି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୧୯) ରୁଜୁ ହୋଇଛି।

### ହୋଲ୍ଡର ମରାମତି ବେଳେ ୨ ମୃତ

**ରଣପୁର,(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡିର ରଙ୍କଦେଉଳି ଗାଁରେ ବୁଧବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଲକ୍ଷ୍ମଣ ସାହୁ(୫୮) ଓ ରବି ପରିଡା(୩୦)। ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ ୧୧/୧୯) ରୁଜୁ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ରଙ୍କଦେଉଳି ଗାଁର ଲକ୍ଷ୍ମଣ ବୁଧବାର ଘରେ ଏକୁଟିଆ ଥିଲେ। କୌଣସି କାରଣରୁ ସେ ଗାଁର ରବିଙ୍କୁ ଘରକୁ ଡାକିଥିଲେ। ଏହି ସମୟରେ ଲକ୍ଷ୍ମଣ ଏକ ଅଚଳ ହୋଲଡର ମରାମତି କରୁଥିଲେ। ଅସାବଧାନତା ଯୋଗୁ ତାଙ୍କୁ ହଠାତ୍ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେ ଚିତ୍କାର କରିବାରୁ ରବି ତାଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ। ଉଭୟଙ୍କ ଚିତ୍କାର ଶୁଣି ଗାଁ ଲୋକେ ସେଠାରେ ପହଞ୍ଚି ବହୁ କଷ୍ଟରେ ଦୁହିଁଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଲକ୍ଷ୍ମଣଙ୍କ ମୃତ୍ୟୁ ଘଟିସାରିଥିଲା। ରବିଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଦ୍ୟୁତ୍ ତାର ଲାଗି ଯୁବକ ମୃତ

**ଗାଇସିଲେଟ, (ଡି.ଏନ.ଏ.):** ଗଣେଶ ଭସାଣି ଶୋଭାଯାତ୍ରା ସାରି ଏକ ଡିଜେ ଗାଡି ଉପରେ ବସି ଘରକୁ ଫେରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୀରେନ୍ଦ୍ର ବରିହା(୨୬)। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଗାଇସିଲେଟ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯) ରୁଜୁ ହୋଇଛି।

ବୁଧବାର ସନ୍ଧ୍ୟା ୬ଟାରେ ବରଗଡ଼ ଜିଲା ଗାଇସିଲେଟ ଥାନା ତାଲପାଲି ପଞ୍ଚାୟତର ଜେମକେରା ଗାଁରେ ଗଣେଶ ଭସାଣି ଶୋଭାଯାତ୍ରା ଥିଲା। ବୀରେନ୍ଦ୍ର ଏକ ଡିଜେ ଗାଡିରେ ବସି ଉକ୍ତ ଶୋଭାଯାତ୍ରାକୁ ଯାଇଥିଲେ। ସେଠାରେ ଶୋଭାଯାତ୍ରା ସରିବା ପରେ ବୀରେନ୍ଦ୍ର ଉକ୍ତ ଗାଡି ଉପରେ ବସି ଘରକୁ ଫେରୁଥିଲେ। ଚଂଘରିଆ ଗାଁ ନିକଟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ବୀରେନ୍ଦ୍ରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

### ଅପରେଶନ ପରୀ-୩
## ଉଦ୍ଧାର ହେଲେ ୮୨ ଶିଶୁ

**ଭୁବନେଶ୍ୱର, ୪।୯(ବ୍ୟୁରୋ)**

ନିଖୋଜ ଶିଶୁଙ୍କୁ ଖୋଜି ପାଇବା ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେଶନ ପରୀ-୩'ର ଦ୍ୱିତୀୟ ପର୍ଯ୍ୟାୟ ସରିଛି। ପୋଲିସ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ୮ ଟିମ୍ ରାଜ୍ୟ ବାହାରୁ ଓଡ଼ିଶାର ୮୨ଜଣ ଶିଶୁଙ୍କୁ ଉଦ୍ଧାର କରି ଫେରିଛି। ଉକ୍ତ ଶିଶୁଙ୍କ ମଧ୍ୟରେ ୨୧ଜଣ ବାଳିକା ଓ ୬୧ ଜଣ ବାଳକ ଅଛନ୍ତି। ବିଭାଗୀୟ ସୂଚନା ମୁତାବକ, ଆନ୍ଧ୍ରପ୍ରଦେଶରୁ ୨୦ଜଣ, ତାମିଲନାଡୁରୁ ୧୫ଜଣ, ତେଲେଙ୍ଗାନାରୁ ୪ଜଣ, ମହାରାଷ୍ଟ୍ରରୁ ୫ଜଣ, ପଶ୍ଚିମବଙ୍ଗରୁ ୧୭ଜଣ, ଛତିଶଗଡ଼ରୁ ୮ଜଣ, ଝାଡ଼ଖଣ୍ଡରୁ ୯ଜଣ ଓ ନୂଆଦିଲ୍ଲୀରୁ ୪ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ବିଭିନ୍ନ କାରଣରୁ ରାଜ୍ୟ ବାହାରକୁ ଚାଲିଯାଇଥିବା ଏହି ଶିଶୁଙ୍କୁ ସେଠାକାର ଶିଶୁ ଯତ୍ନ ଅନୁଷ୍ଠାନ, ରେଳ ଷ୍ଟେଶନ, ଆଶ୍ରୟଗୃହ ଓ ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରୁ ଉଦ୍ଧାର କରାଯାଇଥିଲା। ତେବେ ନିୟମାନୁଯାୟୀ ଉଦ୍ଧାର ଶିଶୁଙ୍କୁ ଭୁବନେଶ୍ୱରର ଅତିରିକ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ଉପସ୍ଥାପନ କରାଯିବା ପରେ ସାମୟିକ ଭାବେ ଭୁବନେଶ୍ୱର ଓ କଟକ ସହରରେ ଥିବା ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ରହିବାର ବନ୍ଦୋବସ୍ତ ହୋଇଛି। ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ସଂଯୋଜନାରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ଗୁଡ଼ିକୁ ଯୋଗାଯୋଗ କରି ଉଦ୍ଧାର ଶିଶୁଙ୍କୁ ସେମାନଙ୍କ ପରିବାର ସହିତ ପୁନର୍ମିଳନ ପାଇଁ ବ୍ୟବସ୍ଥା କରାଯାଉଛି। ଆବଶ୍ୟକ ସ୍ଥଳେ ଅଭିଭାବକ ନ ଥିବା ଶିଶୁଙ୍କୁ ବିଭାଗ ତରଫରୁ ଆନୁଷ୍ଠାନିକ ଯତ୍ନ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଛି।

# ପି.ଭି ସିନ୍ଧୁଙ୍କୁ ସମ୍ବର୍ଦ୍ଧିତ କଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୪।୯(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ନୂଆଦିଲ୍ଲୀଠାରେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ପି.ଭି ସିନ୍ଧୁ ଏବଂ ତାଙ୍କ ବାପା ପି.ଭି ରମଣଙ୍କ ସହ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସିନ୍ଧୁଙ୍କୁ ଦେଶର ଗୌରବ ବୋଲି କହିବା ସହ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପାଇଁ ଧର୍ମେନ୍ଦ୍ର ତାଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଏହାବ୍ୟତୀତ ସେ ସିନ୍ଧୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ୨୦୨୦ ଅଲିମ୍ପିକ୍ସ ପ୍ରତିଯୋଗିତା ପାଇଁ ଶୁଭକାମନା ଜଣାଇଛନ୍ତି। ପି.ଭି ସିନ୍ଧୁ ଏବଂ ତାଙ୍କ ବାପାଙ୍କୁ କେନ୍ଦ୍ରମନ୍ତ୍ରୀ ଜଗନ୍ନାଥଙ୍କ ନବକଳେବର ଅବସରରେ ଭାରତ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ସ୍ମାରକ ମୁଦ୍ରା ଏବଂ ଓଡିଆ ସାଲ୍ ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଜଣେ ଆଗଧାଡିର ଯୁବ ପ୍ରତିଭା ଏବଂ ତାଙ୍କର ଉଦ୍ୟମ ସାମାଜିକ ପରିବର୍ତ୍ତନ କରିପାରିବ। ତାଙ୍କୁ ରାଷ୍ଟ୍ରୀୟ ମିଶନ ଏବଂ କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛ ଭାରତ ମିଶନ, ଜଳଶକ୍ତି ଅଭିଯାନ ପରି କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଖୁସିବ୍ୟକ୍ତ କରିବା ସହ ସିନ୍ଧୁ ଧର୍ମେନ୍ଦ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହାସହ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ(ଆରଆଇଏନ୍ଏଲ୍)କୁ ମଧ୍ୟ ସମର୍ଥନ ଦେବା ପାଇଁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ସିନ୍ଧୁ ରାଷ୍ଟ୍ରୀୟ ଇସ୍ପାତ୍ ନିଗମ ଲିମିଟେଡର ବ୍ରାଣ୍ଡ ଆମ୍ବାସାଡର ଅଛନ୍ତି।



ପି.ଭି ସିନ୍ଧୁଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବର୍ଦ୍ଧିତ କରୁଛନ୍ତି।

# ଦସ୍ତାବିଜ ଦେବ ନାଗରିକତ୍ୱର ପ୍ରମାଣ

**ଭୁବନେଶ୍ୱର, ୪।୯ (ବ୍ୟୁରୋ)**

ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଆସାମର ଜାତୀୟ ନାଗରିକ ପଞ୍ଜିକା (ଏନ୍ଆର୍‌ସି)ର ଚୂଡ଼ାନ୍ତ ତାଲିକା ୩୧ ଅଗଷ୍ଟ ୨୦୧୯ରେ ପ୍ରକାଶ ପାଇଛି। ଏଥିରେ ୩ କୋଟି ୧୧ ଲକ୍ଷ ୨୧ ହଜାର ୪ ଜଣ ସାମିଲ ହୋଇଛନ୍ତି। ୧୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏଥିରୁ ବାଦ୍ ପଡ଼ିବା ପରେ ଆସାମ ସମେତ ଦେଶବ୍ୟାପୀ ଏହି ପ୍ରସଙ୍ଗ ଚର୍ଚ୍ଚାର ବିଷୟ ପାଲଟିଛି। କୁହାଯାଉଥିଲା ଆସାମକୁ ବେଆଇନ ଭାବେ ଅନୁପ୍ରବେଶ କରିଥିବା ବାଂଲାଦେଶୀ ମୁସଲମାନଙ୍କୁ ତଡ଼ିବା ଲାଗି ଏଭଳି ପଦକ୍ଷେପ ନିଆଯାଇଛି। କିନ୍ତୁ ୧୯୬୦ ପୂର୍ବରୁ ପୂର୍ବ ପାକିସ୍ତାନରୁ ଆସିଥିବା ହିନ୍ଦୁମାନେ ମଧ୍ୟ ତାଲିକାରୁ ବାଦ୍ ପଡ଼ିଯାଇଛନ୍ତି। ଏନ୍ଆର୍‌ସି ଏବେ ଆସାମରେ ବିଭେଦର ରେଖା ଟାଣିଥିବା ବେଳେ ଓଡ଼ିଶା ସମେତ ଅନ୍ୟାନ୍ୟ କେତେକ ରାଜ୍ୟରେ ସମାନ ବ୍ୟବସ୍ଥା ଲାଗୁ କରାଗଲେ ଅନୁପ୍ରବେଶକାରୀମାନଙ୍କୁ ଠାବ କରାଯାଇପାରିବ ବୋଲି କଥା ଉଠିଲାଣି। ଏଭଳି ସ୍ଥଳେ କେଉଁମାନେ ନାଗରିକତ୍ୱ ପାଇବା ପାଇଁ ହକ୍‌ଦାର ଓ ଏଥିଲାଗି ରହିଥିବା ସର୍ତ୍ତ ପୂରଣ କିଭଳି ହୋଇପାରିବ ତାହା ଜାଣିବା ଲାଗି ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

ଆସାମରେ ଏନ୍ଆର୍‌ସି ଚିଠା ତାଲିକାରୁ ପ୍ରଥମେ ଯେଉଁମାନେ ବାଦ୍ ପଡିଥିଲେ, ସେମାନଙ୍କୁ ଚୂଡ଼ାନ୍ତ ତାଲିକାରେ ସାମିଲ କରିବା ପାଇଁ ସୁପ୍ରିମକୋର୍ଟ ବର୍ଷକ ତଳେ (୫ ସେପ୍ଟେମ୍ବର ୨୦୧୮) ୧୦ଟି ଦଲିଲର ପ୍ରମାଣ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଏନେଇ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାର ଏବଂ ସମ୍ପୃକ୍ତ ଅନ୍ୟ ପକ୍ଷମାନଙ୍କ ମତାମତ ଲୋଡ଼ିଥିଲେ।




### ଏନ୍ଆର୍‌ସି ଲାଗି ୧୦ ସର୍ତ୍ତ

- ଜମି ପଟ୍ଟା
- ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର
- ଏଲ୍ଆଇସି ପଲିସି
- ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ପାଇଥିବା ଲାଇସେନ୍ସ ଅଥବା ପ୍ରମାଣପତ୍ର
- ସରକାରୀ କିମ୍ବା ରାଷ୍ଟ୍ରାୟତ୍ତ କମ୍ପାନୀରେ ନିଯୁକ୍ତି ସମ୍ପର୍କିତ ଦସ୍ତାବିଜ୍
- ବ୍ୟାଙ୍କ କିମ୍ବା ପୋଷ୍ଟଅଫିସ୍ ଆକାଉଣ୍ଟ
- ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଇସ୍ୟୁ ହୋଇଥିବା ଜନ୍ମ ପ୍ରମାଣପତ୍ର
- ବୋର୍ଡ କିମ୍ବା ବିଶ୍ୱବିଦ୍ୟାଳୟ ଦେଇଥିବା ଶିକ୍ଷାଗତ ପ୍ରମାଣପତ୍ର
- ବିଚାର ବିଭାଗୀୟ ରେକର୍ଡ
- ରାଜସ୍ୱ ଅଦାଲତର ରେକର୍ଡ

ଏନେଇ ଅଦାଲତ ଆସାମ ପବ୍ଲିକ୍ ୱାର୍କସ, ଆସାମ ସମ୍ମିଳିତ ମହାସଂଘ, ନ୍ୟାଶନାଲ ଡେମୋକ୍ରାଟିକ୍ ଫ୍ରଣ୍ଟ ଅଫ୍ ବୋଡୋଲାଣ୍ଡ (ପ୍ରୋଗ୍ରେସିଭ୍), ଇଣ୍ଡିଜେନିଅସ୍ ଟ୍ରାଇବାଲ ପିପୁଲ୍ସ ଫେଡେରେଶନ, ଅଲ୍ ଆସାମ ଭୋଜପୁରୀ ପରିଷଦ, ବଙ୍ଗାଳୀ ଶରଣାର୍ଥୀ ମିଳିତ କ୍ରିୟାନୁଷ୍ଠାନ କମିଟି, ଅଲ୍ ଆସାମ ମାଇନରିଟି ଷ୍ଟୁଡେଣ୍ଟସ୍ ୟୁନିୟନ ଏବଂ ଜାମିଆତ ଉଲେମା-ଇ-ହିନ୍ଦ୍ ସଂଗଠନକୁ ମଧ୍ୟ ଜବାବ ମାଗିଥିଲେ। ତେବେ ନାଗରିକତ୍ୱ ହାସଲ ସକାଶେ ୧୦ଟି ପରିଚୟ ଦସ୍ତାବିଜ୍ ପ୍ରାମାଣିକ ହେବା ଆବଶ୍ୟକ ବୋଲି ଜଷ୍ଟିସ୍ ରୋହିଣ୍ଟନ ଫଲି ନରିମାନ କହିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇରେ ଆସାମରେ ଏନ୍ଆରସି ଚିଠା ତାଲିକା ପ୍ରକାଶ ପାଇଥିଲା, ଯେଉଁଥିରେ ୨ କୋଟି ୮୯ ଲକ୍ଷ ୮୩ ହଜାର ୬୭୭ ଜଣ ସାମିଲ ହୋଇଥିଲେ। ୩ କୋଟି ୨୯ ଲକ୍ଷ ୯୧ ହଜାର ୩୮୪ ଜଣ ଆବେଦନ କରିଥିବାବେଳେ ୪୦ ଲକ୍ଷ ୭ ହଜାର ୭୦୭ ଜଣ ତାଲିକାରୁ ବାଦ୍ ପଡିଥିଲେ। ସେମାନଙ୍କ ମଧ୍ୟରୁ ପ୍ରକୃତ ଯୋଗ୍ୟଙ୍କୁ ଏନ୍ଆର୍‌ସିରେ ସାମିଲ କରିବା ପାଇଁ ଏହାର ଆସାମ ଆବାହକ ପ୍ରତୀକ ହାଜେଲା ଦେଇଥିବା ପରିଚୟ ଦସ୍ତାବିଜ୍ ପ୍ରସ୍ତାବ ମଧ୍ୟରୁ ଜଷ୍ଟିସ ରଞ୍ଜନ ଗୋଗୋଇ ଓ ନରିମାନଙ୍କୁ ନେଇ ଗଠିତ ଖଣ୍ଡପୀଠ ୧୦ଟିକୁ ଚୟନ କରିଥିଲା। ସେଗୁଡ଼ିକ ହେଲା-ଜମି ପଟ୍ଟା, ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଏଲ୍ଆଇସି ପଲିସି, ସରକାରୀ କର୍ତ୍ତୃପକ୍ଷଙ୍କଠାରୁ ପାଇଥିବା ଲାଇସେନ୍ସ ଅଥବା ପ୍ରମାଣପତ୍ର, ସରକାରୀ କିମ୍ବା ରାଷ୍ଟ୍ରାୟତ୍ତ କମ୍ପାନୀରେ ନିଯୁକ୍ତି ସମ୍ପର୍କିତ ଦସ୍ତାବିଜ୍, ବ୍ୟାଙ୍କ କିମ୍ବା ପୋଷ୍ଟଅଫିସ୍ ଆକାଉଣ୍ଟ, ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଇସ୍ୟୁ ହୋଇଥିବା ଜନ୍ମ ପ୍ରମାଣପତ୍ର, ବୋର୍ଡ କିମ୍ବା ବିଶ୍ୱବିଦ୍ୟାଳୟ ଦେଇଥିବା ଶିକ୍ଷାଗତ ପ୍ରମାଣପତ୍ର, ବିଚାର ବିଭାଗୀୟ ରେକର୍ଡ ଏବଂ ରାଜସ୍ୱ ଅଦାଲତର ରେକର୍ଡ। ଏହିସବୁ ଦସ୍ତାବିଜ ୧୯୭୧ ମାର୍ଚ୍ଚ ୨୪ ପର୍ଯ୍ୟନ୍ତ ରହିଥିବା ଆବଶ୍ୟକ ବୋଲି ଏନ୍ଆର୍‌ସିରେ ଉଲ୍ଲେଖ କରାଯାଇଛି।

# ୧୪ରୁ ଭାଜପା ପାଳିବ ସେବା ସପ୍ତାହ

- ଦେଶର ମାନ୍ଦାବସ୍ଥା ବିଷୟରେ କିଛି କହିଲେନି
- ରାଜ୍ୟ ଚାହିଁଲେ ଆହୁରି ମିଳିବ ବିଦ୍ୟୁତ୍ ଚାଳିତ ବସ୍
- ଉନ୍ମୋଚିତ କରାଯିବ ପ୍ରଧାନମନ୍ତ୍ରୀଙ୍କ ଜୀବନୀ ପୁସ୍ତକ

**ଭୁବନେଶ୍ୱର,୪।୯(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହକୁ ଦେଶବ୍ୟାପୀ ସେବା ସପ୍ତାହ ଭାବେ ପାଳନ କରିବ ଭାଜପା। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ୧୭ ସେପ୍ଟେମ୍ବରରେ ପଡୁଛି। ତେଣୁ ଭାଜପା ପକ୍ଷରୁ ସେପ୍ଟେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ସେବା ସପ୍ତାହ ପାଳନ କରାଯିବ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ସୂଚନା ଦେଇଛନ୍ତି। ମେଘୱାଲ ସେବା ସପ୍ତାହ ସମିତିର ରାଷ୍ଟ୍ରୀୟ ସଂଯୋଜକ ଅଛନ୍ତି।

ବୁଧବାର ମେଘୱାଲ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଏହି ସେବା ସପ୍ତାହ ମଧ୍ୟରେ ଦଳର ଏମ୍‌ପି, ବିଧାୟକ, ଜିଲା ଅଧ୍ୟକ୍ଷ, ଜନ ପ୍ରତିନିଧି ଏବଂ ରାଜ୍ୟ ପଦାଧିକାରୀମାନେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହେବେ। ରାଜ୍ୟର ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଚକ୍ଷୁ ପରୀକ୍ଷା, ଅସ୍ତ୍ରୋପଚାର ଶିବିର ଏବଂ ଔଷଧ ବଣ୍ଟନ ଆଦି କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହାସହ ହସ୍ପିଟାଲ, ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମଗୁଡିକରେ ଫଳ ବଣ୍ଟନ କରାଯିବ। ଦିବ୍ୟାଙ୍ଗମାନଙ୍କ ଶିକ୍ଷା ଏବଂ ପାଳନ ପୋଷଣ ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନଗୁଡିକ ସହିତ ସହଭାଗିତାରେ ସେବା କାର୍ଯ୍ୟ କରାଯିବ। ପ୍ରଧାନମନ୍ତ୍ରୀ 'ସିଙ୍ଗଲ ୟୁଜ ପ୍ଲାଷ୍ଟିକ' ତଥା ପ୍ଲାଷ୍ଟିକ ମୁକ୍ତ ଭାରତ ପାଇଁ ଯେଉଁ କଳ୍ପନା କରିଛନ୍ତି, ତାହାକୁ ସାକାର କରିବା ପାଇଁ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାମାନେ ସଂକଳ୍ପ ନେବେ। ଏହି ପରିପ୍ରେକ୍ଷୀରେ ଭାଜପା କାର୍ଯ୍ୟକର୍ତ୍ତାମାନେ ନିଜ ଅଞ୍ଚଳର ସ୍କୁଲ ଓ କଲେଜରେ ଛାତ୍ରୀଛାତ୍ରମାନଙ୍କୁ ପ୍ଲାଷ୍ଟିକ ବସ୍ତୁ ବର୍ଜନ କରିବା ଏବଂ ଜଳ ସଂରକ୍ଷଣ ପାଇଁ ସଚେତନ କରାଇବେ। ସାଧାରଣ ଲୋକଙ୍କ ଭିତରେ ସିଙ୍ଗଲ ୟୁଜ ପ୍ଲାଷ୍ଟିକକୁ ନେଇ ଜନଜାଗରଣ ସୃଷ୍ଟି କରାଯିବ, ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଭାଜପା ରାଜ୍ୟ ନେତୃବୃନ୍ଦମାନେ ନେବେ। ପ୍ରତ୍ୟେକ ସାର୍ବଜନୀନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯିବ। ରାଜ୍ୟର ବିଭିନ୍ନ ସ୍ଥାନରେ ମେଡିକାଲ କ୍ୟାମ୍ପ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି। ଛୋଟବେଳୁ ସେବାକୁ ପ୍ରଧାନମନ୍ତ୍ରୀ ପ୍ରାଧାନ୍ୟ ଦେଇ ଆସୁଛନ୍ତି। ତାଙ୍କ ଜୀବନଧାରା ଏବଂ ଉପଲବ୍ଧି ସମ୍ପର୍କିତ ପୁସ୍ତକକୁ ସମସ୍ତ ସହର ଏବଂ ଜିଲାରେ ପ୍ରଦର୍ଶିତ କରାଯିବ। ଦଳର ବରିଷ୍ଠ ନେତାମାନେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଭେଟି ଏହି ପୁସ୍ତକ ପ୍ରଦାନ କରିବେ। ଏହାସହ ବିଭିନ୍ନ ସ୍ଥାନରେ ପୁସ୍ତକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ମଧ୍ୟ କରାଯିବ। ଦଳର ପଦାଧିକାରୀମାନେ ମୁଖ୍ୟତଃ ଏସବୁର ପ୍ରମୁଖ ଦାୟିତ୍ୱ ତୁଲାଇବେ। ସେବା ସମିତିର ରାଜ୍ୟ ସଂଯୋଜକ ଭାବେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଏବଂ ସହ ସଂଯୋଜକ ଭାବେ ମହେଶ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି।

ଦେଶର ମାନ୍ଦାବସ୍ଥା ସମ୍ପର୍କରେ ତାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗରେ କିଛି ସୂଚନା ଦେବାକୁ ଆସିଛି। ଏ ସମ୍ପର୍କରେ କେନ୍ଦ୍ର ଅର୍ଥମନ୍ତ୍ରୀ ଯାହା କହିବା କଥା କହିଛନ୍ତି। ଅନ୍ୟପଟେ ଓଡ଼ିଶାକୁ କେନ୍ଦ୍ର ସରକାର ୫୦ଟି ବିଦ୍ୟୁତ୍ ଚାଳିତ ବସ୍ ଦେବାକୁ ଯେଉଁ ଘୋଷଣା କରିଥିଲେ ସେନେଇ କହିଛନ୍ତି, ତୁରନ୍ତ ଏହା ରାଜ୍ୟକୁ ପଠାଯିବ। ଦେଶର ୬୨ଟି ସହର ପାଇଁ ମୋଟ ୫୫୯୫ଟି ବସ୍ ଦେବାକୁ ଘୋଷଣା କରାଯାଇଛି। ଯଦି ରାଜ୍ୟ ଚାହିଁବ ଆହୁରି ବସ୍ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।




ଖବରଦାତା ସମ୍ମିଳନୀରେ କେନ୍ଦ୍ର ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ।



# ବିବର୍ତ୍ତିତ ବିଶ୍ୱରେ ଗୁରୁଙ୍କ ସ୍ୱରୂପ

**ଜନାର୍ଦ୍ଦନ ମିଶ୍ର**

ଆଜିର ଇଣ୍ଟରନେଟ ଓ ଡିଜିଟାଲ ଦୁନିଆରେ ବିଶ୍ୱଗୁରୁ ସାଜିଛି ଗୁଗୁଲ। ଆଖି ପଲକରେ ମିଳୁଛି ଯେକୌଣସି ସୂଚନା କିମ୍ବା ପ୍ରଶ୍ନର ସହଜ ଉତ୍ତର। ବିବର୍ତ୍ତିତ ବିଶ୍ୱରେ ମହାନନ ଗୁରୁଙ୍କର ସଂଖ୍ୟା ହ୍ରାସ ପାଇ ନ ଥିଲେ ବି ଗୁରୁ ପରମ୍ପରାରେ ଆସିଛି ଅନେକ ପରିବର୍ତ୍ତନ। ୨୦୧୭ ସୁଦ୍ଧା କେବଳ ଆମେରିକାରେ ଷାଠିଏ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଅନ୍‌ଲାଇନ ଶିକ୍ଷା ସହିତ ଯୋଡ଼ି ହୋଇସାରିଛନ୍ତି। ପାରମ୍ପରିକ ଶିକ୍ଷା ଓ ଗୁରୁଙ୍କ ମୁଖ ନିଃସୃତ ଜ୍ଞାନ ଏମାନଙ୍କ ପାଇଁ ଗ୍ରହଣୀୟ ହୋଇପାରି ନାହିଁ। ସୁତରାଂ କ୍ଷୁର୍ଣ୍ଣ ହୋଇଛି ଗୁରୁଙ୍କ ଗରିମା ଓ ଶିଷ୍ୟଙ୍କର ସମର୍ପିତ ଭାବ, ଉଭେଇ ଯାଉଛି ଧୌମ୍ୟ–ଉପମନ୍ୟୁ ତଥା ଦ୍ରୋଣ–ଏକଲବ୍ୟଙ୍କ ପରି ସେହି ମହାନ ଗୁରୁ–ଶିଷ୍ୟ ସମ୍ପର୍କ।

ବିବର୍ତ୍ତନ ହିଁ ବିଶ୍ୱର ଅବଧାରିତ ବାସ୍ତବତା। ତେଣୁ ପ୍ରଚଳିତ ପରମ୍ପରାରେ ପରିବର୍ତ୍ତନ ହେବା ସ୍ୱାଭାବିକ। ପରିବର୍ତ୍ତନର ଏହି ପ୍ରବୃତ୍ତି ଜୀବନର ପ୍ରାୟ ସବୁ କ୍ଷେତ୍ରକୁ ସ୍ପର୍ଶ କରିଛି। ସେହିପରି ଏକ ସ୍ୱତନ୍ତ୍ର କ୍ଷେତ୍ର ହେଉଛି ବିଶ୍ୱସ୍ତରୀୟ ଗୁରୁ ପରମ୍ପରା। ଗୁରୁ ପରମ୍ପରା ଓ ଜୀବନରେ ଗୁରୁଙ୍କ ମହତ୍ତ୍ୱ ବିଷୟରେ ବିଶ୍ଳେଷଣ କଲାବେଳେ ମନେପଡ଼ନ୍ତି ଗୁରୁ ଗୋବିନ୍ଦ ସିଂ। ସେ ତାଙ୍କ ଦୋହାରେ ଉଲ୍ଲେଖ କରିଛନ୍ତି : ଗୁରୁ ଗୋବିନ୍ଦ ଦୌ ଖଡ଼େ, କାକେ ଲାଗୁଁ ପା। ବାଲିହାରୀ ଗୁରୁ ଆପ୍‌ନେ, ଯିନେ ଗୋବିନ୍ଦ ଦିୟୋ ବତାୟ। ଏହାର ଅର୍ଥ ହେଉଛି ଗୁରୁ ଅର୍ଥାତ ଆମ ଶିକ୍ଷକ ଏବଂ ଭଗବାନ ଏକାଠି ଠିଆ ହୋଇଥିଲେ ମନରେ ଦ୍ୱନ୍ଦ୍ୱ ଉପୁଜେ ଯେ କାହାର ଚରଣ ପ୍ରଥମେ ସ୍ପର୍ଶ କରିବା ଉଚିତ। ଏହି ଦ୍ୱନ୍ଦ୍ୱକୁ ସରଳ କରିବାକୁ ଯାଇ ଭଗବାନ ଉତ୍ତର ଦିଅନ୍ତି ଯେ, ଗୁରୁ ହିଁ ଭଗବାନଙ୍କ ନିକଟରେ ପହଞ୍ଚିବାରେ ରାସ୍ତା ଦେଖାଇଥାଆନ୍ତି। ଏଥିପାଇଁ ସର୍ବପ୍ରଥମେ ଗୁରୁଙ୍କ ଚରଣ ସ୍ପର୍ଶ କରିବା ଉଚିତ୍। ତେଣୁ ଗୁରୁଙ୍କର ନିଷ୍ଠା ଓ ପ୍ରତିବଦ୍ଧତାକୁ ସ୍ୱୀକାର କରିଛନ୍ତି ଅନେକ ଯଶସ୍ୱୀ।

ବିଶ୍ୱରେ ଗୁରୁବାଦର ଭିତ୍ତିଭୂମି ସର୍ବପୁରାତନ ସଭ୍ୟତା ମେସୋପୋଟାମିଆଁରୁ ହିଁ ଆରମ୍ଭ ହୋଇଥିଲା। ଅବଶ୍ୟ ତତ୍କାଳୀନ ମେସୋପୋଟାମିଆଁ ସମାଜରେ ଗୁରୁ ବା ଶିକ୍ଷକ ନ ଥିଲେ, ଥିଲେ ପୁରୋହିତ। ସେମାନେ ଥିଲେ ରାଜା ଓ ସମ୍ଭ୍ରାନ୍ତ ଶ୍ରେଣୀର ଶିକ୍ଷକ। ପ୍ରାୟ ଦୁଇ ହଜାର ବର୍ଷ ଏହି ପ୍ରକାର ଗୁରୁ ପରମ୍ପରା ଚାଲିଲା ପରେ ବିଦ୍ୟାଳୟ ପରମ୍ପରାର ଭିତ୍ତିପ୍ରସ୍ତର ପାଲଟିଲା ପ୍ରାଚୀନ ଗ୍ରୀସ। ସେଠାରେ ଆରମ୍ଭ ହେଲା ଯୁଦ୍ଧ, ସଙ୍ଗୀତ ଓ ଲିଖନ ଶୈଳୀ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟ। ହେଲେ ଗୁରୁ ପରମ୍ପରା ଆଦୌ ନଷ୍ଟ ହୋଇ ନ ଥିଲା। କାରଣ ସେସବୁ ବିଦ୍ୟାଳୟର ମୁଖ୍ୟ ପୁରୋଧାମାନେ ପାଲଟିଥିଲେ ପ୍ଲାଟୋ, ଆରିଷ୍ଟଟଲ ତଥା ଆହୁରି ଅନେକ ଦାର୍ଶନିକ। ସକ୍ରେଟିସୀୟ ଶିକ୍ଷା ପ୍ଲାଟୋଙ୍କ ଜୀବନକୁ କରିଥିଲା ସ୍ୱୟଂସମ୍ପୂର୍ଣ୍ଣ। ସେଥିପାଇଁ ପ୍ଲାଟୋଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ଦାର୍ଶନିକ ଆରିଷ୍ଟଟଲ। କ୍ରମେ ଗୁରୁ ପରମ୍ପରାର ଅବିରାମ ସ୍ରୋତ ବହି ଚାଲିଲା। ଆରିଷ୍ଟଟଲ୍‌ଙ୍କ ଆର୍ଶୀବାଦରୁ ତାଙ୍କର ପ୍ରତିଭାସମ୍ପନ୍ନ ଶିଷ୍ୟ ଆଲେକ୍‌ଜାଣ୍ଡାର ହୋଇପାରିଥିଲେ ବିଶ୍ୱ ବିଖ୍ୟାତ। ସେମାନଙ୍କ ଜୀବନ ଦର୍ଶନରୁ ସମସାମୟିକ ଶିକ୍ଷାର ପ୍ରଚାରପ୍ରସାର ହେବାସହ ଜୀବନକୈନ୍ଦ୍ରିକ ବା ଗୁରୁକୈନ୍ଦ୍ରିକ ଶିକ୍ଷା ପୃଥିବୀର ମାର୍ଗଦର୍ଶକ ହୋଇପାରିଥିଲା। ଗୁରୁଙ୍କ ଗୁରୁ ସମାଜରେ ଏକ ସତନ୍ତ୍ର ସ୍ଥାନ ନେଲେ। ପରେ ଗୁରୁ ସଂସ୍କୃତିକୁ ଆଗକୁ ନେଇଥିଲା ବିଶାଳ ରୋମ୍। ଗ୍ରୀସ୍ ପତନ ପରେ ସେଠାରୁ ବିତାଡ଼ିତ, ମୁକ୍ତ ଦାସମାନେ ରୋମ ସମାଜର ଶିକ୍ଷା ବ୍ୟବସ୍ଥାକୁ ସଜାଡିବାରେ ସହାୟକ ହେଲେ। ପରେ ରୋମୀୟ ବ୍ୟବସ୍ଥା ସମଗ୍ର ୟୁରୋପୀୟ ଶିକ୍ଷା ବ୍ୟବସ୍ଥାକୁ ବ୍ୟାପକ ଭାବରେ ପ୍ରଭାବିତ କଲା। କିନ୍ତୁ ମଧ୍ୟଯୁଗୀୟ ୟୁରୋପରେ ଶିକ୍ଷାଦାନର ସ୍ୱରୂପ ପରିବର୍ତ୍ତନ ହୋଇଗଲା। ଗୀର୍ଜାର ପାଦ୍ରୀମାନେ ଧର୍ମ ସହିତ ଶିକ୍ଷାକୁ ଏକାକାର କରିଦେଲେ। ଗୀର୍ଜାର ବାରଣ୍ଡାରେ ଗୁରୁ ସାଜିଲେ ଧର୍ମଗୁରୁ ଅର୍ଥାତ୍ ପାଦ୍ରିମାନେ। କିନ୍ତୁ ଷୋଡ଼ଶ ଶତାବ୍ଦୀର ପ୍ରୋଟେଷ୍ଟାଣ୍ଟଆନ୍ଦୋଳନ ୟୁରୋପରେ ସୃଷ୍ଟିକଲା ଅନେକ ବିଦ୍ୟାଳୟ ଓ ମହାବିଦ୍ୟାଳୟ। ସେ ସବୁ ସଂସ୍ଥାରେ ନିଯୁକ୍ତି ପାଇଲେ ଅନେକ ଶିକ୍ଷୟିତ୍ରୀଶିକ୍ଷକ। ପୁଣି ଥରେ ଗୁରୁବାଦ ମହିମାନ୍ୱିତ ହେଲା। ଏହା ୟୁରୋପରୁ ପୃଥିବୀର ପ୍ରାୟ ସମସ୍ତ ଅଞ୍ଚଳକୁ ବ୍ୟାପୀ ଆଜି ପର୍ଯ୍ୟନ୍ତ ଦୀପ୍ତିମାନ। ବିଂଶ ଶତାବ୍ଦୀର ଅନେକ ମହାନ ଗୁରୁ ଓ ସେମାନଙ୍କ ଛାତ୍ରୀଛାତ୍ର ଆଜି ବି ଆମ ପାଇଁ ମହନୀୟ। ଆନି ସୁଲିଭାନ ଓ ତାଙ୍କର ଛାତ୍ରୀ, ଅନ୍ଧୁଣୀ ହେଲେନ କେଲର୍ କିମ୍ବା ରାମକୃଷ୍ଣ ପରମହଂସ ଓ ତାଙ୍କର ଛାତ୍ର ବିବେକାନନ୍ଦ ବିଶ୍ୱ ଦରବାରକୁ ବିମୋହିତ କରିଛନ୍ତି।

ପ୍ରତିବର୍ଷ ଭାରତରେ ଗୁରୁ ପୂର୍ଣ୍ଣିମା ଓ ଗୁରୁ ଦିବସ ପାଳନ କରାଯାଏ। ଗୁରୁ ପୂର୍ଣ୍ଣିମା ଦିନ ମହାଭାରତର ରଚୟିତା ବ୍ୟାସଦେବଙ୍କ ସମ୍ମାନାର୍ଥେ ଗୁରୁକୁଳ ଓ ଶିକ୍ଷା ଅନୁଷ୍ଠାନରେ ଗୁରୁପୂର୍ଣ୍ଣିମା ପାଳନ କରାଯାଉଥିବାବେଳେ ଭାରତର ଜଣେ ସର୍ବମାନ୍ୟ ଗୁରୁ, ସର୍ବପଲ୍ଲୀ ରାଧାକ୍ରିଷ୍ଣନ ପୂଜା ପାଆନ୍ତି ଗୁରୁ ଦିବସ ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖରେ। ବିଶ୍ୱସ୍ତରରେ ମଧ୍ୟ ଅକ୍ଟୋବର ୫ତାରିଖରେ ବିଶ୍ୱ ଗୁରୁ ଦିବସ ପାଳନ କରାଯାଏ। ଏସବୁ ଅବସରରେ ଆମେ ଅତୀତର ସେହି ମହାନ ଗୁରୁମାନଙ୍କ ସ୍ମୃତିଚାରଣ କରୁ ସତ, କିନ୍ତୁ ବାସ୍ତବ ଜୀବନରେ ଗୁରୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତଥା ପରଂବ୍ରହ୍ମଙ୍କ ସ୍ଥାନ ନେଇ ପାରନ୍ତିନି। କାରଣ ବିଶ୍ୱସ୍ତରରେ ଆଜି ସୃଷ୍ଟି ହୋଇଛି ଭିନ୍ନ ଏକ ପରମ୍ପରା। ଗୁରୁ ଆଉ କେବଳ ଜଣେ ବ୍ୟକ୍ତି ବିଶେଷ ହୋଇ ରହି ନାହାନ୍ତି। ଆଜିର ଗୁରୁଙ୍କ ଚିଠାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକଙ୍କ ସହିତ ଅଛନ୍ତି କମ୍ପ୍ୟୁଟର୍, ମୋବାଇଲ, ଖବର କାଗଜ, ଆହୁରି ଅନେକ କିଛି। ଆଜି କେବଳ ଗୁରୁଙ୍କ ଶିକ୍ଷାଦାନ ଶୈଳୀରେ ପରିବର୍ତ୍ତନ ହୋଇନି, ପରିବର୍ତ୍ତନ ହୋଇଛି ଗୁରୁଙ୍କ ସଜ୍ଞାରେ। କାରଣ ଗୁରୁ ପୂର୍ଣ୍ଣିମା ଓ ଗୁରୁ ଦିବସ ବିଷୟରେ ଅଧିକ ଜାଣିବା ପାଇଁ ଆମେ ଧାଇଁଥାନ୍ତି ଗୁଗୁଲ ଗୁରୁଙ୍କ ନିକଟକୁ। ଗୁରୁବାଣୀ ଓ ପୁସ୍ତକ ପଠନର ପୌନଃପୌନିକତା ଭିତରେ ଆଜିର ଦୁନିଆ ସତରେ ଥକି ପଡିଛି। ସେଥିପାଇଁ ତୁରନ୍ତ ଜ୍ଞାନ ପ୍ରଦାନକାରୀ ଗୁଗଲ ଗୁରୁ ହିଁ ଆଜିର ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ସବୁକିଛି। କ୍ଷୀପ୍ର ଗତିରେ ବଦଳୁଥିବା ଆମ ସମୟର ଶିକ୍ଷା ବ୍ୟବସ୍ଥା ସହିତ ତାଳ ଦେଇ ବିଦ୍ୟାଳୟର ଶିକ୍ଷା ଓ ଗୁରୁଙ୍କର ଜ୍ଞାନ ବଦଳି ପାରିନି। ସେଥିପାଇଁ ଆମେ ଆପଣେଇଛୁ ଗୁରୁଙ୍କର ଭିନ୍ନ ଏକ ରୂପକୁ – ଗୁଗୁଲ ଗୁରୁଙ୍କୁ। କାରଣ ତାହା ସୁବିଧାରେ ଉପଲବ୍ଧ, ଚଳଚଞ୍ଚଳ, ଆଧୁନିକ ଓ ଜ୍ଞାନର ଭଣ୍ଡାର ସାଜି ପାରିଛି।

## ଏମାନେ ବି ଶିକ୍ଷକ ଥିଲେ...

**ସିଲ୍‌ଭର ସ୍କ୍ରିନ୍‌ର ପ୍ରତିଷ୍ଠିତ ତଥା ଲୋକପ୍ରିୟ କଳାକାରଙ୍କୁ ଆମେ ବେଶ୍ ଭଲଭାବେ ଜାଣିଥାଉ। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକେ ଅଭିନୟ ଜଗତରେ ପାଦ ଦେବା ପୂର୍ବରୁ ଶିକ୍ଷକ ଥିଲେ। ତେବେ ଆସନ୍ତୁ ଜାଣିବା ଏହିଭଳି କିଛି ଅଭିନେତ୍ରୀଅଭିନେତାଙ୍କ ଜୀବନର ସେହି ଗୁରୁ ଭୂମିକାର ସମୟକୁ...**

### କାଦର ଖାନ୍



ଜଣେ ଉଚ୍ଚକୋଟୀର ଅଭିନେତା, ହାସ୍ୟଭିନେତା କାଦର ଖାନ୍‌ଙ୍କ ପ୍ରାରମ୍ଭିକ ବୃତ୍ତିଗତ ଜୀବନରେ ଏମ୍ ଏଚ୍ ସାବୋ ସିଦ୍ଦିକ କଲେଜ ଅଫ୍ ଇଞ୍ଜିନିୟରିଂରେ ଶିକ୍ଷାଦାନ କରିଥିଲେ। ସେ ସିଭିଲ ଇଞ୍ଜିନିୟରିଂର ପ୍ରାଧ୍ୟାପକ ଥିଲେ। ଏମିତିକି ସେ ଫିଲ୍ମରେ ଅଭିନୟ ଛାଡିବା ପରେ ୟୁଏଇକୁ ପଢ଼ାଇବାକୁ ଯାଇଥିଲେ। ସେ ସେଠାରେ ଉର୍ଦ୍ଦୁ ଏବଂ ଆରବିକ ବି ପଢାଉଥିଲେ। ସେ ଏକ ଶିକ୍ଷା କେନ୍ଦ୍ର ଖୋଲିବାକୁ ଯୋଜନା କରିଥିଲେ ଯାହା ସମ୍ଭବ ହୋଇପାରି ନ ଥିଲା।

### ଅକ୍ଷୟ କୁମାର



ଅକ୍ଷୟ କୁମାର ଏବେ ଫୋର୍ବ୍ସ ମାଗାଜିନର ହାଏଷ୍ଟ ପେଡ୍ ଆକ୍ଟର ତାଲିକାରେ ସ୍ଥାନ ପାଇଛନ୍ତି। ଅକ୍ଷୟ ବଲିଉଡ଼ରେ ନିଜର କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ଅନେକ ବୃତ୍ତିରେ ରହିଛନ୍ତି। ସେ ୱେଟର ଓ ଡିଶୱାଶର୍ ଭାବେ ବି କାର୍ଯ୍ୟ କରିଛନ୍ତି। ସେ ଯେତେବେଳେ ବ୍ୟାଙ୍କକ୍‌ରେ ରହିଥିଲେ ସେତେବେଳେ ମାର୍ଶାଲ ଆର୍ଟସ୍ ଶିକ୍ଷା କରିଥିଲେ। ତା' ପରେ ମୁମ୍ବାଇ ଫେରିବା ପେରେ ପିଲାମାନଙ୍କୁ ମାର୍ଶାଲ ଆର୍ଟସ ଶିକ୍ଷା ଦେଇଥିଲେ। ଏପରିକି ତାଙ୍କ ଜଣେ ଛାତ୍ରଙ୍କ ସହାୟତାରେ ସେ ମଡେଲିଂ ଜଗତକୁ ଆସିବାକୁ ସକ୍ଷମ ହୋଇଥିଲେ।

### ଚନ୍ଦ୍ରଚୂଡ ସିଂ



ଅମିତାଭ ବଚ୍ଚନ କର୍ପୋରେଶନ ଲିମିଟେଡ୍ ପ୍ରାୟୋଜିତ 'ତେରୀ ମେରୀ ସପ୍‌ନେ'ରେ ଫିଲ୍ମ ଦୁନିଆରେ ପାଦ ଥାପି ଚନ୍ଦ୍ରଚୂଡ ସିଂ ବେଶ୍ ଲୋକପ୍ରିୟ ହୋଇପାରିଥିଲେ। ମନୋରଞ୍ଜନ ଦୁନିଆକୁ ଆସିବା ପୂର୍ବରୁ ସେ ଡୁନ୍ ସ୍କୁଲରେ ଜଣେ ମ୍ୟୁଜିକ ଶିକ୍ଷକ ଥିଲେ। ଏମିତିକି ଏକ ଇଞ୍ଜୁରିକୁ ସାମନା କରି ପୁଣି ସ୍କୁଲକୁ ଶିକ୍ଷା ଦେବାକୁ ଫେରିଯାଇଥିଲେ।

### ନନ୍ଦିତା ଦାସ



୧୦ଟି ଭାଷାରେ କରାଯାଇଥିବା ୪୦ଟି ଫିଚର ଫିଲ୍ମରେ ଅଭିନୟ କରିଥିବା ଓଡ଼ିଆ ଝିଅ ନନ୍ଦିତା ଦାସ ଅଭିନୟ ଜଗତକୁ ଆସିବା ପୂର୍ବରୁ ରିଷି ଭ୍ୟାଲି ସ୍କୁଲରେ ପଢାଉଥିଲେ। ଦିଲ୍ଲୀ ସ୍କୁଲ ଅଫ୍ ସୋସିଆଲ ୱାର୍କରୁ ମାଷ୍ଟର୍ସ ଡିଗ୍ରୀ କରିବା ପରେ ସେ ଶିକ୍ଷକତା କରିଥିଲେ।

### ଟମ୍ ଆଲ୍ଟର୍



କିମ୍ବଦନ୍ତୀ କଳାକାର ଟମ୍ ଆଲ୍ଟର। ବହୁ ହିନ୍ଦୀ ଫିଲ୍ମରେ ତାଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ଆକୃଷ୍ଟ କରିଆସୁଛି। ଉଭୟ ଖଳ ଓ ଚରିତ୍ର ଅଭିନୟ କ୍ଷେତ୍ରରେ ତାଙ୍କ ପାରିଦର୍ଶିତା ବେଶ ପ୍ରଶଂସନୀୟ ହୋଇପାରିଛି। ସେ ଅଭିନୟ ଜଗତକୁ ଆସିବା ପୂର୍ବରୁ ହରିୟାଣାର ସେଣ୍ଟ୍ ଥମାସ ସ୍କୁଲରେ କ୍ରିକେଟ କୋଚ୍ ରହିଥିଲେ।

### ବଲରାଜ ସାହନୀ



ହିନ୍ଦୀ ସିନେମା ଜଗତକୁ ପ୍ରବେଶ କରିବା ପୂର୍ବରୁ ବଲରାଜ ସାହନୀ ଜଣେ ଶିକ୍ଷକ ଥିଲେ। ସେ ବି ଜଣେ ମଞ୍ଚ ଅଭିନେତା। ଲାହୋର ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ଡବଲ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିବା ବଲରାଜ ସାହନୀ ରବୀନ୍ଦ୍ରନାଥ ଟାଗୋରଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇଥିଲେ। ଏହାପରେ ସେ ବେଙ୍ଗଲକୁ ଆସି ଟାଗୋରଙ୍କ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟରେ ଇଂଲିଶ ଓ ହିନ୍ଦୀ ପଢାଇଥିଲେ।

## ଗୁରୁଙ୍କ ପାଇଁ ସାହିତ୍ୟରେ ଆଗ୍ରହ ବଢ଼ିଥିଲା



ମା' ଓ ବାପା ମୋର ପ୍ରଥମ ଗୁରୁ। କାରଣ ତାଙ୍କ ଯୋଗୁ ମୁଁ ବହୁତ କମ୍ ବୟସରେ ଶୀଘ୍ର କଥା କହିପାରିଥିଲି। ଛୋଟବେଳେ ମା', ବାପା ପାଖରୁ ପୁରାଣ ଶୁଣି ଶୁଣି ୧୦ମାସ ବୟସରେ ପୂରା କଥା କହିବା ଆରମ୍ଭ କରି ଦେଇଥିଲି। ଏହାଛଡ଼ା ବାହାର ଦୁନିଆରେ ମୋର ଗୁରୁ ହେଉଛନ୍ତି ବିଜୟ ସାହୁ। ତାଙ୍କ ପାଖରେ ମୁଁ କ୍ଲାସ୍ ୬ରୁ ଟ୍ୟୁସନ୍ ଆରମ୍ଭ କରିଥିଲି। ତାଙ୍କ ପାଇଁ ମୋ ଜୀବନରେ ଏକ ପରିବର୍ତ୍ତନ ଆସିଥିଲା। ତାଙ୍କ ପାଇଁ ମୁଁ ଶୀଘ୍ର ଲେଖିବା ଶିଖିଥିଲି, ଯାହା ବର୍ତ୍ତମାନ ମୋତେ ମୋର ପ୍ରଫେଶନାଲ ଲାଇଫ୍‌ରେ ସହଯୋଗ କରୁଛି। ତାଙ୍କ ପାଇଁ ମୁଁ ଯୁକ୍ତ୨ରେ ସଂସ୍କୃତରେ ଗୋଲ୍ଡ ମେଡାଲ ପାଇଥିଲି। ଏହାଛଡ଼ା ସାହିତ୍ୟକୁ ମୁଁ ପସନ୍ଦ କରୁ ନ ଥିବା ବେଳେ ତାଙ୍କ ପାଖରେ ପଢ଼ିବା ପରେ ସାହିତ୍ୟ ପ୍ରତି ମୋର ଆଗ୍ରହ ବଢ଼ିଥିଲା। ତେଣୁ ଗୁରୁ ଦିବସ ଅବସରରେ ବିଜୟ ସାରଙ୍କୁ ଏତିକି କହିବି, ଆପଣ ଜାଣି ନାହାନ୍ତି ଯେ ଆପଣ ମୋ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ। ଆପଣଙ୍କ ପାଇଁ ମୋ ଜୀବନରେ ଯେଉଁ ପରିବର୍ତ୍ତନ ହୋଇଛି ତାହା ଅବର୍ଣ୍ଣନୀୟ। ଆପଣଙ୍କ ଶିକ୍ଷା ଗ୍ରହଣ ଶୈଳୀ ଅନେକ ଭଲ ଭଲ ଛାତ୍ରୀଛାତ୍ର ସୃଷ୍ଟି କରୁ।

– ଶୋଭନା ମିଶ୍ର, ଉପସ୍ଥାପିକା

## ସାଇ ମୋର ପ୍ରଥମ ଗୁରୁ



ସାଇବାବାଙ୍କୁ ମୁଁ ମୋର ପ୍ରଥମ ଗୁରୁ ମାନେ। କେବଳ ମୁଁ ନୁହେଁ, ମୋ ପରିବାରର ସମସ୍ତେ ସାଇବାବାଙ୍କୁ ଗୁରୁ ମାନନ୍ତି। ସାଇଙ୍କ ଆଦର୍ଶରେ ମୁଁ ଅନୁପ୍ରାଣିତ ହୁଏ। ତାଙ୍କ ବହି ସବୁଦିନ ପଢେ ଓ ତାଙ୍କ ଜୀବନ ସଂଘର୍ଷ ମୋତେ ପ୍ରତ୍ୟେକ ମୁହୂର୍ତ୍ତରେ ଅନୁପ୍ରାଣିତ କରେ। ମୋ ବାବା ମା'ଙ୍କୁ ମୁଁ ଦ୍ୱିତୀୟ ଗୁରୁ ମାନେ। ପ୍ରତି ମୁହୂର୍ତ୍ତରେ ସେମାନେ ଆମକୁ ଭଲ ବାଟ ଦେଖାଇଥାନ୍ତି। ମୋ ବାବା ମା' ଦୁଇଜଣ ମୋ ସାଙ୍ଗଭଳି। ସେମାନଙ୍କ ସହ ମୁଁ ସବୁକିଛି ଶେୟାର କରିପାରେ। ଯେବେ ବି ଆବଶ୍ୟକ ପଡ଼େ ସେମାନେ ମୋତେ ଗାଇଡ୍ କରନ୍ତି, ରାଗନ୍ତି ଓ ଗାଳି କରନ୍ତି ହେଲେ ତା' ପରେ ଭଲଭାବେ ବୁଝାନ୍ତି। ଏହି ଗୁରୁ ଦିବସ ମୁଁ ମୋ ବାବା ମା'ଙ୍କୁ ଡେଡିକେଟ୍ କରିବି। ସେମାନେ ମୋତେ ଶିକ୍ଷା ଦେଇଛନ୍ତି, ଯୋଗ୍ୟ କରିଛନ୍ତି ଓ ଆଜି ମଣିଷ କରିଛନ୍ତି।

– ଅନ୍ତରା ଚକ୍ରବର୍ତ୍ତୀ, କଣ୍ଠଶିଳ୍ପୀ

## ଜୀବନର ସ୍ଥାୟୀ ଶିକ୍ଷକ ହେଲେ ମା'



ମୋ ଜୀବନର ପ୍ରଥମ ଶିକ୍ଷକ ହେଲେ ମୋ ମମି। ମୋ ଉପରେ ତାଙ୍କର ଯେତିକି ଭରସା ଅଛି ଦୁନିଆରେ ଆଉ କାହାର ନାହିଁ। ସେ ମୋ ପାଖରେ ରହିଲେ ମୁଁ ସବୁକିଛି କାମ କରିପାରେ। ଅସମ୍ଭବ ବି ସମ୍ଭବ ହୋଇଯାଏ। ୧୦ମ ଯାଏ ସେ ମୋତେ ଓ ଭଉଣୀକୁ ପାଠ ପଢାଇଛନ୍ତି। ଆମେ କେବେ ବି ଟ୍ୟୁସନ୍ ଉପରେ ନିର୍ଭର କରିନୁ। ସବୁବର୍ଷ ଆମେ ପ୍ରଥମେ ଆମ ମାମାଙ୍କୁ ଟିଚର୍ସ ଡେ' ୱିଶ୍ କରୁ। କେବଳ ପାଠପଢା ନୁହେଁ, ମୋ ଡ୍ୟାନ୍ସ ଶିଖିବାଠାରୁ ଆରମ୍ଭକରି ଫିଲ୍ମରେ ଅଭିନୟ କରିବା ପର୍ଯ୍ୟନ୍ତ, ସବୁବେଳେ ତାଙ୍କ ଉପସ୍ଥିତି ମୋତେ ଦରକାର ପଡ଼େ। ଶୁଟିଂ ବେଳେ ସିଏ ମୋ ପାଖରେ ରହିଲେ ଭଲ କରିବାକୁ ମୋ ଆତ୍ମବିଶ୍ୱାସ ବଢିଯାଏ। ସବୁ ଷ୍ଟେପ୍‌ରେ ଓ ସବୁ ସମୟରେ ସେ ହିଁ ମୋ ଗୁରୁ। ଜୀବନର ଯଦି କିଏ ଚିରସ୍ଥାୟୀ ଶିକ୍ଷକ ଥାନ୍ତି ସେ ହେଲେ ମା'।

– ପୁନମ ମିଶ୍ର, ଅଭିନେତ୍ରୀ

**ଭାରତୀୟ ସଂସ୍କୃତିରେ ଗୁରୁ ଶିଷ୍ୟ ପରମ୍ପରା ବହୁ ପ୍ରାଚୀନ। ଗୁରୁ ସବୁବେଳେ ନମସ୍ୟ। ଜୀବନର ଚଲାପଥରେ କିଏ କାହାକୁ କେଉଁ ଅବସ୍ଥାରେ ଗୁରୁ ଭାବେ ଗ୍ରହଣ କରନ୍ତି ତାହା କେବଳ ସେହି ବ୍ୟକ୍ତିବିଶେଷଙ୍କ ଉପରେ ହିଁ ନିର୍ଭର କରିଥାଏ। କେତେକ ନିଜ ମା' ବାପାଙ୍କୁ ଜୀବନର ଶ୍ରେଷ୍ଠ ଗୁରୁ ବୋଲି ମାନୁଥିବାବେଳେ ଆଉ କେତେକ ଯାହାଙ୍କ ଠାରୁ ଶିକ୍ଷା ଗ୍ରହଣ କରିଛନ୍ତି ସେମାନଙ୍କୁ ଗୁରୁ ବୋଲି ମାନୁଛନ୍ତି। ସେପ୍ଟେମ୍ବର ୫ ଗୁରୁଦିବସ ଅବସରରେ ଏହିଭଳି କିଛି ବ୍ୟକ୍ତି ବିଶେଷଙ୍କ ମତକୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା।**

## ଗୁରୁଙ୍କୁ ଆଦର କରିବା ଉଚିତ



ସ୍କୁଲ ପାଠ ପଢ଼ାଠାରୁ ଆରମ୍ଭ କରି ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମୋର ଗୁରୁ ରହିଛନ୍ତି। ସବୁ ଗୁରୁଙ୍କ ଠାରୁ କିଛି ନା କିଛି ଶିକ୍ଷା ଲାଭ କରିଛି। ତେବେ ମୋର ଗୁରୁ ଫିଲ୍ମ ପ୍ରଯୋଜକ ତଥା ନିର୍ଦ୍ଦେଶକ ସ୍ୱର୍ଗତ ହର ପଟ୍ଟନାୟକଙ୍କୁ ମୁଁ ସବୁ ବେଳେ ମନେ ପକାଏ। କାରଣ ତାଙ୍କରି ପାଇଁ ମୁଁ ଏହି ଚଳଚ୍ଚିତ୍ର ଜଗତକୁ ଆସିପାରିଛି। ତାଙ୍କଠାରୁ ଅଭିନୟ ବିଷୟରେ ବହୁତ କିଛି ଶିଖିଛି। ଆହୁରି କିଛି ଶିଖିବାର ମଧ୍ୟ ଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ପୂରଣ ହୋଇପାରିଲାନି। କେବଳ ଗୁରୁ ଦିବସ ନୁହେଁ, ଶୁଟିଂ ଶେଟ୍‌ରେ ମୋର ଶୁଟ୍ ଆରମ୍ଭ ହେଲେ ମୁଁ ତାଙ୍କୁ ମନେପକାଏ। ଶୁଟିଂ ପୂର୍ବରୁ କ୍ୟାମେରାକୁ ନମସ୍କାର କରିବା ବେଳେ ମୁଁ ହର ସାରଙ୍କୁ ମଧ୍ୟ ମନେପକାଇ ନମସ୍କାର କରିଥାଏ। ଗୁରୁ ଭଳି ସେ ମୋତେ ଯେଉଁ ଶିକ୍ଷା ଦେଇଛନ୍ତି ତାହା ଚିରସ୍ମରଣୀୟ ହୋଇ ରହିବ। ଗୁରୁଦିବସ ଅବସରରେ କହିବି, ଗୁରୁଙ୍କୁ ଆଦର କରନ୍ତୁ। ସମସ୍ତେ ଗୁରୁଙ୍କ ଛାତ୍ର ହୋଇ ରହିବା ପାଇଁ ଚେଷ୍ଟା କରନ୍ତୁ। କାରଣ ତୁମର ପ୍ରତ୍ୟେକ କାମରେ ସେ ଭୁଲ ଠିକ୍ ବାଛି ପାରିବେ।

– ସ୍ୱରାଜ ବାରିକ, ଅଭିନେତା

## ଗୁରୁ ଚେତନାର ମୂଳାଧାର



ସୃଷ୍ଟିରେ ଯିଏ ଆମକୁ ଯେକୌଣସି ଅନ୍ଧାରରୁ ବାହାର କରେ ସିଏ ହେଉଛନ୍ତି ଗୁରୁ ପଦବାଚ୍ୟ। ଆଜିକାଲିକା ପିଲା ଭାବୁଛନ୍ତି ଯେଉଁମାନେ ଆମକୁ କେବଳ ପାଠ ପଢାଉଛନ୍ତି, ପୁସ୍ତକଗତ ବିଦ୍ୟା ଦେଉଛନ୍ତି ସେମାନେ ଗୁରୁ। କିନ୍ତୁ ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ ଆମେ କାହାଠାରୁ ନା କାହାଠାରୁ କିଛି ଶିଖିଥାଉ। ପ୍ରତ୍ୟକ୍ଷରେ ଓ ପରୋକ୍ଷରେ ଅନେକ କଥା ଶିଖିବାକୁ ପାଉ। ଅବଧୂତ ତାଙ୍କ ଜୀବନରେ ୨୪ ଗୁରୁ କରିଥିଲେ। ପ୍ରତ୍ୟକ୍ଷଭାବେ ସେ କାହାଠାରୁ ଜ୍ଞାନ ଆହରଣ କରି ନଥିଲେ। ପରୋକ୍ଷରେ ଯାହାଠାରୁ ଯାହା ଶିଖିବାକୁ ପାଇଥିଲେ, ତାଙ୍କୁ ସେ ଗୁରୁ ଭାବୁଥିଲେ। ସେମିତି ଆମେ ଆମ ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତରେ କାହାଠାରୁ ନା କାହାଠାରୁ ଶିଖୁଛୁ। ସେମାନେ ସମସ୍ତେ ଗୁରୁ ପଦବାଚ୍ୟ। ଗୁରୁ ଏକ ମହାଚେତନା। ଗୁରୁ ଏକ ଭାବ ନୁହେଁ କି ଗୁରୁ ଏକ ଦିବସରେ ସୀମିତ ନୁହେଁ। ଗୁରୁ ଏକ ଚେତନାର ସ୍ୱରୂପ। ମୋ ଗୁରୁ ମୋତେ କହିଥିଲେ ସାରା ଜୀବନ ଶିଷ୍ୟ ହୋଇ ରହିବାକୁ। ଆଜି ବି ମୁଁ ନିଜକୁ ଶିଷ୍ୟ ଭାବୁଛି ଓ ଆଗକୁ ବି ଭାବିବି।

– ଡ. ଶ୍ରୀନିବାସ ଘଟୁଆରୀ,
ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ସଂଯୋଜକ

## ବାପା ଆଜି ନାହାନ୍ତି, ହେଲେ ତାଙ୍କ ଆଦର୍ଶ ଅଛି



ମୋ ବାପା ମୋ ଜୀବନର ସବୁଠାରୁ ଭଲ ଶିକ୍ଷକ। କେବଳ ଏହି ଗୁରୁ ଦିବସ ନୁହେଁ, ଜୀବନର ପ୍ରତି ଗୁରୁ ଦିବସକୁ ମୁଁ ତାଙ୍କ ନାମରେ କରୁଛି। ସମସ୍ତଙ୍କ ଜୀବନରେ ବାପା, ମା' ସବୁବେଳେ ପ୍ରଥମ ଶିକ୍ଷକ ହୋଇଥାନ୍ତି। ହେଲେ ମୋ ଜୀବନରେ ମୋ ବାପା ମୋର ରୋଲ୍ ମଡେଲ। ସେ କେବଳ ମୋର ବୋଲି କହୁନି, ତାଙ୍କ ଆଦର୍ଶ, ତାଙ୍କ ନୀତି ସବୁବେଳେ ମୋତେ ଉଚିତ ବାଟ ଦେଖାଇଛି। ମୁଁ ଯାହା ବି କରିବାକୁ ଚାହିଁଛି ସେ ସମର୍ଥନ କରିଛନ୍ତି। ମୋ ସ୍ୱପ୍ନକୁ ଅନୁକରଣ କରିବାକୁ ଓ ତାକୁ ପୂରା କରିବାକୁ ମୋ ସହ ରହିଛନ୍ତି ଓ ସମସ୍ତ ପ୍ରକାର ସ୍ୱାଧୀନତା ଯୋଗାଇ ଦେଇଛନ୍ତି। ଓଡ଼ିଆ ବ୍ରାହ୍ମଣ ପରିବାରରୁ ହୋଇ ମିସ୍ ଇଣ୍ଡିଆ ଭଳି ପାଜେଣ୍ଟରେ ଭାଗନେବା ଓ ମଡେଲିଂ କରିବା କେବେ ମୋ ପାଇଁ ସହଜ ନଥିଲା। ହେଲେ ସେ ମୋ ସହ ଛିଡା ହୋଇଥିଲେ ଓ ମୋତେ ବିଶ୍ୱାସ କରିଥିଲେ। ୩ମାସ ତଳେ ମୁଁ ତାଙ୍କୁ ସବୁଦିନ ପାଇଁ ହରାଇଦେଇଛି ସତ ହେଲେ ଶେଷରେ ସେ ମୋତେ କହିଯାଇଥିବା କିଛି ପଦ କଥା ସବୁବେଳେ ମୋ ପ୍ରେରଣା ହୋଇ ସାଙ୍ଗରେ ରହିଯାଇଛି।

– ପୂଜା ମିଶ୍ର, ମିସ୍ ଇଣ୍ଡିଆ ଫାଇନାଲିଷ୍ଟ

## ଗୁରୁ ହେବା ଭାବନା ରଖନ୍ତୁ ଶିଷ୍ୟ



ବଦଳିଛି ସମୟ। ପରିବର୍ତ୍ତନ ଆସିଛି ଶିକ୍ଷା ବ୍ୟବସ୍ଥା ଏବଂ ଶୈକ୍ଷିକ ପରମ୍ପରାରେ। ତଥାପି ଆଜି ବି ଗୁରୁ–ଶିଷ୍ୟ ମଧ୍ୟରେ ଥିବା ସମ୍ପର୍କ ଉଜ୍ଜିବୀତ ହୋଇରହିଛି। ମାତୃଗର୍ଭରୁ ଶ୍ମଶାନ ପର୍ଯ୍ୟନ୍ତ ଜୀବନର ସହଚର ହେଉଛି ଶିକ୍ଷା। ପ୍ରତ୍ୟେକଙ୍କ ପାଇଁ ଶିକ୍ଷା ଗ୍ରହଣ କରିବା ଅପରିହାର୍ଯ୍ୟ। ଯିଏ ଶିକ୍ଷା ଦିଏ ସେ ଗୁରୁ ଏବଂ ଯିଏ ଶିକ୍ଷା ଗ୍ରହଣ କରେ ସେ ଶିଷ୍ୟ। ଏହିଦୃଷ୍ଟିରୁ ମାତୃଗର୍ଭରୁ ହିଁ ଶିକ୍ଷାର ଆରମ୍ଭ ହୋଇସାରିଥାଏ। ଏହା ଘର, ପରିବାର, ସାଙ୍ଗସାଥୀ, ପରିବେଶ, ଶିକ୍ଷାୟତନ ଦେଇ ଶ୍ମଶାନରେ ଶେଷ ହୁଏ। ପ୍ରତି ଶିଷ୍ୟ ଭବିଷ୍ୟତରେ ଗୁରୁ ହେବା ଭାବନା ରଖିଲେ ସମାଜରେ ନିଶ୍ଚିତ ସକାରାତ୍ମକ ପରିବର୍ତ୍ତନ ଆସିବ।

–ଅବିନାଶୀ ବାବା,
କୌପିନଧାରୀ ମହିମା ସମାଜ ପରିଚାଳକ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୫ ସେପ୍ଟେମ୍ବର, ୨୦୧୯



ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ।
-ଚାଣକ୍ୟ



## ସଂକ୍ଷେପରେ

### ସମବାୟ ସମିତି ବିରୋଧରେ ଜିଲାପାଳଙ୍କୁ ଦାବିପତ୍ର

**ଯାଜପୁର ଟାଉନ,୪।୯ (ଡିଏନଏ):** ଯାଜପୁର ବ୍ଲକ ଜାଫରପୁର ପଞ୍ଚାୟତର ଚାଷୀମାନେ ବିଭିନ୍ନ ସମସ୍ୟା ନେଇ ସମବାୟ ସମିତି ବିରୋଧରେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅଭିଯୋଗ ମୁତାବକ ଖଇରାବାଦ କୃଷି ସେବା ସମବାୟ ସମିତି ଜାଣିଶୁଣି ଚାଷୀଙ୍କୁ ହଇରାଣ କରୁଛି। ୨୦୧୮ର ବୀମା ରାଶି ଚାଷୀଙ୍କ ବ୍ୟାଙ୍କ ଖାତାକୁ ଆସିଥିବାବେଳେ ଜାଫରପୁର ପଞ୍ଚାୟତର ଚାଷୀଙ୍କ ଖାତାକୁ ବୀମା ଅର୍ଥରାଶି ଆସି ନ ଥିବା ଓ ସମ୍ପାଦକ ଜାଣିଶୁଣି ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ୨୦୧୯-୨୦ ଖରିଫ ଋଣ ଚାଷୀ ପାଇବାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ କରାଯାଇଛି। ଚାଷୀ ଋଣ ନିମନ୍ତେ ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ ମଧ ଖଇରାବାଦ କୃଷି ସେବା ସମବାୟ ସମିତିର କର୍ମକର୍ତ୍ତା ତାହା କରି ନ ଥିବା ଅଭିଯୋଗ ହୋଇଛି। ଫଳରେ ଚାଷୀ ଋଣ ଓ ଋଣ ଛାଡରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ କରାଯାଇଛି। ଏ ନେଇ ଶତାଧିକ ଚାଷୀ ଜିଲା ପ୍ରଶାସକଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ବିଧିବଦ୍ଧ ତଦନ୍ତ କରିବାକୁ ଦାବି କରିଛନ୍ତି। ଚାଷୀ ରାଜେନ୍ଦ୍ର ସିଂହ, ନରେନ୍ଦ୍ର କୁମାର ସାହୁ, ରତିକାନ୍ତ ତ୍ରିପାଠୀ, ବିଜୁ ଜେନା, କ୍ଷେତ୍ରବାସୀ ସାହୁ, ଦେବେନ୍ଦ୍ର ବରାଳ, ଦିବାକର ବାରିକ, ତ୍ରିଲୋଚନ ଭୂୟାଁ, ପ୍ରହ୍ଲାଦ ସ୍ୱାଇଁ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ବନ୍ଧୁ ମହାନ୍ତିଙ୍କ ସ୍ମୃତି ପୀଠ ସୁରକ୍ଷା ଦାବି

**ଯାଜପୁର ଟାଉନ,୪।୯(ଡିଏନଏ):** ପୁରୀ ଜଗନ୍ନାଥ ମନ୍ଦିର ସନ୍ନିକଟ ବନ୍ଧୁ ମହାନ୍ତିଙ୍କ ସ୍ମୃତି ପୀଠର ସୁରକ୍ଷା ପାଇଁ ଯାଜପୁର ବିକାଶ ମଞ୍ଚ ଦାବି କରି ଶ୍ରୀମନ୍ଦିର ପୁରୀ ମୁଖ୍ୟ ପ୍ରଶାସକଙ୍କୁ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରର ଶ୍ରୀ ବୃଦ୍ଧି ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ମେଘନାଦ ପାଚେରୀର ପାର୍ଶ୍ୱବର୍ତ୍ତୀ ସ୍ଥାନକୁ ମୁକ୍ତ ଅବାଧ ରଖିବା ପାଇଁ ଯେଉଁ ଉଦ୍ୟମ କରାଯାଇଛି ତାହା ସ୍ୱାଗତ ଯୋଗ୍ୟ ବୋଲି ବିକାଶ ମଞ୍ଚ ପକ୍ଷରୁ କୁହାଯାଇଛି। ମାତ୍ର ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ଯାଜପୁରିଆ ବନ୍ଧୁଭାବେ ଭକ୍ତ ବନ୍ଧୁ ମହାନ୍ତିଙ୍କର ଯେଉଁ ସ୍ମୃତି ପୀଠ ମନ୍ଦିରର ଦକ୍ଷିଣ ପାର୍ଶ୍ୱର ପେଜନଳା ନିକଟରେ ରହିଛି ତାହାର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ଏବେ ମନ୍ଦିର ପରିସରରେ ଅଥବା ଅନ୍ୟ କୌଣସି ଏକ ସମ୍ମାନଜନକ ସ୍ଥାନରେ ବନ୍ଧୁ ମହାନ୍ତିଙ୍କ ସ୍ମୃତିପୀଠକୁ ସୁରକ୍ଷିତ ଭାବେ ପ୍ରତିଷ୍ଠା କରିବା ପାଇଁ ବିକାଶ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ମାଧ୍ୟମରେ ଶ୍ରୀମନ୍ଦିର ପୁରୀର ମୁଖ୍ୟପ୍ରଶାସକଙ୍କୁ ଏକ ସ୍ମାରକପତ୍ର ସଭାପତି ଅକ୍ଷୟ କୁମାର ଦାସ, ଅଶୋକ କୁମାର ବିଶ୍ୱାଳ, ତରୁଣ ନନ୍ଦ ପ୍ରମୁଖ ପ୍ରଦାନ କରିଛନ୍ତି।

### ଯୌତୁକଜନିତ ବଧୂ ହତ୍ୟା ଅଭିଯୋଗ

**କଳିଙ୍ଗନଗର, ୪।୯(ଡି.ଏନ୍.ଏ.):** ଟମକା ଥାନା ଅନ୍ତର୍ଗତ ଗୋବରଧନପୁର ଗ୍ରାମରେ ବୁଧବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ଜଣଙ୍କ ଅଜୟ ବେହେରାଙ୍କ ସ୍ତ୍ରୀ ଲିପିକା ବେହେରା। ଯୌତୁକ ପାଇଁ ଶାଶୁଘର ଲୋକେ ଲିପିକାଙ୍କୁ ମାରି ଟାଙ୍ଗି ଦେଇଥିବା ବାପା କଳିଙ୍ଗ ନାୟକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନ.୬୬/୧୯) ରୁଜୁକରି ଅଜୟଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ଜଣାପଡିଛି। ପ୍ରକାଶ ଯେ, ଲିପିକା ରଶି ଲଗାଇ ଆତ୍ମହତ୍ୟା କରିଥିବା ଖବର ପାଇ ଟମକା ପୋଲିସ ଅଜୟଙ୍କ ଘରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା।

## ■ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପରେ ତ୍ରୁଟି

# ସୁଧାରିବାରେ ନାହିଁ ତତ୍ପରତା

■ଲାଭ ଜଗିବାକୁ ମସୁଧା

■ଆଜି ବିଭାଗୀୟ ସମୀକ୍ଷା ବୈଠକ

**ଯାଜପୁର ଅଫିସ,୪।୯**

ରାଜ୍ୟର ଖଣି ପ୍ରଭାବିତ ଯାଜପୁର, କେନ୍ଦୁଝର ଓ ସୁନ୍ଦରଗଡ଼ ତଥ୍ୟ ଅନ୍ୟାନ୍ୟ ଜିଲାର ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ କରିବାକୁ ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ଦେଶର ବିଭିନ୍ନ ନାମିଦାମୀ ଠିକାସଂସ୍ଥା ଚେନ୍ନାଇର ଲାର୍ସନ ଆଣ୍ଡ ଟର୍ବୋ ଲିଃ, ହାଇଦ୍ରାବାଦସ୍ଥିତ ନାଗାର୍ଜୁନ କନ୍‌ଷ୍ଟ୍ରକ୍ସନ କମ୍ପାନୀ(ଏନ୍‌ସିସି) ଲିଃ, ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଟର ଲିଃ ଓ ଜିଭିପିଆର ଇଞ୍ଜିନିୟର୍ସ ଲିଃ, ମୁମ୍ବାଇର ଜେଏମ୍‌ସି ପ୍ରୋଜେକ୍ଟ ଲିଃ ଏବଂ ଥାଣେର ଭୋଲଟାସ ଲିଃକୁ ନିୟୋଜନ କରାଯାଇଛି । ହେଲେ ଅତ୍ୟଧିକ ଲାଭଖୋର ମନୋବୃତ୍ତି ଯୋଗୁ କିଛି ଠିକାସଂସ୍ଥା ଓଡ଼ିଶାର ରାଜ୍ୟର ରାଜସ୍ୱକୁ ଲୁଟିବାକୁ ବସିଛନ୍ତି। ଯେନତେନ ପ୍ରକାରେ କାର୍ଯ୍ୟ ସମ୍ପାଦନ କରି କୋଟି କୋଟି ଟଙ୍କା ହଡ଼ପ କରିବାକୁ ମସୁଧା କରୁଛନ୍ତି। ନିକଟରେ ପ୍ରକଳ୍ପ ନିର୍ମାଣ ସଂକ୍ରାନ୍ତରେ ଅଥରିଟି ଇଞ୍ଜିନିୟର୍ସ(ଯନ୍ତ୍ରୀ ପ୍ରାଧିକରଣ) ପକ୍ଷରୁ ହୋଇଥିବା ନୀରିକ୍ଷଣ ଓ ତଦନ୍ତ ସମୟରେ ବ୍ୟାପକ ତ୍ରୁଟି ରହିଥିବା ପରିଲକ୍ଷିତ ହୋଇଛି। ଏହି କ୍ରମରେ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରୁ ନିର୍ମାଣାଧୀନ ଯାଜପୁର ଜିଲା ସୁକିନ୍ଦା ମେଗା ଜଳଯୋଗାଣ ପ୍ରକଳ୍ପରେ ନାହିଁ ନ ଥିବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ପ୍ରକଳ୍ପର ଦୀର୍ଘସ୍ଥାୟୀ ନେଇ ପ୍ରଶ୍ନ ଉଠିଛି। ଆଉ ଏହି ମର୍ମରେ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ୫।୯।୨୦୧୯ତାରିଖ ପୂର୍ବାହ୍ନ ସାଢେ ୧୦ଟା ସମୟରେ ମେଗା ଜଳଯୋଗାଣ ପ୍ରକଳ୍ପର ଠିକାସଂସ୍ଥାଙ୍କୁ ନେଇ ଭୁବନେଶ୍ୱରଠାରେ ଏକ ସମୀକ୍ଷା ବୈଠକ ହେବାର କାର୍ଯ୍ୟକ୍ରମ ରହିଛି।

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଖଣି ପ୍ରଭାବିତ ୭ପଞ୍ଚାୟତର ୩୦ଗ୍ରାମକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ଡିଏମ୍‌ଏଫ୍ ପାଣ୍ଠିରୁ ୭୯.୫୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ପ୍ରକଳ୍ପର କାର୍ଯ୍ୟାଦେଶ ହାଇଦ୍ରାବାଦସ୍ଥିତ ଏନ୍‌ସିସିକୁ ଦିଆଯାଇଛି। ୨୩।୩।୨୦୧୮ରେ ଏହି କମ୍ପାନୀ ସହିତ ଚୁକ୍ତି ହୋଇଥିବାବେଳେ ଆସନ୍ତା ୨୩।୨।୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ସମୟ ଧାର୍ଯ୍ୟ ହୋଇଛି। ଏହି ସମୟକୁ ଆଉ ମାତ୍ର ୬ ମାସ ବାକି ଥିବାବେଳେ ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ ରହିଛି। ତେଣୁ କମ୍ପାନୀ ତରବରିଆ ଭାବେ ଯେନତେନ ପ୍ରକାରେ କଂକ୍ରିଟ କାର୍ଯ୍ୟ ସମେତ ପାଇପ ବିଛା ସାରିବାକୁ ଉଦ୍ୟମ କରୁଛି। ଏପରି କି ଏହି କାର୍ଯ୍ୟରେ ଅତି ନିମ୍ନମାନର ପାଇପ୍ ବ୍ୟବହାର ହେଉଥିବା ନେଇ ଅଭିଯୋଗ ଉଠିଛି। ଗତ ଜୁଲାଇ ମାସରେ ଯନ୍ତ୍ରୀ ପ୍ରାଧିକରଣ ପକ୍ଷରୁ ଏହି ପ୍ରକଳ୍ପର ନୀରିକ୍ଷଣ କରାଯାଇଥିଲା। ନୀରିକ୍ଷଣରେ ଯାଜପୁର ଡିଭିଜନ ପକ୍ଷରୁ ହେଉଥିବା ସୁକିନ୍ଦା ପ୍ରକଳ୍ପରେ ଶ୍ରମିକମାନେ ବିନା ସୁରକ୍ଷା ବ୍ୟବସ୍ଥାରେ କାର୍ଯ୍ୟ କରୁଥିବା ଅଥରିଟି ଦେଖିବାକୁ ପାଇଥିଲେ। ଏହାବାଦ ଗୋଟିଏ ଖାତ (ଟ୍ରେଞ୍ଚ)ରେ ଏକାଧିକ ପାଇପ ବିଛାଯାଇଛି। ଖାତର ଗଭୀରତା ଜଳଯୋଗାଣ ମାନୁଆଲକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରିଛି। ମାଟି ଉପରେ ପାଇପ୍ ବିଛାଯାଇ ଯେନତେନ ପ୍ରକାରେ କାର୍ଯ୍ୟ ସମ୍ପାଦନ ହେଉଛି। ପାଟନାଠାରେ ନିର୍ମାଣାଧୀନ ଇଏସ୍‌ଆର ସ୍ତମ୍ଭରେ ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଥିବାବେଳେ ସିଧା(ଭର୍ଟିକାଲ) ଭାବେ ନିର୍ମାଣ ହୋଇନାହିଁ। ଯାହାକି ଏକ ଗୁରୁତର ତ୍ରୁଟି। ତେଣୁ କଟକ ସର୍କଲ ଅଧିକ୍ଷଣ ଯନ୍ତ୍ରୀ ତୁରନ୍ତ ପ୍ରକଳ୍ପ ଅଞ୍ଚଳ ପରିଦର୍ଶନରେ ଯାଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଥରିଟି ପ୍ରସ୍ତାବ ଦେଇଛି । ସମସ୍ତ ନିର୍ମାଣ ସାମଗ୍ରୀ ପରୀକ୍ଷା କରି ବ୍ୟବହାର କରିବା କଥା, ଯାହାକି ହେଉନାହିଁ। ସେହିପରି ବ୍ୟବହାର ହେଉଥିବା ପଥର ସାମଗ୍ରୀ ଗାଇଡ ଲାଇନ ଅନୁସାରେ ସଂଗ୍ରହ କରାଯାଇ ନାହିଁ ବୋଲି ଅଥରିଟି ପକ୍ଷରୁ ନୀରିକ୍ଷଣ ରିପୋର୍ଟରେ ଜଣାପଡିଛି । ଏହି ରିପୋର୍ଟକୁ ଭିତ୍ତିକରି ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ ତାଙ୍କ ପତ୍ରସଂଖ୍ୟା ୭୨୨୮/୨୦।୮।୨୦୧୯ରେ କଟକ ଆରଡବ୍ଲ୍ୟୁଏସ୍‌ଏସ୍ ସର୍କଲ ଅଧିକ୍ଷଣ ଯନ୍ତ୍ରୀଙ୍କୁ ତୁରନ୍ତ ପ୍ରକଳ୍ପ ଅଞ୍ଚଳ ବୁଲି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ତ୍ରୁଟି ସୁଧାରିବାରେ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏ ସଂକ୍ରାନ୍ତରେ ଏନ୍‌ସିସିର ପ୍ରକଳ୍ପ ମୁଖ୍ୟ ପାଲ ବାବୁଙ୍କୁ ପଚାରିବାରେ ସେ କହିଛନ୍ତି ତ୍ରୁଟିଗୁଡିକୁ ସୁଧାରିବା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିରେ କୌଣସି ନିମ୍ନମାନର କିମ୍ବା ଅନିୟମିତତା ହେଉନାହିଁ। ଆରଡବ୍ଲ୍ୟୁଏସ୍‌ଏସ୍ ଚଣ୍ଡିଖୋଲ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜା କହିଛନ୍ତି ଯନ୍ତ୍ରୀ ପ୍ରାଧିକରଣ ରିପୋର୍ଟ ଅନୁସାରେ ତ୍ରୁଟି ସବୁକୁ ସୁଧାରିବାକୁ ସମ୍ପୃକ୍ତ ଠିକାସଂସ୍ଥାକୁ ତାଗିଦ କରାଯାଇଛି । ଏଥିପାଇଁ ବିଭାଗ ପକ୍ଷରୁ କୌଣସି ଅବହେଳା କରାଯାଉ ନାହିଁ ବୋଲି ପରିଜା କହିଛନ୍ତି।



## ୧୦ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ଯାଜପୁର ଅଫିସ,୪।୯**

ସରକାରୀ କାର୍ଯ୍ୟରେ ଅବହେଳା, ଦାୟିତ୍ୱ ହସ୍ତାନ୍ତର ନ କରିବା, ବ୍ଲକର ବୈଠକରେ ଯୋଗ ନ ଦେବା ଇତ୍ୟାଦି ଅଭିଯୋଗରେ ଜିଲାପାଳ ରଞ୍ଜନ କୁମାର ଦାସ ବୁଧବାର ୧୦ଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି। ଏଥିରେ କୋରେଇ ବ୍ଲକର ମଦନ ମୋହନ ପ୍ରଧାନ ଓ ଜଗନ୍ନାଥ ମାଝି, ଯାଜପୁର ବ୍ଲକର ଲକ୍ଷ୍ମୀଧର ଦାସ, ସୁବାସ ସାମଲ, ବଡ଼ଚଣା ବ୍ଲକର ଦେବେନ୍ଦ୍ର ପୁହାଣ, ସିଦ ମୁଣ୍ଡରୀ, ଦାନଗଦୀ ବ୍ଲକ୍‌ର ଅର୍ଜୁନ ଚରଣ ବରାଳ, ରାମଚନ୍ଦ୍ର ଦାସ, ସୂର୍ଯ୍ୟମଣୀ ପଟ୍ଟନାୟକ ଓ ଉମେଶ ଚନ୍ଦ୍ର ସେଠୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ନିଲମ୍ବନ ସମୟରେ ସେମାନଙ୍କୁ ହେଡକ୍ୱାର୍ଟର ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଯାଜପୁର କାର୍ଯ୍ୟାଳୟକୁ ସ୍ଥିର କରାଯାଇଛି। ଉପରୋକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ କାର୍ଯ୍ୟ କରିବା ପାଇଁ ପୂର୍ବରୁ ବିଭିନ୍ନ ସମୟରେ ୫-ଟି ମାଧ୍ୟମରେ ସୁଯୋଗ ଦିଆଯାଇଥିଲେ ମଧ ସେମାନେ ଅବହେଳା କରିବାରୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ରିପୋର୍ଟକୁ ଭିତ୍ତିକରି ଜିଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

## ୧୧ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ରୋଟାରୀ ରାଷ୍ଟ୍ର ସମ୍ମାନ



ରୋଟାରି ରାଷ୍ଟ୍ର ସମ୍ମାନରେ ସମ୍ମାନିତ ହୋଇଥିବା ଶିକ୍ଷୟିତ୍ରୀଶିକ୍ଷକ।

**ଯାଜପୁରରୋଡ, ୪।୯(ନି.ପ୍ର.)**

ରୋଟାରି କ୍ଲବ ଯାଜପୁରରୋଡ ପକ୍ଷରୁ ବୁଧବାର ବ୍ୟାସଦେବ ଟାଉନହଲଠାରେ କୋରେଇ, ବ୍ୟାସନଗର, ପାଣିକୋଇଲି, ଶଙ୍ଖଚିଲା ଆଦି ଅଞ୍ଚଳର ୧୧ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ରୋଟାରୀ ରାଷ୍ଟ୍ର ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଲଳିତା ପତି, ଶୈଳବାଳା ରାଉତ, ବିଜୟ ସ୍ୱାଇଁ, ପ୍ରଦୀପ ମହାନ୍ତି, ସଞ୍ଜୁକ୍ତା ମହାରଣା, ଅର୍ଚ୍ଚନା ଜେନା, ଅଶ୍ୱିନୀ ମହାନ୍ତି, ଦୀପକ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ଦାଶ, ଯଯାତି କେଶରୀ ମଲ୍ଲିକ ଏବଂ ରମେଶ ଦାଶଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଛି। ରୋଟାରୀ କ୍ଲବ ଯାଜପୁରରୋଡ ସଭାପତି ଅଭୟ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କୋରେଇ ବ୍ଲକ ଏବିଇଓ ଅକ୍ଷୟ କୁମାର ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବ୍ୟାସଦେବ ଟାଉନହଲ ପରିସରରେ ବୃକ୍ଷରୋପଣ କରିବା ସହ ନିକଟସ୍ଥ ଆଦିବାସୀ ବସ୍ତିରେ ଗରିବ ଅସହାୟ ପରିବାରଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ରୋଟାରିଆନ ଅସ୍ମିତା ପତି, ପ୍ରବୀର ବିଶ୍ୱାଳ, ଅଜୟ ସାହୁ, ଆଶୁତୋଷ ମିଶ୍ର, ଜ୍ଞାନରଞ୍ଜନ ଓଝା, କଳ୍ପତରୁ ସାହୁ, ରବୀନ୍ଦ୍ର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥଲେ । ଉଦୟ ଖଣ୍ଡେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଙ୍ଗାଲୋରରେ ଓଡ଼ିଆ ଯୁଥ କ୍ଲବ ପକ୍ଷରୁ ଗଣେଶପୂଜା

**ଯାଜପୁର ଅଫିସ,୪।୯**

ଓଡିଆ ଯୁଥ କ୍ଲବ ପକ୍ଷରୁ ବାଙ୍ଗାଲୁରୁଠାରେ ୫ମ ବାର୍ଷିକ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଓଡ଼ିଆ ଲୋକ ଯୋଗ ଦେଇଥିଲେ। ପୂର୍ବାହ୍ନ ସାଢେ ୧୧ଟାରେ ପୂଜା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକାୟୁକ୍ତ ଓଡିଆ ସଭ୍ୟ ଦେବବ୍ରତ ସ୍ୱାଇଁ ମୁଖ୍ୟଅତିଥି, ଏମ୍‌ପି ପି.ସି. ମୋହନ, ବିଧାୟକ ଅରବିନ୍ଦ ଲିବାଭାଲି, ଅରୁଣ କୁମାର ପଣ୍ଡା, ଏନ. ରମେଶ, ବାବୁ ରେଡ୍ଡି, ଶ୍ୱେତ ବିଜୟକୁମାର, କେ. ହରିଶ, ବିନୋଦ ଦାଶ, ମିଷ୍ଟର ଇଣ୍ଡିଆ ଗୌତମ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା କୁନା ତ୍ରିପାଠୀ, ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ସେଫାଳି ଉଦଗାତା, ରୋଜାଲିନ ସାହୁ, ଦୁର୍ଗାପ୍ରସାଦ, ଅବିନାଶ ଦାଶ ପ୍ରମୁଖ ଷ୍ଟାରନାଇଟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଓଡିଶାର ଯୁଥ କ୍ଲବର ମୁଖ୍ୟ କାର୍ଯ୍ୟକର୍ତ୍ତା ସଂଗ୍ରାମ ମହାପାତ୍ର, ଲକ୍ଷ୍ମୀନାରାୟଣ ମହାନ୍ତି, ସୁଶାନ୍ତ ଷଡ଼ଙ୍ଗୀ, ସୌରଭ ସାହୁ, ଅରୁଣ ରାଉତରାୟ, ଅରୁଣ ସାମନ୍ତସିଂହାର, ପ୍ରଜ୍ଞାଦୀପ ଦାଶ, ଅମରେଶ ନାୟକ, ଚିରଞ୍ଜୀବିସ୍ୱାଇଁପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଏଲ୍‌ଇଡି ବଲ୍‌ବ ପାଇଲେ ରାଶନ୍‌କାର୍ଡଧାରୀ

**ବିଞ୍ଝାରପୁର,୪।୯(ଡି.ଏନ୍.ଏ.)**

ବିଞ୍ଝାରପୁର ବିଧାୟିକା ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ବୁଧବାର ପୂର୍ବାହ୍ନରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତରେ ରାଶନକାର୍ଡ ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍‌ବ ବଣ୍ଟନ କରିଛନ୍ତି। ନେସ୍କୋ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଭିଏଲଡବ୍ଲ୍ୟୁ ସୁବାସ କର ସଭାପତିତ୍ୱରେ କରିଥିବାବେଳେ ମୁଖ୍ୟଅତିଥିଭାବେ ବିଧାୟିକା ତଥା ସରକାରୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦେଇ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ପ୍ରଣୟନ କରୁଥିବା ଜନହିତକର ଯୋଜନାଗୁଡିକୁ ଗ୍ରାମାଞ୍ଚଳରେ ଲୋକଙ୍କ ନିକଟରେ ସୁଚାରୁରୂପେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇଥିଲେ। ଏପରି କି ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଲକ୍ଷ ଲକ୍ଷ ଲୋକ ଉପକୃତ ହେଉଛନ୍ତି ବୋଲି ବିଧାୟିକା ମତବ୍ୟକ୍ତ କରିବା ସହିତ ହିତାଧିକାରୀଙ୍କୁ ଏଲଇଡି ବଲ୍‌ବ ବଣ୍ଟନ କରିଥିଲେ। ଏହି ସଭାରେ ଅନ୍ୟତମ ଅତିଥିଭାବେ ସରପଞ୍ଚ ଦେବାନନ୍ଦ ମଲ୍ଲିକ, ସମିତିସଭ୍ୟ ସମୀର ଜେନା, ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀ ଦେବଦତ୍ତ ପଣ୍ଡା, ଏସ୍‌ଡିଓ ଅସିତ୍ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଉପାଧକ୍ଷା ପ୍ରୀୟତମା ବେଉରିଆ, ହେମେନ୍ଦ୍ର ସାମଲ, ପ୍ରଫୁଲ୍ଲ ନାୟକ, ଗୋବିନ୍ଦ ଯେନା, ଜିତେନ୍ଦ୍ର ପ୍ରଧାନ, ସମାଜସେବୀ ସରୋଜ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ରାଶନକାର୍ଡ ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍‌ବ ବଣ୍ଟା ଯାଇଥିଲା ।



ବିଧାୟିକା ପ୍ରମିଳା ମଲ୍ଲିକ ଜଣେ ମହିଳାଙ୍କୁ ଏଲଇଡି ବଲ୍‌ବ ପ୍ରଦାନ କରୁଛନ୍ତି।

## ଦୁର୍ଘଟଣାରେ ଯୁବକ ଗୁରୁତର

**ଚଣ୍ଡିଖୋଲ,୪।୯(ଡ଼ି.ଏନ.ଏ)**

ଚଣ୍ଡିଖୋଲ ଛକରେ ବୁଧବାର ସକାଳେ ଏକ ୧୪ ଚକିଆ ଟ୍ରକ ମାଡ଼ିଯିବାରୁ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଉକ୍ତ ଯୁବକଙ୍କ ନାମ ଅଜୟ କୁମାର ମହାରଣା (୩୫)। ତାଙ୍କ ଘର ଢେଙ୍କାନାଳ ଜିଲା ଖଙ୍କିରା ଗ୍ରାମରେ ବୋଲି ଜଣାପଡ଼ିଛି। ଖବର ପାଇ ଚଣ୍ଡିଖୋଲ ଅଗ୍ନିଶମ କର୍ମଚାରୀ ଆହତ ମହାରଣାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମହାରଣାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେପ୍ଟେମ୍ବର ୧ଠାରୁ ରାଜ୍ୟ ସରକାର ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ତଥା ଗାଡ଼ି ଯାଞ୍ଚ ପ୍ରକ୍ରିୟାକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ ତାହା ଏଠାରେ ହେଉନାହିଁ। ଫଳରେ ଟ୍ରାଫିକ ପୋଲିସ ସମ୍ମୁଖରେ ଏପରି ଦୁର୍ଘଟଣା ଘଟିଚାଲିଛି।

## ଖଏରାକୁ ଶ୍ରେଷ୍ଠ ପଞ୍ଚାୟତ ପୁରସ୍କାର

**ଚଣ୍ଡିଖୋଲ,୪।୯(ଡ଼ି.ଏନ.ଏ)**

ବଡ଼ଚଣା ବ୍ଲକ ଖଏରା ପଞ୍ଚାୟତକୁ ଯାଜପୁର ଜିଲା ପ୍ରଶାସନ ତରଫରୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଛି। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କଠାରୁ ପଞ୍ଚାୟତର ସରପଞ୍ଚ ହରପ୍ରିୟା ବରାଳ ପ୍ରସଂଶା ପତ୍ର ସହ ୫ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଛନ୍ତି। ସୂଚନା ଥାଉକି, ରାଜ୍ୟ ସରକାରଙ୍କ ଦ୍ୱାରା ୨୦୧୮ ଡ଼ିସେମ୍ବରରୁ ୨୦୧୯ ମାର୍ଚ୍ଚ ପର୍ଯ୍ୟନ୍ତ ପ୍ରତ୍ୟେକ ପଞ୍ଚାୟତରେ 'ଆମ ଗାଁ ଆମ ବିକାଶ' ଯୋଜନା ମାଧ୍ୟମରେ ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା। ସେଥିମଧ୍ୟରୁ ୨୦୧୯ ଫେବ୍ରୁୟାରୀରେ ଖଏରା ପଞ୍ଚାୟତରେ ହୋଇଥିବା ପିଠା କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପଞ୍ଚାୟତ ଭାବେ ବଡ଼ଚଣା ବ୍ଲକର ଏହି ପଞ୍ଚାୟତକୁ ମନୋନୀତ କରାଯାଇଥିଲା। ପିଠା ଜନସାଧାରଣଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଥିଲାବେଳେ ଏଥିରେ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାର ମାଧ୍ୟମ ଥିଲା। ସ୍ୱଚ୍ଛ ଭାବେ ଏହି କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିଥିବା ହେତୁ ଖଏରା ପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ବିବେଚନା କରାଯାଇଥିଲା। ବୁଧବାର ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ଜିଲାପାଳ ଦାସ ଓ ଜିଲା ପରିଷଦ ଅଧକ୍ଷ ନରେଶ କୁମାର ମହାନ୍ତି ମାନପତ୍ର ସହ ଅର୍ଥରାଶିର ଚେକ୍ ପ୍ରଦାନ କରିଥିଲେ। ଏହି ପୁରସ୍କାର ପ୍ରଦାନ ସମୟରେ ଜିଲା ପ୍ରଶାସନର ସମସ୍ତ ଅଧିକାରୀଙ୍କ ସମେତ ଖଏରା ପଞ୍ଚାୟତର ସରପଞ୍ଚର ସମିତି ସଭ୍ୟ ସ୍ୱର୍ଣ୍ଣରେଖା ପୃଷ୍ଟି, କାର୍ଯ୍ୟ ନିର୍ବାହୀ ଅଧିକାରୀ କୁମରମଣି ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ■ଓଏମ୍‌ସି କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଭାଗନେଲେ ୧୦ ପଞ୍ଚାୟତର ଶ୍ରେଷ୍ଠ ଦଳ

**କାଳିଆପାଣି/ସୁକିନ୍ଦା,୪।୯(ଡି.ଏନ୍.ଏ.)**

ଖଣି ନିଗମ କାଳିଆପାଣି ଟାଉନସିପ୍ କଲୋନୀ ପରିସରରେ ଥିବା ଖେଳ ପଡ଼ିଆରେ ବୁଧବାର ୩ ଦିନିଆ ଆନ୍ତଃଗ୍ରାମାଞ୍ଚଳ (ଓଡ଼ିଶା ଖଣି ନିଗମ) ଓଏମ୍‌ସି କପ୍ ଫୁଟବଲ ଟୁର୍ନାମେଣ୍ଟ ୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଖଣି ଅଞ୍ଚଳରେ ପ୍ରତିଭାବାନ୍ କ୍ରୀଡାବିତ୍‌ଙ୍କୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଖଣି ନିଗମର ପ୍ରୟାସକୁ ବିଧାୟକ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ସୌରିକ ଆଥଲେଟିକ ଆସୋସିଏଶନ ସଭାପତି ପ୍ରଭାତ ପ୍ରଧାନଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଣି ନିଗମ ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ସୁକିନ୍ଦା ବ୍ଲକ ଅଧକ୍ଷା ପଦ୍ମାବତୀ ଜେନା, ପୂର୍ବତନ ଅଧକ୍ଷା ଭଗବତୀ ମହାନ୍ତ, ଉପାଧକ୍ଷ ଦିବ୍ୟରଞ୍ଜନ ବରାଳ, ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର, ଇମ୍ଫା ଖଣି ଉପସଭାପତି ସୁଧାଂଶୁ ପାଟନୀ, ଟାଟା କମ୍ପାନୀ ସୁକିନ୍ଦା ଖଣି ପ୍ରଶାସନିକ ଅଧିକାରୀ ଗୌତମ ଚକ୍ରବର୍ତ୍ତୀ, ଜସପ୍ରୀତ୍ ସିଂ, ଖଣି ନିଗମ ଦକ୍ଷିଣକାଳିଆପାଣି ପରିଚାଳକ କାଠି ପ୍ରଧାନ, ପ୍ରଶାସନିକ ଅଧିକାରୀ ଲକ୍ଷ୍ମଣ ହାଁସଦା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ସଭାକାର୍ଯ୍ୟରେ ସଂଘ ପକ୍ଷରୁ ରବିନାରାୟଣ କର, ଏସ୍.କେ.ନିହାଲୁଦ୍ଦିନ, ବାବୁ ମହାରଣା, ମନୋଜ ବେଜ, ଆଶିଷ ଜେନା, ବୈକୁଣ୍ଠ ମହାନ୍ତ, ସତ୍ୟଜିତ ନାୟକ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ କଂସ, କାଳିଆପାଣି, ଚିଙ୍ଗୁଡ଼ିପାଳ, ରାଁସୋଳ, କାଙ୍କଡପାଳ, ପିମ୍ପୁଡ଼ିଆ, କୁହିକା, ଦୁଧୁଜୁରୀ, ବନ୍ଧଗାଁ, କିଆଝର ପ୍ରଭୃତି ୧୦ ପଞ୍ଚାୟତର ଶ୍ରେଷ୍ଠ ଫୁଟବଲ ଦଳ ଭାଗନେଇଛନ୍ତି।




ଉଦ୍‌ଘାଟନୀ ଉତ୍ସବରେ ବିଧାୟକଙ୍କ ସହ ଅନ୍ୟମାନେ।

ରାଜ୍ୟ ଓ ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭଲ ଖେଳାଳି ଚୟନ କରିବା ଲକ୍ଷ୍ୟରେ ନିଗମ ପକ୍ଷରୁ ଏହି ପ୍ରତିଯୋଗିତା କରାଯାଉଛି। ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ନିଗମ ପକ୍ଷରୁ ପ୍ରଶିକ୍ଷଣ ଦିଆଯାଇ ରାଜ୍ୟ ଓ ଆନ୍ତଃରାଜ୍ୟ ଫୁଟବଲ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଛି। ଉଦ୍‌ଘାଟନୀ ଅବସରରେ ରାଁସୋଳ ସହିତ ବନ୍ଧଗାଁ, କଂସ ସହିତ କିଆଝର, କୁହିକା ସହିତ କାଳିଆପାଣି, ଚିଙ୍ଗୁଡିପାଳ ସହିତ ଦୁଧୁଜୁରି ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ବନ୍ଧଗାଁ, କଂସ, କାଳିଆପାଣି, ଦୁଧୁଜୁରୀ ଦଳ ପରାଜୟବରଣ କରିଥିଲେ। ଏହି କ୍ରୀଡାରେ ଆସୋଶେନର ସଭାପତି ପ୍ରଭାତ ରଞ୍ଜନ ପ୍ରଧାନ, ନିହାଲ କୁମାର, ବୈକୁଣ୍ଠ ମହାନ୍ତ, ଶ୍ୟାମ ଚରଣ ମହାରଣା, ସନ୍ନ୍ୟାଶୀ ସାମଲ, ମଧୁପ ରଞ୍ଜନ ନନ୍ଦ, ରବିନାରାୟଣ କର, ବିକାଶ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ପ୍ରଭାକର ବେହେରା, ସ୍ୱପ୍ନେଶ୍ୱର କଅଁର ପ୍ରମୁଖ ପରିଚାଳନା କରିଥିଲେ।

# ଜିଲାରେ ପ୍ରାଣୀଧନ ସଂଖ୍ୟା ହ୍ରାସ

**କେନ୍ଦ୍ରାପଡ଼ା ଜିଲା**

- ୭ ବର୍ଷରେ ୮ରୁ ୧୨ ପ୍ରତିଶତ କମିଛି ଗାଈ, ମଇଁଷି ସଂଖ୍ୟା
- କେନ୍ଦ୍ରାପଡ଼ା କୁଜି ମେଣ୍ଢା ପାଇଁ କୌଣସି ସରକାରୀ ଯୋଜନା ନାହିଁ
- ଜବରଦଖଲରେ ଜିଲାର ୧ହଜାରରୁ ଊର୍ଦ୍ଧ୍ୱ ଗୋଚର ଜମି

**କେନ୍ଦ୍ରାପଡ଼ା ଅଫିସ୍, ୪।୯**

ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାରେ ଲୋକମାନେ ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ। ଏଥିସହ ଜିଲାର ଅଧିକାଂଶ ପରିବାର ପଶୁ ପାଳନ କରି ନିଜର ଆର୍ଥିକ ଆବଶ୍ୟକତା ମେଣ୍ଟାଇଥାନ୍ତି। ହେଲେ ଜିଲାରେ ପ୍ରାଣୀଧନ ବିକାଶ ଦିଗରେ ଦୃଷ୍ଟି ଦିଆଯାଉ ନ ଥିବା ବେଳେ କେନ୍ଦ୍ରାପଡ଼ାର କୁଜି ମେଣ୍ଢା (ବିରଳ ମେଣ୍ଢା)ଙ୍କ ପାଇଁ ଏ ପର୍ଯ୍ୟନ୍ତ କୌଣସି ସରକାରୀ ଯୋଜନା କରାଯାଇ ନ ଥିବା ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ ସୂଚନା ମିଳିଛି। ପ୍ରାଣୀଧନ ବିକାଶ ପାଇଁ କେନ୍ଦ୍ରର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ ରାଜ୍ୟ କୃଷି ବିଭାଗର ବିଭିନ୍ନ ଯୋଜନା କେନ୍ଦ୍ରାପଡା ଜିଲାରେ କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ଜିଲାରେ ପ୍ରାଣୀଧନ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବା ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। କୃଷିପ୍ରଧାନ କେନ୍ଦ୍ରାପଡ଼ା ଜିଲାରେ ପ୍ରାଣୀଧନ ସଂଖ୍ୟା ହ୍ରାସ ଜିଲାର ଅର୍ଥନୀତି ଓ ପରିବେଶ ଉପରେ ପ୍ରଭାବ ପକାଉଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

୨୦୦୦ ମସିହା ଗଣନା ଅନୁଯାୟୀ ଜିଲାରେ ୯,୨୪,୩୯୬ ଗୋ-ମହିଷାଦି, ୧,୨୪,୫୯୦ ଛେଳି, ୩୮,୮୬ ମେଣ୍ଢା ଓ ୧,୩୮,୫୦୦ କୁକୁଡା ଏବଂ ବତକ ଥିଲେ। ସେହିପରି ୨୦୧୨ରେ ୩,୬୫,୮୯୦ ଗୋ ମହିଷାଦି, ୧,୦୭,୮୨୯ଟି ଛେଳି, ୧୪,୮୮୫ ମେଣ୍ଢା ଓ ୧,୩୦,୮୨୯ କୁକୁଡା ଏବଂ ବତକ ଥିଲେ। ମାତ୍ର ସଦ୍ୟତଥ୍ୟ ଅନୁଯାୟୀ ଜିଲାରେ ଗୋ ମହିଷାଦି ସଂଖ୍ୟା ୮ରୁ ୧୨ ପ୍ରତିଶତ ହ୍ରାସ ପାଇଥିବା ବେଳେ କୁକୁଡ଼ା ବ୍ୟତୀତ ମେଣ୍ଢା ଓ ଛେଳି ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିବା ଭାରପ୍ରାପ୍ତ ସିଡିଭିଓ ଆଶିଷ କୁମାର ଶତପଥୀ ସୂଚନା ଦେଇଛନ୍ତି। ଜିଲାରେ ୩,୨୧,୯୩୪ ପରିବାର ମଧ୍ୟରୁ ଗ୍ରାମାଞ୍ଚଳରେ ରହୁଥିବା ୩,୦୫,୮୬୮ ପରିବାର ପ୍ରାଣୀ ପାଳନକୁ ମୁଖ୍ୟ ବିକଳ୍ପ ଜୀବିକା ଭାବେ ଗ୍ରହଣ କରିଛନ୍ତି। ସେହିପରି ଗୃହପାଳିତଙ୍କ ମଳମୂତ୍ର ବ୍ୟବହାର କରି ଚାଷୀ କ୍ଷେତକୁ ଉର୍ବର କରିବା ସହିତ କୀଟନାଶକ ଭାବେ ବ୍ୟବହାର କରିଥାନ୍ତି। ଫଳରେ ପରିବେଶର ସନ୍ତୁଳନ ରକ୍ଷା ହୋଇଥାଏ। କିନ୍ତୁ ଜିଲାରୁ ପ୍ରାଣୀଧନ ହ୍ରାସ ପାଇବା ଏବେ ପରିବେଶବିତ୍‌ଙ୍କ ଚିନ୍ତାର କାରଣ ପାଲଟିଛି।

୧୯୯୯ ମହାବାତ୍ୟାରେ ଜିଲାର ଲକ୍ଷାଧିକ ପ୍ରାଣୀଧନ ନଷ୍ଟ ହୋଇଥିଲା। ଏହାପରେ ନାବାର୍ଡ ସହଯୋଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହୋଇଛି। ମାତ୍ର ଏହି ଯୋଜନାର ସଫଳ ରୂପାୟନ ହୋଇପାରି ନ ଥିବା ତଥ୍ୟରୁ ଜଣାପଡ଼ିଛି। ନ୍ୟାଶନାଲ ଡାଏରୀ ଡେଭଲପମେଣ୍ଟ ବୋର୍ଡର ୨୦୧୬ ଷ୍ଟାଟିଷ୍ଟିକାଲ ସର୍ଭେ ରିପୋର୍ଟ ମୁତାବକ, ଜଣେ ସୁସ୍ଥ ମଣିଷ ପାଇଁ ଦୈନିକ ୨୫୦ ଗ୍ରାମ କ୍ଷୀର ଆବଶ୍ୟକ। ମାତ୍ର ଓଡ଼ିଶାରେ ଏହାର ଅଧାରୁ କମ୍ ଗ୍ରାମ (୧୦୨ ଗ୍ରାମ)ର କ୍ଷୀର ଉପଲବ୍ଧ ହେଉଛି। ସେହିପରି କେନ୍ଦ୍ରାପଡ଼ାରେ ମାତ୍ର ୬୫ ଗ୍ରାମ ଉପଲବ୍ଧ ହେଉଥିବା ଏହି ରିପୋର୍ଟରେ ଉଲ୍ଲେଖ ରହିଛି। ୨୦୦୫ରେ କୃଷି ବିଭାଗ ସହ ଅନୁବନ୍ଧିତ ହୋଇ ନାବାର୍ଡ ପକ୍ଷରୁ ସମନ୍ୱିତ ଗୋ-ବିକାଶ କାର୍ଯ୍ୟକ୍ରମ (ଆଇସିଡିପି) ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ନାବାର୍ଡ ପକ୍ଷରୁ ୨୭ କୋଟି ୭୨ଲକ୍ଷ ୩୪ ହଜାର ଟଙ୍କା ଖର୍ଚ୍ଚ କରାଯାଇ ୩,୨୩୦ଟି ଗୋପାଳନ ୟୁନିଟ୍ ଓ ୩୮୦ଟି କ୍ଷୀର ଉତ୍ପାଦନ କେନ୍ଦ୍ର କରାଯାଇଛି। ମାତ୍ର ଜିଲାରେ ଏହାର କିଛି ପ୍ରଭାବ ପଡୁନାହିଁ। ଜିଲାରେ ଦୈନିକ ମାତ୍ର ୩୫ ହଜାର ଲିଟର କ୍ଷୀର ଉତ୍ପାଦିତ ହେଉଥିବା ବେଳେ ୩୧ହଜାର ଲିଟର ଓମଫେଡ୍‌କୁ ଯାଉଥିବା ଜଣାପଡ଼ିଛି।

ଅନୁରୂପ ଭାବେ କେନ୍ଦ୍ରାପଡ଼ା ମେଣ୍ଢାର ପ୍ରଜନନ କ୍ଷମତା ଅଧିକ। ଏକକାଳୀନ ସେମାନେ ଦୁଇରୁ ତିନିଟି ଛୁଆ ଜନ୍ମ ଦେଇପାରନ୍ତି। ତେବେ ଏହି ପ୍ରଜାତିର ସଂଖ୍ୟା ବୃଦ୍ଧି ପାଇଁ ଅଦ୍ୟାବଧି କୌଣସି ସରକାରୀ ଯୋଜନା ନଥିବା ଭାରପ୍ରାପ୍ତ ସିଡିଭିଓ ଶତପଥୀ କହିଛନ୍ତି। ଅପରପକ୍ଷରେ ପ୍ରାକୃତିକ ବିପର୍ଯ୍ୟୟଭରା କେନ୍ଦ୍ରାପଡ଼ା ଜିଲାରେ ଗୋପାଳନର ଗୁରୁତ୍ୱ ଅଧିକ। ଏହାର ବିକାଶ ପାଇଁ ଚିନ୍ତା କରାଯାଉ ନ ଥିବାରୁ କୃଷକମାନେ ଚାଷ ଛାଡ଼ି ଜିଲା ବାହାରକୁ ଦାଦନ ଖଟିବାକୁ ଚାଲି ଯାଉଛନ୍ତି। ସେହିପରି ଜିଲାର ୧ ହଜାରରୁ ଊର୍ଦ୍ଧ୍ୱ ହେକ୍ଟର ଗୋଚର ଜମି ଜବରଦଖଲରେ ଥିବା ରାଜସ୍ୱ ବିଭାଗ ଜାଣିଥିଲେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

## ଅଗ୍ନିକାଣ୍ଡରେ ୨ବଖରା ଭସ୍ମ

**ଡେରାବିଶ, ୪।୯ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଇନ୍ଦାଳୋ ପଞ୍ଚାୟତ ଅଧୀନ ଛକନା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ନାରଣ ତ୍ରିପାଠୀଙ୍କ ୨ ବଖରା ଘର ପୋଡ଼ିଯାଇଛି। ପରିବାର ଲୋକେ ଘର ଭିତରେ ଟିଭି ଦେଖୁଥିବା ବେଳେ ସ୍ପାର୍କିଂ ହେବାରୁ ସେମାନେ ବାହାରକୁ ଚାଲି ଆସିଥିଲେ। ତେବେ ଘରେ ନିଆଁ ଲାଗି ଯାଇଥିବା ଦେଖି ସେମାନେ ପାଟି କରିବାରୁ ଗ୍ରାମବାସୀ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବରପାଇ କୋରୁଆ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡରେ ଘରର ବହୁ ଦରକାରୀ ସାମଗ୍ରୀ ସହ ଖାଦ୍ୟ ସାମଗ୍ରୀ ଜଳିଯାଇଛି। ବୁଧବାର ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ବିପନ୍ନ ପରିବାରକୁ ଭେଟିବା ସହ କ୍ଷୟକ୍ଷତି ଆକଳନ କରି ଫେରିଛନ୍ତି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗି ଯାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ୧୨ରୁ ଗୁଆହାଟୀରେ ପୋକ୍‌ସୋ ସମ୍ପର୍କିତ ଜାତୀୟ କର୍ମଶାଳା

### ଯୋଗଦେବେ କେନ୍ଦ୍ରାପଡ଼ା ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ



**କେନ୍ଦ୍ରାପଡା ଅଫିସ, ୪।୯:** ଆସନ୍ତା ୧୨ ଓ ୧୩ ତାରିଖରେ ଆସାମର ଗୁଆହାଟୀଠାରେ ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା (ପୋକ୍‌ସୋ) ଆଇନ ସମ୍ପର୍କରେ ଜାତୀୟ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହେବ। ଏହି କର୍ମଶାଳାରେ କେନ୍ଦ୍ରାପଡ଼ା ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ ରବୀନ୍ଦ୍ର ପ୍ରସାଦ ଜେନା ଯୋଗଦେବେ। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଦସ୍ୟ ଜେନାଙ୍କୁ ମନୋନୀତ କରାଯାଇଛି। ଗୌହାଟିର ନିପ୍‌ସିଡିଠାରେ ଭାରତର ପୂର୍ବାଞ୍ଚଳୀୟ କର୍ମଶାଳାରେ ଯୌନ ଶୋଷଣରୁ ଶିଶୁ ସୁରକ୍ଷା ସମ୍ପର୍କିତ ନିୟମ-୨୦୧୨ ଓ ପରବର୍ତ୍ତୀ ନୂତନ ଆଇନ ସମ୍ପର୍କରେ ବ୍ୟାପକ ତାଲିମ ପ୍ରଦାନ କରାଯିବ ବୋଲି ଜେନା ସୂଚନା ଦେଇଛନ୍ତି।

### ମହିଳାମାନଙ୍କ ସୁରକ୍ଷା ନେଇ ଖବରଦାତା ସମ୍ମିଳନୀ



**ପଟ୍ଟାମୁଣ୍ଡାଇ,୪।୯(ସ୍ୱ.ପ୍ର):** ସମ୍ପ୍ରତି ସମାଜରେ ପ୍ରତିଦିନ କେଉଁଠି ନା କେଉଁଠି ମହିଳାମାନଙ୍କ ପ୍ରତି ଅଶୋଭନୀୟ ଆଚରଣ ପ୍ରଦର୍ଶନ ହେଉଥିବା ଘଟଣା ନଜରକୁ ଆସୁଛି। ବାଳିକା ଓ ଶିଶୁମାନେ ଏଭଳି ଘଟଣାରୁ ବାଦ୍ ପଡୁନାହାନ୍ତି। ବିଶେଷ କରି ଶିଶୁମାନଙ୍କ ପ୍ରତି ଅସଦାଚରଣ ଓ ବଳାତ୍କାର ଆଜିର ସଭ୍ୟ ସମାଜକୁ ବ୍ୟଥିତ କରିଛି। ଲଜ୍ଜା, ଭୟ ଓ ସାମାଜିକ ନିନ୍ଦା ଦୃଷ୍ଟିରୁ ଝିଅ ଓ ମହିଳାମାନେ ମୁହଁ ଖୋଲି ପାରୁନାହାନ୍ତି। ଅନ୍ୟପକ୍ଷରେ କେତେକ ସ୍ଥାନରେ ଅଶ୍ଳୀଳ ଭିଡିଓ ଭାଇରାଲ ହେବାରେ ଲାଗିଛି। ଯାହାକି ଝିଅ ଓ ମହିଳାମାନଙ୍କର ସାମାଜିକ ପ୍ରତିଷ୍ଠା ତଥା ସମ୍ମାନ ହାନି କରୁଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ନେଇ ଅନ୍ତର୍ଜାତିକ ମାନବାଧିକାର କାଉନସିଲ କେନ୍ଦ୍ରାପଡା ଜିଲା ମୁଖ୍ୟ ପ୍ରତାପ ପାଢ଼ୀ ବୁଧବାର ପଟ୍ଟାମୁଣ୍ଡାଇଠାରେ ଏକ ଖବରଦାତା ସମ୍ମିଳନୀ ଡାକିଥିଲେ। ଏହି ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରି, ଅନ୍ତର୍ଜାତିକ ମାନବାଧିକାର କାଉନସିଲ ରାଜ୍ୟ ମୁଖ୍ୟ ଶିବସୁନ୍ଦର ସ୍ୱାଇଁ ଓ ଜିଲା ମୁଖ୍ୟ ପାଢ଼ୀ ଯୋଗଦେଇ ବାଳିକା ଓ ମହିଳାମାନଙ୍କ ସୁରକ୍ଷା ନିମନ୍ତେ ଜାରି ହୋଇଥିବା ଟୋଲ ଫ୍ରି ହେଲପ ଲାଇନ ନମ୍ବର ସମ୍ପର୍କରେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ସାମ୍ପ୍ରତିକ ପରିସ୍ଥିତିରେ ଅନ୍ତର୍ଜାତିକ ମାନବାଧିକାର କାଉନସିଲ ଭୁବନେଶ୍ୱର ଶାଖା ପକ୍ଷରୁ ମହିଳା ଓ ବାଳିକାମାନଙ୍କ ସୁରକ୍ଷା ପାଇଁ ଏକ ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବର ପ୍ରଦାନ କରିବା ନିମନ୍ତେ ରାଜ୍ୟ ସରକାର ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଅନୁରୋଧ କରାଯାଇଥିଲା। ପୋଲିସ ମହାନିର୍ଦ୍ଦେଶକଙ୍କ ଅନୁମତି କ୍ରମେ ଗତ ମାସ ୨୧ ତାରିଖରେ ଏକ ଟୋଲ୍ ଫ୍ରି ହେଲ୍ପଲାଇନ ନମ୍ବର ୧୫୫୨୬୦ କଟକ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିଲା। ଏହି ନମ୍ବରରେ ମହିଳାମାନେ ଅଭିଯୋଗ କରିବା ସହିତ ହ୍ୱାଟ୍ସଆପ୍ କରିପାରିବେ ବୋଲି ଖବରଦାତା ସମ୍ମିଳନୀରେ ଓଡିଶା ମୁଖ୍ୟ ସ୍ୱାଇଁ କହିଛନ୍ତି।

### ଗଣେଶପୂଜା ମଣ୍ଡପ ବୁଲି ଦେଖିଲେ ବିଧାୟକ

**ମାର୍ଶାଘାଇ,୪।୯(ଡି.ଏନ.ଏ.):** ଗଣେଶ ପୂଜା ଅବସରରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ମାର୍ଶାଘାଇର ବିଭିନ୍ନ ପୂଜାମଣ୍ଡପ ବୁଲି ଦର୍ଶନ କରିଥିଲେ। ସୋମବାର ସନ୍ଧ୍ୟାରେ ମାର୍ଶାଘାଇ ଜୁଣଛକସ୍ଥିତ ବ୍ଲୁଷ୍ଟାର କ୍ଲବ ତରଫରୁ ଆୟୋଜିତ ପୂଜାମଣ୍ଡପରେ ବିଧାୟକ ନାୟକ ପହଞ୍ଚି ଗଜାନନଙ୍କ ଦର୍ଶନ କରିଥିଲେ। ତାଙ୍କ ସହ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ,ସୁବ୍ରତ କୁମାର ପ୍ରଧାନ,ଅଶୋକ କୁମାର ଚୌଧୁରୀ, ସରୋଜକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା




ଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ଆଳି, ୪।୯ (ଡି.ଏନ୍.ଏ.)**

ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତସ୍ଥିତ ପଞ୍ଚାୟତ ହାଇସ୍କୁଲରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅମ୍ଳବର୍ଷା ଏବଂ ଏହାର କାରଣ ଓ ନିରାକାରଣ, ଜଳ ପ୍ରଦୂଷଣ, ଜଳ ପ୍ରଦୂଷଣରୁ ବ୍ୟାପୁଥିବା ରୋଗ ଓ ବାୟୁ ପ୍ରଦୂଷଣ ଆଦି ବିଷୟରେ ତିଆରି କରିଥିବା ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ଶିକ୍ଷକ ମହମ୍ମଦ ସଫିକ ଓ ସୁନୀମା ସିଂହଙ୍କ ତତ୍ତ୍ୱାବଧାନରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ଶିକ୍ଷାବିତ୍ ବି ଏମ୍ ସେନାପତି, ସେଖ୍ ଇଫତେକାର ଆଦିଲ ଓ ପ୍ରଭାସ କୁମାର ବେହୁରା ଯୋଗଦେଇ ୩ ପ୍ରକଳ୍ପକୁ ଶ୍ରେଷ୍ଠ ପ୍ରକଳ୍ପ ଭାବେ ଚୟନ କରିଥିଲେ। ଦଶମ ଶ୍ରେଣୀ ଛାତ୍ରୀ ମାସୁମ ଆଲମ ଖାଁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନବମ ଶ୍ରେଣୀର ଆଫିଜୁଲହକ ଦ୍ୱିତୀୟ ଓ ଅଷ୍ଟମ ଶ୍ରେଣୀର ସୁବିତା ପରୱାନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ଭାରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଶୋକ

**ମାର୍ଶାଘାଇ,୪।୯(ଡି.ଏନ.ଏ.)**

ମାର୍ଶାଘାଇ ଥାନା ଅଧୀନ ଟିଖିରୀ ପଞ୍ଚାୟତ ନୂଆଗାଁ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିଶ ଚନ୍ଦ୍ର ମହାପାତ୍ର (୫୪)ଙ୍କ ଅକାଳ ବିୟୋଗରେ ବିଦ୍ୟାଳୟର ଶିକ୍ଷାର୍ଥୀ , ଅଭିଭାବକ ଓ ଗ୍ରାମବାସୀ ଶୋକ ପ୍ରକାଶ କରିଛନ୍ତି । ଏକ ସଡକ ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇ କଟକସ୍ଥିତ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ରବିବାର ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ମହାପାତ୍ର ଗତ ଅଗଷ୍ଟ ୧୫ ତାରିଖରେ ନୂଆଗାଁ ପ୍ରାଥମିକ ବିଦ୍ୟାଳୟରେ ପତାକା ଉତ୍ତୋଳନ ସାରି ନିଜ ଗ୍ରାମ ଡେରାବିଶକୁ ଫେରୁଥିବା ସମୟରେ ୫ନଂ (କ) ଜାତୀୟ ରାଜପଥ ପାର୍ଶ୍ୱ ଏକ ତେଲଟାଙ୍କି ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ଗୁରୁତର ଆହତ ହୋଇଥିଲେ। ସୋମବାର ତାଙ୍କ ନିଜ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜଣେ ମେଳାପି ଓ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସେ ଜଣାଶୁଣା ଥିଲେ ।

## ପାଚିକା, ସହାୟିକା ସଂଘର ବିକ୍ଷୋଭ

**କେନ୍ଦ୍ରାପଡ଼ା ଅଫିସ୍, ୪।୯**

ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକା ସଂଘର କେନ୍ଦ୍ରାପଡା ଜିଲା ଶାଖା ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ଦାବିରେ ଜିଲା ସଂଘ ସଦସ୍ୟମାନେ ବିକ୍ଷୋଭ କରିବା ସହ ପ୍ରତିବାଦ ସଭା କରିଥିଲେ। ଜିଲା ସଭାପତି ସୁହାନା ବେଗମ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତିକୁ ସମାଲୋଚନା କରାଯାଇଥିଲା। ଏଥିରେ ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ରାଜ୍ୟ ଉପସଭାପତି ସୁବାସ ମହାପାତ୍ର, ରାଜ୍ୟ ସମ୍ପାଦକ ତନ୍ମୟୀ ସାହାଣୀ, ଜିଲା ସମ୍ପାଦିକା ସୌଭାଗିନୀ ପତି, ଯାଜପୁର ଜିଲା ସଭାପତି ରାଜକିଶୋର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେମାନେ ପ୍ରକାଶ କରିଥିଲେ ଯେ, ପାଚିକା ଓ ସହାୟିକାଙ୍କ ସମସ୍ୟା ସମ୍ପର୍କରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିବା ବେଳେ ସମାଧାନ କରାଯାଉନାହିଁ। ପାଚିକାଙ୍କୁ ସ୍କୁଲ ପରିସର ସଫା କରିବାକୁ କୁହାଯାଉଥିବା ବେଳେ ଏହାକୁ ବିରୋଧ କରିବା ସହିତ ପ୍ରୋତ୍ସାହନ ରାଶି ବୃଦ୍ଧି, ୧୦ମାସ ପରିବର୍ତ୍ତେ ୧୨ ମାସର ପାରିଶ୍ରମିକ ପ୍ରଦାନ, ଛଟେଇ ପାଚିକାଙ୍କୁ ତୁରନ୍ତ ନିଯୁକ୍ତି, ପେନସନ ପ୍ରଦାନ, ମଧ୍ୟାହ୍ନ ଭୋଜନର ମାନ ବୃଦ୍ଧି କରିବା ଆଦି ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଜେନ୍ଦ୍ର ନାୟକ, ଝରଣା ରାଉତ, ଡାଙ୍ଗି ସ୍ୱାଇଁ, ସ୍ୱର୍ଣ୍ଣଲତା ସାମଲ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ। ବିକ୍ଷୋଭ ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏହି ଦାବିପତ୍ର ଜିଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରାଯାଇଥିଲା।




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପାଚିକା ଓ ସହାୟିକା ସଂଘ ସଦସ୍ୟାଙ୍କ ବିକ୍ଷୋଭ।

## ସମସ୍ତ ରୋଗୀଙ୍କୁ ମିଳିବ ମାଗଣା ମେଡିସିନ

**ରାଜନଗର, ୪।୯(ଡି.ଏନ.ଏ.)**

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀକଲ୍ୟାଣ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧ୍ୟକ୍ଷ ତଥା ବିଧାୟକ ଧ୍ରୁବ ସାହୁ ଏଥିରେ ପୌରୋହିତ୍ୟ କରିଥିଲେ । ଏହି ବୈଠକରେ ରୋଗୀଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବା, ସମସ୍ତ ମେଡିସିନ ମାଗଣାରେ ଦେବା, ମେଡିକାଲ ପରିସରକୁ ସଫାସୁତୁରା ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମି ରଞ୍ଜନ ମହାନ୍ତି ଗତ ବୈଠକର ବିବରଣୀ ସଂପର୍କରେ ସୂଚନା ଦେବା ସହ ଚଳିତ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନା କରିଥିଲେ। ବୈଠକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସୁବିଧା ପାଇଁ ଆବଶ୍ୟକ ଥିବା ଫୋକସ ଲାଇଟ, ଡିଜିଟାଲ ୱେଟ ମେସିନ, ଷ୍ଟେଥୋସ୍କୋପ, ଅକ୍ସିଜେନ ଫ୍ଲୋ ମିଟର ସହିତ ଆବଶ୍ୟକ ଡାକ୍ତରୀ ସରଞ୍ଜାମ କିଣିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ବୈଠକରେ ସମସ୍ତ ରୋଗୀଙ୍କୁ ମାଗଣାରେ ମେଡିସିନ ଓ ଚିକିତ୍ସା ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ନିରାମୟରେ ଆସୁଥିବା ମେଡିସିନ ବାଦ ଆବଶ୍ୟକ ମେଡିସିନ ବାହାରୁ କିଣି ରୋଗୀଙ୍କୁ ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ୬୮୨ଜଣଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସେବା ଯୋଗାଇ ଦିଆଯାଇଛି। ଏଥିପାଇଁ ୧୦ ଲକ୍ଷ ୯୯ହଜାର ୫ଶହ ଟଙ୍କା ଇନସ୍ୟୁରାନ୍ସ କ୍ଲେମ କରାଯାଇଛି। ମାତ୍ର ନ୍ୟାଶନାଲ ଇନସ୍ୟୁରାନ୍ସ କମ୍ପାନୀ ୨ ଲକ୍ଷ ୫ ହଜାର ୨୫୦ଟଙ୍କା ଯୋଗାଇ ଦେଇଛି। ଅବଶିଷ୍ଟ ଟଙ୍କା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିସହ ମେଡିକାଲରେ କିଣା ଯାଉଥିବା ସମସ୍ତ ମେଡିସିନ ପାଇଁ ରାଜନଗରରେ ଥିବା ମେଡିସିନ ଷ୍ଟୋର ଗୁଡିକଙ୍କ ଠାରୁ କୋଟେସନ ଅଣାଯିବ। କମ୍ ଦରରେ କୋଟେସନ ପକାଇଥିବା ମେଡିସିନ ଷ୍ଟୋର ଠାରୁ ମେଡିସିନ କିଣାଯିବ। ଏହାଛଡା ବୈଠକରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଉନ୍ନତି ପାଇଁ ଆଲୋଚନା କରାଯାଇଥିଲା। ଖାଲି ପଡିଥିବା ପଦବୀ ପୂରଣ ସହିତ ମାତୃ ଶିଶୁ ହାର ରାଜନଗରରେ କିପରି ଆଦୌ ନ ହେବ ସେଥିପାଇଁ ଆଲୋଚନା କରାଯାଇଥିଲା। ବୈଠକରେ ଏମପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ବିଡିଓ ମନ୍ଦରଧର ମହାଲିକ, ଡା. ପ୍ରଣବ କୁମାର ଶୁକ୍ଳା, ପୁଷ୍ପାଞ୍ଜଳି ମହାପାତ୍ର, ପରିବେଶବିତ ବିରଜା ପ୍ରସାଦ ପତି, ସୁରେନ୍ଦ୍ର ପ୍ରସାଦ ରାଉତ, ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପ୍ରତିହାରୀ, ସୂର୍ଯ୍ୟ ନାରାୟଣ ଲେଙ୍କା, ସିଡିପିଓ ପୁଷ୍ପଲତା ଦାଶ, ଏନଆରଏଚଏମ ସହକାରୀ ଯନ୍ତ୍ରୀ ବିଚିତ୍ର ମୋହନ ଜେନା, ଅସିତ ସୁନ୍ଦରରାୟ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନନ୍ଦ କିଶୋର ସ୍ୱାଇଁ, ଶ୍ରୀକାନ୍ତ କୁମାର ଦାସ, ରବୀନ୍ଦ୍ର କୁମାର ଜେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




ବୈଠକରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

## ବନବିହାରୀ ଜୀଉ ହାଇସ୍କୁଲରେ ବୃକ୍ଷରୋପଣ

**ରାଜନଗର, ୪।୯(ଡି.ଏନ.ଏ.)**

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଗୋଜଗୋପାଳସ୍ଥିତ ଶ୍ରୀ ଶ୍ରୀ ବନବିହାରୀଜୀଉ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବୁଧବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଶ୍ୱତାପନ ଓ ଜଳବାୟୁର ପ୍ରଭାବ ଆଜି ସମଗ୍ର ମାନବ ସମାଜ ଉପରେ କାୟାବିସ୍ତାର କରିଚାଲିଛି। ଏଣୁ ବୃକ୍ଷର ସୁରକ୍ଷା ପାଇଁ ସବୁ ସ୍ତରରୁ ଉଦ୍ୟମ ହେବା ଜରୁରୀ। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର କୁଣ୍ଡଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ବସନ୍ତ କୁମାର ହାତୀ, ଅଶୋକ କୁମାର ପ୍ରତିହାରୀ, ବିଜ୍ଞାନ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

■ କଲଭର୍ଟ ଆପ୍ରୋଚ ରାସ୍ତା ମରଣଯନ୍ତା

## ବଢୁଛି ଦୁର୍ଘଟଣା, ମରାମତି ଦାବି

**ରାଜକନିକା , ୪।୯ (ଡି.ଏନ୍.ଏ.)**

ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ସିହୋପଡା-ହାଟସାହି ରାସ୍ତା ଉପରେ ନିର୍ମାଣ କରାଯାଇଥିବା କଲଭର୍ଟର ଆପ୍ରୋଚ ରାସ୍ତା ଓ ହାଟସାହି ଅଣ୍ଡପୂର୍ଣ୍ଣା ପଡ଼ିଆ ନିକଟସ୍ଥ ଦଣ୍ଡାନାଳ ଉପରେ ନିର୍ମିତ କଲଭର୍ଟ ଆପ୍ରୋଚ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଏହି ଦୁଇଟି କଲଭର୍ଟର ଆପ୍ରୋଚ ରାସ୍ତାରେ ଖାଲ ଖମା ହୋଇଥିବାରୁ ଅସରାଏ ବର୍ଷା ପରେ ଦୀର୍ଘଦିନ ଯାଏ ପାଣି ଜମି ରହୁଛି। ଫଳରେ ରାସ୍ତାଟି କର୍ଦ୍ଦମାକ୍ତ ହୋଇପଡୁଥିବାରୁ ସାଇକେଲ ଓ ଗାଡ଼ିମୋଟର ଯା'ଆସ କରିବା ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ଦୈନିକ ଏକାଧିକ ଛୋଟ ବଡ଼ ଦୁର୍ଗଟଣା ଘଟି ଲୋକମାନେ ଖଣ୍ଡିଆଖାବରା ହେଉଥିବା ବେଳେ କେତେଜଣ ନାଳକୁ ଖସିପଡ଼ିବା ଯୋଗୁ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହେଉଥିବା ମଧ୍ୟ ଦେଖାଯାଉଛି। ରାସ୍ତା ମରାମତି କରୁଥିବା ଠିକାଦାରଙ୍କ ଅବହେଳା ଯୋଗୁ ରାସ୍ତାଟି ଶୋଚନୀୟ ହୋଇପଡ଼ିଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉପରେ ପଧାନପଡା, ପଣସଗଣ୍ଡ, ଚରପଡା, ଅବଦୁଲପୁର ଓ ହାଟସାହି ପ୍ରଭୃତି ପଞ୍ଚାୟତର ପ୍ରାୟ ୬୦ ହଜାର ଲୋକ ନିର୍ଭର କରନ୍ତି। ପ୍ରତିଦିନ ଶହ ଶହ ଲୋକ ଏହି ରାସ୍ତା ଦେଇ ବ୍ଲକ, ଥାନା ଓ ବଜାର ଘାଟ ଯାଉଥିବା ବେଳେ ରାସ୍ତାର ଯଥେଷ୍ଟ ଗୁରୁତ୍ୱ ରହିଛି। ବିଭାଗୀୟ ଅଧିକାରୀଙ୍କୁ ଏ ସମ୍ପର୍କରେ ଅଭିଯୋଗ କରାଗଲେ ବି ରାସ୍ତା ମରାମତି କରାଯାଉନାହିଁ। ଏ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ବିଜୟନଗର-ଓରତ ରାସ୍ତା ଅଧାପନ୍ତରିଆ

## ପ୍ରତିବାଦରେ ଟାୟାର ଜାଳି ରାସ୍ତାରୋକୋ

**ମହାକାଳପଡ଼ା, ୪।୯ (ଡି.ଏନ୍.ଏ.)**



ଓଳିଆ ଗ୍ରାମବାସୀ ରାସ୍ତାରେ ଧାନ ତଳି ରୋଉଛନ୍ତି।



ଓଳିଆଠାରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

ମହାକାଳପଡ଼ା ବ୍ଲକ ଅଧୀନ ବିଜୟନଗର-ଓରତ ରାସ୍ତା ଅଧାପନ୍ତରିଆ ଭାବେ ପଡ଼ି ରହିଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହାର ପ୍ରତିବାଦରେ ଓଳିଆ ଗ୍ରାମବାସୀଙ୍କ ସମେତ ଆଖପାଖ ଲୋକେ ବୁଧବାର ବିଜୟନଗର-ଓରତ ରାସ୍ତାର ଓଳିଆଠାରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍, ୪ ଚକିଆ ଯାନ ସମେତ ବସ୍, ଟ୍ରକ ମଧ୍ୟ ଦୀର୍ଘ ସମୟ ଧରି ଅଟ କି ରହିଥିଲା। ଏହି ରାସ୍ତାରୋକୋ ସ୍ଥଳଠାରୁ କିଛି ଦୂରରେ ହୋଇଥିବା ବିରାଟ ଖାଲରେ ପାଣି ଜମୁ ଥିବାରୁ ଲୋକମାନେ ସେଠାରେ ଧାନ ତଳି ପୋତି ପ୍ରତିବାଦ କରିଥିଲେ। ଖବରପାଇ ମହାକାଳପଡ଼ା ଅତିରିକ୍ତ ତହସିଲଦାର, ଥାନା ଅଧିକାରୀ ମନୋରଞ୍ଜନ ଚୌଧୁରୀ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ରାସ୍ତାରୋକୋ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ତୁରନ୍ତ ରାସ୍ତା କାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। କେନ୍ଦ୍ରାପଡ଼ା ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ନାୟକଙ୍କୁ ଏ ସମ୍ପର୍କରେ ପଚାରିବାରେ ବର୍ଷା ଦିନ ଯୋଗୁ କାମ ବନ୍ଦ ରହିଥିଲା। ତେବେ ଦିନେ ଦୁଇ ଦିନ ମଧ୍ୟରେ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ୨ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ ମୋର୍ଦ୍ଦାଠାରୁ ଓରତ ପର୍ଯ୍ୟନ୍ତ ୩ କିମି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବିଭାଗୀୟ ଯନ୍ତ୍ରୀ ସୂଚନା ଦେଇଛନ୍ତି।

# ବାପା ହିଁ ମୋର ଆଦର୍ଶ



ରୋମିଓ ମହାପାତ୍ର
ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼

**ହୋଟେଲ, ଢାବା, ଗ୍ୟାରେଜରୁ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରନ୍ତି ବୋଲି ତାଙ୍କୁ କିଏ କହେ 'ଛୁଆଧରା ଅଫିସର'। ବାଲ୍ୟ ବିବାହକୁ ବନ୍ଦ କରି ନାବାଳିକାଙ୍କୁ ଉଦ୍ଧାର କରୁଥିବାରୁ ତାଙ୍କୁ କେହି କେହି 'ଘର ଭଙ୍ଗା ଅଫିସର' ବୋଲି ଆକ୍ଷେପ କରନ୍ତି। ହେଲେ ସରକାରୀ କାଗଜପତ୍ରରେ ତାଙ୍କ ପରିଚୟ ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ଼। ନାଁ ରୋମିଓ ମହାପାତ୍ର, ଜନ୍ମ ରାଉରକେଲାରେ। ଏକାଧାରରେ ସେ ଜଣେ ଅଭିନେତା, ନିର୍ଦ୍ଦେଶକ ମଧ୍ୟ। ତାଙ୍କ ନିର୍ଦ୍ଦେଶିତ ଓ ଅଭିନୀତ ମଞ୍ଚ ନାଟକ ମଧ୍ୟରୁ ଅକ୍ଟୋପସ, ଚାରିଛକ, ଧୁନ୍ଦି, ଅନ୍ତର୍ଦ୍ୱନ୍ଦ୍ୱ ଆଦି ପୁରସ୍କୃତ। ଦୂରଦର୍ଶନ ଟେଲିସିରିଆଲ 'ରୁପାଜହ୍ନ' ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ଆଦିଭୂମି'ରେ ଅଭିନୟ କରି ବହୁ ପ୍ରଶଂସା ସାଉଁଟିଥିବା ଏହି ଅଧିକାରୀଙ୍କ ନିଜ କଥା ସମ୍ପର୍କରେ...**

## ନିଜକଥା

**ପ୍ରଥମ ଚାକିରି ସମ୍ପର୍କରେ କ'ଣ କହିବେ?**
● ହିମାଚଳପ୍ରଦେଶ ଶିମ୍‌ଲାର ଏକ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲି। ଯେଉଁଠି ପ୍ରଥମ ଶ୍ରେଣୀରୁ +୨ ପର୍ଯ୍ୟନ୍ତ ପିଲାମାନେ ପଢୁଥିଲେ। ସେଠାରୁ ଓଡ଼ିଶା ଫେରିବା ପରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଭାବେ ଦେବଗଡ଼ରେ ଏବେ କାମ କରୁଛି।

**ପ୍ରଥମ ଦରମା କ'ଣ କରିଥିଲେ?**
● କିଛି ଖର୍ଚ୍ଚ କରିଥିଲି, ଆଉକିଛି ମା'ଙ୍କ ପାଖକୁ ମନି ଅର୍ଡର କରି ପଠାଇ ଥିଲି।

**ଆପଣଙ୍କ ଆଦର୍ଶ କିଏ ?**
● ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ଓ କ୍ରୀଡ଼ାବିତ୍ ତଥା ଜାତୀୟ ନାଟ୍ୟରତ୍ନ ମୋ ବାପା ହେମନ୍ତ ମହାପାତ୍ର ହିଁ ମୋର ଆଦର୍ଶ। କୌଣସି ପରିସ୍ଥିତିରେ ସେ ହାରି ନ ଯାଇ ନିର୍ଭୀକ ଭାବେ ଲଢ଼ିବାକୁ ପସନ୍ଦ କରନ୍ତି। ତାଙ୍କର ସେହି ଗୁଣ ମତେ ପ୍ରଭାବିତ କରେ।

**କଳା ପ୍ରତି ରୁଚି ରଖନ୍ତି ?**
● ମଞ୍ଚ ନାଟକ, ଟେଲି ସିରିଏଲ, ଫିଲ୍ମ ପାଇଁ ସମୟ ଓ ସୁଯୋଗ ପାଇଲେ ଅଭିନୟ କରେ, ନାଟକ ରଚନା ଓ ନିର୍ଦ୍ଦେଶନା ଦିଏ।

**ଗୀତ ଶୁଣିବାକୁ ପସନ୍ଦ କରନ୍ତି ?**
● ପୁରୁଣା ଫିଲ୍ମ ଗୀତ ଓ ଗଜଲ ଭଲଲାଗେ।

**ଫିଲ୍ମ ଦେଖନ୍ତି କି, କେଉଁ ପ୍ରକାର ଫିଲ୍ମ ଭଲ ଲାଗେ ?**
● ହିନ୍ଦୀ ଫିଲ୍ମ ସୋଲେ, ଓଡ଼ିଆରେ ଧଉଳି ଏକ୍ସପ୍ରେସ ଓ ଇଂଲିଶରେ ଟାଇଟାନିକ, ମୋ ପ୍ରିୟ ସିନେମା। ଫିଲ୍ମ ବ୍ୟତୀତ ଟିଭିରେ ସାବଧାନ ଇଣ୍ଡିଆ, କିଛି ରିୟଲିଟି ଶୋ' ଓ ନ୍ୟୁଜ ଦେଖିବାକୁ ଭଲ ପାଏ।

**ବ୍ୟସ୍ତ ଜୀବନରେ ସମୟ ମିଳିଲେ କ'ଣ କରନ୍ତି ?**
● ମୋ କୁନି ଝିଅ ସହ ଖେଳେ। ପୁରୁଣା ବନ୍ଧୁଙ୍କ ସହ କଥା ହୁଏ, କିନ୍ତୁ ଜମା ବହି ପଢ଼ିବାକୁ ଭଲ ପାଏନାହିଁ।

**ପରିବାରରେ କିଏ କିଏ ଅଛନ୍ତି ?**
● ବାପା ମାଆ, ଭଉଣୀ, ସହଧର୍ମିଣୀ ଓ ଗୋଟେ କୁନି ଝିଅ।

**ଆପଣଙ୍କ ରୁଚି ?**
● ଗିଟାର ବଜାଇବା।

**ଛାତ୍ର ଜୀବନର କିଛି ଅନୁଭୂତି ?**
● କଲେଜରେ ପଢିବା ବେଳେ ସ୍ମୃତି ନାମ୍ନୀ ଜଣେ ବାନ୍ଧବୀଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇବାକୁ ଫୋନ୍ କଲି। ତାଙ୍କ ବାପା ଫୋନ୍ ଉଠାଇ ସେପଟୁ ପ୍ରଶ୍ନ କଲେ- କିଏ କହୁଛ ? ମୁଁ ଉତ୍ତର ଦେଲି- ରୋମିଓ କହୁଛି। ମୋ ନାଁ ଶୁଣି ମଉସା ଭାବିନେଲେ ଯେ କେହି ଜଣେ ରୋଡ ରୋମିଓ ଝିଅକୁ ଫୋନ୍‌ରେ ହଇରାଣ କରୁଛି। ବାସ୍ ତା'ପରେ ଚେତାବନୀ ସାଙ୍ଗକୁ ମୋ ଉପରେ ଗାଳିବର୍ଷଣ ହେଲା। ଛାତ୍ର ଜୀବନରେ ମୋ ନାଁ ପାଇଁ ବେଳେ ବେଳେ ଏମିତି ଅସ୍ୱାଭାବିକ ପରିସ୍ଥିତିର ସମ୍ମୁଖୀନ ହୋଇଛି।

**କେଉଁ ସ୍ମୃତି ସ୍ମରଣୀୟ ?**
● ୨୦୦୨ ମସିହା କଥା। ଖୋର୍ଦ୍ଧାରେ ଆୟୋଜିତ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାରେ ମୋ ନିର୍ଦ୍ଦେଶିତ ଓ ଅଭିନୀତ ନାଟକ 'ଧୁନ୍ଦି'କୁ ବିଭିନ୍ନ ବର୍ଗରେ ସର୍ବମୋଟ ୯ ଟି ପୁରସ୍କାର ମିଳିଥିଲା। ମୁଁ ନିଜେ ଶ୍ରେଷ୍ଠ ନିର୍ଦ୍ଦେଶକ ଓ ଶ୍ରେଷ୍ଠ ଅଭିନେତା ଭାବେ ପୁରସ୍କୃତ ହୋଇଥିଲି। ମୁଖ୍ୟଅତିଥି ତଥା ସେତେବେଳର ସାଂସଦ ପ୍ରସନ୍ନ ପାଟଶାଣୀଙ୍କଠାରୁ ମୁଁ ବାରମ୍ବାର ପୁରସ୍କାର ଗ୍ରହଣ କରୁଥିଲି। ପୁଣିଥରେ ଯେତେବେଳେ ମୁଁ ପୁରସ୍କାର ଗ୍ରହଣ କରିବାକୁ ମଞ୍ଚ ଉପରକୁ ଗଲି ସେ ଥଟ୍ଟାରେ ଆଉ ପୁରସ୍କାର ଦିଆଯିବ ନାହିଁ ବୋଲି କହିଥିଲେ। ମୁଁ ମଞ୍ଚରୁ ଓହ୍ଲାଇ ଆସିବା ପରେ, ନିଜେ ମଞ୍ଚ ତଳକୁ ଆସି ମତେ କୁଣ୍ଢେଇଧରି ପୁରସ୍କାର ମୋ ହାତରେ ଧରାଇ ଦେଇ କହିଥିଲେ ''ତୁମ ଦାଢ଼ିକୁ ମୋ ଦାଢ଼ି, ଆସ ହେବା ଭିଡ଼ାଭିଡ଼ି''।

**-ଶଶାଙ୍କ ଶେଖର ଝାଙ୍କର**

# ମୁନାଭାଇଙ୍କ ସହ ଅଭିନୟ ଥିଲା ଏକ ଭିନ୍ନ ଅନୁଭବ



**ଢେଙ୍କାନାଳରେ ଜନ୍ମିତ ଅମନ ଥିଏଟର କଳାକାର ଭାବେ ଦୀର୍ଘ ବର୍ଷ କାମ କରିଛନ୍ତି। ପିତା ଦେବରାଜ ଓ ମା' କିରଣଙ୍କ ଏକମାତ୍ର ପୁଅ ଅମନ ଜାତୀୟ ସ୍ତରୀୟ ଥିଏଟରରେ କାର୍ଯ୍ୟ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ବୟସ ବହୁତ କମ୍ ହେଲେ ମଧ ତାଙ୍କ ପାଖରେ ଅଭିନୟର ଅଭିଜ୍ଞତା ଢ଼େର ରହିଛି। 'କଥା ଦେଲି ମଥା ଛୁଇଁ' ଚଳଚ୍ଚିତ୍ର ମାଧମରେ ସିଲଭର ସ୍କ୍ରିନ୍‌ରେ ପାଦ ଥାପି ଦର୍ଶକଙ୍କ ମନ ଜିଣିଥିବା ଅମନଙ୍କ ଅନୁଭୂତିରୁ କିଛି...**

## ମୋ ଅନୁଭୂତି

ପୁଚୁକି ଗାଲି ଗୀତରେ ପିଲା ବେଳେ ମୁଁ ଅନେକ ଡ୍ୟାନ୍ସ କରିଛି। ଛୋଟ ବେଳୁ ଏମିତି କିଛି ଗୀତ ଦେଖିଦେଖି ହିରୋ ହେବାର ନିଶା ମୋ ମୁଣ୍ଡକୁ ଢୁକିଥିଲା। ସିଧାସଳଖ କହିବାକୁ ଗଲେ ଓଲିଉଡ଼ର ସୁପର୍‌ଷ୍ଟାର ସିଦ୍ଧାନ୍ତ ମହାପାତ୍ର ତଥା ମୁନା ଭାଇଙ୍କ ଯୋଗୁଁ ମୋର ଅଭିନେତା ହେବାର ଆଶା ସୃଷ୍ଟି ହୋଇଛି। ଥିଏଟରରେ କାମ କରୁ କରୁ ଓଲିଉଡ଼ ଜଗତରେ ପ୍ରବେଶ କରିଗଲି। ହେଲେ ମୁନା ଭାଇଙ୍କ ସହ ଦିନେ କାମ କରିବାର ସୁଯୋଗ ପାଇବି ବୋଲି ସ୍ୱପ୍ନରେ ବି ଭାବି ନଥିଲି। ପ୍ରଥମ ଚଳଚ୍ଚିତ୍ର 'କଥା ଦେଲି ମଥା ଛୁଇଁ'ପରେ କିଛି ଭଲ ପ୍ରୋଜେକ୍ଟ ମିଳି ନ ଥିଲା। ଦିନେ ହଠାତ୍ ଫୋନ ଆସିଲା ନିର୍ଦ୍ଦେଶକ ବବି ଇସ୍‌ଲାମଙ୍କର। ଚର୍ଚ୍ଚିତ ଛବିରାଣୀ ହତ୍ୟାକାଣ୍ଡକୁ ନେଇ ସିନେମାର କାହାଣୀ ପର୍ଯ୍ୟବସିତ ବୋଲି କହି ମୋତେ ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ପଡ଼ିବ ବୋଲି ଜଣାଇଥିଲେ। ଏହା ପରେ କହିଥିଲେ, ଫିଲ୍ମରେ ଅନ୍ୟ ଏକ ଭୂମିକା ବି ରହିଛି। ଏହି ଭୂମିକାକୁ ହିରୋ କୁହା ନ ଗଲେ ସୁଦ୍ଧା ଏହା ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ଏଥିରେ ଜଣେ ଭଲ କଳାକାର ଅଭିନୟ କରିବେ। ତାଙ୍କଠାରୁ ଏହା ଜାଣିବା ପରେ ମୁଁ ସ୍ଥିର କରିଥିଲି ଯେ, ଗୋଟିଏ ଫିଲ୍ମରେ ଦୁଇଟି ମୁଖ୍ୟ ଭୂମିକାକୁ ସ୍ଥାନ ଦିଆଯାଉଛି ଅର୍ଥ ମୋ ହିରୋ ଭୂମିକାର ଗୁରୁତ୍ୱ ସେତେ ନ ଥିବ। ଏଣୁ ମନା କରିଦେବା ଭଲ। ହେଲେ ଖବର ପାଇଲି ସେହି ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ ଓଲିଉଡ଼ ସୁପରଷ୍ଟାର୍ ସିଦ୍ଧାନ୍ତ ମହାପାତ୍ର। ବହୁତ ଖୁସି ହୋଇଯାଇଥିଲି। ଆଉ ମନା କରିବାର କୌଣସି ଉପାୟ ମୋ ପାଖରେ ନ ଥିଲା। ଶୁଟିଂ ଆରମ୍ଭ ହେଲା। କିଶନନଗରରେ ଗୋଟିଏ ସିନ୍‌ର ଶୁଟିଂ ଚାଲିଥାଏ ଯେଉଁଥିରେ ମୁନା ଭାଇଙ୍କର ସିନ୍ ମୋ ସହ ଥିଲା। ଏତିକି ଜାଣିଛି, ଜଣେ କଳାକାର ସବୁବେଳେ ଶିଖିଥାଏ। ଶିଖିବାର ସମୟ କି ବୟସ କିଛି ନଥାଏ। ସେ ଦିନ ବି ସେମିତି କିଛି ଘଟିଥିଲା। ଶୁଟିଂ ସେଟ୍‌ରେ ମୁଁ ମୁନା ଭାଇଙ୍କୁ ଭେଟିଲି ଓ ତାଙ୍କ ବ୍ୟବହାର ମୋତେ ବହୁତ ଭଲ ଲାଗିଥିଲା। ମୁଁ ତାଙ୍କଠାରୁ ବୟସରେ ସାନ କିମ୍ବା ଅଭିଜ୍ଞତାରେ କମ୍ ବୋଲି କେବେ ବି ଅନୁଭବ କରିନଥିଲି।। ସେ ସୁପରଷ୍ଟାର୍ କେମିତି ହୋଇଛନ୍ତି ତାହା ସୁଟିଂର କିଛି ଘଣ୍ଟା ଭିତରେ ଜାଣି ଯାଇଥିଲି। ଜଣେ ଭଲ ମଣିଷ, ଭଲ କଳାକାର, ଅଭିନୟର ଯାଦୁକରି ତାଙ୍କ ପାଖରେ ଅଛି। କ୍ୟାମେରା ସମ୍ମୁଖରେ କ'ଣ କଲେ ତାହା ଗ୍ରହଣୀୟ ହୋଇପାରିବ ତାହା ସେ ବହୁତ ଭଲ ଭାବେ ଜାଣନ୍ତି। ଏତିକି କହିବି, ସିଦ୍ଧାନ୍ତ ମହାପାତ୍ର ହେଲେ ଜଣେ ଫୁଲ୍ ପ୍ୟାକେଜ୍ କଳାକାର। ମୁନା ଭାଇଙ୍କ ସହ କାମ କରି ଅନେକ କିଛି ଶିଖିଛି। ମୁନା ଭାଇଙ୍କ ସହ ଅଭିନୟ ଥିଲା ଏକ ଭିନ୍ନ ଅନୁଭବ, ଯାହା ମୋ କ୍ୟାରିୟରକୁ ଆଗକୁ ନେବାରେ ଅନେକ ସାହାଯ୍ୟ କରିବ।

**-କୁମାରଶ୍ରୀ**

## ଫିଟ୍‌ନେସ୍

# ଲାଉ ଜୁସ୍ ପିଇବାକୁ ପସନ୍ଦ



ଏଲିନା ସାମନ୍ତରାୟ। ଓଲିଉଡ଼ର ଜଣେ ଆଗଧାଡ଼ିର ନାୟିକା। ୨୦୧୫ରୁ 'ଇସ୍କ ତୁ ହି ତୁ' ଚଳଚ୍ଚିତ୍ର ଜରିଆରେ ଓଡ଼ିଆ ସିନେ ଜଗତକୁ ପ୍ରବେଶ କରିଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୪ଟି ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ମନ ଜିଣିଛନ୍ତି ଏଲିନା। ତେବେ ଏତେ ବ୍ୟସ୍ତତା ଜୀବନରେ ସେ ନିଜ ସ୍ୱାସ୍ଥ୍ୟ ପ୍ରତି କେବେ ଅବହେଳା କରିନାହାନ୍ତି। ସବୁ ବେଳେ କିପରି ଫିଟ୍ ରହିବେ ସେଥିପ୍ରତି ସେ ଗୁରତ୍ୱ ଦେଇଥାନ୍ତି।

ପ୍ରତିଦିନ ଦିନ ସକାଳୁ ଉଠିଲେ ଏଲିନା ଏକ କପ୍ ଉଷୁମ ପାଣି ପିଅନ୍ତି। ଏହା ପରେ ଘରୋଇ ତିଆରି କିଛି ବି ଜୁସ୍ ପଇଥାନ୍ତି। ତେବେ ଲାଉ ଜୁସ୍ ତାଙ୍କୁ ଅଧିକ ପସନ୍ଦ ଥାଏ। ଜୁସ୍ ସହିତ ୪-୫ଟି ଆଲମଣ୍ଡ୍ ଖାଇଥାନ୍ତି।ଏହାପରେ ସେ ବ୍ରେକ୍‌ଫାଷ୍ଟରେ ହେଭି ଫୁଡ୍ ଖାଇଥାନ୍ତି। କେବେ ପନିପରିବା ମିଶ୍ରିତ ପିଠା ଖାଆନ୍ତି ତ' ଆଉ କେବେ ବ୍ରେଡ୍ ସହିତ ସିଝା ଅଣ୍ଡା ଖାଇଥାନ୍ତି। ସେହିପରି ଲଞ୍ଚରେ ସେ ଦହି ଭାତ ଖାଇବାକୁ ପ୍ରିଫର କରିଥାନ୍ତି। ରାତିରେ କମ୍ ଖାଦ୍ୟ ଖାଇଥାନ୍ତି। ବାହାର ଖାଇବାକୁ ସେ ଆଦୌ ପସନ୍ଦ କରନ୍ତି ନାହିଁ। ସବୁ ବେଳେ ଘରୋଇ ଖାଦ୍ୟ ଖାଇଥାନ୍ତି। ତେଲ, ମସଲାଯୁକ୍ତ ଓ ଜଙ୍କ୍ ଫୁଡ୍ ଠାରୁ ଦୂରେଇ ରୁହନ୍ତି। ଦିନକୁ ସେ ୬ରୁ ୭ଲିଟର ପାଣି ପଇଥାନ୍ତି। ଫିଟ୍‌ନେସ୍ ପାଇଁ ସେ କେବଳ ଖାଦ୍ୟ ପ୍ରତି ଗୁରୁତ୍ୱ ଦିଅନ୍ତି ନାହିଁ। ବରଂ ପ୍ରତିଦିନ ଜିମ୍ ଯାଇ ଏକ୍ସରସାଇଜ କରିଥାନ୍ତି। ଏକ୍ସରସାଇଜ କରିବା ସହିତ ଏଲିନା ବି ଯୋଗ କରିଥାନ୍ତି। ଏକାଥରକେ ସେ ୨୫ ଥର ସୂର୍ଯ୍ୟ ନମସ୍କାର କରିଥାନ୍ତି। ଫିଟ୍‌ନେସ୍ ସମ୍ପର୍କରେ ଏଲିନା କୁହନ୍ତି, ଜଣେ ଅଭିନେତ୍ରୀ ବୋଲି ଫିଟ୍ ରହିବା ଜରୁରୀ ନୁହେଁ। ପ୍ରତ୍ୟେକ ବ୍ୟକ୍ତି ଫିଟ୍ ରହିବା ଜରୁରୀ। ଫିଟ୍ ରହିବାକୁ ହେଲେ ଅଧିକ ମାତ୍ରାରେ ପାଣି ପିଇବା ଉପରେ ଗୁରୁତ୍ୱ ଦେବା ଉଚିତ।

**- ଅସମାପିକା ସାହୁ**

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
latecityselfie@gmail.com



ଅଜୟ



ସୋମା



ଟୁଲୁ



ଦେବ



ଘଟକେଶ୍ୱର



ରାମହରି



ସସ୍ମିତା



ଅନନ୍ୟା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# 'ଲଭ୍ ଆଜକଲ୍ ୨' ରିଲିଜ ପାଇଁ ବ୍ୟସ୍ତ ସାରା



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ସାରା ଅଲି ଖାନ୍ ବର୍ତ୍ତମାନ ଇମ୍‌ତିଆଜ୍ ଅଲିଙ୍କ 'ଲଭ୍ ଆଜ୍‌କଲ୍ ୨' ରିଲିଜ ପାଇଁ ବ୍ୟସ୍ତ ରହୁଛନ୍ତି। ସେ ଏଥିରେ କାର୍ତ୍ତିକ ଆର୍ଯ୍ୟନ୍‌ଙ୍କ ସହିତ ସ୍କ୍ରିନ୍ ଶେୟାର କରିବେ। ସାରା ମଧ୍ୟ ଡାଭିଡ ଧାୱନଙ୍କ ରିମେକ୍ ଫିଲ୍ମ 'କୁଲି ନଂ.୧'ରେ ବରୁଣ ଧାୱନଙ୍କ ସହ ଦେଖିବାକୁ ମିଳିବେ। ସାରା ବୁଧବାର ମା' ଅମ୍ରିତା ସିଂଙ୍କ ସହିତ ଏକ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଫଟୋରେ ସାରା ଖୁବ୍ ହୃଷ୍ଟପୁଷ୍ଟ ଦେଖାଯାଉଛନ୍ତି। ସେ ତାଙ୍କ ମା' ଅମ୍ରିତା ସିଂଙ୍କୁ ଆଲିଙ୍ଗନ କରିଥିବା ଦେଖାଯାଉଛି। ଏହି ଅଭିନେତ୍ରୀ ଶେଷଥର ପାଇଁ 'ସିମ୍ବା'ରେ ଦର୍ଶକଙ୍କ ନଜରକୁ ଆସିଥିଲେ।

# ଆଜି ୪ ଜିଲ୍ଲାରେ ଅତି ପ୍ରବଳ ବର୍ଷା

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପ-ସାଗରରେ ସୃଷ୍ଟ ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ବୁଧବାର ପ୍ରବଳ ବର୍ଷା ହୋଇଛି। ଆସନ୍ତା ୪୮ଘଣ୍ଟା ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ଆସନ୍ତା ୨୪ଘଣ୍ଟା ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେଥିପାଇଁ ଗୁରୁବାର କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, ବରଗଡ଼ ଆଦି ୪ଜିଲ୍ଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ ଓ ଦେବଗଡ଼ ଆଦି ୮ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଠାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୨୪ଘଣ୍ଟା ସମୁଦ୍ର ଅଶାନ୍ତ ରହିବ, ଏଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ବାରଣ କରାଯାଇଛି। ଶୁକ୍ରବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ତେବେ ଶନିବାର ଅର୍ଥାତ୍ ୭ତାରିଖ ଦିନ ବର୍ଷାର ସମ୍ଭାବନା ନଥିବାବେଳେ ୮ତାରିଖରୁ ପୁଣି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ୮ ତାରିଖ ଦିନ ମାଲକାନଗିରି, ମୟୂରଭଞ୍ଜ, ସୁନ୍ଦରଗଡ଼, କଟକ, ଢେଙ୍କାନାଳ, ପୁରୀ ଓ କେନ୍ଦୁଝର ଆଦି ୭ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏ ସମସ୍ତ ଜିଲ୍ଲାରେ ସେଦିନ ପ୍ରବଳ ବର୍ଷା ହେବ। ବୁଧବାର ପୁରୀରେ ୧୮ମିଲିମିଟର ବର୍ଷା ହୋଇଥିବା ବେଳେ ହୀରାକୁଦରେ ୧୧, ଭୁବନେଶ୍ୱରରେ ୯.୯, ମାଲକାନଗିରିରେ ୯.୪, ସମ୍ବଲପୁର ଓ ଟିଟିଲାଗଡ଼ରେ ୭ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

■ ଋଣ ଭାର ଅସହ୍ୟ ହେଲା

# ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା

ସମ୍ବଲପୁର,୪।୯(ବ୍ୟୁରୋ)

■ ବର୍ଷା ଅଭାବରୁ ୭ ଏକର ଜମି ପଡିଆ ପଡିଥିଲା
■ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଋଣ ବୋଝ ରହିଛି

ସମ୍ବଲପୁର ଜିଲାର ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଝୁଝୁମୁରା ଥାନା ଖଇରମାଲ ଗ୍ରାମର ଅବଧୂତ ପ୍ରଧାନ (୫୪)। ବୁଧବାର ପୂର୍ବାହ୍ନରେ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି। ବର୍ଷା ଅଭାବ ଯୋଗୁ ଚାଷ କାମରେ ବାଧା ଓ ଋଣଭାର ଚିନ୍ତାରେ ସେ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଅବଧୂତଙ୍କ ପୁଅ ମନୋଜଙ୍କ କହିବା ଅନୁସାରେ ତାଙ୍କର ସମୁଦାୟ ୮ ଏକର ଜମି ରହିଛି। ଏଥର ବର୍ଷା ଅଭାବରୁ ମାତ୍ର ୧ ଏକର ଜମିରେ ଧାନ ରୁଆ ହୋଇଥିଲା। ବାକି ଜମି ପଡିଆ ପଡିଥିଲା। ସମବାୟ ସମିତି ଓ ମହାଜନଙ୍କଠାରୁ ଅବଧୂତ ପ୍ରାୟ ୨ ଲକ୍ଷ ଟଙ୍କା ଋଣ କରିଥିଲେ। ସେଥିପାଇଁ ସେ ଅଧିକାଂଶ ସମୟ ଋଣ ପରିଶୋଧ ଚିନ୍ତାରେ ରହୁଥିଲେ। ଗତ ବୁଧବାର ବ୍ୟାଙ୍କରୁ ଫେରିବା ବାଟରେ ସେ କୀଟନାଶକ ପିଇ ଦେଇଥିଲେ। ଘରେ ପହଞ୍ଚି ଦେହ ଭଲ ଲାଗୁ ନ ଥିବା କହିଥିଲେ। ତାଙ୍କୁ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲକୁ ନିଆଯାଇଥିଲା। ହେଲେ ସେଠାରେ ଆଇସିୟୁ ନ ଥିବା କହି ତାଙ୍କୁ କଟକ ରେଫର କରାଯାଇଥିଲା। ହେଲେ ଘର ଲୋକେ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା ବାବଦକୁ ଟଙ୍କା ବାକି ଥିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ମୃତଦେହ ଛାଡିବାକୁ ମନା କରି ଦେଇଥିଲେ। ଏହି ଖବର ପାଇ ବିଜେଡି ଜିଲା ସଭାପତି ପ୍ରମୋଦ ରଥ ଓ ଗ୍ରାମର ଚାଷୀମାନେ ସେଠାରେ ପହଞ୍ଚିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଚୁକ୍ତି କରି ପରିବାର ବର୍ଗ ମୃତଦେହ ନେଇଥିଲେ। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## କାମ ଦେଲାନି ବିଜୁ ସ୍ୱାସ୍ଥ୍ୟ କୃଷକ କଲ୍ୟାଣ ଯୋଜନା

ଅବଧୂତଙ୍କ ନାମରେ ବିଜୁ କୃଷକ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡ ରହିଛି। ହେଲେ ଏହି ଘରୋଇ ମେଡିକାଲରେ ସେ କୌଣସି ସୁବିଧା ପାଇ ପାରିଲେ ନାହିଁ। ୮ ଦିନରେ ମେଡିକାଲରେ ୭୪ ହଜାର ଟଙ୍କା ବିଲ୍ ହୋଇଛି। ଘର ଲୋକେ ଧାର, କରଜ କରି ପ୍ରାୟ ୧୫ ହଜାର ଟଙ୍କା ପୈଠ ଦେଇଛନ୍ତି। ବାକି ଟଙ୍କା ଦେଇ ପାରୁବେ ନାହିଁ ବୋଲି କହିଥିଲେ। ସ୍ୱାସ୍ଥ୍ୟ ବୀମା କାର୍ଡ ରହିଛି। ହେଲେ କିଛି ଲାଭ ଦେଲା ନାହିଁ ବୋଲି ଅବଧୂତଙ୍କ ପୁଅ ମନୋଜ ଅଭିଯୋଗ କରି ସରକାରୀ ବ୍ୟବସ୍ଥା ଉପରେ କ୍ଷୋଭ ପ୍ରକାଶ କରିଛନ୍ତି।

ଝୁଝୁମୁରା ତହସିଲଦାର ସୁକାନ୍ତ ନାଏକ କହିଛନ୍ତି, ଅବଧୂତ ଚାଷ ପାଇଁ ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ କରାଯିବ।

# ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ ବାତିଲ୍

■ ଧାରଣା ଉପରେ ପାଣି
■ ଉଦ୍ଧାର ହେଲେ ୪୫୦୦ ଯାତ୍ରୀ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିବା କୋଣାର୍କ ଏକ୍ସପ୍ରେସକୁ ଆସନ୍ତା ଶୁକ୍ରବାର ବାତିଲ କରାଯାଇଛି। ମୁମ୍ବାଇ ଡିଭିଜନରେ ପ୍ରବଳ ବର୍ଷା ହୋଇ ରେଳ ଧାରଣା ଉପରେ ପାଣି ଜମିବା ଯୋଗୁ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଫଳରେ ମୁମ୍ବାଇରୁ ଭୁବନେଶ୍ୱର ସିଧାସଳଖ ଟ୍ରେନ ବାତିଲ କରାଯାଇଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଥାଉକି ମୁମ୍ବାଇ ସବ-ଅର୍ବାନ ସେକ୍ସନ ଟ୍ରାକରେ ପାଣି ଜମିରହିବାରୁ ଅନେକ ଟ୍ରେନ ବାତିଲ ସହ ଅଧା ରାସ୍ତାରେ ଅଟକା ଯାଇଛି। ପାଣିରେ ଫସି ରହିଥିବା ଟ୍ରେନରୁ ୪୫୦୦ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ବୋଲି ରେଲୱେ ପକ୍ଷରୁ ସୂଚନା ମିଳିଛି। ସେମାନଙ୍କ ଲାଗି ବସ୍‌ର ବନ୍ଦୋବସ୍ତ ମଧ୍ୟ କରାଯାଇଛି। ଅନ୍ୟପଟେ ଯାତ୍ରୀମାନେ ଦୀର୍ଘ ସମୟ ଧରି ଟ୍ରେନରେ ଫସିରହିବା ପରେ ଉଦ୍ଧାର କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି।

# ଠକେଇ ଅଭିଯୋଗରେ ଖବରଦାତା ଗିରଫ

ପାରଳାଖେମୁଣ୍ଡି, ୪।୯(ସ୍ୱ.ପ୍ର.)

ରେଳ ବିଭାଗରେ ଚାକିରି କରାଇଦେବି କହି ୬୦ହଜାର ଟଙ୍କା ଠକେଇ ଅଭିଯୋଗରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ଜଣେ ଖବରଦାତାଙ୍କୁ ବୁଧବାର ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ମହାଛାଇ ଗ୍ରାମର କୃଷ୍ଣଚନ୍ଦ୍ର ସାହୁ। ଗଜପତି ଜିଲା ଗୁରାଣ୍ଡି ଅଞ୍ଚଳର ସୁବ୍ରତ କୁମାର ପାତ୍ରଙ୍କ ନିକଟରୁ ସେ ଏହି ଟଙ୍କା ନେଇଥିଲେ। ହେଲେ ଚାକିରି କି ଟଙ୍କା ମଧ୍ୟ ମିଳିଲାନି। ଯଦ୍ଦ୍ୱାରା ସୁବ୍ରତ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଥାନା କେସ୍ ନଂ-୧୭୦/୧୯ରେ ଏକ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ପାରଳାଖେମୁଣ୍ଡି ଆଇଆଇସି ବିବେକାନନ୍ଦ ସ୍ୱାଇଁ ବୁଧବାର ଅଭିଯୁକ୍ତ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଛନ୍ତି। ଏ ନେଇ ବୁଧବାର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗଜପତି ଜିଲା ଏଏସ୍‌ପି ସୀତାରାମ ଶତପଥୀ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଏପରି ଏକ ଠକେଇ ମାମଲା ରାୟଗଡ଼ା ଜିଲା ପଦ୍ମପୁର ଥାନାରେ ମଧ୍ୟ ରହିଥିବାବେଳେ ଏହି ଠକେଇରେ ଆଉ କିଏ ସାମିଲ୍ ଅଛନ୍ତି ସେ ନେଇ ପୋଲିସ ଅଧିକ ତଦନ୍ତ କରୁଥିବା ସେ କହିଛନ୍ତି।

ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି ସ୍ୱାଭାବିକ

# ଦେଢ଼ଦିନ ପରେ ଠାକୁର ଖାଇଲେ

ପୁରୁଣା ଭୁବନେଶ୍ୱର, ୪।୯ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜଙ୍କ ମଙ୍ଗଳବାର କୋଠ ରୋଷ ହୋମ ପରଠାରୁ ନୀତିକାନ୍ତି ବନ୍ଦ ହୋଇ ଯିବାରୁ ଠାକୁର ବୁଧବାର ଅପରାହ୍ନ ପର୍ଯ୍ୟନ୍ତ ଦେଢଦିନ ଉପବାସରେ ରହିଥିଲେ। ଦେବୋତ୍ତର କମିଶନରଙ୍କ ଜମି ବିବାଦ ସମାଧାନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ବ୍ରାହ୍ମଣ ଓ ପୂଜାପଣ୍ଡା ନିଯୋଗ ନୀତିକାନ୍ତି ଆରମ୍ଭ କରିଛନ୍ତି। ନୀତିକାନ୍ତିରେ ବିଶୃଙ୍ଖଳାକୁ ନେଇ ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ମଧ୍ୟ ବର୍ତ୍ତୀ କାଳୀନ ଟ୍ରଷ୍ଟ ବୋର୍ଡ ଗଠନ କରିଛନ୍ତି। ବଡୁ ନିଯୋଗ ଦାବି କରୁଥିବା ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ମଧ୍ୟ ବନ୍ଦ କରିବାକୁ କୁହାଯାଇଛି। ଏହା ଉପରେ ଧଉଳି ଥାନା ପୋଲିସ ନଜର ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି।


## OFFICE OF THE CDM & PHO-CUM-DISTRICT MISSION DIRECTOR, GANJAM DEPARTMENT OF HEALTH AND FAMILY WELFARE

Notice No.15737 Date: 04.09.2019

**NOTICE**

No further contractual engagements in the position of ANM and Lab. Technician under NHM, Ganjam shall be made against advertisement No.11466. dtd. 23.07.2018. Hence, the panel of selected candidates for future & subsequent engagements made against the said advertisement in such position as above, is hereby cancelled.

Sd./-
CDM & PHO-CUM-
Dist. Mission Director, Ganjam

## ZILLA SWASTHYA SAMITI, BALASORE
## TENDER CALL NOTICE

Advt No: 11528 Date: 04.09.19

Sealed tenders are invited from bonafied / registered agency for supply of Snellen chart, measurement tape, vision screening manual/booklet, occluder and plastic folder of District Blindness Control Society to C.D.M.&PHO, Balasore. The details regarding the tender may be downloaded from district website **www.baleswar.nic.in.** Interested bidders are requested to submit tenders (under two bid system) along with necessary documents (Technical and Financial bid in separate envelopes). The bids in sealed envelope should reach the office of the undersigned by 12.09.2019 till 5.00 PM along with all relevant documents. Tenders received after due date & time will be rejected and the undersigned is not responsible for postal delay. The tender will be opened at 11.00 AM on 13.09.2019 in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

Sd./-C.D.M.O.-cum-District Mission Director
District Health Mission, Balasore

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR (ZILLA SWASTHYA SAMITI, KEONJHAR)

Advt. Lt. No.7866 Date: 04.09.2019

**OBJECTION INVITED**

No.259-E :- In pursuance letter No. 20422 dt. 16.08.2019 of Commissioner-cum-Secretary to Govt. H& FW Deptt. Odisha, the database regarding gradation of different paramedics posted under Schemes/Society against different health institutions of Keonjhar District has been published in the District NIC website i.e. www.kendujhar.nic.in for inviting objection from the paramedics. Discrepancies/objections if any observed in the database by any identified paramedic may kindly be submitted to the undersigned through written application along with relevant documents on or before 16.09.2019 by 5.00 PM through postal ( Regd/Speed post). The application envelope must be superscribed with the name of post and serial no. which was mentioned in database. otherwise it will not be considered. The list is purely provisional in nature and is subject to change after further scrutiny /Verification. whenever applicable. No objections will be received after due date & time.

10033/11/0014/1920
Sd./- Chief District Medical & Public Health Officer, Keonjhar

## ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳ

ବିଜ୍ଞାପନ ନଂ.୪୩୪ ତାରିଖ.୦୪.୦୯.୨୦୧୯

ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳ ଦ୍ୱାରା କୈବଲ୍ୟ ବଜାର ସ୍ଥିତ ନିର୍ମିତ କୃଷକ ବଜାରର ୫୬ଗୋଟି ଦୋକାନଘର ଏବଂ ୩ଗୋଟି ଗୋଦାମଘର ଆବଣ୍ଟନ କରାଯିବ। ବଜାର କମିଟି ଦ୍ୱାରା ପଞ୍ଜୀକୃତ ହୋଇଥିବା ୩୩ ଗୋଟି ବ୍ୟବସାୟୀ ଏବଂ ୧୦୭ ଚାଷୀ/ବ୍ୟବସାୟୀକ ମଧ୍ୟରେ ଘର ଆବଣ୍ଟନ କରାଯିବ। ଏଣୁ ସମସ୍ତ ପଞ୍ଜୀକୃତ ବ୍ୟବସାୟୀ/ଚାଷୀ ବଜାର କମିଟିରୁ ସେମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ଫର୍ମ 'କ'/ 'ଖ' ସଂଗ୍ରହ କରି ତା.୦୫।୦୯।୨୦୧୯ରୁ ୧୮।୦୯।୨୦୧୯ ମଧ୍ୟରେ ଆବେଦନ କରିପାରିବେ। ଇଚ୍ଛୁକ ଆବେଦନକାରୀ ଭଡା, ଅମାନତ ଏବଂ ଅନ୍ୟାନ୍ୟ ନୀତି ନିୟମ ସହ ଆବେଦନ ଫର୍ମ ବଜାର କମିଟିର କାର୍ଯ୍ୟାଳୟରୁ ସଂଗ୍ରହ କରିପାରିବେ।

ସ୍ୱା./- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ଢେଙ୍କାନାଳ

## ODISHA HYDRO POWER CORPORATION LTD.,

OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2430197(O), 2430741(R), FAX: 0663 2430712
E-Mail : srgmhps_burla@yahoo.co.in

No. HHEP/Tech-W-202(2019-20)/ 6321 Date : 28.08.2019

No. CAD-353

**e-TENDER NOTICE NO. HHEP-46/2019**

Unit Head, HHEP, Burla invites e-tender from the eligible class of contractor, registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received **online mode** in the portal https://tendersodisha.gov.in. **Only those bidders who successfully remit their Cost of Tender Paper and EMD online would be eligible to participate in the tender.**

| Sl. No | Name of work | Approx. tender value of work (in Rs.) | Cost of tender (Non-Refundable) | EMD in Rs. | Class of contractor |
|---|---|---|---|---|---|
| 1 | AMC of non-residential buildings of HHEP, Burla | 692763/- | Rs. 4720/- (Rs. 4000/- + GST 18%) | 7000/- | D & C |

- Availability of bids online : **11.09.2019 (11.00AM) to 25.09.2019 (05.00 PM)**
- Last date and time of receipt of bid online : **25.09.2019 upto 05.00 PM**
- Date & time of opening of tender: **01.10.2019 at 11.30AM**
- The bidders shall have to participate in online only in the portal https://tendersodisha.gov.in

Further details can be seen from the e-procurement portal https://tendersodisha.gov.in / www.ohpcltd.com

04007/11/0022/1920
Sd/-
Unit Head, HHEP, Burla

## Government of Odisha Home (SGH), Bhubaneswar

**TENDER CALL NOTICE**

**SGH(S)-21/2019. 2697 /SGH - Dt 27.08.2019**

No.103-D :- Sealed tenders are invited from reputed Suppliers/ Wholesalers for supply of Vegetables, Fruits etc. for a period of six months from the date of commencement of the agreement. The interested Suppliers/Wholesalers shall furnish their bids in original **on or before 18.09.2019 by 01.00 P.M.** with all credentials/documents as per the terms and conditions of the tender document. The tender will be opened on the same day at **4 P.M.** in the presence of the tenderers or their authorised representatives. The tender documents can be obtained from the Reception counter, State Guest House on payment of Rs.100/- (Rupees One Hundred) only by cash till **05.00 P.M.** of **17.09.2019.**

The terms and conditions of the tender document can also be accessed from our website www.homeodisha.gov.in. The undersigned reserve the right to accept / reject any offers without assigning any reason thereof.

12001/11/0017/1920
Manager, SGH-cum
Deputy Secy. to Govt.

## Office of the Chief Construction Engineer Upper Kolab Poject, Bariniput

No.211-A :- Dist. Koraput, ODISHA-764006
email id: ccekolab@yahoo.com , Phone/FAX:06854-242035.

**e - PROCUREMENT NOTICE No-CCEUKP-02/2019-20**

No. 2958 Dated: 31.08.2019

1. No of work :- 02 (Two) Nos.
2. Value of work :- Rs.697.96Lakh & Rs.695.02Lakh (Excluding GST)
3. Bid Security/EMD :- Rs. 6,98,000/- & Rs.6,95,100/-
4. Class of contractor :- "Special" & "Super Class"
5. Period of completion :- 6 (six) Calendar months (Including rainy season)
6. Type of contract :- Percentage Rate
7. Cost of Tender paper :- Rs. 10,000/- (Non refundable)
8. Availability of Tender online for bidding : From 10.00Hrs on 07.09.2019 to 17.30Hrs on 24.09.2019
9. Date & time of online bid submission :- From 10.00Hrs on 07.09.2019 to 17.30Hrs on 24.09.2019
10. Date & time of opening of technical bid :- 11.30Hrs on 25.09.2019, in Office of the Chief Construction Engineer, Upper Kolab Project, Bariniput.
11. Date & time of opening of Financial Bid : to be intimated to the qualified Bidder(s) after approval of Technical Bid(s).

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum / Corrigendum / Cancellation if any required will be published in Govt. website only.

32197/11/0002/1920
Sd./-Chief Construction Engineer
Upper Kolab Project, Bariniput

## ଓଡ଼ିଶା ସରକାର/GOVERNMENT OF ODISHA
## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋପ
## OFFICE OF THE PANCHAYAT SAMITI, GOP

DISTRICT- PURI, PIN- 752110, Email: ori-gop@nic.in

No. Date: 05.09.2019

**TENDER CALL NOTICE NO. 01/2019**

The Block Development Officer, Gop, Puri invites sealed tenders on behalf of Government of Odisha from registered and eligible contractors of the state P.W.D. (R&B)/ Water resource / Rural works/ M.I./ C.P.W.D. for the following work eventually to be drawn up in the PWD F-2 forms in conformity with the detail tender call notice. The bidders may submit bid for the following work.

| Sl. No. | Name of the Work | Name of the Ward/NAC | Tendered amount (in Rs.) | Cost of tender paper (in Rs.) | EMD (in Rs.) | Time period of Completion | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Community Centre Near Bhubaneswari Thakurani. | Ward No. 1/ Konark NAC | Rs.89,286.00 | Rs.400.00 | Rs. 900.00 | 3 Calendar Months | "C" & "D" |
| 2 | Construction of Community Centre Near Trinath mandap Junei Hat. | Ward No. 1/ Konark NAC | Rs.1,78,571.00 | Rs.600.00 | Rs.1800.00 | 3 Calendar Months | "C" & "D" |
| 3 | Construction of Community Centre Near Kandalai Thakurani, Junei. | Ward No. 1/ Konark NAC | Rs.89,286.00 | Rs.400.00 | Rs. 900.00 | 3 Calendar Months | "C" & "D" |
| 4 | Construction of Community Centre Near Kandalai Thakurani. | Ward No. 1/ Konark NAC | Rs.2,67,857.00 | Rs.2000.00 | Rs.2700.00 | 3 Calendar Months | "C" & "D" |
| 5 | Construction of Community Centre Near Ramachandi Thakurani. | Ward No. 1/ Konark NAC | Rs.89,286.00 | Rs.400.00 | Rs. 900.00 | 3 Calendar Months | "C" & "D" |
| 6 | Construction of Community Centre Near Mallakai Thakurani, Junei. | Ward No. 1/ Konark NAC | Rs.4,46,429.00 | Rs.2000.00 | Rs.4500.00 | 4 Calendar Months | "C" & "D" |
| 7 | Construction of Boundary wall of Maa Mallakai Thakurani, Junei. | Ward No. 1/ Konark NAC | Rs.1,78,571.00 | Rs.600.00 | Rs.1800.00 | 3 Calendar Months | "C" & "D" |
| 8 | Construction of Shri Chatyatan Mandap. | Ward No. 2/ Konark NAC | Rs.2,67,857.00 | Rs.2000.00 | Rs.2700.00 | 3 Calendar Months | "C" & "D" |
| 9 | Construction of Community Centre Near Jayaswari Thakurani, Sijugoradi. | Ward No. 3/ Konark NAC | Rs.1,78,571.00 | Rs.600.00 | Rs.1800.00 | 3 Calendar Months | "C" & "D" |
| 10 | Construction of Community Centre Near Ramachandi. | Ward No. 3/ Konark NAC | Rs.2,67,857.00 | Rs.2000.00 | Rs.2700.00 | 3 Calendar Months | "C" & "D" |
| 11 | Construction of Community Centre Near Khileswari Thakurani, Mulisahi. | Ward No. 3/ Konark NAC | Rs.2,67,857.00 | Rs.2000.00 | Rs.2700.00 | 3 Calendar Months | "C" & "D" |
| 12 | Construction of Community Centre | Ward No. 3/ Konark NAC | Rs.89,286.00 | Rs.400.00 | Rs. 900.00 | 3 Calendar Months | "C" & "D" |
| 13 | Construction of Community Centre Near Harijan Sahi, Sijugoradi. | Ward No. 3/ Konark NAC | Rs.2,67,857.00 | Rs.2000.00 | Rs.2700.00 | 3 Calendar Months | "C" & "D" |
| 14 | Construction of CC road from Bramha Babu House to Bata Babu House at Banapada. | Ward No. 7/ Konark NAC | Rs.2,67,858.00 | Rs.2000.00 | Rs.2700.00 | 1 Calendar Month | "C" & "D" |
| 15 | Construction of Community Centre for Mahila at Banapada. | Ward No. 7/ Konark NAC | Rs.1,78,571.00 | Rs.600.00 | Rs.1800.00 | 3 Calendar Months | "C" & "D" |
| 16 | Construction of Community Centre Near Raulapatna Nayak Sahi. | Ward No. 7/ Konark NAC | Rs.2,67,857.00 | Rs.2000.00 | Rs.2700.00 | 3 Calendar Months | "C" & "D" |
| 17 | Construction of C.C. Road from Nayak Sahi Main Road to Kabu Panda House. | Ward No. 7/ Konark NAC | Rs.1,78,571.00 | Rs.600.00 | Rs.1800.00 | 1 Calendar Month | "C" & "D" |
| 18 | Construction of Community Centre. | Ward No. 11/ Konark NAC | Rs.1,78,571.00 | Rs.600.00 | Rs.1800.00 | 3 Calendar Months | "C" & "D" |
| 19 | Construction of Community Centre at Kharagaon. | Ward No. 11/ Konark NAC | Rs.89,286.00 | Rs.400.00 | Rs. 900.00 | 3 Calendar Months | "C" & "D" |

**Terms and Conditon:**

1) **Sale/ Receipt/ Opening of the Tender Papers:-** The tender specification can be obtained from the Block Development Officer, Gop on payment towards the cost of tender papers as mentioned above (Non-refundable) in shape of Bank Draft/Bankers in and around Gop on any working day from 05.09.2019 to 14.09.2019 for the above mentioned work. The tender document will be sold during the above mentioned period between 10.00 AM to 05.00 PM on working days only. The tenderers have to submit the sealed papers in complete shape through Registered Post/Speed Post only by directly sending to the B.D.O., Gop in his Official Postal address. Tender papers received through Courier Services will not be entertained. The last date of receipt of tender papers is 14.09.2019 (up to 5.00 PM). The undersigned will not be responsible for postal delay if any or non-receipt of the papers in time. The tender papers shall be opened on 16.09.2019 at 10.30 AM in the Block Campus, Gop in presence of the tenderers or their authorized representatives having written authorization for the purpose and tender committee.
2) **Earnest Money Deposit:-** The E.M.D. is to be deposited in shape of Post Office Short Term Deposit/Term Deposit/N.S.C./ KVP/ Deposit Receipt of any nationalized bank duly pledged in favour of Block Development Officer, Gop. The tender papers without required amount of E.M.D. will not be considered and transfer or adjustment of E.M.D. is inadmissible.
3) **Document to be attached:-** The following document should be furnished with the tender papers failing which tender will be liable to rejection, a) E.M.D. pledged in favor of The Block Development Officer, Gop, b) Attested copy of contractor Registration certificate, c) Attested copy of PAN card, VAT clearance certificate, d) Attested copy of labour license, e) Attested copy of valid Caste Certificate issued by competent authorities in case of SC/ST, contractors desirous of availing preference, f) Affidavit as regards the fact of availing award of work without submission of E.M.D./I.S.D. during the current financial year in case of Engineer Contractors desirous of availing exemption of E.M.D.
4) **Abnormal Bids:-** If any of the bidder quote more than 14.99% of the tendered amount, then such a bid shall be rejected and the tender shall be finalised basing on merit of the rest bids and the provision laid down in clause No. 36 of Memorandum No. 12366, dated 08.11.2013 of Works Department, Govt. of Odisha will be followed.
5) **Additional Performance Security Deposit:-** Additional performance security shall be deposited by the bidder where the bid amount is seriously unbalance i.e. less than the estimated cost by more than 10% and within 15% in such case/event the bidder will have to deposit the A.P.S.D. to the extent of 1.5 times of the differential cost of bid amount and 90% of the estimated cost in shape of Post Office Short Term Deposit/N.S.C./K.V.P./Deposit Receipt of any Nationalized bank duly pledged in favor of the Block Development Officer, Gop, during drawl of agreement.
6) **Forfeiture:-** The E.M.D. amount will be forfeited, if tenderer backs out from the offer of acceptance of tender, by the competent authority.
7) Submission of more than one tender paper by a bidder for a single work will be liable for rejection of all such tender papers.
8) On review of last performance of the work executed through B.D.O., Gop, the Lowest-I tender may/may not be considered for the works though he/she become Lowest-I tenderer. The contractors who have failed to execute projects of this agency/backed out from execution process/abandoned the project work midway/those who have been declared by this agency to be defaulters otherwise will not be allowed to participate in the present tender process. If any of such contractors participates then his/her papers will not be considered at all.
9) The undersigned reserves the right either to reject any or all tenders or cancel the entire process without assigning the reason thereof.

*Sd./- Block Development Officer, Gop*



ଆଲିୟା

# ରିଂ ସେରିମନି ପାଇଁ ପ୍ରସ୍ତୁତି

କେବଳ ଆଲିୟା ନୁହନ୍ତି, ରଣବୀର କପୁରଙ୍କ ଖୁସି କହିଲେ ନ ସରେ। କାରଣ ଦୁହିଙ୍କର ରିଂ ସେରିମନି ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଯାଉଛି। ଦୁଇ ପରିବାର ପକ୍ଷରୁ ଏ ନେଇ ଆନୁଷ୍ଠାନିକ ଭାବେ ଏ କଥା ଘୋଷଣା କରାଯାଇ ନ ଥିଲେ ମଧ୍ୟ ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଗଲାଣି। ପୁଣି ଶୁଣିବାକୁ ମିଳୁଛି ଯେ, ଏହି ହାଇଭୋଲ୍‌ଟେଜ ରିଂ ସେରିମନି ଲଣ୍ଡନରେ ଅନୁଷ୍ଠିତ ହେବ। ଏ ନେଇ ଆଲିୟାଙ୍କୁ ପଚାରିଲେ ସେ ଏହାକୁ ଆଭଏଡ୍ କରି ଅନ୍ୟ ପ୍ରସଙ୍ଗ ଆଲୋଚନା କରୁଛନ୍ତି। କେବଳ ଏତିକି କହୁଛନ୍ତି ଯେ, ସମୟ ଆସିଲେ ସବୁ କଥା ଜଣାଇ ଦିଆଯିବ। ତେବେ ଏହି ଯୋଡ଼ି କେବେ ସତସତିକା ପତିପତ୍ନୀ ସାଜୁଛନ୍ତି, ତାହା ଦେଖିବାକୁ ବାକି ରହିଲା।



ରଶ୍ମିକା ମ୍ୟାଣ୍ଡାନା

# ଆଉ ଜଣେ ନବାଗତା

ଆଉ ଜଣେ ନବାଗତା ବଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସେ ହେଲେ ରଶ୍ମିକା ମ୍ୟାଣ୍ଡାନା। କନ୍ନଡ ଫିଲ୍ମ ଜଗତରେ ସେ ହେଉଛନ୍ତି ଜଣେ ପରିଚିତା ଅଭିନେତ୍ରୀ। ଶାହୀଦ କପୁର ଅଭିନୟ କରିବାକୁ ଯାଉଥିବା ଏକ ନୂଆ ସିନେମାରେ ତାଙ୍କୁ ନାୟିକା ଭୂମିକାରେ ଦେଖିବାକୁ ମିଳିବ। ଏହି ଚିତ୍ରର ପ୍ରଯୋଜକ ଜଣେ ବୁଲ୍‌ବୁଲି ନାୟିକା ସନ୍ଧାନରେ ଥିଲେ। ହଠାତ୍ ତାଙ୍କ ମନକୁ ରଶ୍ମିକାଙ୍କ ନାମ ଆସିଥିଲା। ତାଙ୍କୁ ନାୟିକା ଭାବେ ନିଆଯିବ କି ନାହିଁ ସେ ନେଇ ଶାହୀଦ ମଧ୍ୟ ନିଜର ସମ୍ମତି ଜଣାଇଥିଲେ। ସେପଟେ ଏପରି ସୁଯୋଗକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଏହି କନ୍ନଡ ସିନେମାର ନାୟିକା। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ପ୍ରାରମ୍ଭିକ କାମ ଏବେ ଚାଲୁ ରହିଛି।

ଅପେରା ହାଲଚାଲ

# କର୍ଣ୍ଣଙ୍କ ତାପସ



'କର୍ଣ୍ଣ ଖୋଜୁଛି ନୂଆ ଠିକଣା ନାଟକର ମୁଖ୍ୟ ଚରିତ୍ର କର୍ଣ୍ଣ। ଯୁଗେ ଯୁଗେ ଆମ ସମାଜରେ କର୍ଣ୍ଣ ଅଛନ୍ତି। ଅନେକ ସମୟରେ ପରିସ୍ଥିତି, ପରିବେଶ ତାଙ୍କୁ ଦୁର୍ବଳ କରିଦିଏ, ଯେଉଁଥିପାଇଁ ସେ ତ୍ୟାଗର ପ୍ରତୀକ ହୋଇଯାଏ। '

ଥରେ ମନେପକାନ୍ତୁ ନା ଯାତ୍ରାଶ୍ରୀ ବିଶ୍ୱଦରବାର ପରିବେଷିତ ସୁପରହିଟ୍ ନାଟକ 'ଗୁପ୍ତ ସମ୍ପର୍କ'କୁ। ଯୁବ ନିର୍ଦ୍ଦେଶକ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶନା କ୍ୟାରିୟରର ଏହା ହେଉଛି ଅନ୍ୟତମ ମାଇଲଖୁଣ୍ଟ। ଚଳିତ ଅପେରା ସିଜନ୍ ଆରମ୍ଭରୁ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ଏଥର ତାଙ୍କ ନିର୍ଦ୍ଦେଶନାରେ ପାଞ୍ଚଟି ନାଟକରୁ ଦର୍ଶକ ଭିନ୍ନ ଭିନ୍ନ ସ୍ୱାଦର ଏଣ୍ଟରଟେନ୍‌ମେଣ୍ଟ ପାଇବେ ବୋଲି ତାପସ ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି। ବର୍ତ୍ତମାନ ସେ ଧଉଳି ଗଣନାଟ୍ୟର ନୂଆ ନାଟକ 'କର୍ଣ୍ଣ ଖୋଜୁଛି ନୂଆ ଠିକଣା'ର ନିର୍ଦ୍ଦେଶନା ଦେବାରେ ବ୍ୟସ୍ତ ଅଛନ୍ତି। ଏହି ନାଟକ ସମ୍ପର୍କରେ ସେ କହନ୍ତି, 'ମୋ ନାଟକରେ କାହାଣୀ ଯାହା ଚାହିଁଥାଏ ତାକୁ ମୁଁ ଶତ ପ୍ରତିଶତ ଜଷ୍ଟିସ୍ ଦେବାକୁ ଚେଷ୍ଟା କରେ। 'କର୍ଣ୍ଣ ଖୋଜୁଛି ନୂଆ ଠିକଣା'ର ମୁଖ୍ୟ ଚରିତ୍ର କର୍ଣ୍ଣ। ଯୁଗେ ଯୁଗେ ଆମ ସମାଜରେ କର୍ଣ୍ଣ ଅଛନ୍ତି। ଅନେକ ସମୟରେ ପରିସ୍ଥିତି, ପରିବେଶ ତାଙ୍କୁ ଦୁର୍ବଳ କରିଦିଏ, ଯେଉଁଥିପାଇଁ ସେ ତ୍ୟାଗର ପ୍ରତୀକ ହୋଇଯାଏ। ଠିକ୍ ସେହିପରି ଏହି ନାଟକରେ କର୍ଣ୍ଣ ଚରିତ୍ରରେ କି ରହସ୍ୟ ଲୁଚି ରହିଛି ତାହା ଦର୍ଶକ ଦେଖିଲେ ଜାଣିପାରିବେ।' ଚଳିତ ଅପେରା ସିଜନରେ ସଫଳତା ସାଉଁଟୁଥିବା ତାଙ୍କ ନିର୍ଦ୍ଦେଶିତ ଅନ୍ୟ ନାଟକଗୁଡ଼ିକ ହେଲା 'ମୁଁ ସେହି ଭଦ୍ରକିଆ ଟୋକା' (ରଙ୍ଗମହଲ), 'ଅସତୀ ଚଉରା ସତୀ ତୁଳସୀ' (ସ୍ୱର୍ଣ୍ଣମହଲ), 'ସବୁ ଅଧା ଅଧା ନାଁଟି ରାଧା' (ଶିବାନୀ ଗଣନାଟ୍ୟ) ଏବଂ ନବଗଠିତ ଯାତ୍ରା ନ୍ୟୁ ସଚ୍ଚିଦାନନ୍ଦର ନାଟକ 'ବାପାର ନୁହେଁ କି ମାଆର ନୁହଁ'।

# ଖବର ଟବର



ଅନୁଭା

❖ଅନୁଭା ସୌର୍ଯ୍ୟାଙ୍କ ଅଭିନୀତ 'ପରଦେଶୀ ଚଢ଼େଇ' ରିଲିଜ୍ ଅପେକ୍ଷାରେ ରହିଛି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ମୁରଲୀକ୍ରିଷ୍ଣା।

❖ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନିର୍ମାଣାଧୀନ 'ବାଜିବଲୋ ସାହାନାଇ' ଚଳଚ୍ଚିତ୍ରର ଶେଷଭାଗ ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ନାୟକ ଭୂମିକାରେ ଅମ୍ଳାନ କୁମାର ଅଭିନୟ କରୁଛନ୍ତି।

❖ଓଡ଼ିଆ ଚଳଚ୍ଚିତ୍ର 'ଶହୀଦ ରଘୁ ସର୍ଦ୍ଦାର'ର ଶୁଟିଂ ଆରମ୍ଭ ହୋଇଯାଇଛି। ଚିତ୍ରଟିର ନିର୍ଦ୍ଦେଶନା ଦେଉଛନ୍ତି ରାଜୀବ ମହାନ୍ତି ଏବଂ ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବାଶିଷ ପାତ୍ର।

❖ବିନ୍ନି ପଟ୍ଟନାୟକ ଏବଂ ସଚ୍ଚିକାନ୍ତ ଜେନାଙ୍କ ପ୍ରଯୋଜିତ 'ହୀରାଲାଲ୍ ମୋତିଲାଲ୍' ରିଲିଜ୍ ଅପେକ୍ଷାରେ ରହିଛି। ଏଥିରେ କମେଡିଆନ୍ ଅମର ପ୍ରଥମ ଥର ପାଇଁ ନାୟକ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବେ।

❖ବି.ଏମ୍. ପ୍ରଡକ୍ସନ ବ୍ୟାନରରେ 'ତୁ କହିଦେ ଆଇ ଲଭ୍ ୟୁ' ଖୁବ୍‌ଶୀଘ୍ର ରିଲିଜ୍ ହେବାକୁ ଯାଉଛି। ଫିଲ୍ମର ପ୍ରଯୋଜନା ବିକ୍ରମ ମହାପାତ୍ର-ପ୍ରଭାତ କୁମାର ମହାପାତ୍ର କରିଥିବା ବେଳେ ଚିତ୍ରନାଟ୍ୟ, ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସତ୍ୟବ୍ରତ ନାୟକ। ରାକେଶ, ଦିବ୍ୟା, ସନ୍‌ମିତା, ମିହିର ଦାସ, ପ୍ରୀତିରାଜ, ନମ୍ରତା ଦାଶ, ପ୍ରଜ୍ଞା, ଜୀବନ ପଣ୍ଡା, ସନ୍ତୋଷ ନାୟକ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

ନୂଆ ସିନେମା

# ମନମୟୂରୀ-୨



ବୁଲ୍‌ଟି-ସରୋଜ

ନିର୍ଦ୍ଦେଶକ ରୁଦ୍ର ନାରାୟଣ ମହାନ୍ତି ଏବେ ତାଙ୍କର ନୂଆ ସିନେମା 'ମନମୟୂରୀ-୨'ର ଶୁଟିଂରେ ବ୍ୟସ୍ତ। 'ମନମୟୂରୀ' ଶୁଟିଂ ଶେଷ ହେବା ପରେ ସେ ଏହାର ସିକୁଏଲ ନିର୍ମାଣ କରିବାକୁ ସ୍ଥିର କରିଥିଲେ। 'ଏକ ନୂଆ ଧରଣର ପ୍ରେମ କାହାଣୀକୁ ଆଧାର କରି ଏହି ଫିଲ୍ମଟି ପ୍ରସ୍ତୁତ କରାଯାଉଛି। ଦର୍ଶକଙ୍କୁ ସବୁବେଳେ କିପରି ଭିନ୍ନ ଭିନ୍ନ ସ୍ୱାଦର ସିନେମା ଭେଟି ଦେବି ସେନେଇ ସତର୍କ ରହିଥାଏ। ଏହି ସିକୁଏଲ ଫିଲ୍ମର ଅର୍ଦ୍ଧାଧିକ ଶୁଟିଂ ଶେଷ ହୋଇଛି। ସିନେମାଟିଏ ନିର୍ଦ୍ଦେଶନା ଦେବା ସହଜ ନୁହେଁ। ହେଲେ ନୂଆ କଳାକାରଙ୍କୁ ନେଇ ମୁଁ ରିସ୍କ ଉଠାଇଛି। ବାକି ଦର୍ଶକଙ୍କ ଉପରେ ହିଁ ନିର୍ଭର କରେ ବୋଲି କହନ୍ତି ରୁଦ୍ର। ପ୍ରଗତି କ୍ରିଏଟିଭ୍ ବ୍ୟାନରରେ ଏହା ହେଉଛି ଚତୁର୍ଥ ଫିଲ୍ମ। ଚିତ୍ରଟିର ବିଭିନ୍ନ ଭୂମିକାରେ ସରୋଜ କୁମାର, ବୁଲଟି ପ୍ରଧାନ, ଅଶ୍ରୁମୋଚନ ମହାନ୍ତି, ବାବୁ ପ୍ରଧାନ, ଅକ୍ଷୟ ବସ୍ତିଆ, ଥୀନ୍, ସୁଜିତ କାଶ୍ୟପ, ବିକ୍ରମ ଏବଂ ବଙ୍ଗଳା ଅଭିନେତ୍ରୀ ସୋମନା ଦାସ ଅଭିନୟ କରିଛନ୍ତି।



କରନ୍ ଦେଓଲ-ସାହିର ବାମ୍ବା

# କରନ୍‌ଙ୍କ ନୂଆ ଯୋଜନା

ସନ୍ନି ଦେଓଲଙ୍କ ପୁତ୍ର କରନ୍ ଖୁବ୍‌ଶୀଘ୍ର ବଡ଼ ପରଦାରେ ମୁହଁ ଦେଖାଇବେ। ଫିଲ୍ମଟି ହେଲା 'ପଲ୍ ପଲ୍ ଦିଲ୍ କି ପାସ୍'। ଏକ ଟିନ୍ ଏଜ୍ ଲଭ୍‌ଷ୍ଟୋରିକୁ ନେଇ ଏହି ଫିଲ୍ମଟି ପ୍ରସ୍ତୁତ ହେଉଛି। ନିଜର ଡେବ୍ୟୁ ଫିଲ୍ମକୁ ନେଇ ସେ ବେଶ୍ ଉତ୍ସାହିତ ଅଛନ୍ତି। ନିକଟରେ ବଲିଉଡ୍‌ରେ ନିଜ କ୍ୟାରିୟର ସମ୍ପର୍କରେ ସୂଚନା ଦେଉ ଦେଉ ସେ ଭାବପ୍ରବଣ ହୋଇପଡ଼ିଥିଲେ। କାରଣ ଏହି ସମୟରେ ତାଙ୍କର ସ୍କୁଲ ସମୟ କଥା ମନେପଡ଼ିଯାଇଥିଲା। ସେତେବେଳେ ତାଙ୍କର ସାଙ୍ଗ ତାଙ୍କୁ ସେମାନଙ୍କ ସହ ଫାଇଟ୍ କରିବାକୁ ଆହ୍ୱାନ କରି କହୁଥିଲେ, ଆରେ! ତୁ ଯଦି ସତରେ ସନ୍ନି ଦେଓଲଙ୍କ ପୁଅ ତେବେ ଡେରି କାହିଁକି କରୁଛି। ଆ, ଆମ ସହ ଫାଇଟ୍ କର। ହେଲେ ମୁଁ ଡରିଯାଉଥିଲି। କାରଣ ମୁଁ ନିଜ ପରିଚୟରେ ବଞ୍ଚିବାକୁ ଚାହେଁ। ଏ କଥା ସତ, ମୋତେ ଆଜି ଏପର୍ଯ୍ୟନ୍ତ ଆଣିବାରେ ପାପା ଏବଂ ମମି (ପୂଜା ଦେଓଲ)ଙ୍କ ଯେଉଁ ଭୂମିକା ରହିଛି ତାହାକୁ ଭୁଲିପାରିବି ନାହିଁ। ସେତେବେଳର ଅନେକ ରୋମାଞ୍ଚକର କଥା ଏବେ ବି ମୋ ମନରେ ସତେଜ ହୋଇ ରହିଛି।' ଏଥିରେ କରନ୍‌ଙ୍କ ନାୟିକା ସାଜିଛନ୍ତି ନବାଗତା ସାହିର ବାମ୍ବା। ସନ୍ନି ଦେଓଲଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମଟି ଚଳିତ ମାସ ୨୦ରେ ରିଲିଜ ହେବାକୁ ଯାଉଛି।

"ସଫ୍ଟୱେର ଡିଫାଇଣ୍ଡ ଷ୍ଟୋରେଜ କମ୍ପାନୀ ହେଡ୍‌ଭିକ୍‌କୁ ୨୨୫ ମିଲିୟନ ଡଲାରରେ ନାସ୍‌ଡାକ୍‌ରେ ତାଲିକାଭୁକ୍ତ କମ୍ପାନୀ କମ୍‌ଭଲ୍ଟ କିଣିଛି।
– ସଞ୍ଜୟ ମିର୍‌ଚନ୍ଦାନୀ, କମ୍‌ଭଲ୍ଟ ସିଇଓ



"କ୍ୟାନ୍‌ସର ଚିକିତ୍ସାରେ ବ୍ୟବହାର ଲାଗି ଔଷଧ ନିର୍ମାତା ଲୁପିନ ପକ୍ଷରୁ ପ୍ରସ୍ତୁତ ନୂଆ ଔଷଧର ପ୍ରସାର ଲାଗି ଜର୍ମାନ କମ୍ପାନୀ ବୋଏରିଙ୍ଗର ସହ ଚୁକ୍ତି କରିଛି।
– ନିଲେଶ ଗୁପ୍ତା, ଲୁପିନ ଏମ୍‌ଡି



## ସଂକ୍ଷେପରେ

ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇର ନିର୍ଦ୍ଦେଶ

### ସମସ୍ତ ଅସ୍ଥାୟୀ ସୁଧହାରକୁ ରେପୋ ରେଟ୍ ସହ ଯୋଡ଼

**ମୁମ୍ବାଇ,୪-୯:** ବ୍ୟାଙ୍କଗୁଡ଼ିକ ଗୃହ, ଅଟୋ ଓ ପର୍ସନାଲ ଋଣ ଉପରେ ଫିକ୍ସଡ ବା ସ୍ଥାୟୀ ,ଫ୍ଲୋଟିଂ(ଅସ୍ଥାୟୀ) ଓ ଏକ୍ସଟରନାଲ ବେଞ୍ଚମାର୍କ(ମାନବିନ୍ଦୁ) ସୁଧ ହାର ଘୋଷଣା କରିଛନ୍ତି। ଗ୍ରାହକ ନିଜ ପସନ୍ଦ ମୁତାବକ ଋଣ ସୁଧ ହାର ଚୟନ କରନ୍ତି। ତେବେ ଅକ୍ଟୋବର ପହିଲାରୁ ବ୍ୟାଙ୍କଗୁଡ଼ିକ ସମସ୍ତ ଅସ୍ଥାୟୀ ଓ ବେଞ୍ଚମାର୍କ ଆଧାରିତ ସୁଧ ହାରକୁ ରେପୋ ରେଟ୍ ସହ ଯୋଡିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୁଧବାର ନିର୍ଦ୍ଦେଶ ଦେଇଛି। ଏହାବ୍ୟତୀତ ରେପୋ ଭଳି ବାହ୍ୟ ବେଞ୍ଚ ମାର୍କ ଅଧୀନରେ ଥିବା ସୁଧ ହାରକୁ ୩ ମାସରେ ଅତିକମ୍‌ରେ ଥରେ ବଦଳାଇବାକୁ ନିର୍ଦ୍ଦେଶରେ କୁହାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ବାରମ୍ବାର ରେପୋ ରେଟ ହ୍ରାସ କରାଯାଇଥିଲେ ସୁଦ୍ଧା ବ୍ୟାଙ୍କଗୁଡ଼ିକ ଏହାର ଫାଇଦା ଗ୍ରାହକଙ୍କ ନିକଟରେ ପହଞ୍ଚାଉ ନ ଥିବାରୁ ଆର୍‌ବିଆଇ କ୍ଷୁବ୍ଧ। ଇତିମଧ୍ୟରେ ଆର୍‌ବିଆଇ ମୋଟ୍‌ରେ ୧.୧୦ ପ୍ରତିଶତ ରେପୋ ରେଟ ହ୍ରାସ କରିସାରିଲେଣି। ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ୦.୮୫% ରେପୋ ରେଟ ହ୍ରାସ କରିଛନ୍ତି। ଆର୍‌ବିଆଇର କହିବାନୁଯାୟୀ, ବ୍ୟାଙ୍କଗୁଡ଼ିକ ଅଗଷ୍ଟ ସୁଦ୍ଧା ୦.୩୦ ପ୍ରତିଶତ ସୁଧ ହାର ହ୍ରାସ କରିଛନ୍ତି, ଯାହା କି ଅତ୍ୟନ୍ତ ନଗଣ୍ୟ। ଅନ୍ୟପକ୍ଷରେ ବ୍ୟାଙ୍କଗୁଡ଼ିକ ଯୁକ୍ତି ଦର୍ଶାଇଛନ୍ତି ଯେ, ବକେୟା ଋଣ ମିଳିବା କମ୍ ହେଉଥିବାରୁ ରେପୋ ରେଟ୍ ହ୍ରାସର ଫାଇଦା ଦେବାରେ ବିଳମ୍ବ ହେଉଛି।

### କ୍ଷୁଦ୍ର ବ୍ୟବସାୟୀ ପାଇବେ ଶସ୍ତା ଋଣ

ଅକ୍ଟୋବର ପହିଲାରୁ ବେଞ୍ଚମାର୍କ ଆଧାରିତ ସୁଧ ହାରକୁ ରେପୋ ରେଟ ସହ ଯୋଡିବାକୁ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଫଳରେ କ୍ଷୁଦ୍ର ବ୍ୟବସାୟୀମାନେ ଏଣିକି ଶସ୍ତାରେ ଋଣ ପାଇବେ।

# ବିଏସ୍‌ଏନ୍‌ଏଲ୍‌ର ଖର୍ଚ୍ଚକାଟ ଯୋଜନା
# ୮୦ ହଜାର କର୍ମଚାରୀଙ୍କୁ ଭିଆର୍‌ଏସ୍




**ନୂଆଦିଲ୍ଲୀ,୪-୯:** କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ଟେଲିକମ୍ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ) ନିଜର ଜମି ଭଡା ଦେଇ ଆୟ ବଢ଼ାଇବାକୁ ପ୍ରୟାସ କରୁଛି। ଅପରପକ୍ଷରେ ଖର୍ଚ୍ଚକାଟ ଜରିଆରେ କ୍ଷତିକୁ ଯଥାସମ୍ଭବ କମାଇବା ଲାଗି ଏହା କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ଏବେ ପଦକ୍ଷେପ ନେବାକୁ ଯାଉଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, କର୍ମଚାରୀଙ୍କୁ ଆକର୍ଷଣୀୟ ପ୍ୟାକେଜ ପ୍ରଦାନ କରି କମ୍ପାନୀ ସେମାନଙ୍କୁ ଅବସର ନେବାକୁ ପ୍ରସ୍ତାବ ଦେବ। କର୍ମଚାରୀ ସଂଖ୍ୟାକୁ ବର୍ତ୍ତମାନର ସ୍ଥିତିରୁ ଅଧାକୁ ହ୍ରାସ କରିବା ଲକ୍ଷ୍ୟ ରହିଛି। ଏହା ସମ୍ଭବ ହେଲେ ପ୍ରାୟ ୭୦ରୁ ୮୦ ହଜାର କର୍ମଚାରୀଙ୍କୁ ଭଲ୍ୟୁଣ୍ଟାରୀ ରିଟାୟାରମେଣ୍ଟ ସ୍କିମ୍ ବା ଭିଆର୍‌ଏସ୍ ପ୍ରଦାନ କରାଯିବ ବୋଲି ବିଏସ୍‌ଏନ୍‌ଏଲ୍ ଅଧ୍ୟକ୍ଷ ପ୍ରବୀଣ କୁମାର ପୁରୱାର ପ୍ରକାଶ କରିଛନ୍ତି।

ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, କର୍ମଚାରୀ ସଂଖ୍ୟା କମାଇବା ଲକ୍ଷ୍ୟରେ ବିଏସ୍‌ଏନ୍‌ଏଲ୍ ଭିଆର୍‌ଏସ୍ ସମ୍ପର୍କରେ ବିଚାର କରୁଛି। ଏଥିପାଇଁ ପ୍ୟାକେଜକୁ ଆକର୍ଷଣୀୟ କରାଯିବ। ଏତେସଂଖ୍ୟାରେ କର୍ମଚାରୀଙ୍କୁ ବାଦ୍ ଦେବା ପରେ କାମ କିପରି ହେବ ବୋଲି ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, କମ୍ପାନୀ ନିଜର ଦୈନନ୍ଦିନ କାର୍ଯ୍ୟ ତୁଲାଇବା ଲାଗି ଆଉଟସୋର୍ସିଂ କରିବ। ସେହିପରି ଲୋକଙ୍କୁ ମାସିକ ଚୁକ୍ତି ଭିତ୍ତିରେ ନିଯୁକ୍ତି ଦେବା ଲାଗି ମଧ୍ୟ ବିଚାର ଚାଲିଛି। ଏବେ ସୁଦ୍ଧା ବିଏସ୍‌ଏନ୍‌ଏଲ୍‌ରେ ଯଥେଷ୍ଟ ସଂଖ୍ୟାରେ କର୍ମଚାରୀ ରହିଛନ୍ତି।

### ରାଜସ୍ୱ ଆୟ ପ୍ରାଥମିକତା

ପୁରୱାର କହିଛନ୍ତି ଯେ, ଅନ୍ୟ ଟେଲିକମ କମ୍ପାନୀ ଭଳି ବିଏସ୍‌ଏନ୍‌ଏଲ୍‌କୁ ମଧ୍ୟ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ପଡୁଛି। ସେ କହିଛନ୍ତି ଯେ, ଏହି କାରଣରୁ କମ୍ପାନୀ ପାଇଁ ରାଜସ୍ୱ ଆୟ ବଢ଼ାଇବା ତାଙ୍କର ପ୍ରାଥମିକତା ରହିଛି। ଏଥିଲାଗି କେତେକ ନୀତିଗତ ନିଷ୍ପତ୍ତି ନେବାକୁ ହେବ। ସେହିପରି ଅପରେଶନାଲ ଖର୍ଚ୍ଚ ହ୍ରାସ ଦ୍ୱିତୀୟ ପର୍ଯ୍ୟାୟରେ ହେବ। ସେହିପରି ଏପରି କେତେକ ଖର୍ଚ୍ଚ ରହିଛି, ଯାହାର ପୁନର୍ବିଚାର କରାଯାଇପାରେ। କେତେକ ପଦକ୍ଷେପ ଦ୍ୱାରା ଏହାକୁ ନିୟନ୍ତ୍ରିତ କରାଯାଇପାରେ। ଆଉଟସୋର୍ସିଂକୁ କମାଯାଇପାରେ। ଏହା କିପରି ସମ୍ଭବ ହେବ ତାହା ଦେଖିବାକୁ ହେବ। ଏ କ୍ଷେତ୍ରରେ କମ୍ପାନୀରେ ଥିବା ପ୍ରତିଭାଶାଳୀ କର୍ମଚାରୀଙ୍କ ସହାୟତା ନିଆଯାଇପାରେ। ବିଏସ୍‌ଏନ୍‌ଏଲର ବିଜୁଳି ଖର୍ଚ୍ଚ ସର୍ବାଧିକ। ଏ ବାବଦରେ ପ୍ରାୟ ୨୭୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏଣୁ ଶକ୍ତି ବ୍ୟୟ ୧୫% ହ୍ରାସ କରିବା ଲାଗି ଲକ୍ଷ୍ୟ ରଖାଯାଇଛି।

### ଜମିରୁ ମିଳିବ ଅର୍ଥ

ବିଏସ୍‌ଏନ୍‌ଏଲ୍ ନିକଟରେ ବହୁ ଜମି ରହିଛି। କମ୍ପାନୀ ଏହାକୁ ଲିଜ୍ ଅଥବା ଭଡ଼ାରେ ଦେଇ ଅତିରିକ୍ତ ଆୟ କରୁଛି। ବର୍ତ୍ତମାନ ସ୍ଥିତିରେ ବାର୍ଷିକ ପ୍ରାୟ ୨୦୦ କୋଟି ଟଙ୍କା ଆୟ ହେବ ବୋଲି ଆଶାକରାଯାଉଛି। ଆଗାମୀ ଦିନରେ ଏହାକୁ ୧୦୦୦ କୋଟି ଟଙ୍କାକୁ ବୃଦ୍ଧି କରିବାର ଯୋଜନା ରହିଛି। ଆସନ୍ତା ୧୨ରୁ ୧୫ ମାସ ମଧ୍ୟରେ ଏ ଦିଗରେ ଦୃଢ଼ ପଦକ୍ଷେପ ନିଆଯିବ। ଦ୍ୱିତୀୟତଃ କମ୍ପାନୀ ନିକଟରେ ୬୮ ହଜାର ଟାୱାର ରହିଛି। ଅନ୍ୟ ଟେଲିକମ୍ କମ୍ପାନୀଙ୍କୁ ବିଏସ୍‌ଏନ୍‌ଏଲ୍ ଭଡ଼ାରେ ୧୩ରୁ ୧୪ ହଜାର ଟାୱାର ଦେଇଛି। ଟାୱାର ଭଡ଼ା ବଢ଼ାଇବାର ସମ୍ଭାବନା ଖୋଜାଚାଲିଛି। ଏହାଦ୍ୱାରା ଅତିରିକ୍ତ ରାଜସ୍ୱ ଆୟ ହେବ ବୋଲି ପୁରୱାର କହିଛନ୍ତି।

### ଖୁବ୍‌ଶୀଘ୍ର ମିଳିବ ୪ଜି ସ୍ପେକ୍ଟ୍ରମ

ବିଏସ୍‌ଏନ୍‌ଏଲ୍ ଅଧ୍ୟକ୍ଷ କହିଛନ୍ତି ଯେ, କମ୍ପାନୀକୁ ୪ଜି ସ୍ପେକ୍ଟ୍ରମ ନ ମିଳିବା କାରଣରୁ ଏହା ଅନ୍ୟ ଟେଲିକମ୍ କମ୍ପାନୀଙ୍କ ସହ ପ୍ରତିଯୋଗିତାରେ ସାମିଲ ହୋଇପାରୁନାହିଁ। ଏହି କାରଣରୁ କମ୍ପାନୀର କ୍ଷତି ବଢ଼ି ବଢ଼ି ଚାଲିଛି। ୪ଜି ସ୍ପେକ୍ଟ୍ରମ ସେବା ଦେବା ଲାଗି ବିଏସ୍‌ଏନ୍‌ଏଲ୍ ଦୀର୍ଘଦିନ ହେଲା ଦାବିକରିଆସୁଛି। ତେବେ ସରକାରଙ୍କ ସହ ତାଙ୍କର ବିଭିନ୍ନ ସ୍ତରରେ ଆଲୋଚନା ହୋଇଛି ଏବଂ ଖୁବଶୀଘ୍ର କମ୍ପାନୀକୁ ୪ଜି ସ୍ପେକ୍ଟ୍ରମ ମିଳିବ। ଏହା କମ୍ପାନୀ ପୁନରୁଦ୍ଧାର ପ୍ୟାକେଜର ଅଂଶବିଶେଷ ହେବ ବୋଲି ପୁରୱାର କହିଛନ୍ତି।

# ୨୦ ବର୍ଷରେ ପଦାର୍ପଣ କଲା ବିସ୍କଫାର୍ମ



**କଲିକତା, ୪-୯**

ପ୍ରମୁଖ ବେକରି କମ୍ପାନୀ ବିସ୍କ ଫାର୍ମ ଚଳିତ ବର୍ଷ ଅଗଷ୍ଟରେ ୨୦ ବର୍ଷରେ ପଦାର୍ପଣ କରିଛି। ଗ୍ରାହକଙ୍କ ଭଲ ପାଇବା ଲାଭ କରିବା ସହ ଏହା ଦେଶର ୨୦ ରାଜ୍ୟରେ ପ୍ରଡକ୍ଟ ଯୋଗାଉଥିବା ସୂଚନା ଦେଇଛି। ଦେଶର ବେକରୀ ଶିଳ୍ପରେ ଏହା ନୂତନତ୍ୱ ଆଣିବା ଦିଗରେ ଯୋଗଦାନ ଜାରି ରଖିଛି। ବିସ୍କୁଟ, କେକ୍, କୁକିଜ, ରସ୍କ, ସ୍ନାକ୍ସ, ଫିଲଡ ୱାଟର, ଏଥେନିକ ଇଣ୍ଡିଆନ ସ୍ନାକ୍ସ ଭଳି ଅନ୍ୟ କେତେକ ବର୍ଗରେ ୧୪୦ରୁ ଊର୍ଦ୍ଧ୍ୱ ବ୍ରାଣ୍ଡର ପ୍ରଡକ୍ଟ ଉତ୍ପାଦନ କରୁଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଏହା ପ୍ରଡକ୍ଟରେ ଭିନ୍ନତାକୁ ନଜର ରଖିଛି। ଗ୍ରାହକଙ୍କଠାରୁ ଆଦୃତି ଲାଭ କରିଥିବାରୁ କମ୍ପାନୀର ଅଭିବୃଦ୍ଧିରେ ଏହା ସହାୟକ ହେଉଥିବା ସୂଚନା ରହିଛି। କମ୍ପାନୀ ଦେଶର ୫ ପ୍ରମୁଖ ବିସ୍କୁଟ ମାନୁଫାକଚରର ମଧ୍ୟରେ ସ୍ଥାନିତ ହୋଇଛି। ଏହାର ପୂର୍ବାଞ୍ଚଳରେ ୪ ଏବଂ ନାଗପୁରସ୍ଥିତ ଫ୍ୟାକ୍ଟ୍ରିରେ ୬ ହଜାର ଲୋକ କାମ କରୁଛନ୍ତି। ବାଙ୍ଗାଲୋରରେ ନୂଆ ଫ୍ୟାକ୍ଟ୍ରି କାମ ଚାଲୁ ରହିଛି। ୨୦ ବର୍ଷ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କମ୍ପାନୀର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ କେ.ଡି. ପଲ୍ କହିଛନ୍ତି, ଗ୍ରାହକଙ୍କ ସନ୍ତୁଷ୍ଟିକୁ କମ୍ପାନୀ ସର୍ବଦା ପ୍ରାଥମିକତା ଦେଇ ଆସିଛି। କମ୍ପାନୀ ନୂତନତ୍ୱ ସହ ଆଗକୁ ବଢିବା ଦିଗରେ ସର୍ବଦା ଧ୍ୟାନ କେନ୍ଦ୍ରିତ କରିଛି। ସୁସ୍ୱାଦୁ ଅଫରିଂ ଦ୍ୱାରା ବଜାରର ଖରାପ ସ୍ଥିତି ସତ୍ତ୍ୱେ ଅଭିବୃଦ୍ଧି କରିବାକୁ ସକ୍ଷମ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏହି ବର୍ଗରେ ଦେଶର ପ୍ରମୁଖ ୩ କମ୍ପାନୀ ମଧ୍ୟରେ ସ୍ଥାନିତ ହେବା ନେଇ ଲକ୍ଷ୍ୟ ରହିଥିବା ସେ କହିଛନ୍ତି।

# ବଜାରରେ ରେନୋର ନୂଆ ଟ୍ରାଇବର

- ବଜାର ଦର ୪.୯୫ ଲକ୍ଷ ଟଙ୍କାରୁ ଆରମ୍ଭ
- ୧.୦ ପେଟ୍ରୋଲ ଇଞ୍ଜିନରେ ଉପଲବ୍ଧ

**ଭୁବନେଶ୍ୱର, ୪-୯(ବ୍ୟୁରୋ)**




ରେନୋ ପକ୍ଷରୁ ଏହାର ନୂଆ ଯାନ ଟ୍ରାଇବରକୁ ଓଡ଼ିଶା ବଜାରରେ ପ୍ରବେଶ କରାଯାଇଛି। ସ୍ଥାନୀୟ ସିଆର୍‌ପି ଛକ ନିକଟସ୍ଥ ଗର୍ଗସନ ଅଟୋମୋବାଇଲର ରେନୋ ଭୁବନେଶ୍ୱର ଶୋ'ରୁମରେ ଏହାକୁ ବୁଧବାର ଉନ୍ମୋଚନ କରାଯାଇଛି। ଗର୍ଗସନ ଅଟୋମୋବାଇଲର ଏମ୍‌ଡି ସତିଶ ଗର୍ଗ, ଡାଇରେକ୍ଟର ସିଦ୍ଧାର୍ଥ ଗର୍ଗ, ଭିପି ରଞ୍ଜନ ମହାପାତ୍ର ଏବଂ ଗୁପ୍ତା ପାୱାରର ଅଧ୍ୟକ୍ଷ ମହେନ୍ଦ୍ର ଗୁପ୍ତା ନୂଆ ଯାନଟିକୁ ଶୁଭାରମ୍ଭ କରିଛନ୍ତି। ଯାନଟିର ବଜାର ଦର ୪.୯୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ଗ୍ରାହକ ଏଥିରେ ଅନେକ ଆକର୍ଷଣୀୟ ଫିଚର ପାଇ ପାରିବେ। ରେନୋ ଏହାକୁ ସୁପର ସ୍ପେସିୟସ ଏବଂ ଅଲ୍ଟ୍ରା ମଡ୍ୟୁଲାର ଗେମ୍ ଚେଞ୍ଜର ଭାବେ ପରିକଳ୍ପନା କରିଛି। ଯାନଟିରେ ମନଲୋଭା ଡିଜାଇନ ରହିଛି। ସେହିଭଳି ପର୍ଯ୍ୟାପ୍ତ ରୁମ, ଲିଟର ପିଛା ୨୦.୦୫ ଲିଟର ମାଇଲେଜ, ମଡ୍ୟୁଲାର ଭିତ୍ତିକ ୪ ମିଟର ମଧ୍ୟରେ ୭ ଜଣ ବସିବାର ସୁବିଧା କରାଯାଇଛି।

ଏହା ୪ଟି ଟ୍ରିମ୍‌ରେ ଉପଲବ୍ଧ। ନୂଆ ଯାନଟିରେ ରହିଛି ୨୦ ପ୍ରମୁଖ ବୈଶିଷ୍ଟ୍ୟ। ଏହାବାଦ ୧୦ରୁ ଅଧିକ ସିଟ କନଫିଗରେଶନ, ଇଜି ଫିକ୍ସ ସିଟ୍, ଏସ୍‌ୟୁଭି ସ୍କିଡ ପ୍ଲେଟ, ଏଲ୍‌ଇଡି ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର, ୨ୟ ଏବଂ ତୃତୀୟ ଧାଡିରେ ଦ୍ୱୈତ ଏସି ଭେଣ୍ଟ, ୧୮୨ ଏମ୍‌ଏମ୍ ମିଟରର ଉଚ୍ଚ ଗ୍ରାଉଣ୍ଡ କ୍ଲିୟରାନ୍ସ, ୮ ଇଞ୍ଚର ଟଚ୍ ସ୍କ୍ରିନ ମିଡିଆ ଏନ୍‌ଏଭି ଇଭୋଲ୍ୟୁଶନ ସିଷ୍ଟମ ଏଥିରେ ରହିଛି। ଯାନଟି ୧.୦ ଲିଟର ପେଟ୍ରୋଲ ଇଞ୍ଜିନ ସହ ଆସୁଛି, ଯାହା ଉନ୍ନତ ଇନ୍ଧନ ଦକ୍ଷତା ପ୍ରଦାନ କରିବ। ଅପରପକ୍ଷରେ ଗ୍ରାହକ ଏଥିରେ କମ୍ ମୂଲ୍ୟରେ ରକ୍ଷଣାବେକ୍ଷଣ ପ୍ୟାକେଜ ଏବଂ କ୍ଲାସ ଲିଡିଂ ସମ୍ପ୍ରସାରିତ ପ୍ୟାକେଜ ଲାଭ କରିପାରିବେ। କାର୍ଯ୍ୟକ୍ରମରେ ସେଲ୍‌ସ ଡିଜିଏମ୍ ଅମୂଲ୍ୟରତ୍ନ ମହାପାତ୍ର ଯାନଟିର ବିଶେଷଜ୍ଞ ଉପରେ ଏକ ପ୍ରେଜେଣ୍ଟେଶନ ରଖିଥିଲେ।

### ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଫିଚର

ରେନୋର ନୂଆ ଟ୍ରାଇବର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଅତ୍ୟାଧୁନିକ ଫିଚର ପ୍ରଦାନ କରିବ। କମ୍ପାନୀର ଏହି ମଡେଲଟି ଗ୍ରାହକଙ୍କ ଠାରୁ ଭଲ ରେସପନ୍ସ ପାଇବ ବୋଲି ଆଶାବାଦୀ ରହିଛୁ। ଏହି ମଡେଲ ଦ୍ୱାରା ଗ୍ରାହକ ସୁଲଭତା, ସ୍ପେସ, ବେଷ୍ଟ ଇନ କ୍ଲାସ ଟେକ୍ନୋଲୋଜି ପାଇ ପାରିବେ। ଶୋ'ରୁମରେ ଏହି ଯାନ ସମ୍ପର୍କରେ ସମସ୍ତ ସୂଚନା ଦେବା ଲାଗି ଅଭିଜ୍ଞ ଟିମ୍ ରହିଛନ୍ତି। କୌଣସି ଗ୍ରାହକ ସେମାନଙ୍କ ପରିବାର ସହ ଆସି ଏହାର ଟେଷ୍ଟ ଡ୍ରାଇଭ ନେଇ ପାରିବେ।

- ସିଦ୍ଧାର୍ଥ ଗର୍ଗ, ଡାଇରେକ୍ଟର, ଗର୍ଗସନ ଅଟୋମୋବାଇଲ

### ଓଡ଼ିଶା ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ

ନୂଆ ରେନୋ ଟ୍ରାଇବର ମଡେଲ ଜାତୀୟ ସ୍ତରରେ ଶୁଭାରମ୍ଭ ହୋଇଥିବା ବେଳେ ଏହାକୁ ଓଡ଼ିଶା ବଜାରରେ ଶୁଭାରମ୍ଭ କରାଯାଇଛି। ଏହା ଉନ୍ନତ ବୁକିଂ ଲାଭ କରିବ ବୋଲି ଆଶା ରଖିଛୁ। ବର୍ତ୍ତମାନ ସୁଦ୍ଧା ଗ୍ରାହକଙ୍କଠାରୁ ଭଲ ରେସପନ୍ସ ମିଳିଛି। ଏହି ଧାରା ଜାରି ରହିବା ନେଇ ବେଶ ଆଶାବାଦୀ ରହିଛୁ। ଯାନଟି ଉକ୍ତ ବର୍ଗରେ ସ୍ୱତନ୍ତ୍ର ହୋଇଥିବାରୁ ଓଡ଼ିଶା ଗ୍ରାହକଙ୍କ ଦ୍ୱାରା ଏହା ଆଦୃତ ହେବ।

- ରଞ୍ଜନ ମହାପାତ୍ର, ଭିପି ଗର୍ଗସନ ଅଟୋମୋବାଇଲ

# ଜୟରାମ ଲେଙ୍କାର ବମ୍ପର ଲକି ଡ୍ର




**ତାଳଚେର,୪-୯(ନି.ପ୍ର.)**

ତାଳଚେର ହାଟତୋଟା ଠାରେ ଥିବା ଅତ୍ୟାଧୁନିକ ଗାର୍ମେଣ୍ଟସ ଶୋ'ରୁମ ଜୟରାମ ଲେଙ୍କା ପକ୍ଷରୁ ସୋମବାର ସନ୍ଧ୍ୟାରେ ବମ୍ପର ଲକି ଡ୍ର ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଓକିଲ ସଂଘ ସଭାପତି ରଞ୍ଜିତ କୁମାର ଘୋଷ ଯୋଗଦେଇ ଅନୁଷ୍ଠାନ ତାହାର ଗୁଣବତ୍ତା, ଗ୍ରାହକଙ୍କ ପ୍ରତି ଉତ୍ତମ ବ୍ୟବହାର ଆଗାମୀ ଦିନରେ ବଜାୟ ରଖିବ ବୋଲି ଆଶାବ୍ୟକ୍ତ କରିଥିଲେ। ଖବରଦାତା ଦେବୀ ମିଶ୍ର ଅନୁଷ୍ଠାନର ଉନ୍ନତି ନିମନ୍ତେ ମା' ହିଙ୍ଗୁଳାଙ୍କ ଠାରେ ପ୍ରାର୍ଥନା କରିଥିଲେ। ଶୋ'ରୁମ୍ ସ୍ୱତ୍ତ୍ୱାଧିକାରୀ ତଥା ମାଲିକ ରବୀନ୍ଦ୍ର କୁମାର ଲେଙ୍କା ଓ ସହଧର୍ମିଣୀ ସନ୍ତୋଷୀ ଲେଙ୍କା ତାଳଚେରବାସୀଙ୍କ ସ୍ନେହ, ଶ୍ରଦ୍ଧା ତାଙ୍କୁ ଏଠାକୁ ଟାଣି ଆଣିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ରଶ୍ମିରଞ୍ଜନ ମିଶ୍ର, ମନୋଜ ନନ୍ଦ, ମନୋଜ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ମ୍ୟାନେଜର ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁନା ମହାରଣା, ସରୋଜ ସାହୁ, ସୁଧୀର ଦାସ, ରଞ୍ଜନ ଦାସ, ଚନ୍ଦନ ଜେନା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପରେ ବମ୍ପର ଲକି ଡ୍ର ଉଠାଣ ହୋଇଥିଲା। ତାଳଚେର ସହରର ପ୍ରକାଶ କୁମାର ସାହୁ ବମ୍ପର ପ୍ରାଇଜ ଭାବେ ଏକ କାର ପାଇଥିଲେ। ଏହି ଅବସରରେ ୧୫ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା।

# ୨ ଦିନ ବନ୍ଦ ରହିବ ମାରୁତି ସୁଜୁକି ପ୍ଲାଣ୍ଟ
## ମାନ୍ଦାବସ୍ଥା ଯୋଗୁ ୨୦୧୨ ପରେ ପ୍ରଥମ

**ନୂଆଦିଲ୍ଲୀ,୪-୯**

ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥାର ପ୍ରଭାବରୁ ଦେଶର ସର୍ବବୃହତ କାର୍ ନିର୍ମାତା ମାରୁତି ସୁଜୁକି ୨ଦିନ ୭ ଓ ୯ ତାରିଖରେ ହରିୟାଣାସ୍ଥିତ ଗୁଡ଼ଗାଓଁ ଏବଂ ମାନେସର ପ୍ଲାଣ୍ଟକୁ ବନ୍ଦ ରଖିବ। ଏହି ଦୁଇ ଦିନକୁ କମ୍ପାନୀ 'ନୋ ପ୍ରଡକ୍ସନ ଡେ' ବା ଉତ୍ପାଦନ ବନ୍ଦ ଦିବସ ଭାବେ ଘୋଷଣା କରିଛି। ୨୦୧୨ ପରେ କମ୍ପାନୀ ପକ୍ଷରୁ ଏଭଳି ନିଷ୍ପତ୍ତି ପ୍ରଥମଥର ନିଆଯାଇଛି। ୭ ତାରିଖ ଶନିବାର ଓ ୯ ତାରିଖ ସୋମବାର ପଡୁଛି। ଏମିତିରେ ରବିବାର ମାରୁତି ସୁଜୁକିରେ କୌଣସି ପ୍ରକାର କାର୍ଯ୍ୟ ହୁଏନି। ଏଭଳି ଦେଖିଲେ ମାରୁତିରେ ଆସନ୍ତା ୩ ଦିନ କାର୍ଯ୍ୟ ବନ୍ଦ ରହିବ। କମ୍ପାନୀ ପକ୍ଷରୁ ଏ ସଂକ୍ରାନ୍ତରେ ସୂଚନା ପ୍ରଦାନ କରାଯାଇଛି। ସୂଚନାଥାଉ କି, ଅଟୋ ସେକ୍ଟରରେ ମାନ୍ଦାବସ୍ଥାର ପ୍ରଭାବ ଅତ୍ୟନ୍ତ ଗମ୍ଭୀର ହୋଇଛି। ମାରୁତିରେ ଏହାର ପ୍ରଭାବ ଜବରଦସ୍ତ ଦେଖିବାକୁ ମିଳିଛି। କମ୍ପାନୀକୁ ଅଗଷ୍ଟରେ ନିଜର ଉତ୍ପାଦନ ୩୩.୯୯ ପ୍ରତିଶତ ହ୍ରାସ କରିବାକୁ ପଡିଛି। କମ୍ପାନୀ ଗତ ୭ ମାସ ହେବ ଉତ୍ପାଦନ ହ୍ରାସ କରିଚାଲିଛି। ଅଗଷ୍ଟରେ ୧,୧୧,୩୭୦ ୟୁନିଟ ଗାଡ଼ି ତିଆରି ହୋଇଥିଲା। ଗତବର୍ଷ ଏହି ସମୟରେ ଗାଡ଼ି ଉତ୍ପାଦନ ୧,୬୮,୭୨୫ ୟୁନିଟ ହୋଇଥିଲା। ଅଗଷ୍ଟରେ ବିକ୍ରି ୩୨.୭ ପ୍ରତିଶତ କମି ୧,୦୬,୪୧୩ରେ ପହଞ୍ଚିଛି, ଯାହା କି ଗତବର୍ଷ ୧,୫୮,୧୮୯ ଥିଲା।

OHPC
ISO 9001-14001 18001 Certified
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. UIHEP/SGM (EL.)/TW/ PSDF / 2120 (Part – VII) / 3687 / Dated 29.08.2019

1st CORRIGENDUM TO Tender Call Notice No. 05/2019-20 DATE.26.07.2019

Name of work: Procurement, Erection, Testing & Commissioning of 220 KV Current Transformer.

The period of sale / submission and opening of this office Tender Call Notice No.05/2019-20 Dtd.26.07.2019 for – "Procurement, Erection, Testing & Commissioning of 220 KV Current Transformer" is extended as follows -

1. Sale of tender paper – Up to 13:00 Hrs of 13.09.2019
2. Last date and time of Receipt of tender paper – Up to 13:00 Hrs of 13.09.2019
3. Date and time of Opening of tender – On 17.09.2019 (at 12:00 Hrs.)

All other terms and conditions of the original tender call notice remain unaltered.
Please visit us at www.ohpcltd.com

32136/11/0014/1920
-Sd- Unit Head UIHEP, Mukhiguda
No. CAD-347

OHPC
ISO 9001-14001 18001 Certified
OFFICE OF THE SR. GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, Ph.No.7328840415, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. UIHEP/SGM (EL.)/TW/ 2330 (Part – II) / 3708 / Date 30.08.2019

1st CORRIGENDUM TO TENDER CALL NOTICE NO. 07/2019-20 DATE.03.08.2019

Name of work: Hiring of 03 (Three) Nos. Indica eV2 or equivalent Light Vehicle for all the three Wing Heads of UIHEP, Mukhiguda for (03) three years.

The period of sale / submission and opening of this office Tender Call Notice No.07/2019-20 Dtd.03.08.2019 for – "Hiring of 03 (Three) Nos. Indica eV2 or equivalent Light Vehicle for all the three Wing Heads of UIHEP, Mukhiguda for (03) three years" is extended as follows -

1. Sale of tender paper – Up to 13:00 Hrs of 13.09.2019
2. Last date and time of Receipt of tender paper – Up to 13:00 Hrs of 13.09.2019
3. Date and time of Opening of tender – On 16.09.2019 (at 16:30 Hrs.)

All other terms and conditions of the original tender call notice remain unaltered.
Please visit us at www.ohpcltd.com

32136/11/0017/1920
-Sd- Unit Head UIHEP, Mukhiguda
No. CAD-350

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
ANANDAPUR BARRAGE PROJECT, SALAPADA.
(E-mail id: cceabp-eicwr.od@nic.in/loabp-eicwr.od@nic.in)
E-procurement Notice No. CCEABP - 03 of 2019-20
No. 210-A

| E-Procurement officer | Name of the work | Bid id No | Tender cost in Lakhs (Appx) | Bid security in lakhs (Online) | Cost of Bid Document (Online) | Class of contractor | Period of completion | Availability of tender on line for bidding From | Availability of tender on line for bidding To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer A.B Project, Salapada | Providing Cement Concrete Lining to Salandi Left Main Canal (SLMC) from RD 16080M to 18017M of Integrated Anandapur Barrage Project under AIBP. | ABP-RCD-02/1 of 2019-20 | 770.00 | 7.70 | 10,000/- | Spl & Super Class | 06 calendar months | 05.09.19 11.30AM | 21.09.19 17.00PM | 23.09.19 11.30AM |

Further details can be seen from the Govtwebsitewww.tendersorissa.gov.in/www.dowrodisha.gov.in Addendum/ corrigendum/ cancellation if any required will be published in Govt. website only .

32068/11/0002/1920
Chief Construction Engineer,
Anandapur Barrage Project, Salapada.

GOVERNMENT OF ODISHA, "e"-PROCUREMENT NOTICE
WORKS DEPARTMENT
E-mail : ceroads.bbsr@gmail.com

Bid Identification No. CE-DPI & R-11/2019-20

1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE form eligible contractors for Road/ Bridge works as mentioned below :
2. Nature of work : Road works
3. No. of work : 06 Nos.
4. Tender Paper cost : Rs.10,000.00
5. Class of Contractor : 'A' Class/ Special Class/ Super Class as noted against each work
6. Available of bid document in the website : From 10.00 A.M. of 13.09.2019 to 5.00 PM of 10.10.2019
7. Date of opening of Bid : Dt.11.10.2019 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

34117/11/0021/1920
Sd./- Chief Engineer (DPI & Roads), Odisha
No. 148-B



“ ୨୦୦୧ରେ ଇଡେନ ଗାର୍ଡେନ୍‌ରେ ହୋଇଥିବା ଐତିହାସିକ ହ୍ୟାଟ୍ରିକ ଉଇକେଟ୍ ଘଟଣାରେ ଆଡାମ ଗିଲ୍‌ଖ୍ରୀଷ୍ଟ କାନ୍ଦିବା ବନ୍ଦ କରନ୍ତୁ ।
—ହରଭଜନ ସିଂ, ଭେଟେରାନ ଭାରତୀୟ କ୍ରିକେଟର



“ ଆମ୍ଭେମାନେ ମିଳିତ ଭାବେ ଓ ନିର୍ଭୟରେ ଖେଳିଲେ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ପ୍ରଥମ ମ୍ୟାଚ୍‌ରେ ଓମାନକୁ ପରାସ୍ତ କରିପାରିବୁ ।
—ଗୁରପ୍ରୀତ୍ ସିଂ ସାନ୍ଧୁ, ଭାରତୀୟ ଫୁଟ୍‌ବଲ ଗୋଲକିପର

## ଜିମ୍ବାୱେ ଅଧିନାୟକ ମାସ୍‌କାଡ୍‌ଜାଙ୍କ ଅବସର



**ହରାରେ,୪।୯:** ଜିମ୍ବାୱେ କ୍ରିକେଟ ଦଳର ଅଧିନାୟକ ହାମିଲଟନ ମାସକାଡ୍‌ଜା ୧୮ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରକୁ ଅନ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାଂଲାଦେଶରେ ହେବାକୁ ଥିବା ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍ ତାଙ୍କ କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ଇଭେଣ୍ଟ ହେବ ବୋଲି ସେ ଘୋଷଣା କରିଛନ୍ତି। ଆଫଗାନିସ୍ତାନକୁ ନେଇ ହେବାକୁ ଥିବା ସିରିଜ୍ ଚଳିତ ମାସ ୧୩ରୁ ୨୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ୩୬ ବର୍ଷୀୟ ଡାହାଣହାତୀ ବ୍ୟାଟ୍ସମ୍ୟାନ ୩୮ ଟେଷ୍ଟ, ୨୦୯ ଦିନିକିଆ ଓ ୬୨ ଟି୨୦ ଖେଳି ମୋଟ ୯,୪୧୦ ରନ୍ କରିଛନ୍ତି। ଏଥିରେ ୧୦ ଶତକ ଓ ୪୨ ଅର୍ଦ୍ଧଶତକ ରହିଛି। ସର୍ବାଧିକ ଟେଷ୍ଟ ଓ ଦିନିକିଆ ରନ କରିଥିବା ଜିମ୍ବାୱେ ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ମାସକାଡ୍‌ଜା ୪ର୍ଥ ସ୍ଥାନରେ ରହିଛନ୍ତି। ୨୦୦୧ରେ ଏହି ବ୍ୟାଟ୍ସମ୍ୟାନ ୧୭ ବର୍ଷ ୩୫୪ ଦିନରେ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରିଥିଲେ। ସେତେବେଳେ ସର୍ବକନିଷ୍ଠ ଖେଳାଳି ଭାବେ ପଦାର୍ପଣ ମ୍ୟାଚ୍‌ରେ ଶତକ ହାସଲ କରିଥିବା ବ୍ୟାଟ୍ସମ୍ୟାନ ହୋଇପାରିଥିଲେ। ଏହାପରେ ବାଂଲାଦେଶର ମହମ୍ମଦ ଅଶ୍ରଫୁଲ ଏହି ରେକର୍ଡ ଭାଙ୍ଗିଥିଲେ।

# କ୍ୱାର୍ଟରରୁ ଫେଡରରଙ୍କ ବିଦାୟ



ପରାଜୟ ପରେ ମର୍ମାହତ ରୋଜର ଫେଡରର।

**ନ୍ୟୁୟର୍କ, ୪।୯ (ଏଏଫ୍‌ପି):** ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୟୁଏସ୍ ଓପନ୍‌ର କ୍ୱାର୍ଟର ଫାଇନାଲରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ୨୦ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ତଥା କିମ୍ବଦନ୍ତୀ ସୁଇଜରଲାଣ୍ଡ ଟେନିସ ଖେଳାଳି ରୋଜର ଫେଡରର କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସର ଏକ ସଂଘର୍ଷପୂର୍ଣ୍ଣ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ୩୮ ବର୍ଷୀୟ ଫେଡରର ୩-୬, ୬-୪, ୩-୬, ୬-୪, ୬-୨ ସେଟ୍‌ରେ ଟୁର୍ନାମେଣ୍ଟର ସର୍ବନିମ୍ନ ମାନ୍ୟତାପ୍ରାପ୍ତ ବୁଲଗେରିଆର ଗ୍ରିଗର ଦିମିତ୍ରୋଭାଙ୍କ ନିକଟରୁ ପରାଜୟବରଣ କରିଛନ୍ତି। ବିଶ୍ୱ ମାନ୍ୟତାର ୭୮ତମ ସ୍ଥାନରେ ରହିଥିବା ୨୮ ବର୍ଷୀୟ ଦିମିତ୍ରୋଭା ସେମିଫାଇନାଲରେ ୫ମ ସିଡ୍ ରୁଷିଆର ଡାନିଲ ମେଡଭେଡେଭଙ୍କୁ ଶୁକ୍ରବାର ଭେଟିବେ। ଦିମିତ୍ରୋଭାଙ୍କ ବିପକ୍ଷରେ ଶେଷ ୭ଟି ମୁକାବିଲାରେ ବିଜୟ ହାସଲ କରି ଫେଭରାଉଟ୍ ବିବେଚିତ ହେଉଥିବା ୫ଥର ୟୁଏସ୍ ଓପନ୍ ବିଜେତା ଫେଡରରଙ୍କୁ କିନ୍ତୁ ଶେଷରେ ନିରାଶ ହେବାକୁ ପଡ଼ିଛି। ଦିମିତ୍ରୋଭା କ୍ୟାରିୟରର ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର ଅନ୍ତିମ-୪ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୯୯୧ରେ ଜିମ୍ମି କନର୍ସ (୧୭୪ତମ)ସର୍ବନିମ୍ନ ମାନ୍ୟତା ପ୍ରାପ୍ତ ଖେଳାଳି ଭାବେ ୟୁଏସ୍ ଓପନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏବେ କିନ୍ତୁ ଦିମିତ୍ରୋଭା ସର୍ବନିମ୍ନ ମାନ୍ୟତାପ୍ରାପ୍ତ ଖେଳାଳିଭାବେ ଏଠାରେ ସେମିଫାଇନାଲରେ ପହଞ୍ଚିଛନ୍ତି।

### ସେରେନାଙ୍କ ୧୦୦ତମ ୟୁଏସ୍ ଓପନ୍ ବିଜୟ



ସେରେନା ୱିଲିୟମ୍ସ

ଆମେରିକାର ଷ୍ଟାର୍ ମହିଳା ଟେନିସ ଖେଳାଳି ସେରେନା ୱିଲିୟମ୍ସ କ୍ୟାରିୟରରେ ୧୦୦ତମ ୟୁଏସ୍ ଓପନ୍ ମ୍ୟାଚ୍ ଜିତିଛନ୍ତି। ଏଠାରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅବସରରେ ସେରେନା ଏହି କୃତୀତ୍ୱ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ସେରେନା ୬-୧, ୬-୦ ସିଧାସଳଖ ସେଟ୍‌ରେ ଚାଇନାର ୱାଙ୍ଗ୍ କ୍ୱିଙ୍ଗ୍‌ଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିବା ସହ ନ୍ୟୁୟର୍କରେ ୧୦୦ତମ ବିଜୟ ସ୍ୱାଦ ଚାଖିଛନ୍ତି। ଛ'ଥର ୟୁଏସ୍ ଓପନ୍ ବିଜୟିନୀ ସେରେନାଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୪୪ ମିନିଟ୍ ସମୟ ଲାଗିଥିଲା। ଚଳିତ ବର୍ଷ ଏହି ଟୁର୍ନାମେଣ୍ଟରେ ସବୁଠାରୁ କମ୍ ସମୟ ମଧ୍ୟରେ ଶେଷ ହୋଇଥିବା ମ୍ୟାଚ୍‌ର ମାନ୍ୟତା ପାଇଛି। ସେମିଫାଇନାଲରେ ୩୭ ବର୍ଷୀୟା ସେରେନାଙ୍କ ମୁକାବିଲା ୫ମ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନାଙ୍କ ସହ ହେବ। ଅନ୍ୟଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଏଲିନା ୬-୪, ୬-୪ ସିଧାସଳଖ ସେଟ୍‌ରେ ବ୍ରିଟେନର ଜୋହାନ କୋଣ୍ଟାଙ୍କୁ ପରାସ୍ତ କରି ଅନ୍ତିମ-୪ରେ ପ୍ରବେଶ କରିଛନ୍ତି। ୨୦୧୭ ସେପ୍ଟେମ୍ବରରେ ମାତୃତ୍ୱ ଲାଭ କରିବା ପରଠାରୁ ସେରେନା କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତା ଜିତିପାରି ନାହାନ୍ତି।

# ଅନୁପମାଙ୍କ ପାଇଁ ଏସିଆନ ଗେମ୍ସ ସମ୍ଭାବନା

ଭୁବନେଶ୍ୱର, ୪।୯(କ୍ରୀଡ଼ା ପ୍ରତିନିଧି)

ଦକ୍ଷିଣ କୋରିଆର ଚୁଙ୍ଗ୍ ଜୁଠାରେ ଅନୁଷ୍ଠିତ ବିଶ୍ୱ ମାର୍ଶାଲ ଆର୍ଟର ଅଲିମ୍ପିକ୍ ଭାବେ ବିବେଚିତ ହେଉଥିବା ମାଷ୍ଟରଶିପ୍ ପ୍ରତିଯୋଗିତାର ଜୁଜୁଟ୍‌ସୁ ଫାଇଟିଂ (କଣ୍ଟାକ୍ଟ)ରେ ବ୍ରୋଞ୍ଜ ପଦକ ଜିତିଥିବା ଅନୁପମା ଓଡ଼ିଶା ଫେରି ଆସିଛନ୍ତି। ପ୍ରଦର୍ଶନ ଆଧାରରେ ସେ ୨୦୨୨ ଏସିଆନ ଗେମ୍ସର ଜୁଜୁଟ୍‌ସୁ ଇଭେଣ୍ଟ ପାଇଁ ପ୍ରାରମ୍ଭିକ ଭାବେ ମନୋନୟନ ହୋଇଛନ୍ତି। କ୍ରମାଗତଭାବେ ସେ ଏହି ଇଭେଣ୍ଟରେ ଭଲ ପ୍ରଦର୍ଶନ ଜାରି ରଖିଲେ ଏସିଆନ ଗେମ୍ସ ପାଇଁ ଫାଇନାଲ ଟିକେଟ ପାଇ ପାରିବେ। ଏକାଧିକ କ୍ରୀଡ଼ାରେ ଜାତୀୟ/ଅନ୍ତର୍ଜାତୀୟ ସଫଳତା ଲାଭ କରିଥିବା ଅନୁପମା ଏଥିପାଇଁ ବେଶ୍ ଆଶାବାଦୀ। ନିଜର ସଫଳତା ପାଇଁ ସେ ସମସ୍ତ ଶ୍ରେୟ କୋଚ୍ ଡ. ହରି ପଟ୍ଟନାୟକଙ୍କୁ ଦେଇଛନ୍ତି। ଉପଯୁକ୍ତ ଟ୍ରେନିଂ ନେଲେ ସେ ନିଶ୍ଚିତ ବଡ଼ ପ୍ରତିଯୋଗିତାରେ ପ୍ରତିପକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିପାରିବେ ବୋଲି ଦୃଢ଼ତାର ସହ କହିଛନ୍ତି ଏହି ଓଡ଼ିଆ ଯୁବତୀ। ଜୁଜୁଟ୍‌ସୁ ନେୱାଜା ବିଭାଗରେ ମଧ୍ୟ ସେ ଭାଗନେଇ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ। ତେବେ ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଯୁବ ବୟସରେ ଏପରି ଏକ ବଡ଼ ସଫଳତା ତାଙ୍କୁ ବେଶ୍ ଉତ୍ସାହିତ କରିଛି। ବିଶ୍ୱ ସଂଘଦ୍ୱାରା ଅନୁପମାଙ୍କୁ ବିଶ୍ୱର ଜଣେ ଏଲାଇଟ ଖେଳାଳିଭାବେ ସ୍ୱୀକୃତି ମିଳିଥିବାରୁ ତାଙ୍କର ସମସ୍ତ ଖର୍ଚ୍ଚ ୱାର୍ଲ୍ଡ ମାର୍ଶାଲ ଆର୍ଟ ମାଷ୍ଟରଶିପ୍ ଆୟୋଜକ କମିଟି ବହନ କରିଥିଲା।

ଅନୁପମାଙ୍କୁ ଉତ୍କଳ କରାଟେ ସ୍କୁଲ ପରିସରରେ ବୁଧବାର ଓଡ଼ିଶା ଜୁଜୁଟ୍‌ସୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି।





ସମ୍ବର୍ଦ୍ଧିତ ହେବା ଅବସରରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଅନୁପମା ସ୍ୱାଇଁ।

### ଓଡ଼ିଶା ଜୁଜୁଟ୍‌ସୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା ଜୁଜୁଟ୍‌ସୁ ସଂଘ ସଭାପତି ଗୌରୀ ମହାନ୍ତି, ଉପସଭାପତି ଚିତ୍ତରଞ୍ଜନ ସ୍ୱାଇଁ, କୋଚ୍ ହରିପ୍ରସାଦ, ହିମାଂଶୁ ଶେଖର ଦାସ, ମୀର ଅଜମତ ଅଲୀ, ଅବିନାଶ ପୁନ୍ଦିର, ଯିଶୁ କର, ଜାନକୀ ବଲ୍ଲଭ ମିଶ୍ର, ଦେବାଶିଷ ଆଚାର୍ଯ୍ୟ, ଅନ୍ତର୍ଜାତୀୟ କରାଟେକା ଦିଲୀପ କୁମାର ଜେନା, ସୁସ୍ମିନି ପାଲଟାସିଂ, ସିନ୍ଧୁତନୟା ଖୁଣ୍ଟିଆ, ମଧୁପ୍ରିୟା, ଅନ୍ତର୍ଜାତୀୟ ଭାରୋତ୍ତୋଳନକାରୀ ଶୁଭସ୍ମିତା ମହାନ୍ତି ପ୍ରମୁଖ ଏହି ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ଜୁଜୁଟ୍‌ସୁ ବ୍ୟତୀତ ଏସୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଏବଂ କରାଟେରେ ରାଜ୍ୟଗୋଷ୍ଠୀ ପଦକ ମଧ୍ୟ ହାସଲ କରିଛନ୍ତି।

## ଚାଇନିଜ ତାଇପେ ଓପନ୍ ଦ୍ୱିତୀୟ ରାଉଣ୍ଡରେ ସୌରଭ

**ତାଇପେଇ, ୪।୯ (ପି.ଟି.):** ପୂର୍ବତନ ଚାମ୍ପିୟନ ସୌରଭ ବର୍ମା ବୁଧବାରଠାରୁ ଏଠାରେ ଆରମ୍ଭ ହୋଇଥିବା ୫ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଚାଇନିଜ ତାଇପେଇ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମୁକାବିଲାରେ ସୌରଭ ୨୨-୨୦, ୨୧-୧୩ ସିଧାସଳଖ ଗେମ୍‌ରେ ଜାପାନର କାଜୁମାସା ସାକାଇଙ୍କୁ ପରାସ୍ତ କରିଛନ୍ତି। ମ୍ୟାଚ୍ ଜିତିବାକୁ ସୌରଭଙ୍କୁ ମାତ୍ର ୩୮ ମିନିଟ୍ ସମୟ ଲାଗିଥିଲା। ପରବର୍ତ୍ତୀ ରାଉଣ୍ଡରେ ସୌରଭଙ୍କ ମୁକାବିଲା ଘରୋଇ ପ୍ରତିଯୋଗୀ ଚୋଉ ତିଏନ୍ ଚେନ୍‌ଙ୍କ ସହ ହେବ। ଗତ ମାସରେ ହାଇଦ୍ରାବାଦ ଓପନ୍ ଜିତିଥିବା ସୌରଭ ଏକମାତ୍ର ଭାରତୀୟ ପ୍ରତିଯୋଗୀ ଭାବେ ଏହି ଟୁର୍ନାମେଣ୍ଟରେ ତିଷ୍ଠି ରହିଛନ୍ତି। ମହିଳା ସିଙ୍ଗଲ୍ସରେ ରିୟା ମୁଖାର୍ଜୀ ଓ ମହିଳା ଡବଲ୍ସରେ ଅପର୍ଣ୍ଣା ବାଲାନ ଓ ପ୍ରଜକ୍ତା ସାୱନ୍ତ ସେମାନଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ହାରି ବିଦାୟ ନେଇସାରିଛନ୍ତି।



ମା' ମଧୁଙ୍କ ସହ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ୟୁଏସ୍ ଓପନ ମ୍ୟାଚ୍ ଉପଭୋଗ କରୁଛନ୍ତି।

## ଇଣ୍ଡିଆ ଗ୍ରୀନ୍‌ର ବ୍ୟାଟିଂ ବିପର୍ଯ୍ୟୟ

**ବେଙ୍ଗାଲୁରୁ, ୪।୯ (ପି.ଟି.):** ଘରୋଇ କ୍ରିକେଟ୍‌ର ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଦୁଲୀପ୍ ଟ୍ରଫିର ଫାଇନାଲ ମ୍ୟାଚ୍ ଇଣ୍ଡିଆ ଗ୍ରୀନ୍ ଓ ଇଣ୍ଡିଆ ରେଡ୍ ମଧ୍ୟରେ ବୁଧବାରଠାରୁ ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମଠାରେ ଆରମ୍ଭ ହୋଇଛି। ପିଙ୍କ୍ ବଲ୍‌ରେ ଖେଳାଯାଉଥିବା ଏହି ପାଞ୍ଚଦିବସୀୟ ମ୍ୟାଚ୍‌ରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ବର୍ଷା ବାଧାପ୍ରାପ୍ତ ଏହି ମ୍ୟାଚ୍‌ରେ ଇଣ୍ଡିଆ ଗ୍ରୀନ୍ ଷ୍ଟମ୍ପ ଅପସାରଣ ସୁଦ୍ଧା ୪୯ ଓଭରରେ ୮ ଉଇକେଟ୍ ହରାଇ ୧୪୭ ରନ୍ ସଂଗ୍ରହ କରିଛି। ମୟଙ୍କ ମାର୍କଣ୍ଡେ ୩୨ ଓ ତନବୀର ଉଲ୍ ହକ୍ ୮ ରନ୍ କରି କ୍ରିଜରେ ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଫୈଜ ଫଜଲ (୧୨), ଅକ୍ଷଥ ରେଡ୍ଡୀ (୧୬), ଧ୍ରୁବ ସୋରୀ (୨୩), ଆକାଶଦୀପ ନାଥ (୨୯) ପ୍ରମୁଖ ବ୍ୟାଟିଂରେ ବିଫଳ ହୋଇଛନ୍ତି। ଇଣ୍ଡିଆ ରେଡ୍ ପକ୍ଷରୁ ସଫଳ ବୋଲର ଭାବେ ବାମହାତୀ ଦ୍ରୁତ ବୋଲର ଜୟଦେବ ଉନାଦକଟ୍ ସର୍ବାଧିକ ୪ଟି ଉଇକେଟ୍ ନେଇଛନ୍ତି।



ଜୟଦେବ ଉନାଡକଟ୍

### ରାଜେଶ ମହାନ୍ତିଙ୍କ ଦୁଲୀପ୍ ଟ୍ରଫି ପଦାର୍ପଣ

ଇଣ୍ଡିଆ ଗ୍ରୀନ୍ ଦଳରେ ସ୍ଥାନ ପାଇଥିବା ଡାହାଣହାତୀ ଓଡ଼ିଆ ଦ୍ରୁତ ବୋଲର ରାଜେଶ ମହାନ୍ତି ଏହି ମ୍ୟାଚ୍ ଜରିଆରେ ଦୁଲୀପ୍ ଟ୍ରଫିରେ ପଦାର୍ପଣ କରିଛନ୍ତି। ଇଣ୍ଡିଆ ଗ୍ରୀନ୍ ଇନିଂସରେ ୯ମ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ରାଜେଶ ବ୍ୟାଟିଂରେ ସେତେଟା ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ୩ଟି ବଲ୍‌ର ସାମ୍ନା କରି ରାଜେଶ ଜୟଦେବ ଉନାଡକଟ୍‌ଙ୍କ ବଲରେ ଉଇକେଟ୍‌କିପର ଇଶାନ କିଶାନଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଥିପୂର୍ବରୁ ରାଉଣ୍ଡ-ରବିନ ପର୍ଯ୍ୟାୟରେ ରାଜେଶଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା। ରାଜେଶ ୧୯ ବର୍ଷରୁ କମ୍ ଏସିଆ କପ୍ ବିଜୟୀ ଭାରତୀୟ ଦଳର ସଦସ୍ୟ ମଧ୍ୟ ରହିଥିଲେ।

# ଆଜିଠାରୁ ଇଷ୍ଟ ଜୋନ୍ ସ୍ନୁକର

ଭୁବନେଶ୍ୱର, ୪।୯(ସ୍ପୋର୍ଟ୍ସ ବ୍ୟୁରୋ)

ଫାଲକନ ଚିଲିକା ଫ୍ରେଶ୍ ଆନୁକୂଲ୍ୟରେ ସ୍ଥାନୀୟ ପଟିଆ ସ୍ଥିତ ୬ ପକେଟ୍ସଠାରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଇଷ୍ଟ ଜୋନ୍ ସ୍ନୁକର ଚାମ୍ପିୟନଶିପ୍। ଏହି ପ୍ରତିଯୋଗିତା ୧୪ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ପଡୋଶୀ ରାଜ୍ୟ ପଶ୍ଚିମ ବଙ୍ଗ, ଝାଡଖଣ୍ଡ, ବିହାର, ଛତିଶଗଡ଼ରୁ ମୋଟ ୭୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଜାତୀୟସ୍ତରରେ ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ପାଇଁ ପ୍ରତିନିଧିତ୍ୱ କରୁଥିବା ଶାହାବାଜ ଆଦିଲ ଖାଁ ପ୍ରତିଯୋଗିତାର ଟପ୍ ସିଡ ମାନ୍ୟତା ପାଇଛନ୍ତି। ସେହିପରି ଜାତୀୟସ୍ତରରେ ରେଲୱେ ତରଫରୁ ପ୍ରତିନିଧିତ୍ୱ କରୁଥିବା ପଶ୍ଚିମ ବଙ୍ଗର ଅନ୍ୟତମ ଖେଳାଳି ନୀରଜ କୁମାର ଦ୍ୱିତୀୟ ସିଡ, ଓଡ଼ିଶାର ସୁବ୍ରତ ଦାସ ତୃତୀୟ, ଅନ୍ୟତମ ଓଡ଼ିଆ ଖେଳାଳି ତଥା ଗେଲ୍ ତରଫରୁ ପ୍ରତିନିଧିତ୍ୱ କରୁଥିବା ଆଶୁତୋଷ ପାଢ଼ୀ ଚତୁର୍ଥ ସିଡ, ପଶ୍ଚିମ ବଙ୍ଗର ୧ ନମ୍ବର ଖେଳାଳି ମନୀଷ ଜୈନ ପଞ୍ଚମ ଓ ଓଡ଼ିଶାର ଆକାଶ ମହାପାତ୍ର ଷଷ୍ଠ ସିଡ ମାନ୍ୟତା ପାଇଛନ୍ତି। ନକ୍‌ଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ସିଡେଡ ଖେଳାଳିମାନେ ସିଧାସଳଖ ପ୍ରି- କ୍ୱାର୍ଟର ଫାଇନାଲରୁ ଅଭିଯାନ ଆରମ୍ଭ କରିବେ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ୬ ପକେଟ୍ସର ପ୍ରତିଷ୍ଠାତା ତଥା ମାଲିକ ଜୀତେନ ଷଡଙ୍ଗୀ, ଟୁର୍ନାମେଣ୍ଟ କୋର୍ଡିନେଟର ତଥା ସିନିୟର ଖେଳାଳି ଗୋବିନ୍ଦ ଶର୍ମା, ଟୁର୍ନାମେଣ୍ଟ ଅନ୍ୟତମ ପ୍ରାୟୋଜକ ତଥା ବ୍ଲୁ ଟେକ୍ ପ୍ରଡକ୍ଟ ମାଲିକ ମିଶାଲ ସ୍ୱାଇଁ ସୂଚନା ଦେଇଥିଲେ। ଏହି ଟୁର୍ନାମେଣ୍ଟ ରାଜ୍ୟରେ ସ୍ନୁକରର ଲୋକପ୍ରିୟତା ବଢ଼ାଇବାରେ ସହାୟକ ହେବ ବୋଲି ଶର୍ମା କହିଥିଲେ।

ଟୁର୍ନାମେଣ୍ଟରେ ମୋଟ ବ୍ୟୟବରାଦ ଏକ ଲକ୍ଷ ଟଙ୍କା ରଖାଯାଇଛି। ଟ୍ରଫି ସହ ଚାମ୍ପିୟନ ଖେଳାଳିଙ୍କୁ ୨୦ ହଜାର ଟଙ୍କା, ରନରଅପ୍‌ଙ୍କୁ ଟ୍ରଫି ସହ ୧୦ ହଜାର ଟଙ୍କା, ସେମିଫାଇନାଲିଷ୍ଟଙ୍କୁ ୫ ହଜାର ଟଙ୍କା, କ୍ୱାର୍ଟର ଫାନାଲିଷ୍ଟଙ୍କୁ ୨୫୦୦ ଟଙ୍କା, ପ୍ରି- କ୍ୱାର୍ଟର ଫାଇନାଲିଷ୍ଟଙ୍କୁ ୧୨୫୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ୭୫ରୁ ଊର୍ଦ୍ଧ୍ୱ ଉଚ୍ଚତମ ବ୍ରେକ୍ ପାଇଁ ୫ ହଜାର ଟଙ୍କା ପୁରସ୍କାର ରଖାଯାଇଛି। ଏହାଛଡ଼ା ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ମଧ୍ୟ ରଖାଯାଇଛି।

୨୦୧୮ ମାର୍ଚ୍ଚ ୪ ତାରିଖରୁ ଜିତେନ ଷଡଙ୍ଗୀଙ୍କ ଦ୍ୱାରା ୬ ପକେଟ୍ସ ଆରମ୍ଭ ହୋଇଥିଲା। ରାଜ୍ୟରେ ସ୍ନୁକର ପ୍ରତିଭାଗୁଡିକର ବିକାଶ ପାଇଁ ଏହା କାର୍ଯ୍ୟ କରିଆସୁଛି ଓ ସୁବିଧାସୁଯୋଗ ପ୍ରଦାନ କରୁଛି। ପୁଣି ଓଡ଼ିଶାରେ ପ୍ରଥମଥର ପାଇଁ ଏହି ଚାମ୍ପିୟନଶିପ୍ ଆୟୋଜନ ହେବ। ତେବେ ଗତ ବର୍ଷ ସେପ୍ଟେମ୍ବରରେ ମଧ୍ୟ ୬ ପକେଟ୍ସ ଅଲ୍ ଓଡ଼ିଶା ୬ ରେଡ୍ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜନ କରିଥିଲା। ଚାମ୍ପିୟନଶିପ୍ ପାଇଁ ଏକାଧିକ ପ୍ରାୟୋଜକ ରହିଛନ୍ତି। ଫାଲକନ୍ ଚିଲିକା ଫ୍ରେସ ଟୁର୍ନାମେଣ୍ଟର ଟାଇଟଲ ପ୍ରାୟୋଜକ ରହିଛି। ସେହିପରି ଚାମ୍ପିୟନଶିପ୍‌ର ଅନ୍ୟତମ ପ୍ରାୟୋଜକମାନେ ହେଲେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସ୍ପେଶିଆଲ, ପିଜିଏଲ୍ ହୋଣ୍ଡା ଓ ଓଡିଟେକ୍ ପ୍ରପର୍ଟିଜ୍, ବ୍ଲୁଟେକ୍ ପ୍ରଡକ୍ଟସ୍ ଆଣ୍ଡ ବିହାନ ସୋଲାର। ପ୍ରତିଯୋଗିତାର ବେଭେରେଜ ପାର୍ଟନର ରହିଛି ଇହା, ଫୁଡ ପାର୍ଟନର ରହିଛି ଲିଙ୍ଗରାଜ ବିସ୍କୁଟ୍ସ ଓ ଭୁଖା, ଟ୍ରାଭେଲ ପାର୍ଟନର ଟ୍ରିପ୍ରୋସେସ, ରେଡିଓ ଓ ମିଡିଆ ପାର୍ଟରନର ରହିଛନ୍ତି ୯୩. ୫ ରେଡ୍ ଏଫ୍.ଏମ୍. ଓ ସିଟି ମିରର। ସେହିପରି ଚାମ୍ପିୟନଶିପ୍‌ର ହସ୍ପିଟାଲିଟି ପାର୍ଟନର ରହିଛି ପିପୁଲ ହୋଟେଲ ଆଣ୍ଡ ରିସର୍ଟ।





ଖବରଦାତା ସମ୍ମିଳନୀରେ ଟୁର୍ନାମେଣ୍ଟ ସଂଯୋଜକ ଗୋବିନ୍ଦ ଶର୍ମା, ୬ ପକେଟ୍ସର ପ୍ରତିଷ୍ଠାତା ତଥା ମାଲିକ ଜୀତେନ ଷଡଙ୍ଗୀ, ପ୍ରାୟୋଜକ ତଥା ବ୍ଲୁ ଟେକ୍ ପ୍ରଡକ୍ଟ ମାଲିକ ମିଶାଲ ସ୍ୱାଇଁ।

### ଭାଗନେବେ ୭୦ରୁ ଊର୍ଦ୍ଧ୍ୱ ଖେଳାଳି

## ବାଙ୍ଗରଙ୍କୁ ପ୍ରଶ୍ନ କରିପାରେ ବିସିସିଆଇ



**ନୂଆଦିଲ୍ଲୀ,୪।୯(ପି.ଟି.):** ବିଦା ହୋଇଥିବା ଭାରତୀୟ ବ୍ୟାଟିଂ କୋଚ ସଞ୍ଜୟ ବାଙ୍ଗର ଜାତୀୟ ଚୟନକର୍ତ୍ତା ଦେବାଙ୍ଗ ଗାନ୍ଧୀଙ୍କୁ ଅସଦାଚରଣ କରିଥିଲେ। ଏ ନେଇ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ କିମ୍ବା ମ୍ୟାନେଜର ସୁନୀଲ ସୁବ୍ରମନିୟମ ଅଫିସିଆଲ ରିପୋର୍ଟ କଲେ ବାଙ୍ଗରଙ୍କୁ ପ୍ରଶ୍ନ କରାଯିବ ବୋଲି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି। କିଛି ରିପୋର୍ଟ ଅନୁଯାୟୀ, ନିକଟରେ ଶେଷ ହୋଇଥିବା ୱେଷ୍ଟଇଣ୍ଡିଜ ଗସ୍ତରେ ଗାନ୍ଧୀ ନିଜ ହୋଟେଲ ରୁମ୍‌ରେ ଥିବାବେଳେ ବାଙ୍ଗର ଅସଦାଚରଣ କରିଥିଲେ। ଏଭଳି ସ୍ଥିତିରେ ଜଣକୁ ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ପଡ଼ିବ। ବାଙ୍ଗର ଚୟନକର୍ତ୍ତା ଗାନ୍ଧୀଙ୍କୁ ଅପମାନିତ କରିଥିବା ଅଭିଯୋଗ ହୋଇଛି। ସେ ଏ ନେଇ ଅଫିସିଆଲ ରିପୋର୍ଟ କରିବା ଦରକାର ବୋଲି ବିସିସିଆଇର ଜଣେ ସିନିୟର କର୍ମକର୍ତ୍ତା କହିଛନ୍ତି। ଜାତୀୟ ଚୟନ କମିଟି ସପୋର୍ଟ ଷ୍ଟାଫଙ୍କୁ ଚୟନ କରିଥିଲା। ସହାୟକ କୋଚ୍‌ଙ୍କ ମଧ୍ୟରେ କେବଳ ଗୋଟିଏ ପରିବର୍ତ୍ତନ ହୋଇଥିଲା। ବାଙ୍ଗରଙ୍କ ସ୍ଥାନରେ ବିକ୍ରମ ରାଠୋର ନୂଆ ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି। ମ୍ୟାନେଜର ସୁବ୍ରମନିୟମ ତାଙ୍କ ମାଣ୍ଡାଟୋରି ରିପୋର୍ଟରେ ଉକ୍ତ ଘଟଣା ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ପଡ଼ିବ। ବାଙ୍ଗରଙ୍କ ରିପୋର୍ଟିଂ ମୁଖ୍ୟ ଶାସ୍ତ୍ରୀଙ୍କୁ ମଧ୍ୟ ଲିଖିତ ଆକାରରେ ଉକ୍ତ ଘଟଣା ବ୍ୟାଖ୍ୟା କରିବାକୁ ପଡ଼ିବ। ଯଦି ଏହି ସମସ୍ତ ଆବଶ୍ୟକତା ପୂରଣ ନ ହୁଏ, ତେବେ ସିଓଏ ନିକଟକୁ ଏହି ଘଟଣା ପଠାଯିବ ନାହିଁ ବୋଲି ସେ କହିଛନ୍ତି।



> ଯୁଏସ୍ ଓପନ୍ କ୍ୱାର୍ଟର ଫାଇନାଲରେ ମୋ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରିଥିଲି। କିନ୍ତୁ ଏହା ଗ୍ରିଗର ଦିମିତ୍ରୋଭାଙ୍କ ଦିନ ଥିଲା। ତେଣୁ ଜିତି ପାରି ନ ଥିଲି।
>
> – ରୋଜର ଫେଡରର, କିମ୍ବଦନ୍ତୀ ଟେନିସ ଖେଳାଳି



> ବର୍ମିଂହାମରେ ହେବାକୁ ଥିବା ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶୁଟିଂକୁ ସାମିଲ କରିବା ପାଇଁ ବ୍ରିଟେନ କ୍ରୀଡ଼ାମନ୍ତ୍ରୀ ନିକ୍କି ମୋର୍ଗାନ ହସ୍ତକ୍ଷେପ କରନ୍ତୁ।
>
> –କିରନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ

# ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ନେଦରଲାଣ୍ଡସ

ନୂଆଦିଲ୍ଲୀ, ୪।୯(ପି.ଟି.)

ଏଫଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ଆସନ୍ତାବର୍ଷ ଜାନୁୟାରୀ୧୮ରେ ଏହାର ପ୍ରଥମ ମ୍ୟାଚ ଘରୋଇ ପରିବେଶରେ ଖେଳିବ। ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ହେବ ନେଦରଲାଣ୍ଡସ। ଏଫଆଇଏଚ୍ ପ୍ରୋ ଲିଗ୍ ସିଜନ–୨ ପାଇଁ ବୁଧବାର ଘୋଷିତ କାର୍ଯ୍ୟସୂଚୀ ଅନୁସାରେ ୧୯ ତାରିଖରେ ଭାରତ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ଭେଟିବ। ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରୁ ଭାରତ ଓହରି ଯାଇଥିଲା। ଏହାପରେ ଭାରତ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିୟନ ବେଲଜିୟମକୁ ଫେବୃୟାରୀ ୮ ଓ ୯ ତାରିଖରେ ଭେଟିବ। ପରବର୍ତ୍ତୀ ୨ଟି ମ୍ୟାଚ ଫେବୃୟାରୀ ୨୨ ଓ ୨୩ରେ ଅଷ୍ଟ୍ରେଲିଆ ବିପକ୍ଷରେ ସେହି ଘରୋଇ ପରିବେଶରେ ଖେଳିବ। ୬ଟି ମ୍ୟାଚ ଖେଳି ସାରିବାପରେ ଭାରତ ବାହାର ପରିବେଶରେ ମ୍ୟାଚ ଖେଳିବାକୁ ବାହାରିବ। ଦଳ ଏପ୍ରିଲ ୨୫ ଓ ୨୬ରେ ଜର୍ମାନୀ ଏବଂ ମେ ୨ ଓ ୩ରେ ଗ୍ରେଟ ବ୍ରିଟେନ ସହିତ ବାହାର ପରିବେଶରେ ଖେଳିବ। ଏହାପରେ ଦଳ ପୁଣି ଘରୋଇ ମାଟିରେ ନ୍ୟୁଜିଲାଣ୍ଡ ବିପକ୍ଷରେ ମେ ୨୩, ୨୪ରେ ମ୍ୟାଚ ଖେଳିବା ପରେ ଆର୍ଜେଣ୍ଟିନା ଯାଇ ଜୁନ ୫ ଓ ୬ରେ ୨ଟି ମ୍ୟାଚ ଖେଳିବ। ପ୍ରୋ–ଲିଗ୍‌ରେ ଭାରତ ଏହାର ଶେଷ ରାଉଣ୍ଡ ରବିନ ମ୍ୟାଚ ସ୍ପେନରେ ଜୁନ ୧୩ ଓ ୧୪ରେ ଖେଳିବ। ଭାରତ ଘରୋଇ ପରିବେଶରେ ମୋଟ ୮ଟି ଗେମ୍ ଖେଳିବ। ସେଥିରୁ ଜାନୁୟାରୀ–ଫେବୃୟାରୀରେ ୬ଟି ଏବଂ ମେ'ରେ ୨ଟି ମ୍ୟାଚ ହେବ।




ମନପ୍ରୀତ ସିଂ

### ମନପ୍ରୀତ୍ ବ୍ୟଗ୍ର

ଏଫଆଇଏଚ୍ ପ୍ରୋ ଲିଗ୍ ସିଜନ–୨ କାର୍ଯ୍ୟସୂଚୀ ଘୋଷଣା ହେବାପରେ ତାଙ୍କ ଦଳର ବ୍ୟଗ୍ରତା ପ୍ରକାଶ କରିଛନ୍ତି ଭାରତୀୟ ଦଳର ଅଧିନାୟକ ମନପ୍ରୀତ୍ ସିଂ। ''ଘରୋଇ ପରିବେଶରେ ଆସନ୍ତା ଜାନୁୟାରୀରେ ପ୍ରୋ ଲିଗ୍ ଆରମ୍ଭ କରିବାପାଇଁ ଆମେ ବ୍ୟଗ୍ର। ଏହି ଲିଗ୍‌ରେ ବିଶ୍ୱର ଟପ୍ ଟିମ୍‌ଗୁଡ଼ିକ ବିପକ୍ଷରେ ଖେଳିବାର ସୁଯୋଗ ମିଳିବ। ତେଣୁ ସମସ୍ତ ମ୍ୟାଚ ଚ୍ୟାଲେଞ୍ଜିଂ ହେବା ସମ୍ଭାବନା। ଏହା ଅଲିମ୍ପିକ୍ସ ବର୍ଷ ହୋଇଥିବାରୁ କ୍ରମାଗତଭାବେ ଟପ୍ ଟିମ୍‌ଗୁଡ଼ିକ ବିପକ୍ଷରେ ଖେଳିଲେ ଆମକୁ ନିଶ୍ଚିତ ଫାଇଦା ମିଳିବ। କୋର ଗ୍ରୁପରେ ସ୍ଥାନ ପାଇଥିବା ଖେଳାଳିମାନେ ଭଲଭାବେ ଅଭ୍ୟାସ କରିପାରିବେ। ଘରୋଇ ପରିବେଶରେ ଆମେ ନେଦରଲାଣ୍ଡସ, ବେଲଜିୟମ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବାକୁ ଥିବାରୁ ଭାରତୀୟ ଦର୍ଶକମାନେ ହକି ରୋମାଞ୍ଚ ଦେଖିବାକୁ ପାଇବେ। ଘରୋଇ ପରିବେଶରେ ଆମେ ଏହିସବୁ ଦଳଗୁଡ଼ିକ ବିପକ୍ଷରେ ଖେଳୁଥିବାବେଳେ ମ୍ୟାଚକୁ ବେଶ୍ ଉପଭୋଗ କରୁ'' ବୋଲି ମନପ୍ରୀତ କହିଛନ୍ତି। ଭାରତୀୟ କୋଚ୍ ଗ୍ରାହାମ ରିଡ୍ ମଧ୍ୟ ସମାନ ମତ ପୋଷଣ କରିଛନ୍ତି। ଭାରତ ନିୟମିତଭାବେ ବଡ଼ ଦଳଗୁଡ଼ିକ ବିପକ୍ଷରେ ଖେଳିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ''ଆମେ ଆସନ୍ତାବର୍ଷ ପ୍ରୋ ଲିଗ୍‌ରେ ଖେଳିବାକୁ ଅତ୍ୟନ୍ତ ଆଗ୍ରହର ସହିତ ଅପେକ୍ଷା କରିଛୁ। ଏହାଦ୍ୱାରା ଆମେ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ଖେଳିପାରିବୁ। ଫଳରେ ଆମର ଯୁବ ଖେଳାଳିମାନେ କେତେ ପାରଙ୍ଗମ ତାହା ଜଣାପଡ଼ିବ। ମୋଟାମୋଟି କହିବାକୁ ଗଲେ ଆମେ ଯଦି ନଭେମ୍ବରରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବୁ ତେବେ ଏହି ଲିଗ୍‌ରେ ସବୁଠାରୁ ଭଲ ମ୍ୟାଚ ଅଭ୍ୟାସ ମିଳିପାରିବ'' ବୋଲି ରିଡ୍ କହିଛନ୍ତି।

## ଲାବୁସ୍କାନ, ସ୍ମିଥ୍‌ଙ୍କ ଅର୍ଦ୍ଧଶତକ

**ଆଶେସ ଚତୁର୍ଥ ଟେଷ୍ଟ**

**ଓଲ୍ଡ ଟ୍ରାଫର୍ଡ, ୪।୯:** ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ ଷ୍ଟାଡିୟମରେ ଇଂଲଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟ ଚତୁର୍ଥ ଆଶେସ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ଆରମ୍ଭ ହୋଇଛି। ବର୍ଷା ବାଧାପ୍ରାପ୍ତ ପ୍ରଥମ ଦିବସରେ ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି। ରିପୋର୍ଟ ଲେଖାହେବା ବେଳକୁ ଅଷ୍ଟ୍ରେଲିଆ ୪୩ ଓଭରରେ ୩ ଉଇକେଟ ହରାଇ ୧୬୫ ରନ ସଂଗ୍ରହ କରିଛି। ଷ୍ଟିଭେନ୍ ସ୍ମିଥ୍ ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ଟ୍ରାଭିସ୍ ହେଡ ୧୪ ରନ କରି ବ୍ୟାଟିଂ ଜାରି ରଖିଛନ୍ତି। ତାରକା ଓପନର ଡେଭିଡ ୱାର୍ନର ଖାତା ଖୋଲିବା ପୂର୍ବରୁ ଷ୍ଟୁଆର୍ଟ ବ୍ରଡଙ୍କ ବଲ୍ ଉଇକେଟକିପର ଜନି ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅନ୍ୟତମ ଓପନର ମାର୍କସ ହାରିସ୍ ୧୩ ରନ କରିଥିବା ବେଳେ ଏଲ୍‌ବିଡବ୍ଲ୍ୟୁ ହୋଇ ବ୍ରଡଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ମାର୍ନସ ଲାବୁସ୍କାନ ୬୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି କ୍ରେଗ୍ ଓଭରଟନଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ବ୍ରଡ ୨ ଓ ଓଭରନଟନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଚଳିତ ଆଶେସ ୧–୧ ସମାନସ୍ତରରେ ରହିଛି।

## ଟାର୍ଗେଟ୍ ୧୯୩: ଭାରତ–ଏ ୫୬/୧

**ଥିରୁଭାନନ୍ତପୁରମ,୪।୯(ପି.ଟି.):** ସ୍ଥାନୀୟ ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମରେ ବୁଧବାର ଭାରତ ଏ' ଓ ଦକ୍ଷିଣ ଆଫ୍ରିକା ଏ' ମଧ୍ୟରେ ଖେଳା ଯାଇଥିବା ଚତୁର୍ଥ ଅନ୍ ଅଫିସିଆଲ ଦିନିକିଆ ମ୍ୟାଚ୍ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ଫଳରେ ଖେଳ ରିଜର୍ଭ ଡେ ଅର୍ଥାତ ଗୁରବାରକୁ ଘୁଞ୍ଚାଇ ଦିଆଯାଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୨୫ ଓଭରରେ ଗୋଟିଏ ଉଇକେଟ ହରାଇ ୧୩୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର ରେଜା ହେଣ୍ଡ୍ରିକ୍ସ ୬୦, ଉଇକେଟକିପର ବ୍ୟାଟ୍ସମ୍ୟାନ ହେନେରିଚ୍ କ୍ଲାସେନ ୨୧ ରନକରି ଅପରାଜିତ ରହିଥିଲେ। ଅନ୍ୟତମ ଓପନର ମାଥ୍ୟୁ ବ୍ରିଜକ ୨୫ ରନ କରି ରାହୁଲ ଚହରଙ୍କ ବଲ୍‌ରେ ତୁଷାର ଦେଶପାଣ୍ଡେଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଧିନାୟକ ଟେମ୍ବା ବଭୁମା ୨୮ ରନ କରି ରିଟାୟାର୍ଡ ହର୍ଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ୨୨ ଓଭରରେ ଗୋଟିଏ ଉଇକେଟ ହରାଇ ୧୨୨ ରନ କରିଥିବା ବେଳେ ବର୍ଷା ହୋଇଥିଲା। ଫଳରେ ମ୍ୟାଚ୍ ୨୫ ଓଭରକୁ କମାଇ ଦିଆଯାଇଥିଲା। ପୁଣି ଖେଳ ହେବା ପରେ ଦକ୍ଷିଣ ଆଫ୍ରିକା ଅଧିକ ୨୫ ରନ ସଂଗ୍ରହ କରିଥିଲା। ଫଳରେ ଭାରତ ପାଇଁ ୨୫ ଓଭରରେ ୧୯୩ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା।

ଜବାବରେ ବ୍ୟାଟିଂ ଆରମ୍ଭ କରି ଭାରତ ୭.୪ ଓଭରରେ ଗୋଟିଏ ଉଇକେଟ ହରାଇ ୫୬ ରନ କରିଥିବା ବେଳେ ପୁଣି ବର୍ଷା ହୋଇଥିଲା। ମ୍ୟାଚ୍ ଗୁରୁବାରକୁ ଘୁଞ୍ଚାଇ ଦିଆଯାଇଥିଲା। ଓପନର ଶିଖର ଧାୱନ ୨୧ ବଲରୁ ୬ ଚୌକା ସହ ୩୪ ଓ ପ୍ରଶାନ୍ତ ଚୋପ୍ରା ୬ ରନ କରି ଅପରାଜିତ ରହିଥିଲେ।

# ମିସ୍‌ବା ପାକିସ୍ତାନ ଦଳର ମୁଖ୍ୟ କୋଚ୍

**ଲାହୋର,୪।୯(ଏଏଫପି):** ପୂର୍ବତନ ଅଧିନାୟକ ମିସ୍‌ବା ଉଲ ହକ୍‌ଙ୍କୁ ପାକିସ୍ତାନ କ୍ରିକେଟ ଦଳର ମୁଖ୍ୟ କୋଚ୍ ଓ ମୁଖ୍ୟ ଚୟନକର୍ତ୍ତା ପଦରେ ନିଯୁକ୍ତ କରାଯାଇଛି। ପାକିସ୍ତାନ ୨୦୧୯ ଆଇସିସି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିପାରି ନ ଥିଲା। ଏଥିଯୋଗୁ କୋଚ୍ ମିକି ଆର୍ଥରଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ପିସିବି ମନା କରି ଦେଇଥିଲା। ବୋଲିଂ କୋଚ୍ ଆଝାର ମେହମୁଦ ଓ ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱରଙ୍କୁ ମଧ୍ୟ ବିଦା କରାଯାଇଥିଲା। ମିସ୍‌ବାଙ୍କୁ ଆଗାମୀ ତିନି ବର୍ଷ ପାଇଁ ସମସ୍ତ ଫର୍ମାଟର ଦାୟିତ୍ୱ ଦିଆଯାଇଛି। ମିସ୍‌ବା ଦେଶର ୩୦ତମ ମୁଖ୍ୟ କୋଚ୍। ହେଲେ ପୂର୍ବରୁ ମୁଖ୍ୟ କୋଚ୍‌ଙ୍କୁ କଦାପି ଚୟନ କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇ ନାହିଁ। ତେବେ ନ୍ୟୁଜିଲାଣ୍ଡରେ ଏହି ସିଷ୍ଟମ ପ୍ରଚଳିତ। ସେହିଭଳି ପୂର୍ବତନ ଅଧିନାୟକ ତଥା କିମ୍ବଦନ୍ତୀ ପେସର ୱାକର ୟୁନିସଙ୍କୁ ସମାନ ଅବଧି ପାଇଁ ପାକିସ୍ତାନ ବୋଲିଂ କୋଚ୍ ପଦ ଦିଆଯାଇଛି। ସେ ପୂର୍ବରୁ ଦୁଇ ଥର ଜାତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳି ସାରିଛନ୍ତି। ମିସ୍‌ବା ଓ ୟୁନିସ ଆଗାମୀ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ଓ ଦିନିକିଆ ସିରିଜ୍‌ରୁ ଅଭିଯାନ ଆରମ୍ଭ କରିବେ। ମିସ୍‌ବାଙ୍କ ନେତୃତ୍ୱରେ ଦଳ ୫୬ ଟେଷ୍ଟ ଖେଳି ୨୬ ବିଜୟ ସହ ୧୧ ମ୍ୟାଚ୍ ଡ୍ର' ରଖିଥିଲା। ସେ ୭୫ ଟେଷ୍ଟ, ୧୬୨ ଦିନିକିଆ ଓ ୩୯ ଟି୨୦ ଖେଳିଛନ୍ତି।



## ଟି୨୦ ସିରିଜ ଜିତିଲା ନ୍ୟୁଜିଲାଣ୍ଡ

**ପାଲିକେଲ, ୪।୯:** ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୨ଟି ବଲ୍ ଥାଇ ୪ ଉଇକେଟରେ ବିଜୟୀ ହୋଇଛି। ସ୍ଥାନୀୟ ପାଲିକେଲ ଅନ୍ତର୍ଜାତୀୟ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଏହି ମୁକାବିଲାରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୬୧ ରନ୍ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ୬ ଉଇକେଟ ହରାଇ ୧୬୫ ରନ କରି ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨–୦ରେ ଅଗ୍ରଣୀ ହେବା ସହ ନ୍ୟୁଜିଲାଣ୍ଡ ଆଗୁଆ ସିରିଜ ହାତେଇ ନେଇଛି। ୪ ଓଭର ବୋଲିଂ କରି ୧୮ ରନ ବ୍ୟୟ କରିବା ସହ ମୂଲ୍ୟବାନ ୨ ଉଇକେଟ ନେଇଥିବା ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ତଥା ଅଧିନାୟକ ଟିମ୍ ସୌଦି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

### ■ ଜାତୀୟ ଅନ୍‌ଇକ୍ୟୁପ୍‌ମେଣ୍ଟ ଶକ୍ତିଉତ୍ତୋଳନ

# ଓଡ଼ିଶା ଜୁନିୟର ଦଳ ଘୋଷିତ

ଭୁବନେଶ୍ୱର, ୪।୯(କ୍ରୀଡ଼ା ପ୍ରତିନିଧି)

ଚଳିତମାସ ୨୬ରୁ ୩୦ ପର୍ଯ୍ୟନ୍ତ କେରଳର ଇଦୁକିଠାରେ ଜାତୀୟ ସବ୍‌ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର୍ସ ଅନ୍‌ଇକ୍ୟୁପ୍‌ମେଣ୍ଟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଜୁନିୟର ଦଳପାଇଁ ଚୟନ ଶିବିର ଅନୁଷ୍ଠିତ ହୋଇ ଓଡ଼ିଶା ଦଳ ଘୋଷିତ ହୋଇଛି। ଜୁନିୟର ବାଳକ ବିଭାଗରେ ରଞ୍ଜନ ହାଁସଦା, ସୁଦାମ ସିଂ, ଦେବାଶିଷ ମହାନ୍ତି, ମହେନ୍ଦ୍ର କୁମାର ରାଉତ, ସମୀର ବିଶ୍ୱାଳ, ସୁଜିତ ପ୍ରତାପ ଚୌଧୁରୀ, ଆଶିଷ କୁମାର ବେଜ୍ ଏବଂ ବାଳିକା ବିଭାଗରେ ଭାରତୀ ପାତ୍ର, ପ୍ରଭାତି ସିଂ, ଦେବୀ ସିଂ, ପଦ୍ମାବତୀ ସିଂ, ମାମୁନି ପଲେଇ, ସୁଷମା ରାଏ, ଗାୟତ୍ରୀ ବେହେରା ଓ ପ୍ରିୟମ୍ବଦା ପରିଡ଼ା ମନୋନତୀ ହୋଇଥିବା ରାଜ୍ୟ ସଂଘ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁଙ୍କ ସୂତ୍ରରୁ ପ୍ରକାଶ। ମନୋନୟନ ପ୍ରକ୍ରିୟାକୁ ପ୍ରଦୀପ ପାତ୍ର, ଶକ୍ତିରଞ୍ଜନ ବାରିକ, ସତ୍ୟବ୍ରତ ବେହେରା, ରୁଦ୍ରନାରାୟଣ ସାହୁ, ବିଚିତ୍ର କୁମାର ନାୟକ, ସୂର୍ଯ୍ୟକାନ୍ତ ଦାସ ପରିଚାଳନା କରିଥିଲେ। ପୂର୍ବରୁ ଅନ୍ୟ ବିଭାଗଗୁଡ଼ିକ ପାଇଁ ଓଡ଼ିଶା ଦଳ ଘୋଷଣା ହୋଇଥିଲା।




ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଶକ୍ତିଉତ୍ତୋଳନ ଦଳ।

# ଲୋୟରପୁଲ୍‌କୁ ଖସିଲେ ରାଜ୍ୟର ଉଭୟ ଦଳ

**ଜାତୀୟ ସବଜୁନିୟର ବାସ୍କେଟବଲ**

କଟକ ଅଫିସ,୪।୯

କଟକରେ ଚାଲିଥିବା ୪୬ତମ ଜାତୀୟ ସବଜୁନିୟର ବାସ୍କେଟବଲ ଚାମ୍ପିୟନଶିପର ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଉଭୟ ଓଡ଼ିଶା ବାଳିକା ଓ ବାଳକ ଦଳ ବିଜୟୀ ହୋଇଛନ୍ତି। ଗ୍ରୁପ–ଡିରେ ସ୍ଥାନ ପାଇଥିବା ବାଳିକା ଦଳ ଗୋଆକୁ ୩୬–୨୩ ପଏଣ୍ଟରେ ହରାଇଛି। ଓଡ଼ିଶା ପକ୍ଷରୁ ପି.ଶବର ସର୍ବାଧିକ ୧୦ ପଏଣ୍ଟ ସ୍କୋର କରିଥିଲେ। ତେବେ ବାଳିକା ଦଳ ଉଦ୍‌ଘାଟନୀ ଦିବସରେ ମଧ୍ୟପ୍ରଦେଶ ଠାରୁ ୨୩–୩୨ ପଏଣ୍ଟରେ ହାରିଥିବାରୁ ଅପରପୁଲକୁ ଉନ୍ନୀତ ହେବାର ଆଶା ମଉଳିଛି। ଦଳ ଏବେ ଲୋୟରପୁଲରେ ମ୍ୟାଚ୍ ଖେଳିବ। ରାଜ୍ୟ ବାଳକ ଦଳ ବୁଧବାର ୫୦–୩୫ ପଏଣ୍ଟରେ କେରଳକୁ କରାସ୍ତ କରିଥିଲା। ୧୭–୨୪ ପଏଣ୍ଟରେ ଦଳ ପଛୁଆ ଥିବା ବେଳେ ଓଡ଼ିଶାର ଉପାସକ ମହାନ୍ତି ଓ ପ୍ରତ୍ୟୁଷ ଯଥାକ୍ରମେ ୧୨, ୧୧ ପଏଣ୍ଟ ଲେଖାଏ ସ୍କୋର ଦଳକୁ ବିଜୟ ଅଭିମୁଖେ ଅଗ୍ରସର କରାଇଥିଲେ। ରାଜ୍ୟ ବାଳକ ଦଳ ଗ୍ରୁପ–ଏଫରେ ରହିଛି। ଉଦ୍‌ଘାଟନୀ ଦିବସରେ ଦଳ ଚଣ୍ଡୀଗଡ଼ ଠାରୁ ୭୦–୫୬ ପଏଣ୍ଟରେ ପରାସ୍ତ ହୋଇଥିଲା। ତେଣୁ ରାଜ୍ୟ ବାଳକ ଦଳ ମଧ୍ୟ ଲୋୟରପୁଲରେ ମ୍ୟାଚ୍ ଖେଳିବ। ଗୁରୁବାର ପୁଡୁଚେରୀ ବିପକ୍ଷରେ ପରବର୍ତ୍ତୀ ମ୍ୟାଚ୍ ଖେଳିବ ଓଡ଼ିଶା।

ବାଳକ ବର୍ଗର ଅନ୍ୟମ୍ୟାଚ୍ ଗୁଡ଼ିକରେ ଝାଡ଼ଖଣ୍ଡ ୩୨–୨୮ ପଏଣ୍ଟରେ ହିମାଚଳପ୍ରଦେଶକୁ, ହରିୟାଣା ୭୩–୫୬ ପଏଣ୍ଟରେ ଛତିଶଗଡ଼କୁ, ତାମିଲନାଡୁ ୭୭–୪୩ ପଏଣ୍ଟରେ କର୍ଣାଟକକୁ, ମଧ୍ୟପ୍ରଦେଶ ୭୪–୧୫ ପଏଣ୍ଟରେ ଝାଡ଼ଖଣ୍ଡକୁ, ପଶ୍ଚିମବଙ୍ଗ ୫୩–୨୦ ପଏଣ୍ଟରେ ହିମାଚଳପ୍ରଦେଶକୁ, ଗୁଜୁରାଟ ୫୧–୧୪ ପଏଣ୍ଟରେ ଉତ୍ତରାଖଣ୍ଡକୁ ପରାସ୍ତ କରିଛି। ବାଳିକା ବର୍ଗରେ ଅନୁଷ୍ଠିତ ମ୍ୟାଚ୍‌ରେ ପଶ୍ଚିମବଙ୍ଗ ୪୦–୨୬ ପଏଣ୍ଟରେ ହିମାଚଳପ୍ରଦେଶକୁ, ପୁଡୁଚେରୀ ୩୧–୧୦ ପଏଣ୍ଟରେ ବିହାରକୁ, କେରଳ ୪୩–୧୭ ପଏଣ୍ଟରେ ହରିୟାଣାକୁ, ଝାଡ଼ଖଣ୍ଡ ୨୭–୧୩ ପଏଣ୍ଟରେ ମଣିପୁରକୁ, ହିମାଚଳପ୍ରଦେଶ ୩୫–୨୫ ପଏଣ୍ଟରେ ପୁଡୁଚେରୀକୁ, ମହାରାଷ୍ଟ୍ର ୫୬–୩୦ ପଏଣ୍ଟରେ ପଞ୍ଜାବକୁ, ତାମିଲନାଡୁ ୫୦–୩୧ ପଏଣ୍ଟରେ ଉତ୍ତରପ୍ରଦେଶକୁ, ତେଲେଙ୍ଗାନା ୫୬–୪୧ ପଏଣ୍ଟରେ ଚଣ୍ଡୀଗଡ଼କୁ, ଦିଲ୍ଲୀ ୫୮–୩୬ ପଏଣ୍ଟରେ ରାଜସ୍ଥାନକୁ ହରାଇଥିଲା। ଓଡ଼ିଶା ବାସ୍କେଟବଲ ଆସୋସିଏଶନ(ଓବିଏ) ଓ ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଓ ବାରବାଟୀ ଷ୍ଟାଡିୟମସ୍ଥିତ ବାସ୍କେଟବଲ ଇନଡୋର କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତାର ମ୍ୟାଚ ଖେଳାଯାଉଛି।




ଛତିଶଗଡ଼ ଓ ଉତ୍ତର ପ୍ରଦେଶ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ବିନା ଲଢ଼େଇରେ ୱେଷ୍ଟଇଣ୍ଡିଜର ଆତ୍ମ ସମର୍ପଣ

ସୌରଭ ଗାଙ୍ଗୁଲି

ଭାରତର ୱେଷ୍ଟଇଣ୍ଡିଜ୍ ଗସ୍ତ ସଫଳ ହୋଇଛି। ଟି୨୦ ପରେ ଦିନିକିଆ ଓ ଶେଷରେ ଟେଷ୍ଟ ସିରିଜରେ ଭାରତ ବାଜି ମାରିଛି। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ କ୍ଲିନ୍ ସୁଇପ୍ କରିଛି। ବିନା ଲଢ଼େଇରେ ୱେଷ୍ଟଇଣ୍ଡିଜ ଆତ୍ମ ସମର୍ପଣ କରିଛି। ଏବେ ୱେଷ୍ଟଇଣ୍ଡିଜ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଆତ୍ମ ଚିନ୍ତନର ବେଳ ଆସି ପହଞ୍ଚିଛି। ୱେଷ୍ଟଇଣ୍ଡିଜ୍‌ରେ ପ୍ରତିଭା ରହିଛି। ତେବେ ଏହାକୁ କାମରେ ଲଗାଇବାରେ ଖେଳାଳିମାନେ ବିଫଳ ହୋଇଛନ୍ତି। ପ୍ରତ୍ୟେକ ଫର୍ମାଟରେ ଖେଳାଳିମାନେ ବିଫଳ ହୋଇଛନ୍ତି। ଏବେଠାରୁ ୱେଷ୍ଟଇଣ୍ଡିଜ ତ୍ରୁଟି ସୁଧାରିବାର ଆବଶ୍ୟକତା ରହିଛି। ଏହା ଉପରେ ହିଁ ୱେଷ୍ଟଇଣ୍ଡିଜ କ୍ରିକେଟର ଭବିଷ୍ୟତ ନିର୍ଭର କରୁଛି।

ବିଶ୍ୱକପ୍ ବିପର୍ଯ୍ୟୟ ପରେ ୱେଷ୍ଟଇଣ୍ଡିଜ ଗସ୍ତରେ ଭାରତ କେତୋଟି ବିଭାଗରେ ସଫଳ ପ୍ରଦର୍ଶନ କରିଛି। ଏହା ପଛରେ କେତେଜଣ କ୍ରିକେଟରଙ୍କ ଭୂମିକା ରହିଛି। ତେବେ ଭିନ୍ନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଭାରତ ପାଇଁ କେତୋଟି ସମସ୍ୟା ମଧ୍ୟ ରହିଛି। ଓପନିଂରେ ଥିବା ସମସ୍ୟାକୁ ଭାରତ ଦୂର କରିପାରି ନାହିଁ। ମୟଙ୍କ ଅଗ୍ରୱାଲ ଭଲ ଖେଳୁଥିଲେ ମଧ୍ୟ ତାଙ୍କୁ ଆଉ କେତୋଟି ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ଓପନର ହିସାବରେ ଲୋକେଶ ରାହୁଲ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି।

ରୋହିତ ଶର୍ମାଙ୍କୁ ପୂର୍ବରୁ ଓପନିଂ କରିବାର ସୁଯୋଗ ଦିଆଯିବା ଉପରେ ମୁଁ ଆଲୋକପାତ କରିଥିଲି। ତାଙ୍କୁ ଏଥିପାଇଁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବାର ଆବଶ୍ୟକତା ରହିଛି। ରୋହିତ ଜଣେ ଉଚ୍ଚକୋଟୀର କ୍ରିକେଟର। ବିଶ୍ୱକପ୍‌ରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଟେଷ୍ଟ ଫର୍ମାଟ୍‌ରେ ମଧ୍ୟ ସେ ସଫଳ ହେବେ ବୋଲି ମନେକରେ। ଅଜିଙ୍କ୍ୟ ରାହାନେ ଓ ହନୁମା ବିହାରି ଏହି ସିରିଜ୍‌ରେ ଭଲ ପ୍ରଦର୍ଶନ କରି ମିଡଲ ଅର୍ଡରରେ ସ୍ଥାନ ପକ୍କା କରିଛନ୍ତି। ତେଣୁ ମିଡଲ ଅର୍ଡରରେ ଅଦଳବଦଳ କରିବାର ଆବଶ୍ୟକତା ନାହିଁ।

ଦ୍ରୁତ ବୋଲିଂରେ ଯଶପ୍ରୀତ ବୁମ୍‌ରାଙ୍କ ଅଭ୍ୟୁଦୟ ହୋଇଛି ଓ ସେ ଏହି ସିରିଜରେ ଭାରତ ପାଇଁ ଏକ ବଡ଼ ଆବିଷ୍କାର ସାବ୍ୟସ୍ତ ହୋଇଛନ୍ତି। ଦିନକୁ ଦିନ ବୁମ୍‌ରା ଉନ୍ନତି କରିବାରେ ଲାଗିଛନ୍ତି। ଆଗାମୀ ଦିନରେ ସେ ବିଶ୍ୱ କ୍ରିକେଟରେ ପ୍ରଭାବ ବିସ୍ତାର କରିବେ। କେବଳ ଗତି ନୁହେଁ, ଲାଇନ୍ ଲେନ୍ଥ ଓ ବିବିଧତାରେ ତାଙ୍କର ଉତ୍କୃଷ୍ଟତା ପ୍ରଶଂସନୀୟ ବୋଲି କୁହାଯାଇପାରେ। ସବୁ ଫର୍ମାଟରେ ସେ ବ୍ୟାଟ୍ସମ୍ୟାନଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛନ୍ତି। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ସତର୍କତାର ସହ ହ୍ୟାଣ୍ଡଲ କରିବାର ଆବଶ୍ୟକତା ରହିଛି। ନହେଲ ଇଞ୍ଜୁରି ସମସ୍ୟାରେ ସେ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି। ଦ୍ରୁତ ବୋଲିଂରେ ଉମେଶ ଓ ସାମି ସେମାନଙ୍କ ଦାୟିତ୍ୱ ସୁଚାରୁରୂପେ ତୁଲାଇଛନ୍ତି। ଭୁବନେଶ୍ୱର କୁମାର, ଉମେଶ ଯାଦବ ଓ ନବଦୀପ ସଇନି ସୁଯୋଗ ଆପେକ୍ଷାରେ ରହିଛନ୍ତି। ଭାରତୀୟ ଦ୍ରୁତ ବୋଲିଂ ବିଭାଗ ଏବେ ବୋଲରଙ୍କ କାର୍ଯ୍ୟଭାରରେ ସନ୍ତୁଳନ ରଖିବାରେ ସଫଳ ହୋଇଛନ୍ତି। ଅବଶ୍ୟ ଏହି ପ୍ରକ୍ରିୟାରେ ଦଳର ପ୍ରଦର୍ଶନ ଆଦୌ ପ୍ରଭାବିତ ହୋଇନାହିଁ। ଏବେକାର ଦ୍ରୁତ ବୋଲରମାନଙ୍କ ପ୍ରଦର୍ଶନ ପ୍ରଭାବିତ ହେଇ ଭାରତ ଘରୋଇ ପରିବେଶରେ ବାଉନ୍ସ ପିଚ୍ ପ୍ରସ୍ତୁତ୍ କରିବାକୁ ପଛାଇବ ନାହିଁ ବୋଲି ଭାବୁଛି।

ସ୍ପିନ୍ ବିଭାଗରେ ରବିଚନ୍ଦ୍ରନ ଅଶ୍ୱିନ୍, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ଟେଷ୍ଟ ଫର୍ମାଟରେ ଭଲ ପ୍ରଦର୍ଶନ କରିବା ଅପେକ୍ଷାରେ ରହିଛନ୍ତି। ଅଧିନାୟକ ବିରାଟ କୋହଲି ମଧ୍ୟ ଠିକ୍ ସମୟରେ ଉପଯୁକ୍ତ ଖେଳାଳିଙ୍କୁ ସୁଯୋଗ ଦେବେ ବୋଲି ଆଶା କରାଯାଉଛି।

–(ଗେମ୍ ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୫/୨୦୧୯ Bhubaneswar, Thursday, September 5/2019

## ସଂକ୍ଷେପରେ

### ସାରଳା ମନ୍ଦିର ଦୀପ ଦୋକାନୀ ଦେଲେ ୭ ଲକ୍ଷ

**ଜଗତ୍‌ସିଂହପୁର ଅଫିସ,୪।୯:** ପ୍ରସିଦ୍ଧ ମା' ସାରଳା ମନ୍ଦିର ପରିସରରେ ଥିବା ଭୋଗ ଓ ଦୀପ ଦୋକାନୀ ରାଜସ୍ୱ ଦେବାରେ ଘୋର ବିଳମ୍ବ କରୁଛନ୍ତି। ଏନେଇ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ସଂଗ୍ରାମ କେଶରୀ ମହାପାତ୍ର ପ୍ରସଙ୍ଗକୁ ଗୁରୁତର ସହ ନେଇଛନ୍ତି। ଯଥାଶୀଘ୍ର ବକେୟା କିସ୍ତି ଜମା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବୁଧବାର ଜିଲାପାଳ ସାରଳା ମନ୍ଦିର ଗସ୍ତ କରିବାର କାର୍ଯ୍ୟକ୍ରମ ପୂର୍ବରୁ ଦୀପ ଦୋକାନୀ ପାଖାପାଖି ୭.୫୦ ଲକ୍ଷ ଟଙ୍କା ଜମା କରି ଦେଇଥିବା ଜଣାପଡିଛି। କିନ୍ତୁ ଭୋଗ ଦୋକାନୀ କିସ୍ତି ଟଙ୍କା ନ ଦେବା ପ୍ରସଙ୍ଗକୁ ନେଇ ଆଲୋଚନା ଜୋର ଧରିଛି।

### କୁମାର ଉତ୍ସବ ପ୍ରସ୍ତୁତି ବୈଠକ

**ତିର୍ତ୍ତୋଲ,୪।୯(ଡି.ଏନ.ଏ.):** ତିର୍ତ୍ତୋଲ ଅଞ୍ଚଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କୁମାର ଉତ୍ସବ ସମିତି ତରଫରୁ ୪୫ତମ କୁମାର ଉତ୍ସବ ପାଳନ କରାଯିବ। ଏନେଇ ଏକ ପ୍ରସ୍ତୁତି ବୈଠକ ଜୟପ୍ରକାଶ ମଇଦାନସ୍ଥିତ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ସଭାପତି ବିଭୂତି ଭୂଷଣ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଅକ୍ଟୋବର ୧୨ ଓ ୧୩ ତାରିଖ ଦୁଇଦିନ ଧରି ଏହି ଉତ୍ସବ ପାଳନ ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ଏହି ଅବସରରେ ସମିତିର କଳାକାରଙ୍କ ଦ୍ୱାରା ପ୍ରତ୍ୟକ ସନ୍ଧ୍ୟାରେ ନୃତ୍ୟ, ଗୀତ ଏବଂ ଗିତିନାଟ୍ୟ ମଞ୍ଚସ୍ଥ କରାଯିବ। ଏଥିସହ ଚଳିତ ବର୍ଷ ନିମନ୍ତେ କୁମାର ଉତ୍ସବ ସମିତି ସମ୍ମାନ-୨୦୧୯ ଏବଂ ମାତେଶ୍ୱରୀ ସମ୍ମାନ ପ୍ରଦାନ କରାଯିବ। ଏଥିରେ ମନ୍ତ୍ରୀ, ବିଧାୟକ, ନାଟ୍ୟକାର, ସାହିତ୍ୟିକ, ସିନେ ଅଭିନେତା, ଶିଳ୍ପି ଏବଂ ସ୍ଥପତିମାନଙ୍କୁ ନିମନ୍ତ୍ରିତ କରାଯିବାର ପ୍ରସ୍ତାବ ଗୃହୀତ ହୋଇଥିବା ସମିତି ସମ୍ପାଦକ ସୁବାସ ମହାପାତ୍ର ସୂଚନା ଦେଇଛନ୍ତି।

### ଗ୍ୟାସ୍ ଟାଙ୍କି ଫାଟି ମହିଳା ଗୁରୁତର

**ରାଜନଗର,୪।୯(ଡି.ଏନ.ଏ.):** ଗ୍ୟାସ୍ ଟାଙ୍କି ବିସ୍ଫୋରଣରେ କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ଚକଡାଗୋଗୁଆ ଗାଁର ଶାନ୍ତିଲତା ଜେନା (୩୨) ଗୁରୁତର ଆହତ ହୋଇଛନ୍ତି । ଶାନ୍ତିଲତା ଅପରାହ୍ନ ପ୍ରାୟ ୫ଟା ସମୟରେ ଗ୍ୟାସ୍‌ରେ ରୋଷେଇ କରୁଥିବା ବେଳେ ଗ୍ୟାସ୍‌ଟାଙ୍କି ଫାଟିଥିଲା। ଏହି ବିସ୍ଫୋରଣରେ ତାଙ୍କ ଶରୀରର ୯୦ଭାଗ ପୋଡିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଗାନ୍ଧିଜୀ ବିଦ୍ୟାପୀଠରେ ମଧ୍ୟାହ୍ନଭୋଜନ ବନ୍ଦ

**ମହାକାଳପଡ଼ା, ୪।୯ (ଡି.ଏନ୍.ଏ.):** ମହାକାଳପଡ଼ା ବ୍ଲକ ମଙ୍ଗଳପୁର ପଞ୍ଚାୟତ ଗୋଜାବନ୍ଧସ୍ଥିତ ଜାନ୍ଧିଜୀ ବିଦ୍ୟାପୀଠରେ ବୁଧବାର ମଧ୍ୟାହ୍ନଭୋଜନ ରନ୍ଧା ଯାଇ ନଥିବା ଜଣାପଡ଼ିଛି। ଫଳରେ ଉକ୍ତ ସ୍କୁଲରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ପାଠ ପଢୁଥିବା ୨୩୦ ପିଲା ମଧ୍ୟାହ୍ନଭୋଜନରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କୁ ପଚାରିବାରେ ମଧ୍ୟାହ୍ନଭୋଜନ ଦାୟିତ୍ୱ ସ୍ଥାନୀୟ ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଛି। ମାତ୍ର ଉକ୍ତ ଗୋଷ୍ଠୀର କେହି ସଦସ୍ୟା ନ ଆସିବାରୁ ବୁଧବାର ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଇ ନ ଥିଲା ବୋଲି କହିଛନ୍ତି। ଏହି ଘଟଣାର ତଦନ୍ତ କରାଯିବ ବୋଲି ବିଇଓ ଅଜୟ କୁମାର ପରିଡ଼ାଙ୍କୁ କହିଛନ୍ତି।

### ଅବକାରୀ ଚଢ଼ାଉ: ଜଣେ ଗିରଫ

**ବାଲିକୁଦା, ୪।୯(ସ୍ୱ.ପ୍ର):** ବାଲିକୁଦା ଅବକାରୀ ବିଭାଗ ପକ୍ଷରୁ ବୁଧବାର ଏରସମା ବ୍ଲକ ଜପା ପଞ୍ଚାୟତର ବର୍ତ୍ତୋଳ ଗାଁରେ ଚଢ଼ାଉ କରାଯାଇଛି। ଚୋରା ମଦ ବିକ୍ରି ଅଭିଯୋଗରେ ଗ୍ରାମର ସୁଦର୍ଶନ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ବାଲିକୁଦା ଅବକାରୀ ଏସ୍‌ଆଇ କୁଳମଣି ନାୟକ, ଏଏସଆଇ କୈଳାସ ଦାସ, କନଷ୍ଟେବଲ ଚିତ୍ତରଞ୍ଜନ ଦାସ ଓ ହିମାଂଶୁ ନାୟକ ସାମିଲ ହୋଇଥିଲେ ।

---

■ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲର ୭ମାସ ପରେ କଟିଯାଇଥିଲା ନା

# ୩ ବର୍ଷ ପରେ ମହିଳାଙ୍କୁ ମିଳିବ ଏକକାଳୀନ ଚାଉଳ

■ତ୍ରୁଟି କରିଥିବା କର୍ମଚାରୀଙ୍କୁ ମାଫ ପାଇଁ ଉଦ୍ୟମ

■ତଥାପି ସନ୍ତୁଷ୍ଟ ନୁହନ୍ତି ମମତା

**ଜଗତ୍‌ସିଂହପୁର ଅଫିସ, ୪।୯**

କୌଣସି ବ୍ୟକ୍ତି ଯେପରି ଖାଦ୍ୟ ବିନା ମୃତ୍ୟୁ ମୁଖରେ ନ ପଡନ୍ତି ସେନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏହି ଅନୁଯାୟୀ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ କାର୍ଯ୍ୟକାରୀ ହେଉଛି। ତେବେ କେତେକ କ୍ଷେତ୍ରରେ ଆଇନକୁ ବାଟବଣା କରାଯାଉଥିବ ଅଭିଯୋଗ ହେଉଛି। ଯେଉଁଥିପାଇଁ ଅନେକ ଗରିବ ହିତାଧିକରୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାର ଜ୍ୱଳନ୍ତ ପ୍ରମାଣ ଦେଖିବାକୁ ମିଳିଛି ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆର ପ୍ରମୋଦ ସ୍ୱାଇଁଙ୍କ ସ୍ତ୍ରୀ ମମତାଙ୍କ କ୍ଷେତ୍ରରେ। ମମତାଙ୍କ ନାମରେ ରାଶନ କାର୍ଡ ଥିବା ବେଳେ ତାଙ୍କ ସ୍ୱାମୀ ପ୍ରମୋଦ ୧୫।୭।୧୬ ପର୍ଯ୍ୟନ୍ତ ଢିଙ୍କିଆ ଡିଲର ପଏଣ୍ଟରୁ ଚାଉଳ ଉଠାଉଥିଲେ। ପରେ ନାଁ କଟି ଯାଇଥିବା ଦର୍ଶାଯାଇ ଡିଲର ଆଉ ତାଙ୍କୁ ଚାଉଳ ଦେଇ ନ ଥିଲେ। କାହିଁକି ଦିଆଯିବ ନାହିଁ ବୋଲି ପ୍ରଶ୍ନ କରିବାରୁ ଡିଲର ତାଙ୍କୁ ଦୁର୍ବ୍ୟବହାର କରିଥିଲେ। କିଛି ଦିନ ପୂର୍ବରୁ ଏରସମା ବିଡିଓଙ୍କ ନିକଟରେ ପ୍ରମୋଦ ଏଭଳି ଅଭିଯୋଗ କଲାପରେ ତଦନ୍ତ ହୋଇଥିଲା ଏବଂ ସତ ପଦାକୁ ଆସିଛି। ତଦନ୍ତ କରିଥିବା ଏରସମା ବ୍ଲକ ଆକାଉଣ୍ଟସ୍ ଅଧିକାରୀ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ମମତାଙ୍କୁ ଅନ୍ୟାୟ ଭାବେ ୩ ବର୍ଷ କାଳ ରାଶନ ଚାଉଳ ଦିଆଯାଇ ନାହିଁ। ଭୁଲ ଆଧାର ସଂଖ୍ୟା ସଂଯୋଗ ଯୋଗୁ ଏଭଳି ହୋଇଛି। ତେଣୁ ଯିଏ ତ୍ରୁଟି କରିଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଯଦ୍ୱାରା ଆଗକୁ ଏଭଳି ତ୍ରୁଟି ହେବନାହିଁ। ଏହି ରିପୋର୍ଟ ପାଇଲା ପରେ ମମତାଙ୍କୁ ତୁରନ୍ତ ୩ ବର୍ଷର ଚାଉଳ ଦେବା ପାଇଁ ବିଡିଓ ବ୍ଲକ ଏମ୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ତ୍ରୁଟି କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଏସମ୍ପର୍କରେ ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ଭୁଲ ସଂଶୋଧନ ହୋଇଯାଇଛି। ଏଣିକି ମମତାଙ୍କୁ ଗତ ୩ ବର୍ଷର ଚାଉଳ ଏକକାଳୀନ ଦିଆଯିବ। ଏଥିସହ ନିୟମିତ ଭାବେ ସେ ରାଶନ ଚାଉଳ ଉଠାଇ ପାରିବେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମୁହଁ ଖୋଲି ନ ଥିଲେ। କହିଥିଲେ, ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀଙ୍କୁ ଅବଗତ କରି ଦିଆଯାଇଛି। ଜିଲା ଯୋଗାଣ ଅଧିକାରୀ ଏହା ଉପରେ ଯାହା କିଛି ନିଷ୍ପତ୍ତି ନେଇପାରିବେ। ଏଥିରେ କିନ୍ତୁ ପ୍ରମୋଦ ସନ୍ତୁଷ୍ଟ ନୁହନ୍ତି । ସେ କହିଛନ୍ତି, ଡିଲର ତାଙ୍କୁ ଦୁର୍ବ୍ୟବହାର କରିଥିଲେ। କିଛି ଦିନ ପୂର୍ବରୁ ତାଙ୍କ ନାଁରେ ଚାଉଳ ଉଠୁଥିବା ଜାଣିପାରିଥିଲେ। ଏହାପରେ ଅଭିଯୋଗ କଲାପରେ ଏବେ ଚାଉଳ ମିଳିବ ବୋଲି କୁହାଯାଉଛି। କିନ୍ତୁ ଯିଏ ଜାଣିଶୁଣି ତାଙ୍କ ଦାନାପାଣି ଉପରେ କୁଠାରାଘାତ କରିଛନ୍ତି ସେ ଦଣ୍ଡିତ ହେବା ଦରକାର ବୋଲି କ୍ଷୋଭର ସହ କହିଛନ୍ତି।

ମମତାଙ୍କ ପରିବାରର ୩ ଜଣ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଅନ୍ତର୍ଭୁକ୍ତ ହୋଇଥିଲେ। ସେମାନଙ୍କୁ ମାସିକ ୧୫ କେଜି (କିଲୋଗ୍ରାମ) ହିସାବରେ ୭ ମାସ ପର୍ଯ୍ୟନ୍ତ ଚାଉଳ ଦିଆଯାଉଥିଲା। ପରେ ହଠାତ୍ ଦିଆଗଲାନାହିଁ। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ନାଁକୁ ଅନ୍ତୋଦ୍ୟ ଯୋଜନାରେ ସାମିଲ କରାଯାଇ ମାସିକ ୩୫ କେଜି ହିସାବରେ ଚାଉଳ ଉଠାଯାଉଥିଲା। କମ୍ପ୍ୟୁଟର ସହାୟତାରେ ମମତାଙ୍କ ସ୍ୱାମୀ ପ୍ରମୋଦ ଏହା ଜାଣିବା ପରେ ବିସ୍ମିତ ହେବା ସହ ତାଙ୍କ ପ୍ରତି କାହିଁକି ଏଭଳି ଅନ୍ୟାୟ କରାଗଲା ବୋଲି ଡିଲରଙ୍କୁ ପଚାରିଥିଲେ। କିନ୍ତୁ ତାଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା। ଏହାପରେ ସେ ଢିଙ୍କିଆ ସମିତିସଭ୍ୟ ଦେବେନ୍ଦ୍ର ସ୍ୱାଇଁଙ୍କୁ ଲିଖିତ ଭାବେ ଜଣାଇବା ସହ ଏରସମା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶରେ ବ୍ଲକ ଆକାଉଣ୍ଟସ୍ ଅଧିକାରୀ ବିଭୂଦତ୍ତ ମିଶ୍ର ତଦନ୍ତ କରିଥିଲେ। ତଦନ୍ତରୁ ଜଣାପଡିଥିଲା ଯେ, ୨୦।୭।୧୯ରେ ସମିତିସଭ୍ୟ ସ୍ୱାଇଁଙ୍କ ଅଭିଯୋଗ ଉପରେ ତଦନ୍ତ କରିଥିଲେ। ୨୪।୭।୧୯ରେ ସ୍ୱାଇଁଙ୍କ ସହ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ଜଣାଯାଇଥିଲା ଢିଙ୍କିଆ ପଞ୍ଚାୟତରେ ୨ ଜଣ ମମତା ସ୍ୱାଇଁ ଅଛନ୍ତି। ଜଣେ ଢିଙ୍କିଆର ହୋଇଥିବା ବେଳେ ଅନ୍ୟଜଣକ ତ୍ରିଲୋଚନପୁରର ମୃତ ମାଥୁରୀଙ୍କ ସ୍ତ୍ରୀ। ଢିଙ୍କିଆ ମମତା ଓ ତାଙ୍କ ସ୍ୱାମୀ ପ୍ରମୋଦଙ୍କ ଆଧାର ସଂଖ୍ୟା ହେଉଛି ୬୭୯୮୩୨୩୬୬୬୯୧ ଓ ୬୫୭୬୬୪୬୫୧୦୫୩। ତ୍ରିଲୋଚନପୁର ମମତାଙ୍କ ଆଧାର ସଂଖ୍ୟା ୮୭୯୪୬୯୭୪୮୧୬୫। ପୂର୍ବରୁ ତାଙ୍କ କାର୍ଡ ସଂଖ୍ୟା ୧୨୦୩୦୭୧୨୯୫୧ ଥିଲା। କିନ୍ତୁ କାର୍ଡରେ ଭୁଲ ଆଧାର ସଂଖ୍ୟା ସଂଯୋଗ କରାଯାଇଥିବାରୁ ଏହା ବାତିଲ କରି ଦିଆଯାଇଥିଲା। ଏହି ସମୟରେ ଢିଙ୍କିଆର ମମତା ରାଶନ ପାଉଥିଲେ। ହେଲେ ପରବର୍ତ୍ତୀ ସମୟରେ ତ୍ରିଲୋଚନପୁର ମମତାଙ୍କ ଆଧାର ସଂଖ୍ୟା ଢିଙ୍କିଆର ମମତାଙ୍କ ଆଧାର ସଂଖ୍ୟାରେ ସଂଯୋଗ କରି ଦିଆଯାଇଥିଲା। ଯେଉଁ କାରଣରୁ ଢିଙ୍କିଆର ମମତା ରାଶନ କାର୍ଡ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ୧୫।୭।୧୬ ପର୍ଯ୍ୟନ୍ତ ସେ ଚାଉଳ ଗ୍ରହଣ କରିଥିଲେ। ପରେ ତାଙ୍କୁ ଦିଆଯାଇ ନ ଥିଲା । ଭୁଲ ଆଧାର ଲିଙ୍କେଜ ଯୋଗୁ ଢିଙ୍କିଆର ମମତାଙ୍କୁ ୩ ବର୍ଷକାଳ ତାଙ୍କର କିଛି ତ୍ରୁଟି ନ ଥାଇ ରାଶନ ଦିଆଯାଇ ନ ଥିଲା ବୋଲି ଦର୍ଶାଯାଇଛି।

## ସଚେତନତା ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

**ବାଲିକୁଦା, ୪।୯(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ନହରଣାସ୍ଥିତ ଉତ୍କଳମଣି ଗୋପବନ୍ଧୁ ବିଦ୍ୟାପୀଠ ପକ୍ଷରୁ ବୁଧବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ନିକଟସ୍ଥ ଗାଁକୁ ଯାଇ ଲୋକଙ୍କୁ ସୁସ୍ଥ ରହିବାକୁ ପରାମର୍ଶ ଦେଇଥିଲେ। ଘରେ ପାଇଖାନା ବସାଇ ତାହାର ସଦୁପଯୋଗ କରିବା ଜରୁରୀ ବୋଲି ସେମାନେ କହିଥିଲେ । ହାତରେ ପ୍ଲାକାର୍ଡ ଧରି ଗାଁରେ ବୁଲିଥିଲେ। ଏଥିରେ ନହରଣା ଉପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ଉତ୍କଳମଣି ଗୋପବନ୍ଧୁ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଦ୍ୱିତୀକୃଷ୍ଣ ସ୍ୱାଇଁ, ନହରଣା ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୁକ୍ମଣି ମଲ୍ଲିକ, ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ ରାଉତ ଓ କ୍ଷେତ୍ରମୋହନ ମୁଦୁଲି, ପ୍ରଶାନ୍ତ କିଶୋର ମହାନ୍ତି ପ୍ରମୁଖ ପିଲାମାନଙ୍କ ସହ ସାମିଲହୋଇ ସେମାନଙ୍କୁ ଉତ୍ସାହିତ କରିଥିଲେ ।

## ଗ୍ରାମୀଣ ଅଦାଲତ ସ୍ଥାନାନ୍ତର ପ୍ରତିବାଦରେ ଗଣଧାରଣା

**ଏରସମା,୪।୯(ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସିହା ଗ୍ରାମରେ ପ୍ରତିଷ୍ଠା ହେବାକୁ ଥିବା ଗ୍ରାମୀଣ ଅଦାଲତକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ଯୋଜନା କରାଯାଇଛି। ଏହାର ପ୍ରତିବାଦରେ ବୁଧବାର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏରସମା ଜନସାଧାରଣଙ୍କ ପକ୍ଷରୁ ଗଣଧାରଣା ଦିଆଯାଇଛି। ଏରସମା ବ୍ଲକ ଓ ତହସିଲ କାର୍ଯ୍ୟାଳୟଠାରୁ ୫୦ ମିଟର ଦୂର ସିହା ଗ୍ରାମରେ ଏକ ଗ୍ରାମୀଣ ଅଦାଲତ ପ୍ରତିଷ୍ଠା କରାଯିବା ପାଇଁ ସରକାରୀ ସ୍ତରରେ ସମସ୍ତ ଯୋଜନା କରାଯାଇଥିଲା । ଏଥିପାଇଁ ତହସିଲଦାରଙ୍କ ପକ୍ଷରୁ ସମ୍ପୃକ୍ତ ସ୍ଥାନକୁ ସରଜମିନ ତଦନ୍ତ କରାଯିବା ସହିତ ସ୍କେଚ ମଧ୍ୟ କରାଯାଇଥିଲା। ଗ୍ରାମବାସୀ ମଧ୍ୟ ଅଦାଲତ ପ୍ରତିଷ୍ଠା ପାଇଁ ମତାମତ ସାବ୍ୟସ୍ତ କରିଥିଲେ।



ତହସିଲ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀ ଧାରଣା ଦେଇଛନ୍ତି।

ପ୍ରଶାସନ ପକ୍ଷରୁ କାର୍ଯ୍ୟ ଅଗ୍ରସର ହେବା କଥା। ପରିତାପର ବିଷୟ, ଅଦାଲତକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପାଇଁ ଯୋଜନା କରାଯାଉଥିବା ଜାଣି ଏରସମାବାସୀ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ସେମାନେ ଗତ ସପ୍ତାହରେ ଏକ ଦାବିପତ୍ର ତହସିଲଦାର ଅଞ୍ଜଳି ତରାଇଙ୍କୁ ପ୍ରଦାନ କରିଥିଲେ। କୌଣସି ସୁଫଳ ନ ମିଳିବାରୁ ବୁଧବାର ନରେନ୍ଦ୍ର ସ୍ୱାଇଁ, ବୈଷ୍ଣବ ଚରଣ ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ନିରାକାର ସ୍ୱାଇଁ, ବିପିନ ବିହାରୀ ସ୍ୱାଇଁ, ଅଶ୍ୱିନୀ କୁମାର ନାୟକ, ରଞ୍ଜିତା ଦାସ, ରଞ୍ଜନ ଖଣ୍ଡୁଆଳ, ନିକୁଞ୍ଜ କିଶୋର ସ୍ୱାଇଁ, ୱାର୍ଡ ସଭ୍ୟ ସମୀର ଜେନା, ସନ୍ଦୀପ ଚୌଧୁରୀ, ହିମାଂଶୁ ବିଶ୍ୱାଳ ପ୍ରମୁଖ ଶତାଧିକ ଜନ ସାଧାରଣ ଧାରଣରାରେ ବସିଥିଲେ। ପରେ ସେମାନେ ଜିଲାପାଳ ଓ ତହସିଲଦାରଙ୍କ ଉଦ୍ଦୋଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁଙ୍କୁ ପ୍ରଦାନ କରିଥିଲେ।

## ବେଆଇନ ଗ୍ୟାସ ଦୋକାନ ସିଲ୍


ଦୋକାନ ସିଲ୍ କରାଯାଇଛି।

**ପଚ୍ଚାମୁଣ୍ଡାଇ,୪।୯(ସ୍ୱ.ପ୍ର.)**

ପଚ୍ଚାମୁଣ୍ଡାଇ ବଜାରରେ ଥିବା ଏକ ବେଆଇନ ଗ୍ୟାସ ଦୋକାନକୁ ବୁଧବାର ପୂର୍ବାହ୍ନରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ସିଲ୍ କରାଯାଇଛି। ଜନଗହଳିପୂର୍ଣ୍ଣ ସ୍ଥାନରେ ଗ୍ୟାସ ଦୋକାନ ଥିବାରୁ ଯେ କୌଣସି ମୁହୂର୍ତ୍ତରେ ବିପଦ ଘଟିବାର ଆଶଙ୍କା କରିଏହାକୁ ଅନ୍ୟତ୍ର ଉଠାଇ ନେବାକୁ ସାଧାରଣରେ ଦାବି ହୋଇ ଆସୁଥିଲା । ତେବେ ଜିଲାପାଳଙ୍କ ନିର୍ଦ୍ଦେଶରେ ପୂର୍ବାହ୍ନରେ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସଙ୍କ ସହିତ ଏକ ୫ ଜଣିଆ ଟିମ୍ ଗ୍ୟାସ ଦୋକାନ ଉପରେ ଚଢାଉ କରି ବିଭିନ୍ନ ରେକର୍ଡପତ୍ର ଯାଞ୍ଚ କରିଥିଲେ । ପରେ ପଚ୍ଚାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ଉକ୍ତ ଦୋକାନ ସିଲ୍ କରାଯାଇଥିଲା । ଏହି ଦୋକାନରେ ପ୍ରାୟ ୧୦୦ଟି ସିଲିଣ୍ଡର ଓ ୮୦ଟି ମିନି ସିଲିଣ୍ଡର ଥିବା ଖବର ମିଳିଛି ।

**ଓଷକଣା ପଞ୍ଚାୟତରେ ୨ ଗୋଷ୍ଠୀ ଗଣ୍ଡଗୋଳ**

## ଜଣେ ଗୁରୁତର, ଗ୍ରାମରେ ଚାପା ଉତ୍ତେଜନା

**ନାଉଗାଁ,୪।୯(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ଭଟଣା ଗ୍ରାମରେ ମଙ୍ଗଳବାର ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାପରେ ଗୁରୁତର ଯୁବକଙ୍କ ମା'ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟଏକ ଗୋଷ୍ଠୀ ମଧ୍ୟ ଅଭିଯୋଗ କରିଛି। ପୋଲିସ ୨ଜଣଙ୍କ ଅଭିଯୋଗ ଅନୁସାରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ତେବେ ଏ ନେଇ ପୋଲିସ ସ୍ପଷ୍ଟ ସୂଚନା ଦେଇ ନ ଥିବାରୁ ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ିନାହିଁ। ସୂଚନା ଅନୁସାରେ, ଗ୍ରାମର ସୁମନ ନାୟକ ଓ ତାଙ୍କ ସାଙ୍ଗ ସମୀର ମୁଦୁଲି ସନ୍ଧ୍ୟାରେ ସେହି ଗ୍ରାମରେ ଥିବା ସୁମନଙ୍କ ମାମୁ ଘରକୁ ସ୍କୁଟରେ ଯାଉଥିଲେ। ସେମାନେ ଉର୍ମିଳୋଚନ ପାଠାଗାର ନିକଟରେ ହୋଇଥିବାବେଳେ ଉକ୍ତଗ୍ରାମର ବିଶ୍ୱୟାନନ୍ଦ ସ୍ୱାଇଁ, ସ୍ମୃତି ସ୍ୱାଇଁ, ସତ୍ୟରଞ୍ଜନ ସ୍ୱାଇଁ, ତପୋଧନ ସ୍ୱାଇଁ, ନିତ୍ୟାନନ୍ଦ ସ୍ୱାଇଁ ଓ ଅନ୍ୟମାନେ ସୁମନଙ୍କୁ ଅଟକାଇ ପ୍ରଥମେ ଗାଳିଗୁଲଜ କରିଥିଲେ। ଏହି ସମୟରେ ସୁମନ ପ୍ରତିବାଦ କରିବାରୁ ହଠାତ ସୁମନଙ୍କ ଆଖିରେ ବିଶ୍ୱୟାନନ୍ଦ ଏକ ରାସାୟନିକ ବିସ୍ଫୋରକ ପକାଇଥିଲେ। ପରେ ସେମାନେ ସମୀରଙ୍କୁ ଘଟଣାସ୍ଥଳରୁ ଚାଲିଯିବାକୁ କହିଥିଲେ। ଏଥିସହିତ ଏକଥା କାହା ଆଗରେ ପ୍ରକାଶ କରିବୁ ନାହିଁ ବୋଲି ଧମକ ଦେଇଥିଲେ। ସମୀର ଚାଲିଯିବା ପରେ ବିଶ୍ୱୟାନନ୍ଦ ଓ ସ୍ମୃତି ରଞ୍ଜନ ସୁମନଙ୍କୁ ଟେକି ନେଇ କିଛି ଦୂରରେ ଭୁଜାଲିରେ ତାଙ୍କ ମୁଣ୍ଡକୁ ଚୋଟ ମାରିଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇ ଚିତ୍କାର କରିଥିଲେ। ଖବର ପାଇ ସୁମନଙ୍କ ମାମୁ ଓ ମାମୁ ପୁଅ ଆସିବାରୁ ସେମାନେ ଦୌଡ଼ି ପଳାଇଥିଲେ ବୋଲି ସୁମନଙ୍କ ମା' କାମିନୀ ଅଭିଯୋଗ କରିଛନ୍ତି। ସେହିପରି ଗ୍ରାମର ନିତ୍ୟାନନ୍ଦ ସ୍ୱାଇଁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ଅଭିଯୋଗ କରିଛନ୍ତି। ପୋଲିସ ନିତ୍ୟାନନ୍ଦଙ୍କ ଅଭିଯୋଗ ଆଧାରରେ କେଶ ନଂ–୧୩୭/୧୯ ଓ କାମିନୀଙ୍କ ଅଭିଯୋଗ କ୍ରମେ ୧୩୮/୧୯ ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପ୍ରଜ୍ଞାରିତାମ୍ବର କର ପ୍ରକାଶ କରିଛନ୍ତି।

■ ବିନା କାରଣରେ ୪ ଦିନ ବନ୍ଦ ରହିଲା ଇଫ୍‌କୋର ସାର ପରିବହନ

# ପ୍ରଶାସନ ହସ୍ତକ୍ଷେପ ପରେ ସ୍ୱାଭାବିକ

**ପାରାଦୀପ,୪।୯(ସ୍ୱ.ପ୍ର.)**

ରାଜନୈତିକ ସ୍ୱାର୍ଥ ପାଇଁ କିପରି ଚାଷୀ, ଶିଳ୍ପସଂସ୍ଥା ଓ ପ୍ରଶାସନ ବଳିପଡ଼ନ୍ତି ତାର ଦୃଷ୍ଟାନ୍ତ ପାରାଦୀପରେ ଦେଖିବାକୁ ମିଳିଛି। କୌଣସି କାରଣ ନ ଥାଇ ୪ ଦିନ ଇଫ୍‌କୋ କମ୍ପାନୀର ଉତ୍ପାଦିତ ସାର ପରିବହନ ବନ୍ଦ ରହିଲା। ଫଳରେ ଚାଷୀଙ୍କ ନିକଟକରେ ସାର ପହଞ୍ଚିବାରେ ବାଧା ଉପୁଜିଥିଲା। କାହିଁକି ବନ୍ଦ ହୋଇଛି ତା'ର କାରଣ କମ୍ପାନୀ, ପ୍ରଶାସନ, ଗଣମାଧ୍ୟମ, କିମ୍ବା କମ୍ପାନୀ ସହ ସଂଯୁକ୍ତ ୟୁନିୟନ୍ ମଧ୍ୟ ଜାଣି ନ ଥିଲା। ବୁଧବାର ପରିସ୍ଥିତି ଜଣାପଡିବା ପରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାରୁ ସାର ପରିବହନ ସ୍ୱାଭାବିକ ହୋଇଛି। ୧୦ ପ୍ଲାଟୁନ୍ ଫୋର୍ସ ଓ ୪ଜଣ ମାଜିଷ୍ଟ୍ରେଟ ଯାଇ ଏହାର ତଦନ୍ତ କରିଥିଲେ। ପ୍ରଶାସନର ଏପରି ପ୍ରତିହତକାରୀ ବ୍ୟବସ୍ଥା ଦେଖି ଯେଉଁମାନେ ବନ୍ଦ କରିଥିଲେ ସେମାନେ ବିନା ସର୍ତ୍ତରେ ପରିବହନ ପାଇଁ ରାଜି ହୋଇଥିଲେ। ସନ୍ଧ୍ୟା ୭ଟା ସୁଦ୍ଧା ଇଫ୍‌କୋର ସାର ପରିବହନ ପୂର୍ବବତ ହୋଇଛି।


ପରିବହନ ବନ୍ଦ ଥିବାରୁ ସଂସ୍ଥାର ଗାଡି ଅଟକି ରହିଛି।

ପ୍ରକାଶ ଯେ, ଇଫ୍‌କୋର କାରଖାନାଠାରୁ ରଙ୍ଗିଆଗଡ ରେଳଷ୍ଟେସନ ପର୍ଯ୍ୟନ୍ତ ସାର ପରିବହନ ହୁଏ। ରେଳରେ ସେହି ସାର ବିଭିନ୍ନ ରାଜ୍ୟକୁ ଯାଇଥାଏ। ସାର ପରିବହନ କାମ ଦୀର୍ଘ ବର୍ଷ ହେଲା କଳିଙ୍ଗ ଟ୍ରାନ୍ସପୋର୍ଟ ନାମକ ସଂସ୍ଥା କରୁଥିଲା। ଉକ୍ତ ସଂସ୍ଥାର ମୁଖ୍ୟ ଥିଲେ ସ୍ଥାନୀୟ ପୂର୍ବତନ ବିଧାୟକ ଦାମୋଦର ରାଉତ ଓ ଖୋର୍ଦ୍ଧାର ଜଣେ ବିଧାୟକ। ଗତବର୍ଷ ସେପ୍ଟେମ୍ବର ୧୨ରେ ବିଜେଡି ଦାମଙ୍କୁ ଦଳରୁ ବହିଷ୍କାର କରିବା ପରେ ପରିସ୍ଥିତି ବଦଳିଗଲା। ଅର୍ଥାତ୍ ଅକ୍ଟୋବରରୁ ପିପିଏଲ୍ (ପାରାଦୀପ ପରିବହନ ପ୍ରାଇଭେଟ୍ ଲିମିଟେଡ୍) ନାମକ ସଂସ୍ଥା ଏହି ପରିବହନ କରୁଛି। ଗତ ରବିବାରୁ ହଠାତ୍ ପରିବହନରେ ନିୟୋଜିତ ଚାଳକ ଗାଡି ବନ୍ଦ କରିଦେଲେ। କାରଣ ସମ୍ପର୍କରେ କାହାକୁ କିଛି ଅଭିଯୋଗ ନାହିଁ। କମ୍ପାନୀ ଓ ପରିବହନକାରୀ ସଂସ୍ଥା ପିପିଏଲ୍ ଖୋଲତାଡ଼ କରିବାରେ କେତେକ ଚାଳକ କହିଥିଲେ, ପୁରୁଣା ଟ୍ରାନ୍ସପୋର୍ଟ ସଂସ୍ଥାର ଦେଖାଶୁଣା କରୁଥିବା ବ୍ୟକ୍ତି ଆମକୁ ପରିବହନ ବନ୍ଦ କରିବାକୁ କହିଥିଲେ। ଏହି ଖବର ରାଜ୍ୟ ନେତୃତ୍ୱଙ୍କ ପାଖରେ ପହଞ୍ଚିବା ପରେ ନିର୍ଦ୍ଦେଶ ଆସିଲା ସ୍ଥିତି ସ୍ୱାଭାବିକ କରିବା ପାଇଁ। ଜିଲା ପ୍ରଶାସନ ବ୍ୟାପକ ଫୋର୍ସ ସହ କାରଖାନାରେ ପହଞ୍ଚିବା ପରେ ବନ୍ଦ କରିଥିବା ଚାଳକମାନେ ଆସି ଗାଡି ଚଳାଇବେ ବୋଲି କହିଥିଲେ। ଘଟଣାର ସମାଧାନ କରୁଥିବା ପ୍ରଶାସନିକ ଅଧିକାରୀ ଏଡିଏମ୍ କାହ୍ନୁଚରଣ ଧୀର ଏ ସମ୍ପର୍କରେ କହିଛନ୍ତି, ଯେଉଁ ଚାଳକମାନେ ବନ୍ଦ କରିଥିଲେ ସେମାନେ ନିଃସର୍ତ୍ତ ଆସି କାମ କରିଛନ୍ତି। ପ୍ରଶାସନ ପକ୍ଷରୁ ବିକଳ୍ପ ଚାଳକ ଓ ପରିବହନ ବ୍ୟବସ୍ଥା କରାଯାଇଥିଲା। ଚାଳକ ଏହି କାମ ପାଇଁ ମାସିକ ୫୦ରୁ ୬୦ ହଜାର ଟଙ୍କା ଦରମା ପାଉଛନ୍ତି। ତାଙ୍କର କିଛି ଦାବି ନାହିଁ। ଘଟଣା ସମାଧାନ କରାଯାଇଛି। ଆଗକୁ ଯଦି ସେଭଳି କିଛି କରିବେ ସେମାନେ ସବୁଦିନ ପାଇଁ ଚାକିରି ହରାଇବେ।

## ଉଠା ବ୍ୟବସାୟୀ ସଂଘ ବୈଠକ

**ଏରସମା,୪।୯(ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟ ବଜାରରେ ଥିବା ଉଠା ବ୍ୟବସାୟୀଙ୍କୁ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ନୋଟିସ ପ୍ରତିବାଦରେ ବ୍ୟବସାୟୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ବୁଧବାର ଏରସମା ମୁଖ୍ୟାଳୟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ ପରିସରରେ ଏନେଇ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି କେଦାର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଦଶରଥ ଖଟୁଆ, କୃତିବାସ ଦାସ, ବାବୁ ସାହୁ, ସଞ୍ଜୟ ଖଟୁଆ, ଯଦୁମଣୀ ରାଉଳ, ରବୀନ୍ଦ୍ର ସ୍ୱାଇଁ, ବାପି ସାହୁ ଓ କରୁଣାକର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏରସମା ବଜାରରେ ସେମାନେ ଖରାବର୍ଷା ସହି ପଲିଥିନ ତଳେ ବ୍ୟବସାୟ କରି ଆସୁଛନ୍ତି। କିନ୍ତୁ ସ୍ଥାୟୀ ଘର ଯୋଗାଇ ଦେବା ପାଇଁ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ ମଧ୍ୟ ଘର ଦିଆ ନ ଯାଇ ଏବେ ହଟାଇ ଦିଆଯିବାକୁ ନୋଟସି ଦିଆଯାଇଛି। ଏ ସମ୍ପର୍କରେ ସେମାନେ ଜଳସମ୍ପଦ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ପ୍ରଶାସନକୁ ଦାବିପତ୍ର ଦେବେ ବୋଲି ବୈଠକରେ ନିଷ୍ପତ୍ତି ନେଇଛନ୍ତି।



ପାରାଦୀପ ନୂଆବଜାରସ୍ଥ ବନ୍ଦର କ୍ୱାର୍ଟରର ଏକ ଛାତରୁ ପ୍ଲାଷ୍ଟର ଖସି ୨ଟି ସ୍କୁଟି ଭାଙ୍ଗିଯାଇଛି। ସୌଭାଗ୍ୟବଶତଃ ଘରେ ଥିବା ଗୃହକର୍ତ୍ତା ଅଳ୍ପକେ ବର୍ତ୍ତିଯାଇଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।

- ଜନ୍‌ସନ

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ୩ ଗୁରୁତର



**ନୂଆଗାଁ,୪।୯ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ଥାନା ନିକଟରେ ବୁଧବାର ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦଶପଲ୍ଲା ଥାନା ଗୁରିଆବାରି ଗ୍ରାମର ଦୀପକ ପରିଡା (୧୭), ତରବାଲୁ ଗ୍ରାମର ସଞ୍ଜୀବ କୁମାର ନାୟକ (୧୬) ଓ ମହିତମା ଗ୍ରାମର ଟୁକୁନା ନାଏକ (୨୦) । ମିଳିଥିବା ସୂଚନା ମୁତାବକ ଦୀପକ ଓ ସଞ୍ଜୀବ ନୂଆଗାଁର ଏକ କୋଚିଂ ସେଣ୍ଟରରେ ରହି ଯୁକ୍ତ ୨ ପ୍ରଥମ ବର୍ଷରେ ପଢନ୍ତି। ଗଣେଶ ପୂଜା ଭଷାଣି ପାଇଁ ସଉଦା ଆଣିବାକୁ ସେମାନେ ଏକ ବାଇକ୍ (ଓଡି୨୫ଏଫ୍-୬୪୬୩) ନେଇ ବଜାରକୁ ଯାଇଥିଲେ। ସେଠାରୁ କାମସାରି ଫେରୁଥିବା ସମୟରେ ନୂଆସାହିଠାରେ ବିପରୀତ ଦିଗରୁ ଟୁକୁନା ଓ ଅନ୍ୟ ଦୁଇଜଣ ବସିଥିବା ବାଇକ୍ (ଓଡି୨୫-୭୮୨୩) ସହ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରୁ ପଡି ୩ଜଣ ଗୁରୁତର ହୋଇଥିଲେ। ନୂଆଗାଁ ଥାନା ଆଇଆଇସି ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ନୟାଗଡ ଡାକ୍ତରଖାନା ନେଇଥିଲେ। ସଞ୍ଜୀବ ଓ ଟୁକୁନାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବାବେଳେ ଦୀପକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସଞ୍ଜୀବଙ୍କ ମୁଣ୍ଡ ଓ ଟୁକୁନାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି । ସେପ୍ଟେମ୍ବର ୧ତାରିଖରୁ ଯାନବାହନ ଚାଳକଙ୍କ ପାଇଁ ଆଇନ କଡାକଡି କରାଯାଇଛି। ନୂଆଗାଁ ଅଞ୍ଚଳରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । କମ୍ ବୟସର ପିଲାମାନେ ବାଇକ୍ ଧରି ବୁଲୁଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଏପରି ଦୁର୍ଘଟଣା ଘଟୁଛି । ତେଣୁ ନିୟମ ପାଳନ କରୁ ନ ଥିବା ଲୋକଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

### ରୋଗୀ କଲ୍ୟାଣ ସମିତି ବୈଠକ

**ଖଣ୍ଡପଡ଼ା,୪।୯(ସ୍ୱ.ପ୍ର.):** ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ. ଅରୁନ୍ଧତି ପରିଡା ବିଭିନ୍ନ ଅଭାବ, ଅସୁବିଧା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ତୁରନ୍ତ ଖାଲିପଡିଥିବା ଡାକ୍ତର ପଦବୀ ପୂରଣ ନିମନ୍ତେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୌର ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା, ଉଚ୍ଚଶକ୍ତି ସମ୍ପନ୍ନ ଜେନେରେଟର ସ୍ଥାପନ, ସ୍ୱାସ୍ଥ୍ୟକେନ୍ଦ୍ରର ପାରିପାର୍ଶ୍ୱିକ ଉନ୍ନତୀକରଣ ପ୍ରତି ଧାନ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ଡ. ପ୍ରଦୀପ କୁମାର ପାଇକରାୟ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧରେ ବିଡିଓ ଗୌରବମୟ ପ୍ରଧାନ, ବ୍ଲକ ଅଧକ୍ଷ ମନୋଜ କୁମାର ପ୍ରଧାନ, ବରିଷ୍ଠ ଆଇନଜୀବୀ ଗିରିଜା ଶଙ୍କର ତରାସିଆଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ବିଧାୟକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରା ରୋପଣ କରିଥିଲେ।

## ■ ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ

# ସଚେତନ ହେଉଛନ୍ତି ଗାଡ଼ିଚାଳକ

■ଲାଇସେନ୍ସ ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଭିଡ଼

■ପ୍ରତିଦିନ ୬୦ ଜଣଙ୍କ କରାଯାଉଛି ଲର୍ନିଂ ଟେଷ୍ଟ

**ନୟାଗଡ଼ ଅଫିସ,୪।୯**

ରାଜ୍ୟରେ ରବିବାରଠାରୁ ନୂଆ ମୋଟର ଯାନ ଆଇନ ଲାଗୁ ହୋଇଯାଇଛି। ନୂଆ ଆଇନରେ ଜରିମାନା ରାଶି ବହୁଗୁଣା ହୋଇଯାଇଥିବାରୁ ଗାଡ଼ି ଚାଳକମାନେ ଏବେ ଚିନ୍ତାରେ ପଡ଼ି ଯାଇଛନ୍ତି। ନିଜର ଲାଇସେନ୍ସ କରାଇବା, ଗାଡ଼ିକୁ ପଞ୍ଜୀକୃତ କରାଇବା ଆଦି କାର୍ଯ୍ୟ ପାଇଁ ଜିଲାରେ ଥିବା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଧାଡ଼ି ଲଗାଉଛନ୍ତି। ବିଶେଷକରି ଡ୍ରାଇଭିଂ ଲାଇସେନ୍ସ ପାଇଁ ଉକ୍ତ କାର୍ଯ୍ୟାଳୟରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଉଛି। ୩ ଦିନର ଛୁଟି ପରେ ବୁଧବାର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋଲିବାରୁ ଏପରି ଭିଡ଼ ହେଉଥିବା ଜଣାଯାଇଛି। କେମିତି ଲାଇସେନ୍ସ ପାଇବେ ସେଥିପାଇଁ ଆବେଦନକାରୀମାନେ ବ୍ୟାକୁଳ ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା।

ଜିଲାରେ ୯୬ ହଜାର ୩୧ ମୋଟର ସାଇକେଲ ସମେତ ୧ ଲକ୍ଷ ୩୨ ହଜାର ୭୯୫ ଗାଡ଼ି ପଞ୍ଜୀକୃତ ହୋଇଛି। ଏହା ତୁଳନାରେ କିନ୍ତୁ କମ୍ ଲାଇସେନ୍ସପ୍ରାପ୍ତ ଚାଳକ ରହିଥିବା ଦେଖିବାକୁ ମିଳିଛି। ଜିଲାରେ ମୋଟରସାଇକେଲ (ଗିୟର ଯୁକ୍ତ) ପାଇଁ ୨୬,୦୫୦ ଜଣ ଓ ସ୍କୁଟି (ବିନା ଗିୟର ) ଚଳାଇବା ପାଇଁ ୧୭୬୬, ଚାରିଚକିଆ ଯାନ ଚଳାଇବା ପାଇଁ ୧୯,୬୮୦ ଜଣ, ଏହିଭଳି ବିଭିନ୍ନ ଗାଡ଼ି ଚଳାଇବା ପାଇଁ ସମୁଦାୟ ୫୪,୮୯୧ ଜଣ ବ୍ୟକ୍ତି ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରୁ ଲାଇସେନ୍ସ ପାଇଛନ୍ତି। ଜିଲାରେ ୯୬ହଜାର ୩୧ ଗୋଟି ମୋଟର ସାଇକେଲ ଓ ସ୍କୁଟି ପଞ୍ଜୀକୃତ ହୋଇଥିବା ବେଳେ ମାତ୍ର ୨୭,୮୧୬ ଜଣ ଲାଇସେନ୍ସ କରିଛନ୍ତି। ଏହା ଦ୍ୱାରା ଜଣାପଡୁଛି ଯେ ଜିଲାରେ ବର୍ଷ ବର୍ଷ ଧରି ବହୁ ବ୍ୟକ୍ତି ବିନା ଲାଇସେନ୍ସରେ ଗାଡ଼ି ଚଳାଇ ଆସୁଛନ୍ତି। ନୂଆ ନିୟମ ଲାଗୁ ହେବା ପରେ ଲାଇସେନ୍ସ ପାଇଁ କାର୍ଯ୍ୟାଳୟରେ ଭିଡ଼ ଲଗାଇଛନ୍ତି। ଜଣେ ବ୍ୟକ୍ତି ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିବା ପରେ ତାଙ୍କୁ ଲର୍ନିଂ ଟେଷ୍ଟ (ପ୍ରାଥମିକ ପରୀକ୍ଷା) ଦେବାକୁ ପଡ଼ିଥାଏ। ଏହା ପରେ ତାଙ୍କୁ ଏକ ପ୍ରମାଣପତ୍ର ମିଳିଥାଏ। ଲର୍ନିଂ ଟେଷ୍ଟର ମାସକ ପରେ ଓ ୬ ମାସ ଭିତରେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଆସି ତାଙ୍କୁ ଶେଷ ପରୀକ୍ଷା ଦେବାକୁ ପଡ଼ିଥାଏ। ପରୀକ୍ଷାରେ ପାସ୍ କରିବା ପରେ ତାଙ୍କୁ ଡ୍ରାଇଭିଂ ଲାଇସେନ୍ସ ମିଳିଥାଏ। ଲର୍ନିଂ ପ୍ରମାଣପତ୍ରରେ ୬ ମାସ ପର୍ଯ୍ୟନ୍ତ ବୈଧତା ରହିଥାଏ। ପ୍ରତିଦିନ ଶହ ଶହ ଆବେଦନକାରୀ ଲାଇସେନ୍ସ ପାଇଁ ଆବେଦନ କରୁଥିବାବେଳେ ଜିଲାରେ ବର୍ତ୍ତମାନ ୬୦ ଜଣଙ୍କୁ ପ୍ରତିଦିନ ଲର୍ନିଂ ଟେଷ୍ଟ କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଉଛି। ଏହା ପରେ ଯେଉଁମାନେ ରହୁଛନ୍ତି ତାଙ୍କୁ ପରଦିନକୁ ଆସିବା ପାଇଁ କୁହାଯାଉଛି। ଉଭୟ ଦୁଇଚକିଆ ଓ ଚାରି ଚକିଆ ଗାଡ଼ି ଡ୍ରାଇଭିଂ ଲାଇସେନ୍ସ ପାଇଁ ୯୯୮ ଟଙ୍କା ରହିଛି। ଯଦି ଜଣେ ଦୁଇଟିଯାକ ଲାଇସେନ୍ସ କରିବ ତାହା ହେଲେ ତାଙ୍କୁ ୧୪୪୮ ଟଙ୍କା ଦେବାକୁ ପଡ଼ିବ। ଏହିଭଳି ଭିଡ଼କୁ ଦେଖି କିପରି ସୁରୁଖୁରୁରେ କାର୍ଯ୍ୟ କରାଯାଇପାରିବ ସେ ନେଇ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, ନୂତନ ଆଇନ ଲାଗୁ ହେବା ପରେ ଜିଲାରେ ୩ ଦିନରେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ବୁଝାଯାଇ ଛଡ଼ାଯାଇଛି। ସେହିଭଳି ୩୨୪ଟି ମାମଲା ରୁଜୁ କରାଯାଇ ୩୫ ହଜାର ଟଙ୍କା ଆଦାୟ କରାଯାଇଥିବା ସୂଚନା ମିଳିଛି। ବିନା ହେଲମେଟ୍‌ରେ ବାଇକ୍ ଚଳାଇବା, ଦୁଇଚକିଆ ଯାନରେ ୨ ଜଣରୁ ଅଧିକ ଗଲେ ୧ ହଜାର ଟଙ୍କା ଜରିମାନା ରାଶି କରାଯାଇଥିବା ବେଳେ ବିନା ଲାଇସେନ୍ସରେ ଗାଡ଼ି ଚଳାଇଲେ ୫୦୦ରୁ ୫ ହଜାର ଟଙ୍କାର ଜରିମାନା ବ୍ୟବସ୍ଥା କରାଯାଇଛି।



ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଲୋକଙ୍କ ଭିଡ଼ ।

### ଶର୍ଟର ତାଡ଼ି ମଦ ଦୋକାନରୁ ଲୁଟ୍

**ଖଣ୍ଡପଡା,୪।୯(ସ୍ୱ.ପ୍ର.)**

ମଙ୍ଗଳବାର ବିଳମ୍ବିତ ରାତିରେ ଖଣ୍ଡପଡା ଥାନା କଣ୍ଟିଲୋ ଫାଣ୍ଡି ଅନ୍ତର୍ଗତ ରାଜକିଆରୀ–ସିଧାମୂଳା ରାସ୍ତା କଡରେ ଥିବା ଏକ ମଦ ଦୋକାନର ଶର୍ଟର ତାଡି ଦୁର୍ବୃତ୍ତମାନେ ମଦ ସହ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଇଛନ୍ତି। ମଦ ଦୋକାନ ସେଲ୍ସମ୍ୟାନ ଦୁର୍ଯ୍ୟୋଧନ ନାୟକ ସବୁଦିନ ପରି ମଙ୍ଗଳବାର ରାତି ପ୍ରାୟ ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ବୁଧବାର ସକାଳେ ସେ ଦୋକାନକୁ ଆସି ଶର୍ଟର ଭାଙ୍ଗିଥିବା ଦେଖିଥିଲେ। ଦୋକାନରୁ ୧୦/୧୫ ପେଟି ବିଦେଶୀ ମଦ, ଇନ୍‌ଭର୍ଟର, ସିସି ଟିଭି କ୍ୟାମେରାର ହାର୍ଡ ଡିସ୍କ ଚୋରି ହୋଇଥିବା ଜାଣିବା ପରେ ସେ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଖଣ୍ଡପଡା ଥାନାରେ ଏ ନେଇ ୧୬୮/୧୯ରେ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ବିମଳ କୁମାର ମଲ୍ଲିକ, ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡା, ଗଣିଆ ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ ଓ ଖଣ୍ଡପଡା ସର୍କଲ ଏସଡିପିଓ ଶ୍ରୀନିବାସ ମହାନ୍ତି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଥିଲେ ମଧ ସନ୍ଧ୍ୟା ସୁଦ୍ଧା କୌଣସି ସୁରାକ ମିଳି ନାହିଁ।

## ■ ୩ ଗ୍ରାମରେ ବିଦ୍ୟୁତ୍ ସମସ୍ୟା

# ସେସୁ କାର୍ଯ୍ୟାଳୟ ଘେରିଲେ ଆଦିବାସୀ

**ନୂଆଗାଁ,୪।୯ (ଡି.ଏନ.ଏ.)**

ବିଦ୍ୟୁତ୍ ସମସ୍ୟା ନେଇ ବୁଧବାର ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତର ସାନଜିରି, ବଡଜିରି ଓ ତାକୁଡା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ନୂଆଗାଁ ସେସୁ କାର୍ଯ୍ୟାଳୟ ଘେରାଉ କରିଥିଲେ ।

ପ୍ରକାଶ ଯେ, ଦୀର୍ଘବର୍ଷ ପରେ ଉପରୋକ୍ତ ୩ ଗ୍ରାମକୁ ଗତବର୍ଷ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିଲା। ଏଥିରେ ଲୋକମାନେ ଖୁସି ହେବା ସହ ଘର ପିଛା ଦୁଇ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବିଭାଗୀୟ କର୍ମଚାରୀଙ୍କୁ ପ୍ରଦାନ କରିଥିଲେ। ଏପରିସ୍ଥଳେ ମାତ୍ର ଏକମାସ ପରେ ସମସ୍ୟା ଦେଖାଦେଇଥିଲା । ଫଳରେ ତିନି ଗ୍ରାମବାସୀ ପୂର୍ବଭଳି ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିଲେ। ଏ ନେଇ ଗ୍ରାମବାସୀ ବିଭାଗୀୟ କର୍ମଚାରୀଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ କେହି ଶୁଣି ନ ଥିଲେ । ବରଂ ଆଜି କାଲି କହି ସମୟ ଗଡାଇ ଚାଲିଥିଲେ। ୬ମାସ ବିତିଯାଇଥିଲେ ମଧ ସୁଫଳ ମିଳି ନ ଥିଲା। ଶେଷରେ ସେମାନେ ଜାକେଡା ସରପଞ୍ଚ ତ୍ରିଲୋଚନ ସାହୁଙ୍କୁ ଜଣାଇ ସେସୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସେସୁ କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଫିଡ୍‌କୋ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ୩ ଦିନ ମଧ୍ୟରେ ସମସ୍ୟା ଦୂର କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଧାରଣାରୁ ଉଠିଥିଲେ। କେବଳ ଏହି ତିନି ଗ୍ରାମ ନୁହେଁ, ବ୍ଲକର ଏପରି ଅନେକ ଗ୍ରାମରେ ବିଦ୍ୟୁତ୍ ସମସ୍ୟା ଦେଖାଦେଇଥିଲେ ମଧ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଜନଅସନ୍ତୋଷ ଲାଗିରହିଛି । ଏ ସମ୍ପର୍କରେ ସେସୁ କନିଷ୍ଠ ଯନ୍ତ୍ରୀ ଶ୍ରୀନିବାସ ରାଓଙ୍କୁ ପଚାରିବାରୁ ସେ କର୍ମଚାରୀଙ୍କ ଅଭାବ ଥିବାରୁ ସବୁ କାର୍ଯ୍ୟ କରିବା ସମ୍ଭବ ହେଉ ନ ଥିବା ପ୍ରକାଶ କରିଛନ୍ତି।



ସେସୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଆଦିବାସୀ।

### ଘରୁ ଲୁଟିନେଲେ ଲକ୍ଷାଧିକ ଟଙ୍କାର ଗହଣା

**ନୂଆଗାଁ,୪।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାଟପଲ୍ଲୀ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘର ଝରକା ଗ୍ରୀଲ ତାଡି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟି ନେଇଥିବା ନେଇ ନୂଆଗାଁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଖାଲମଡା ରାମେଶ୍ୱର ନୋଡାଲ ସ୍କୁଲର ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣି ନାୟକ ପରିବାର ସହ କାଟପଲ୍ଲୀ ଗ୍ରାମର ଡ.ବନମାଳୀ ପ୍ରଧାନଙ୍କ ଘରେ ଭଡାରେ ରହୁଛନ୍ତି। ମଙ୍ଗଳବାର ରାତିରେ ଏହି ପରିବାର ଖାଇପିଇ ଶୋଇବା ପରେ କେହି ଦୁର୍ବୃତ୍ତ ଝରକା ଗ୍ରୀଲ ତାଡି ଘରେ ପଶିଥିଲେ। ପରେ ସେମାନେ ଲୁହା ଆଲମିରାରୁ ୧୫ ଗ୍ରାମର ଗୋଟିଏ ନେକ୍‌ଲେସ, ୫ ଗ୍ରାମର ସୁନା ମୁଦି, ୧୦ ଗ୍ରାମ ଓଜନର କାନଫୁଲ, ତିନିହଳ ରୁପା ପାଉଁଜି, ରୁପା ଗିନା ଆଦି ଲୁଟି ନେଇଥିଲେ। ସକାଳେ ଜ୍ୟୋସ୍ନାରାଣି ଏହା ଜାଣିବା ପରେ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଖବର ଲେଖାହେବା ସୁଦ୍ଧା କୌଣସି କେସ ରୁଜୁ ହୋଇ ନାହିଁ। ତଦନ୍ତ କରି କେସ ରୁଜୁ କରାଯିବ ବୋଲି ଥାନା ଆଇଆଇସି ମନୋରମା ମଲ୍ଲିକ ସୂଚନା ଦେଇଛନ୍ତି। ଥାନା ଅଞ୍ଚଳରେ ପୋଲିସ ତରଫରୁ ରାତି ପାଟ୍ରୋଲିଂ ହେଉ ନ ଥିବାରୁ ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ଏଭଳି କାଣ୍ଡ ଘଟାଉଛନ୍ତି। ପୋଲିସ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।



ଆଲମିରା ଜିନିଷପତ୍ର ବିଛାଡି ହୋଇପଡ଼ିଛି।

## ■ ସନ୍ତାନଙ୍କ ଦୀର୍ଘଜୀବନ କାମନାରେ ଷଠିଓଷା

# ମନେପଡ଼େ ମା'ର ବଜ୍ରମୂଳି ମାଡ଼

**ଖଣ୍ଡପଡ଼ା,୪।୯(ସ୍ୱ.ପ୍ର.)**

ଓଡିଶାର ପୁରପଲ୍ଲୀରେ ଷଠିଓଷା ଧୁମ୍‌ଧାମରେ ପାଳନ କରାଯାଏ । ସନ୍ତାନଙ୍କ ଦୀର୍ଘଜୀବନ କାମନା କରି ମା'ମାନେ ଏହି ଓଷା ପାଳନ କରିଥାନ୍ତି। ବୁଧବାର ପବିତ୍ର ଷଠିଓଷା ତିଥିରେ ଖଣ୍ଡପଡା ବ୍ଲକର ଖଣ୍ଡପଡା, ଜଗନ୍ନାଥ ପ୍ରସାଦ, କୋସକା, ଢୋଲମରା, କୁମ୍ଭାରପଡା, କଣ୍ଟିଲୋ, ବାଣପୁର, ବଳରାମପ୍ରସାଦ, ସିଧାମୂଳା, ବେଣାଗାଡିଆ, ଧାନଚେଙ୍ଗଡା, ଖଳିସାହି ଆଦି ଅଞ୍ଚଳରେ ଓଷା ପାଳନ କରାଯାଇଛି । ଏହି ପୂଜାର ବିଶେଷତ୍ୱ ହେଉଛି ଷଠିଓଷା ଉଦ୍‌ଯାପନ ପରେ ମା'ମାନେ ସେମାନଙ୍କ ପିଲାଙ୍କୁ ବଜ୍ରମୂଳି ଗଛରେ ବାଡେଇବା। ମା'ର ବଜ୍ରମୂଳି ମାଡ଼କୁ ମନେ ପକାଇ ଏହାର ରହସ୍ୟ ଅବତାରଣା କରିଛନ୍ତି ଖଣ୍ଡପଡା ଓ କଣ୍ଟିଲୋ ଅଞ୍ଚଳର କେତେକ ବୁଦ୍ଧିଜୀବୀ । ଏମାନଙ୍କ ମଧରେ ଅଛନ୍ତି ଡାକ୍ତର ଏଲୋରା ମହାନ୍ତି, ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ, ଗୃହିଣୀ ଜୟପ୍ରଭା ସାହୁ, ଇଂ. ସୁଦୀପ୍ତା ପଣ୍ଡା ପ୍ରମୁଖ । ଏମାନେ ମା'ର ସ୍ନେହକୁ ସୁରକ୍ଷା ପ୍ରାଚୀର ସଦୃଶ ବର୍ଣ୍ଣନା କରିବା ସହ ବଜ୍ରମୂଳିର ବ୍ୟବହାର ଉପରେ ଅବଗତ କରାଇଥିଲେ । ଏହି ଓଷା ସମୟରେ ମା'ମାନେ ବଜ୍ରମୂଳି ଧରି ପିଲାମାନଙ୍କ ଫେରିବା ବାଟକୁ ଚାହିଁ ବସୁଥିଲେ । ସନ୍ଧ୍ୟାରେ ପିଲାମାନେ ଘରେ ପହଞ୍ଚିବା ମାତ୍ରେ ମା'ମାନେ ବଜ୍ରମୂଳି ଗଛରେ ୭ଥର ପିଟିବା ପରେ ଷଠି ମା'ଙ୍କୁ ପିନ୍ଧାଯାଇଥିବା ହଳଦୀ ଭିଜା କନାକୁ ଚିରି ସେମାନଙ୍କ ବେକରେ ବାନ୍ଧି ଦେଇଥାନ୍ତି। ବଜ୍ରମୂଳିରେ ପିଲାଙ୍କୁ ମାରିଲେ ସେମାନଙ୍କ ଦେହ ସୁସ୍ଥ ରହିବା ସହ ବଜ୍ର ଭଳି କଠିନ ହେବ । ଏହାଛଡା କୌଣସି ଅଶୁଭ ଶକ୍ତି ସେମାନଙ୍କ ଦେହରେ ପ୍ରବେଶ କରିପାରିବ ନାହିଁ ବୋଲି ଷଠିଓଷା କରୁଥିବା କେତେ ଜଣ ମହିଳା ପ୍ରକାଶ କରିଥିଲେ । ସକାଳୁ ଗୃହିଣୀମାନେ ବିଭିନ୍ନ ସ୍ଥାନରୁ ବଣସାରୁ ଓ ବଜ୍ରମୂଳି ଗଛ, ଦୂବ ବରକୋଳି ପତ୍ର, ଫୁଲ ଆଦି ସଂଗ୍ରହ କରିବା ପରେ ଘରେ ଥିବା ଶିଳ, ଶିଳପୁଆକୁ ଧୋଇ ସଫା କରିଥିଲେ । ଶିଳପୁଆରେ ହଳଦୀ ଲେପି ୬ ଖଣ୍ଡ ହଳଦୀ କନା ଗୁଡାଇ କଉଡିରେ ମଥା ଚିତା, ଦୁଇ ଆଖି ଓ ପାଟି ପ୍ରସ୍ତୁତ କରି ଷଠୀ ଦେବୀ ଭାବରେ ପୂଜା ବେଦିରେ ସ୍ଥାପନା କରିଥିଲେ । ବେଦିରେ ଚିତା ପକାଇବା ପରେ ଷଠୀ ବୁଢୀ ମା'ଙ୍କ ପାଖରେ ବଜ୍ରମୂଳି ଓ ବଣସାରୁ ଗଛ ରଖିଥିଲେ । ଘରେ ପ୍ରସ୍ତୁତ ହୋଇଥିବା ୬ ତରକାରି, ୬ ପିଠାକୁ ମା'ଙ୍କୁ ସମର୍ପଣ କରି ପୂଜା କରିଥିଲେ । ସନ୍ଧ୍ୟାରେ ମା'ଙ୍କୁ ବନ୍ଦାପନା କରାଯାଇ ଓଷା ଉଦ୍‌ଯାପନ କରାଯାଇଥିଲା ।

# ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

**ନୂଆଗାଁ,୪।୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହ ମଧରେ ବୁଧବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ କରିବା ପାଇଁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ବ୍ଲକ ଚେୟାରମ୍ୟାନ ଅନ୍ତର୍ଯାମୀ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ନିର୍ମାଣ କାର୍ଯ୍ୟ ଓ ଅନୁଦାନ ପାଇବାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ହିତାଧିକାରୀଙ୍କୁ ପୂର୍ଣ୍ଣ ସହଯୋଗ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଠିକ୍ ସମୟରେ ଘରକାମ ଶେଷ କରି ସରକାରଙ୍କ ତରଫରୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ହାତେଇବାକୁ ବିଡିଓ ଶିରିୟାଲ ଶୁଭ୍ର ପଟେଲ ହିତାଧିକାରୀଙ୍କୁ ବୁଝାଇଥିଲେ। ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୧୧୫୦ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେବା ପାଇଁ ତାଲିକା ପ୍ରସ୍ତୁତ ହୋଇଥିବା ବେଳେ ୪୧୨ ଜଣଙ୍କୁ ଏହା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବ୍ଲକ ଉପାଧକ୍ଷ ପୁଷ୍ପାଞ୍ଜଳି ସାହୁ, ନୂଆଗାଁ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, କନ୍ଧମାଳ ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ସାସମଲ ଉପସ୍ଥିତ ଥିଲେ ।




ବିଧାୟକ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।


## ପୂର୍ବ ତଟ ରେଳପଥ

### ବ୍ରେକ୍ ଭ୍ୟାନ୍ ଗୁଡ଼ିକର ଲିଜ୍

ଟେଣ୍ଡର ବିଜ୍ଞପ୍ତି ସଂ. SDCM-KUR-Leasing-SLRs- 1 to 114, ତା : 26.08.2019 ରିଖ

କାର୍ଯ୍ୟର ନାମ

ପଞ୍ଜିକୃତ ଲିଜ୍‌ଧାରୀମାନଙ୍କୁ ବ୍ରେକ୍ ଭ୍ୟାନ୍ (SLRs/SLRDs) ପାର୍ସଲ ଜାଗାର ଲିଜ୍ ।

68 ଟି ଟ୍ରେନ୍‌ର 114 SLRs/SLRDs (4 ଏବଂ 3.9 ଟନ୍ ) ବହନ କ୍ଷମତା

| କ୍ର. ସଂ. | ଟ୍ରେନ୍ ସଂ. | ଟ୍ରେନ୍‌ର ନାମ | ଠାରୁ - ପର୍ଯ୍ୟନ୍ତ | ଆରକ୍ଷଣ ମୂଲ୍ୟ (ଟଙ୍କାରେ) |
|---|---|---|---|---|
| 1 | 18401 | ପୁରୀ-ଓଖା ଏକ୍ସପ୍ରେସ୍ | ପୁରୀ-ଓଖା | 23,198/- |
| 2 | 20813 | ପୁରୀ-ଯୋଧପୁର ଏକ୍ସପ୍ରେସ୍ | ପୁରୀ-ଯୋଧପୁର | 21,400/- |
| 3 | 18477 | କଳିଙ୍ଗ ଉତ୍କଳ ଏକ୍ସପ୍ରେସ୍ | ପୁରୀ-ହରିଦ୍ୱାର | 21,114/- |
| 4 | 12843 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ (ଭାୟା-ବିଜୟନଗରମ୍) | ପୁରୀ-ଅହମଦାବାଦ | 19,493/- |
| 5 | 14710 | ପୁରୀ-ବିକାନେର ଏକ୍ସପ୍ରେସ୍ | ପୁରୀ-ବିକାନେର | 19,177/- |
| 6 | 22910 | ପୁରୀ-ଭାଲସାଡ୍ ଏକ୍ସପ୍ରେସ୍ | ପୁରୀ-ଭାଲସାଡ୍ | 20,775/- |
| 7 | 11020 | କୋଣାର୍କ ଏକ୍ସପ୍ରେସ୍ | ଭୁବନେଶ୍ୱର-ଛତ୍ରପତି ଶିବାଜୀ ଟର୍ମିନସ୍ | 18,193/- |
| 8 | 18405 | ପୁରୀ-ଅହମଦାବାଦ ଏକ୍ସପ୍ରେସ୍ (ଭାୟା-ସମ୍ବଲପୁର) | ପୁରୀ-ଅହମଦାବାଦ | 24,773/- |
| 9 | 18496 | ଭୁବନେଶ୍ୱର-ରାମେଶ୍ୱରମ ଏକ୍ସପ୍ରେସ୍ | ଭୁବନେଶ୍ୱର-ରାମେଶ୍ୱରମ | 19,358/- |
| 10 | 22827 | ପୁରୀ-ସୁରଟ ଏକ୍ସପ୍ରେସ୍ | ପୁରୀ-ସୁରଟ | 18,484/- |
| 11 | 12845 | ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଣ୍ଟ ଏକ୍ସପ୍ରେସ୍ | ଭୁବନେଶ୍ୱର-ବାଙ୍ଗାଲୋର କ୍ୟାଣ୍ଟ | 16,727/- |
| 12 | 17479 | ପୁରୀ-ତିରୁପତି ଏକ୍ସପ୍ରେସ୍ | ପୁରୀ-ତିରୁପତି | 14,541/- |
| 13 | 22871 | ଭୁବନେଶ୍ୱର-ତିରୁପତି ଏକ୍ସପ୍ରେସ୍ | ଭୁବନେଶ୍ୱର-ତିରୁପତି | 13,670/- |
| 14 | 17015 | ବିଶାଖା ଏକ୍ସପ୍ରେସ୍ | ଭୁବନେଶ୍ୱର-ସିକନ୍ଦରାବାଦ | 12,150/- |
| 15 | 18419 | ପୁରୀ-ଜୟନଗର ଏକ୍ସପ୍ରେସ୍ | ପୁରୀ-ଜୟନଗର | 11,962/- |
| 16 | 18449 | ବୈଦ୍ୟନାଥଧାମ ଏକ୍ସପ୍ରେସ୍ | ପୁରୀ-ପାଟନା | 11,179/- |
| 17 | 12896 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | ପୁରୀ-ହାଓଡ଼ା | 8,073/- |
| 18 | 18447 | ହୀରାଖଣ୍ଡ ଏକ୍ସପ୍ରେସ୍ | ଭୁବନେଶ୍ୱର-ଜଗଦଲପୁର | 8,721/- |
| 19 | 18452 | ତପସ୍ୱିନୀ ଏକ୍ସପ୍ରେସ୍ | ପୁରୀ-ହାତିଆ | 7,845/- |
| 20 | 58132 | ପୁରୀ-ରାଉରକେଲା ପାସେଞ୍ଜର | ପୁରୀ-ରାଉରକେଲା | 6,206/- |
| 21 | 58002 | ପୁରୀ-ସାନ୍ତ୍ରାଗାଛି ପାସେଞ୍ଜର | ପୁରୀ-ସାନ୍ତ୍ରାଗାଛି | 6,122/- |
| 22 | 12888 | ପୁରୀ-ହାଓଡ଼ା ଏକ୍ସପ୍ରେସ୍ | ପୁରୀ-ହାଓଡ଼ା | 8,073/- |
| 23 | 22819 | ଇଣ୍ଟରସିଟି ଏକ୍ସପ୍ରେସ୍ | ଭୁବନେଶ୍ୱର-ବିଶାଖାପାଟଣା | 5,523/- |
| 24 | 18421 | ପୁରୀ-ଆଜମେର ଏକ୍ସପ୍ରେସ୍ | ପୁରୀ-ଆଜମେର | 14,467/- |
| 25 | 12994 | ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ (ଭାୟା-ସମ୍ବଲପୁର) | ପୁରୀ-ଗାନ୍ଧୀଧାମ | 13,647/- |
| 26 | 12146 | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ | 12,906/- |
| 27 | 22866 | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ୍ | 11,807/- |
| 28 | 12880 | ଭୁବନେଶ୍ୱର-ଲୋକମାନ୍ୟ ତିଲକ ଟର୍ମିନସ୍ ଏକ୍ସପ୍ରେସ୍ | ଭୁବନେଶ୍ୱର-ଲୋକମାନ୍ୟ ତିଲକ ଟର୍ମିନସ୍ | 11,483/- |
| 29 | 22882 | ଭୁବନେଶ୍ୱର-ପୁନେ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁନେ | 14,925/- |
| 30 | 18407 | ସାଇ ନଗର ଶିରିଡ଼ି ଏକ୍ସପ୍ରେସ୍ | ପୁରୀ-ସାଇ ନଗର ଶିରିଡ଼ି | 11,048/- |
| 31 | 22879 | ଭୁବନେଶ୍ୱର-ତିରୁପତି ଏକ୍ସପ୍ରେସ୍ | ଭୁବନେଶ୍ୱର-ତିରୁପତି | 8,414/- |
| 32 | 18437 | ଭୁବନେଶ୍ୱର-ଭବାନୀପାଟଣା ଲିଙ୍କ୍ ଏକ୍ସପ୍ରେସ୍ | ଭୁବନେଶ୍ୱର-ଜୁନାଗଡ଼ ରୋଡ଼ | 10,232/- |
| 33 | 22809 | ପାରାଦୀପ-ବିଶାଖାପାଟଣା ଏକ୍ସପ୍ରେସ୍ | କଟକ-ବିଶାଖାପାଟଣା | 4,308/- |
| 34 | 22836 | ପୁରୀ-ଶାଲିମାର ଏକ୍ସପ୍ରେସ୍ | ପୁରୀ-ଶାଲିମାର | 3,969/- |
| 35 | 22890 | ପୁରୀ-ଦୀଘା ଏକ୍ସପ୍ରେସ୍ | ପୁରୀ-ଦୀଘା | 5,691/- |
| 36 | 22814 | ପାରାଦୀପ-ସାନ୍ତ୍ରାଗାଛି ଏକ୍ସପ୍ରେସ୍ | କଟକ-ସାନ୍ତ୍ରାଗାଛି | 3,908/- |
| 37 | 58417 | ପୁରୀ-ଗୁଣୁପୁର ପାସେଞ୍ଜର | ପୁରୀ-ନୌପଡା | 3,287/- |
| 38 | 58525 | ବ୍ରହ୍ମପୁର-ବିଶାଖାପାଟଣା ପାସେଞ୍ଜର | ବ୍ରହ୍ମପୁର-ବିଶାଖାପାଟଣା | 3,008/- |
| 39 | 18425 | ପୁରୀ-ଦୁର୍ଗ ଏକ୍ସପ୍ରେସ୍ | ପୁରୀ-ଦୁର୍ଗ | 6,528/- |
| 40 | 12893 | ଭୁବନେଶ୍ୱର-ବଲାଙ୍ଗୀର ଏକ୍ସପ୍ରେସ୍ | ଭୁବନେଶ୍ୱର-ବଲାଙ୍ଗୀର | 1,889/- |
| 41 | 18304 | ଇଣ୍ଟରସିଟି ଏକ୍ସପ୍ରେସ୍ | ପୁରୀ-ସମ୍ବଲପୁର | 1,733/- |
| 42 | 58004 | ଭଦ୍ରକ-ହାଓଡ଼ା ପାସେଞ୍ଜର | ଭଦ୍ରକ-ହାଓଡ଼ା | 1,576/- |
| 43 | 58010 | ଯାଜପୁର-କେନ୍ଦୁଝର ରୋଡ଼-ଖଡ଼ଗପୁର ପାସେଞ୍ଜର | ଯାଜପୁର କେନ୍ଦୁଝର ରୋଡ଼ - ଖଡ଼ଗପୁର | 1,332/- |
| 44 | 58424 | କଟକ-ଭଦ୍ରକ ପାସେଞ୍ଜର | କଟକ-ଭଦ୍ରକ | 895/- |
| 45 | 58436 | କଟକ-ଭଦ୍ରକ ପାସେଞ୍ଜର | କଟକ-ଭଦ୍ରକ | 895/- |
| 46 | 58416 | ପୁରୀ-କଟକ ପାସେଞ୍ଜର | ପୁରୀ-କଟକ | 770/- |
| 47 | 58415 | କଟକ - ପୁରୀ ପାସେଞ୍ଜର | କଟକ - ପୁରୀ | 1,246/- |
| 48 | 58410 | ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | ପୁରୀ-ଖୋର୍ଦ୍ଧା ରୋଡ଼ | 600/- |
| 49 | 58404 | ପୁରୀ-ଖୋର୍ଦ୍ଧା ରୋଡ଼ ପାସେଞ୍ଜର | ପୁରୀ-ଖୋର୍ଦ୍ଧା ରୋଡ଼ | 600/- |
| 50 | 58403 | ଖୋର୍ଦ୍ଧା ରୋଡ଼-ପୁରୀ ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ | 600/- |
| 51 | 58409 | ଖୋର୍ଦ୍ଧା ରୋଡ଼-ପୁରୀ ପାସେଞ୍ଜର | ଖୋର୍ଦ୍ଧା ରୋଡ଼-ପୁରୀ | 600/- |
| 52 | 22974 | ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ୍ ଭାୟା ବିଜୟନଗରମ୍ | ପୁରୀ-ଗାନ୍ଧୀଧାମ | 23,777/- |
| 53 | 12819 | ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସ୍ | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | 23,625/- |
| 54 | 58423 | ଭଦ୍ରକ-କଟକ ପାସେଞ୍ଜର | ଭଦ୍ରକ-କଟକ | 1,105/- |
| 55 | 58435 | ଭଦ୍ରକ-କଟକ ପାସେଞ୍ଜର | ଭଦ୍ରକ-କଟକ | 1,105/- |
| 56 | 20817 | ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ (ଭାୟା-ସମ୍ବଲପୁର ସିଟି) | ଭୁବନେଶ୍ୱର-ନୂଆଦିଲ୍ଲୀ | 24,125/- |
| 57 | 18463 | ଭୁବନେଶ୍ୱର-ବାଙ୍ଗାଲୋର ପ୍ରଶାନ୍ତି ଏକ୍ସପ୍ରେସ୍ | ଭୁବନେଶ୍ୱର-ବାଙ୍ଗାଲୋର | 19,260/- |
| 58 | 12898 | ଭୁବନେଶ୍ୱର-ପୁଡୁଚେରୀ ଏକ୍ସପ୍ରେସ୍ | ଭୁବନେଶ୍ୱର-ପୁଡୁଚେରୀ | 21,767/- |
| 59 | 12830 | ଭୁବନେଶ୍ୱର-ଚେନ୍ନାଇ ଏକ୍ସପ୍ରେସ୍ | ଭୁବନେଶ୍ୱର-ଚେନ୍ନାଇ | 17,154/- |
| 60 | 12822 | ପୁରୀ-ହାଓଡ଼ା ଧଉଳି ଏକ୍ସପ୍ରେସ୍ | ପୁରୀ-ହାଓଡ଼ା | 7,452/- |
| 61 | 22833 | ଭୁବନେଶ୍ୱର-କ୍ରିଷ୍ଣରାଜପୁରମ୍ ହମ୍‌ସଫର ଏକ୍ସପ୍ରେସ୍ | ଭୁବନେଶ୍ୱର-କ୍ରିଷ୍ଣରାଜପୁରମ୍ | 13,767/- |
| 62 | 12892 | ଭୁବନେଶ୍ୱର-ବାଙ୍ଗିରିପୋଷି ଏକ୍ସପ୍ରେସ୍ | ଭୁବନେଶ୍ୱର-ବାଙ୍ଗିରିପୋଷି | 4,037/- |
| 63 | 19318 | ପୁରୀ-ଇନ୍ଦୋର୍ ଜଙ୍କ୍‌ସନ୍ ହମ୍‌ସଫର ଏକ୍ସପ୍ରେସ୍ | ପୁରୀ-ଇନ୍ଦୋର୍ ଜଙ୍କ୍‌ସନ୍ | 14,350/- |
| 64 | 12281 | ଦୁରନ୍ତୋ ଏକ୍ସପ୍ରେସ୍ | ଭୁବନେଶ୍ୱର-ନୂଆଦିଲ୍ଲୀ | 26,005/- |
| 65 | 18410 | ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ | ପୁରୀ-ହାଓଡ଼ା | 9,200/- |
| 66 | 18414 | ପୁରୀ-ପାରଦୀପ ଏକ୍ସପ୍ରେସ୍ | ପୁରୀ-କଟକ | 1,571/- |
| 67 | 18416 | ପୁରୀ-ବଡ଼ବିଲ ଏକ୍ସପ୍ରେସ୍ | ପୁରୀ-ବଡ଼ବିଲ | 2,590/- |
| 68 | 22805 | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ ଏକ୍ସପ୍ରେସ୍ | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନାଲ | 22,061/- |

ବହନ କ୍ଷମତା : କ୍ରମ.ସଂ. 1ରୁ 5, 7, 12, 14, 18ରୁ 21, 23ରୁ 25, 27ରୁ 28, 30ରୁ 34, 36ରୁ 55, 57, 60, 62 ଏବଂ 64ରୁ 68 ନିମନ୍ତେ : **4 ଟନ୍**, କ୍ରମ.ସଂ. 6, 8ରୁ 11, 13, 15ରୁ 17, 22, 26, 29, 35, 56, 58ରୁ 59, 61 ଏବଂ 63 ନିମନ୍ତେ : **3.9 ଟନ୍**

ବ୍ରେକ୍ ଭ୍ୟାନ୍ (SLR/SLRD) ଫ୍ରଣ୍ଟ/ରିଅର : କ୍ରମ.ସଂ. 1ରୁ 5, 7, 12, 14, 18ରୁ 19, 23ରୁ 25, 27ରୁ 28, 30ରୁ 34, 39ରୁ 40, 53 ଏବଂ 60 ନିମନ୍ତେ: **ରିଅର-SLR, ଫ୍ରଣ୍ଟ-SLRD,** କ୍ରମ.ସଂ. 6, 8ରୁ 11, 13, 15ରୁ 17, 22, 26, 29, 35, 58ରୁ 59, 61ରୁ 63 ଏବଂ 68 ନିମନ୍ତେ : **ରିଅର-SLR,** କ୍ରମ.ସଂ. 20ରୁ 21, 37ରୁ 38, 41ରୁ 46, 48ରୁ 51, 54ରୁ 55 ଏବଂ 64ରୁ 67 ନିମନ୍ତେ: **ଫ୍ରଣ୍ଟ ଏବଂ ରିଅର - SLR,** କ୍ରମ.ସଂ. 36 ଏବଂ 52 ନିମନ୍ତେ : **ରିଅର - SLRD, ଫ୍ରଣ୍ଟ-SLR,** କ୍ରମ.ସଂ. 57 ନିମନ୍ତେ: **ଫ୍ରଣ୍ଟ-SLRD,** କ୍ରମ.ସଂ. 47 ଏବଂ 56ନିମନ୍ତେ : **ଫ୍ରଣ୍ଟ - SLR.**

ସପ୍ତାହରେ ଚଳାଚଳ ଦିବସ ଏବଂ ସ୍କେଲ୍ : କ୍ରମ.ସଂ. 1ରୁ 2, 5ରୁ 6, 8ରୁ 11, 13, 15ରୁ 17, 22, 52, 56, 58ରୁ 59, 64 ଏବଂ 68 ନିମନ୍ତେ : ଏକ ଦିନ **[R-Scale],** କ୍ରମ.ସଂ. 3, 7, 14, 18ରୁ 21, 23, 32, 57, 60 ଏବଂ 65 ନିମନ୍ତେ : ଦୈନିକ **[R-Scale],** କ୍ରମ.ସଂ. 53 ନିମନ୍ତେ : ଦୁଇ ଦିନ **[R-Scale],** କ୍ରମ.ସଂ. 4 ନିମନ୍ତେ : ଚାରି ଦିନ **[R-Scale],** କ୍ରମ.ସଂ. 12 ନିମନ୍ତେ: ପାଞ୍ଚ ଦିନ **[R-Scale],** କ୍ରମ.ସଂ. 25ରୁ 27, 29ରୁ 31, 33ରୁ 36, 61 ଏବଂ 63 ନିମନ୍ତେ: ଏକ ଦିନ **[P-Scale],** କ୍ରମ.ସଂ. 37ରୁ 39, 47 ଏବଂ 62 ନିମନ୍ତେ: ଦୈନିକ **[P-Scale],** କ୍ରମ.ସଂ. 24 ଏବଂ 28 ନିମନ୍ତେ: ଦୁଇ ଦିନ **[P-Scale]** ଏବଂ କ୍ରମ.ସଂ. 40ରୁ 46, 48ରୁ 51, 54ରୁ 55 ଏବଂ 66ରୁ 67 ନିମନ୍ତେ: ଦୈନିକ**[S-Scale].**

ଅମାନତ ରାଶି (EMD) : ₹ 1,00,000/- (ଏକ ଲକ୍ଷ ଟଙ୍କା ମାତ୍ର) ପ୍ରତ୍ୟେକ SLR ଏବଂ SLRD ନିମନ୍ତେ ।

ଆବେଦନ ଫର୍ମର ମୂଲ୍ୟ (GST @ 18% ସହିତ) : ₹ 1180/- ପ୍ରତ୍ୟେକ SLR ଏବଂ SLRD ନିମନ୍ତେ ।

ଟେଣ୍ଡର ବନ୍ଦ କରାଯିବାର ଅନ୍ତିମ ତାରିଖ ଓ ସମୟ : ତା 26.09.2019 ରିଖ 1500 ଘଟିକା ପର୍ଯ୍ୟନ୍ତ

ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ : ତା 26.09.2019 ରିଖ 1530 ଘଟିକାରେ

ପରବର୍ତ୍ତୀ ଅନୁସନ୍ଧାନ ଏବଂ ସ୍ପଷ୍ଟିକରଣ (ଯଦି ଆବଶ୍ୟକ ହୁଏ) ନିମନ୍ତେ ଦୟାକରି "ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ) ଅର୍ଥାତ୍ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ପୂର୍ବ ତଟ ରେଳପଥ, ଖୋର୍ଦ୍ଧା ରୋଡ଼, ଫୋନ୍ : **0674-2492945 / 2372750** ସହିତ ସମ୍ପର୍କ କରି ପାରନ୍ତି ।

ଉପରୋକ୍ତ ଟେଣ୍ଡରର ସମସ୍ତ ବିବରଣୀ ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-**III** ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ସହିତ **IREPS** ପୋର୍ଟାଲରେ ନିଶ୍ଚିତ ଭାବେ ପଞ୍ଜୀକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜୀକୃତ ଟେଣ୍ଡରଦାତା(ମାନେ)/ ବିଡର(ମାନେ) ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ ପେପରଗୁଡ଼ିକ ନିଶ୍ଚିତ ଭାବେ ଅପ୍‌ଲୋଡ୍ କରିବାକୁ ହେବ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର **10**(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

**PR-339/K/19-20** ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ଖୋର୍ଦ୍ଧା ରୋଡ଼

ପ୍ରିୟ ଓ ମିଠା କଥା କହିଲେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି। ତେଣୁ ମଧୁର କଥା କହିବା ପାଇଁ କୁଣ୍ଠିତ ହେବା ଉଚିତ ନୁହେଁ
-ଚାଣକ୍ୟ



## ସଂକ୍ଷେପରେ

### ନଳକୂପରୁ ବାହାରୁଛି ଗୋଳିଆପାଣି



**ବୋଲଗଡ,୪ା୯(ଡି.ଏନ.ଏ.):** ବୋଲଗଡ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ଦୁର୍ଗାପୁର ମୌଜାର ମଠସାହି ଦୋଳମଣ୍ଡପ ନିକଟରେ ଥିବା ଏକ ନଳକୂପରୁ ବିଭିନ୍ନ ସମୟରେ ଗୋଳିଆ ପାଣି ବାହାରୁଛି। ଫଳରେ ଏହି ନଳକୂପ ଉପରେ ନିର୍ଭର କରିଥିବା ମଠସାହିର ଲୋକେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଉକ୍ତ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପ୍ରାୟ ୮ବର୍ଷ ହେବ ବନ୍ଦ ହୋଇ ରହିଛି। ମଠସାହିରେ ଆଉ ଏକ ନୂତନ ନଳକୂପ ଖନନ କରାଯିବା ପାଇଁ ଦାବି ହେଉଥିଲେ ମଧ୍ୟ ଏଯାବତ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ, ଦୋଳମଣ୍ଡପଠାରେ ଥିବା ନଳକୂପ ଉପରେ ସାହିର ସମସ୍ତ ଲୋକେ ପାନୀୟ ଜଳ ପାଇଁ ନିର୍ଭର କରିଥାନ୍ତି। ବିଭିନ୍ନ ସମୟରେ ଏହି ନଳକୂପରୁ ଲୌହଗୁଣ୍ଡ ଯୁକ୍ତ ପାଣି ବାହାରୁଛି। ତେବେ ଉକ୍ତ ସାହିରେ ପାନୀୟ ଜଳ ପାଇଁ ବିକଳ୍ପ ବ୍ୟବସ୍ଥା ନଥିବାରୁ ଲୋକେ ବାଧ୍ୟ ହୋଇ ଏହି ନଳକୂପର ଜଳକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ତେଣୁ ଦୁର୍ଗାପୁର ମୌଜାର ମଠ ସାହି ପାଇଁ ଏକ ନୂତନ ନଳକୂପ ଖନନ କରାଯିବାକୁ ଦାବି ଜୋର ଧରିଛି। ଏ ସମ୍ପର୍କରେ ବୋଲଗଡ ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ ଘଡାଇ କୁହନ୍ତି ଆଗାମୀ ଦିନରେ ଦୁର୍ଗାପୁର ମୌଜା ମଠସାହିଠାରେ ଆଉ ଏକ ନଳକୂପର ବ୍ୟବସ୍ଥା କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

### ବଜାର କମିଟିର ପୂର୍ବତନ ସଭ୍ୟଙ୍କ ପରଲୋକ

**ଭାପୁର,୪ା୯(ଡି.ଏନ.ଏ.):** ଭାପୁର ବଜାର ମା' ବ୍ରାହ୍ମଣୀ ଦେବୀ ବଣିକ ସଂଘର ପୂର୍ବତନ ସଭ୍ୟ ଗୋବିନ୍ଦ ଚନ୍ଦ୍ର ସାହୁ (୯୦)ଙ୍କ ବୁଧବାର ଅପରାହ୍ନ ୩ଟାରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ସେ ଜଣେ ଦକ୍ଷ ସିଲେଇ ମାଷ୍ଟର ଓ ଛତା ମରାମତି କାରିଗର ଭାବେ ପରିଚିତ ଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି। ସାନପୁଅ ମାଗି ସାହୁ ମୁଖାଗ୍ନି ଦେଇଥିଲେ।

## ■ ରଣପୁର ତହସିଲରେ ଜାଲ୍ ଦଲିଲରେ ପଟ୍ଟା ପ୍ରଦାନ ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ରଣପୁର,୪ା୯(ସ୍ୱ.ପ୍ର.)**

- ■ଜାଲ୍ ଜମିପଟ୍ଟା ଖାରଜ ପରେ ନାହିଁ କାର୍ଯ୍ୟାନୁଷ୍ଠାନ
- ■ନୂଆ ପଟ୍ଟା ପ୍ରଦାନ କରି ପ୍ରଶାସନ ଚୁପ୍
- ■ଆଇନଗତ ପଦକ୍ଷେପ ନେଲେନି ତହସିଲ କର୍ତ୍ତୃପକ୍ଷ

ନୟାଗଡ଼ ଜିଲା ରଣପୁର ତହସିଲରେ ଜାଲ୍ ଦଲିଲରେ ପଟ୍ଟା ପ୍ରଦାନ କରାଯାଇଥିବା ପ୍ରମାଣ ମିଳିବା ପରେ ତହସିଲ ପକ୍ଷରୁ ଜମି ପଟ୍ଟା ଖାରଜ କରାଯାଇ ନୂଆ ପଟ୍ଟା ପ୍ରଦାନ କରାଗଲା। ହେଲେ ଆଇନଗତ ଦିଗକୁ ତହସିଲ କର୍ତ୍ତୃପକ୍ଷ ଭୁଲିଯାଇ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରି ନ ଥିଲେ। ଅଭିଯୋଗକାରୀ ନ୍ୟାୟ ପାଇଁ ରଣପୁର ଥାନା ଓ ନୟାଗଡ଼ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ପୋଲିସ ଅଭିଯୋଗକୁ ତଦନ୍ତ ପରିସରଭୁକ୍ତ ନ କରି ଚୁପ ରହିଥିଲା। ଅଭିଯୋଗକାରୀ ନିରାଶ ନ ହୋଇ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟ ଅଭିଯୋଗକୁ ଗ୍ରହଣ କରି କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ୪ ସପ୍ତାହ ମଧ୍ୟରେ ଜଣାଇବାକୁ ପିଆରଏଲ୍‌ଏନ୍‌ଟି ନଂ.୧୦୯୦/୨୮।୮।୨୦୧୯ରେ ମୁଖ୍ୟ ସଚିବ ଗୃହ ବିଭାଗ, ଡିଜିପି କଟକ, ନୟାଗଡ଼ ଏସ୍‌ପି, ରଣପୁର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁସାରେ ରଣପୁର ତହସିଲ ବାଙ୍କପୁର ଗାଁର ସ୍ୱର୍ଗତ ଦାଶରଥି ଜେନା ଓ କୁମୁଦୁନୀ ଜେନାଙ୍କ ୨ ପୁଅ ଓ ୩ ଝିଅ ଅଛନ୍ତି। ଦାଶରଥି ଓ କୁମୁଦୁନୀଙ୍କ ନାଁରେ ଥିବା ସମ୍ପତ୍ତି ବଡଭାଇ ବିପିନ ଜାଲିଆତି କରି ନିଜ ନାଁରେ କରାଇ ନେଇଥିଲେ। ପରେ ସେ ସାନଭାଇ ବିଜିନିଙ୍କୁ ଘରୁ ତଡି ଦେଇଥିଲେ। ବିଜିନି ଘଟଣାର ତଦନ୍ତ ପାଇଁ ରଣପୁର ସବ୍‌ରେଜିଷ୍ଟର କାର୍ଯ୍ୟାଳୟରୁ ଦଲିଲର ସାର୍ଟିଫାଏଡ୍ କପି ମାଗିଥିଲେ। ଏଥିରେ ଜାଲିଆତି କରି ଘରବାରି, କୋଠା ଓ ଜମିକୁ ବଡଭାଇ ନିଜ ନାଁରେ କରାଇ ନେଇଥିବା ବିଜିନି ଜାଣିପାରିଥିଲେ। ପରେ ସେ ୧୭।୧।୨୦୧୮ରେ ସୂଚନା ଅଧିକାର ଆଇନ ଅନୁସାରେ ତହସିଲ କାର୍ଯ୍ୟାଳୟକୁ ଜମି ଜାଲିଆତିର ପ୍ରମାଣ ମାଗିଥିଲେ। ହେଲେ ତହସିଲ କର୍ତ୍ତୃପକ୍ଷ ଚୁପ ରହିଥିଲେ। ପରେ ଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏ ସମ୍ପର୍କରେ ୨୦୧୯ ଜାନୁୟାରୀ ୨୧ରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା। ଏହାର ତଦନ୍ତ କରାଯାଇ ଜମି ପଟ୍ଟା ଖାରଜ ହୋଇଥିଲା। ଏପରିକି ଘରର ମୁଖିଆ ବାପାଙ୍କ ନାଁକୁ ସମ୍ପତ୍ତି ଚାଲି ଆସିଥିଲା। ଏ ନେଇ ବିଜିନି ଜେନା କୁହନ୍ତି, ଜାଲ ଦଲିଲରେ ପଟ୍ଟା କରାଯାଇଥିବା ପ୍ରମାଣ ପାଇବା ପରେ ପ୍ରଶାସନ ଚୁପ ରହିବା ଠିକ୍ ନୁହେଁ। ମୋ ବଡ ଭାଇ ଓ ତହସିଲ କର୍ତ୍ତୃପକ୍ଷ କିମ୍ବା ଆଉ ଯେଉଁମାନେ ଜାଲିଆତିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଦରକାର। ଏହା ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି।

# ବିନା ପାରିଶ୍ରମିକରେ ଦେଶୀ ଚିକିତ୍ସା କରନ୍ତି ଗୋପାଳ

## ୧୭ଶହ ଲୋକଙ୍କୁ କରିଲେଣି ଆରୋଗ୍ୟ

**ଭାପୁର,୪ା୯ (ଡି.ଏନ.ଏ.)**



ଗୋପାଳ ବାରିକ।

ସେବା ହିଁ ପରମ ଧର୍ମ। ଏହି ଉକ୍ତିକୁ ପାଥେୟକରି ବିନା ପାରିଶ୍ରମିକରେ ଲୋକଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ସେ। ଡାକ୍ତରୀ ପାଠ ପଢ଼ି ନ ଥିଲେ ମଧ୍ୟ ଚେରମୂଳି ଔଷଧ ସାହାଯ୍ୟରେ ଦେଶୀ ଚିକିତ୍ସା କରି ଲୋକଙ୍କ ଅର୍ଶ, ମଳକଣ୍ଟକ, ଦାନ୍ତରୋଗ ଆଦି ଭଲ କରୁଛନ୍ତି। ମା' ମଙ୍ଗଳାଙ୍କ ଆଶୀର୍ବାଦରୁ ସେ ଗ୍ରାମ ବୈଦ୍ୟର ପରିଚୟ ପାଇଥିବାବେଳେ ଲୋକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ସେ ହେଲେ ନୟାଗଡ଼ ଜିଲା ଭାପୁର ବ୍ଲକ ବାଇଗୁଣିଆ ଗ୍ରାମପଞ୍ଚାୟତ ବୋରଗାଁର ଗୋପାଳ ବାରିକ (୫୭)। ଯୁବା ବୟସରୁ ନିଜର କୌଳିକ ବୃତ୍ତିକୁ ଆଦରି ପରିବାର ପ୍ରତିପୋଷଣ କରୁଥିବା ବେଳେ ମା' ମଙ୍ଗଳାଙ୍କ ସେ ଜଣେ ପରମ ଭକ୍ତ ଥିବାରୁ ପ୍ରତ୍ୟହ ମା'ଙ୍କ ପୂଜାନୀତି କରିଆସୁଛନ୍ତି। ମା'ଙ୍କ ଆଶୀର୍ବାଦ ପାଇ ସେ ନିଜର କୌଳିକ ବୃତ୍ତି ଛାଡ଼ି ଗ୍ରାମ୍ୟ ବୈଦ୍ୟ ପାଲଟି ଯାଇଛନ୍ତି। ସ୍ତ୍ରୀ, ୩ ପୁଅ ଓ ଗୋଟିଏ ଝିଅକୁ ନେଇ ତାଙ୍କ ସଂସାର ଦୁଃଖକଷ୍ଟେ ଚଳିଆସୁଥିବାବେଳେ ଏବେ ପିଲାମାନଙ୍କ ଉପରେ ସଂସାର ଦାୟିତ୍ୱ ଲଦି ନିଜେ ସେଥିରୁ ମୁକୁଳି ଯାଇଛନ୍ତି। ସମ୍ପୂର୍ଣ୍ଣ ଶାକାହାରୀ ଖାଦ୍ୟ ଗ୍ରହଣ କରି ମା' ମଙ୍ଗଳାଙ୍କ ଆଶୀର୍ବାଦ ନେଇ ରୋଗୀ ସେବାକୁ ବ୍ରତ କରିଛନ୍ତି। ଜଙ୍ଗଲରୁ ସଂଗୃହୀତ ଚେରମୂଳିକୁ ଔଷଧ କରି ଅର୍ଶ, ମଳକଣ୍ଟକ ଆଦି ରୋଗ ଭଲ କରୁଛନ୍ତି। ବିଶେଷକରି ଦାନ୍ତବିନ୍ଧା ରୋଗୀଙ୍କ ପୋକରା ଦାନ୍ତର ଚିକିତ୍ସା କରୁଛନ୍ତି। ସପ୍ତାହର ସମସ୍ତ ଦିନରେ ଅର୍ଶ ଓ ମଳକଣ୍ଟକ ରୋଗୀଙ୍କୁ ଚିକିତ୍ସା କରୁଥିବା ବେଳେ ଶନିବାର କେବଳ ଦାନ୍ତ ସମସ୍ୟାରେ ପୀଡ଼ିତଙ୍କୁ ଚିକିତ୍ସା କରିଥାନ୍ତି। ତେବେ ଆଶ୍ଚର୍ଯ୍ୟ କଥା, ଔଷଧୀୟ ପତ୍ରର ରସକୁ ରୋଗୀଙ୍କ କାନରେ ପକାଇ ଦାନ୍ତରୁ ପୋକସଦୃଶ କିଛି କାଢ଼ିଥାନ୍ତି। ତାଙ୍କ ଚିକିତ୍ସା ଦ୍ୱାରା ରୋଗୀ ଖୁବ୍ ଆଶ୍ୱସ୍ତ ହୋଇଥାଏ। ଏହି ବୃତ୍ତିରେ ସେ ଦୀର୍ଘ ୧୦ବର୍ଷ ହେଲା ବିନା ପାରିଶ୍ରମିକରେ ୧୭ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଚିକିତ୍ସା କରିଆସିଲେଣି। ସମସ୍ତେ ଆରୋଗ୍ୟ ଲାଭ କରିଥିବା କୁହନ୍ତି। ସମସ୍ତଙ୍କ ମୁହଁରେ ଗୋପାଳଙ୍କ ପ୍ରଶଂସା। ଅର୍ଥସର୍ବସ୍ୱ ଯୁଗରେ ବିନା ଅର୍ଥ, ବିନା ସ୍ୱାର୍ଥରେ ରୋଗୀସେବା କରି ସେ ଅପାର ଆନନ୍ଦ ପାଇପାରୁଥିବା କୁହନ୍ତି। ରୋଗୀମାନେ ତାଙ୍କର ଆରାଧ୍ୟ ଦେବୀ ମା' ମଙ୍ଗଳାଙ୍କ ପାଇଁ କିଛି ଭୋଗ ଓ ଧୂପଦୀପ ଦେଇ ଚିକିତ୍ସିତ ହୋଇ ଘରକୁ ଫେରନ୍ତି।

# ୧୪ ଦଫା ଦାବିରେ ଆଶାକର୍ମୀଙ୍କ ବିକ୍ଷୋଭ

**ନୟାଗଡ଼ ଅଫିସ,୪ା୯**




ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ଓ କର୍ମଚାରୀ ମାରଣନୀତିର ପ୍ରତିବାଦ ଏବଂ ଆଶାକର୍ମୀମାନଙ୍କ ବିଭିନ୍ନ ଦାବି ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ ବୁଧବାର ଆଶାକର୍ମୀମାନେ ବିକ୍ଷୋଭ କରିଥିଲେ। ସିଟୁ ନୟାଗଡ଼ ଜିଲା କମିଟି ଅନୁବନ୍ଧିତ ଓଡ଼ିଶା ଆଶାକର୍ମୀ ଆସୋସିଏଶନ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆଶାକର୍ମୀମାନେ ପୁରୁଣା ବସ୍‌ଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଉପଲକ୍ଷେ ଜିଲା ସଭାପତି ନଳିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ କେନ୍ଦ୍ରରେ ମୋଦି ସରକାରଙ୍କ ଶ୍ରମିକ ଓ କର୍ମଚାରୀ ମାରଣ ନୀତିକୁ ତୀବ୍ର ସମାଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟକ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ପାଇଁ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ଅନୁଦାନ ରାଶି ହ୍ରାସ କରି ସମ୍ପୂର୍ଣ୍ଣ ଉଠାଇ ଦେବାର ବ୍ୟବସ୍ଥା କେନ୍ଦ୍ର ସରକାର ଗତ ବଜେଟରେ କରିଥିବାରୁ ଏହାକୁ ନେଇ ସମାବେଶରେ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟକ୍ଷେତ୍ରରେ ଆଶାମାନଙ୍କ ନିଯୁକ୍ତି ଫଳରେ ଦେଶରେ ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର ଅନେକାଂଶରେ ନିୟନ୍ତ୍ରଣ ହେବା ସହ ସାଧାରଣ ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚି ପାରିଛି। ହେଲେ ଆଶାମାନଙ୍କୁ ସ୍ୱଳ୍ପ ପାରିଶ୍ରମିକ ପ୍ରଦାନ କରାଯାଉଥିବାରୁ ସେମାନେ ଅଭାବ ଅନଟନରେ ଦିନ କାଟୁଥିବା ପ୍ରକାଶ କରିଛନ୍ତି। ଆଶାକର୍ମୀଙ୍କୁ ମାସିକ ୨୦ ହଜାର ଟଙ୍କା, ନିଯୁକ୍ତିକୁ ସ୍ଥାୟୀ କରିବା, ୬୦ ବର୍ଷ ପରେ ସମସ୍ତ କର୍ମୀଙ୍କୁ ପେନ୍‌ସନ୍ ଦେବା, ୫ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରିବା, ଅବସରକାଳୀନ ଭତ୍ତା ପ୍ରଦାନ କରିବା ଭଳି ୧୪ ଦଫା ଦାବିରେ କର୍ମୀମାନେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ୧୪ ଦଫା ସମ୍ବଳିତ ଦାବିପତ୍ରକୁ କର୍ମୀମାନେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କୁ ପ୍ରଦାନ କରିଥିଲେ। ଦାବି ପୂରଣ କରିବାରେ କେନ୍ଦ୍ର ସରକାର ଅବହେଳା କଲେ ଭବିଷ୍ୟତରେ ସଙ୍ଗଠନ ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ବିକ୍ଷୋଭ ସମାବେଶରେ ସଙ୍ଗଠନର ଜିଲା ସମ୍ପାଦକ ସୁରେଶ ସ୍ୱାଇଁ, ସିଆଇଟିୟୁ ନେତା ବିଶ୍ୱନାଥ ମହାପାତ୍ର, ଏସ୍. ଏ. କରିମ, ସଂଯୁକ୍ତା ସେଠୀ, ଅହଲ୍ୟା ସେଠୀ, ରେଣୁବାଳା ସାହୁ, ଶୈଳବାଳା ସାମଲ, ଯାମିନୀରାଣୀ ବେହେରା, ପ୍ରଭାତି ପଣ୍ଡା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଖଣ୍ଡପଡ଼ାରେ ଗଣେଶପୂଜା ମହୋତ୍ସବ

**ଖଣ୍ଡପଡା,୪ା୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ରଥଗଡା ଛକରେ ଟେନ୍‌ଷ୍ଟାର କ୍ଲବ ପକ୍ଷରୁ ଗଣେଶ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଭୁବନେଶ୍ୱର ଏକ ଡ୍ୟାନ୍ସ ଗ୍ରୁପ୍‌ର କୁନି କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ। ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଶ୍ରୀଧର ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖଣ୍ଡପଡା ମୃତ୍ତିକା ସଂରକ୍ଷଣ ଅଧିକାରୀ ଯୁଗଳ କିଶୋର ପ୍ରଧାନ ସମ୍ମାନିତ ଅତିଥି ଓ ପଣ୍ଡିତ ମନୋଜ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ମହୋତ୍ସବ କମିଟି ସଭାପତି ମୁକେଶ ବେହେରା ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ପ୍ରିୟଦର୍ଶନ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।

## ଭାପୁର ବଜାର ବଣିକ ସଂଘର କର୍ମକର୍ତ୍ତା ନିର୍ବାଚନ



ବଣିକ ସଂଘର ନୂତନ କର୍ମକର୍ତ୍ତାମାନେ।

**ଭାପୁର,୪ା୯ (ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବଜାରର ମା' ବ୍ରାହ୍ମଣୀ ଦେବୀ ବଣିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ମଧ୍ୟାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଭାପୁର ବାଇପାସ୍ ରୋଡସ୍ଥିତ ରଘୁନାଥ ମନ୍ଦିର କଲ୍ୟାଣୀ ମଣ୍ଡପଠାରେ ବଜାରର ବରିଷ୍ଠ ସଭ୍ୟ ତ୍ରିନାଥ କୁମାର ସାହୁଙ୍କ ସଭାପତିତ୍ୱରେ ଉକ୍ତ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ପୂର୍ବତନ ସଭାପତି ଗଙ୍ଗାଧର ବାରିକ ପୂର୍ବବର୍ଷର ଆୟବ୍ୟୟ ହିସାବ ଦେଇଥିଲେ। ନୂତନ ସଭାପତି ଭାବେ କାର୍ତ୍ତିକ ଚନ୍ଦ୍ର ନାୟକ, ଉପସଭାପତି ସୁରେଶ ଚନ୍ଦ୍ର ପଣ୍ଡା, ସମ୍ପାଦକ ଭାବେ ରମେଶ ଚନ୍ଦ୍ର ବରାଡ଼ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ସେହିପରି ସହ ସମ୍ପାଦକ ଭାବେ ଗଗନ ବିଶ୍ୱାଳ, କୋଷାଧ୍ୟକ୍ଷ ପ୍ରକାଶ କୁମାର ସିଂ, ଅଡିଟର ଭାବେ ନରୋତ୍ତମ ମହାପାତ୍ର, ଶ୍ୟାମଘନ ସାହୁ ଓ ଦୁର୍ଯ୍ୟୋଧନ ପୃଷ୍ଟି, ସାଧାରଣ ସଭ୍ୟ ଭାବେ ରବୀନ୍ଦ୍ରନାଥ ସାହୁ, ଲକ୍ଷ୍ମଣ କୁମାର ସାହୁ, ସୁରେନ୍ଦ୍ର କୁମାର ସାହୁ ଏବଂ ଅକ୍ଷୟ କୁମାର ପ୍ରଧାନ ନିର୍ବାଚିତ ହୋଇଛନ୍ତି। ଭାପୁର ବଜାରରେ ବାହାର ଗ୍ରାମର ଅସାମାଜିକ ଯୁବକମାନଙ୍କ ଦୌରାତ୍ମ୍ୟ ବଢୁଥିବାରୁ ସେମାନଙ୍କୁ ଉଚିତ ମୁକାବିଲା କରି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବାକୁ ବଣିକ ସଂଘ ଓ ଭାପୁର ଗ୍ରାମ୍ୟ କମିଟିର ମିଳିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

## ■ ଦଶପଲ୍ଲା ଖବରଦାତାଙ୍କୁ ଆକ୍ରମଣ ଘଟଣା

# ୧୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ଜିଲା ସାମ୍ବାଦିକ ସଂଘ

**ନୟାଗଡ଼ ଅଫିସ,୪ା୯**

ଆଶ୍ରମ ବିଦ୍ୟାଳୟରେ ଖବରଦାତାଙ୍କୁ ଆକ୍ରମଣ ପ୍ରତିବାଦରେ ଅନଶନରେ ବସିଥିବା ଖବରଦାତାଙ୍କୁ ଦଶପଲ୍ଲା ବିଧାୟକଙ୍କ ଉପସ୍ଥିତିରେ ତାଙ୍କର ସମର୍ଥକମାନେ ଆକ୍ରମଣ କରିଥିଲେ। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଆସନ୍ତା ୧୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ଜିଲା ସାମ୍ବାଦିକ ସଂଘ। ଏ ନେଇ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଜୁଲାଇ ୩ ତାରିଖରେ ଦଶପଲ୍ଲା ଥାନା ଅନ୍ତର୍ଗତ ଟାକରା ଆଶ୍ରମ ବିଦ୍ୟାଳୟରେ ୩ ଜଣ ଖବରଦାତାଙ୍କୁ ଆକ୍ରମଣ କରାଯିବା ସହିତ ସେମାନଙ୍କୁ ଅଟକ ରଖାଯାଇଥିଲା। ଏ ନେଇ ଖବରଦାତାମାନେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଫଳରେ ଦଶପଲ୍ଲା ଖବରଦାତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କିଛି ଦିନ ତଳେ ଦଶପଲ୍ଲା ଥାନା ଆଗରେ ଗଣଧାରଣା ଦିଆଯାଇଥିଲା। ଏହି ସମୟରେ ଏଏସ୍‌ପି ଦିଲ୍ଲୀପ ସାହାଣୀ ଘଟଣାସ୍ଥଳରେ ପହଞ୍ଚି ୭ ଦିନ ଭିତରେ ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଖବରଦାତାମାନେ ଧାରଣା ପ୍ରତ୍ୟାହୃତ କରିଥିଲେ। ୧୭ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ପରେ ଖବରଦାତାମାନେ ଦଶପଲ୍ଲା ଥାନା ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଗତ ୮ ତାରିଖରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ତାଙ୍କର କେତେକ ସମର୍ଥକ ଅନଶନସ୍ଥଳରେ ପହଞ୍ଚି ଅନଶନ ଭାଙ୍ଗିବାକୁ କହିଥିଲେ। ହେଲେ ଖବରଦାତାମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ବିଧାୟକଙ୍କ ସମ୍ମୁଖରେ ତାଙ୍କର କିଛି ସମର୍ଥକ ଅନଶନରେ ବସିଥିବା ଖବରଦାତାଙ୍କୁ ମାଡ଼ ମାରିବା ସହିତ ଟେଣ୍ଟ ଭାଙ୍ଗି ଦେଇଥିଲେ। ଫଳରେ ଜଣେ ଖବରଦାତା ଗୁରୁତର ହୋଇ ପଡ଼ିଥିଲେ। ଏହି ଘଟଣାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଗତ ୧୪ ତାରିଖରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଖବରଦାତାମାନେ ଏସ୍‌ପିଙ୍କୁ ଭେଟିଥିଲେ। ପରେ ଏ ନେଇ ଦଶପଲ୍ଲା ପୋଲିସ ଟାକେରା ଆଶ୍ରମ ବିଦ୍ୟାଳୟର ୩ ଜଣ ଶିକ୍ଷକଙ୍କ ନାମରେ କୋର୍ଟରେ ଚାର୍ଜଶିଟ କରିଥିଲା। ହେଲେ ବିଧାୟକଙ୍କ ସମର୍ଥକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହିଁ। ଅନଶନରେ ବସିଥିବା ଖବରଦାତାଙ୍କୁ ଆକ୍ରମଣ କରିଥିବା ବିଧାୟକଙ୍କ ସମର୍ଥକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆସନ୍ତା ୧୦ ତାରିଖରେ ଖବରଦାତାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

# ବ୍ଲକ ପକ୍ଷରୁ ଭତ୍ତା, ଆବାସ ଗୃହ କାର୍ଯ୍ୟାଦେଶ ବଣ୍ଟନ

**ଖଣ୍ଡପଡ଼ା,୪ା୯(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ପକ୍ଷରୁ ବୁଧବାର ହିତାଧିକାରୀଙ୍କୁ ଭତ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ ବ୍ଲକ ଅଧୀନ ୨୨ ପଞ୍ଚାୟତର ୧୨୬ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶପତ୍ର ପ୍ରଦାନ କରିଥିଲେ। ସେହିପରି ୧୩୬ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଖଣ୍ଡପଡା ବିଡିଓ ଗୌରବମୟ ପ୍ରଧାନ, ଏବିଡିଓଙ୍କ ସମେତ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ଓ ସମସ୍ତ ପଞ୍ଚାୟତର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଚାଲ ଫେରିଯିବା ଗୁରୁକୁଳ

**ଅଜୟ କୁମାର ମହାରଣା**
**ଖଣ୍ଡପଡ଼ା,୪ା୯**

**ଗୁରୁଦିବସ ଉପଲକ୍ଷେ**

ଭାରତୀୟ ସଂସ୍କୃତିରେ ଗୁରୁ-ଶିଷ୍ୟର ପରମ୍ପରା ମହାନ୍। ଗୁରୁ ହେଉଛନ୍ତି ପବିତ୍ରତା, ଶାନ୍ତି, ପ୍ରେମ ଓ ଜ୍ଞାନର ମୂର୍ତ୍ତିମନ୍ତ ପ୍ରତୀକ। ପ୍ରାଚୀନ ସମାଜରେ ଗୁରୁମାନେ ଥିଲେ ସମାଜର ପ୍ରକୃତ ମାର୍ଗଦର୍ଶକ। ସେହିପରି ଜଣେ ଆଦର୍ଶ ଗୁରୁ ଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୫ ତାରିଖକୁ ସାରା ଦେଶରେ ୧୯୬୨ ମସିହାରୁ ଗୁରୁ ଦିବସ ଭାବେ ପାଳନ କରାଯାଉଛି। ଏହି ମହାନ୍ ପରମ୍ପରା ଆଜି ପାଶ୍ଚାତ୍ୟ ଶିକ୍ଷା ଓ ଶିକ୍ଷାର ବ୍ୟବସାୟୀକରଣ ଦ୍ୱାରା ବାଧାପ୍ରାପ୍ତ ହୋଇଛି। ସାମ୍ପ୍ରତିକ ପରିସ୍ଥିତିରେ ସରକାରଙ୍କ ବିଭିନ୍ନ ଯୋଜନା ଶିକ୍ଷା କ୍ଷେତ୍ରରେ ସୁଧାର ଆଣିବା ପରିବର୍ତ୍ତେ ବିଶୃଙ୍ଖଳା ସୃଷ୍ଟି କରୁଛି। ବୈଦିକ ଯୁଗରେ ନିତ୍ୟ କୋଳାହଳ ମୁଖରିତ ନଗର ଜନପଦର ବହୁ ଦୂରରେ ଘନ ଅରଣ୍ୟ ମଧ୍ୟସ୍ଥ ମହର୍ଷିମାନଙ୍କ ଶିକ୍ଷାଶ୍ରମରେ ଶିକ୍ଷା ଦିଆଯାଉଥିଲା। ପଚିଶ ବର୍ଷ ବୟସ ହେବା ପର୍ଯ୍ୟନ୍ତ କଠୋର ବ୍ରହ୍ମଚର୍ଯ୍ୟ ବ୍ରତ ଅବଲମ୍ବନ କରି ଛାତ୍ରମାନେ ସେହି ସୁରମ୍ୟ ପରିବେଶ ମଧ୍ୟରେ ସେମାନଙ୍କ ବହୁମୁଖୀ ପ୍ରତିଭାର ବିକାଶ କରୁଥିଲେ। ବେଦ ବେଦାନ୍ତ ଉପନିଷଦଠାରୁ ଆରମ୍ଭ କରି କୃଷି, କଳା ଓ ସମରବିଜ୍ଞାନ ପର୍ଯ୍ୟନ୍ତ ସବୁଥିରେ ପାରଦର୍ଶିତା ଲାଭ କରି ଜଣେ ପୂର୍ଣ୍ଣାଙ୍ଗ ମଣିଷ ଭାବରେ ସ୍ୱଗୃହକୁ ଫେରୁଥିଲେ। ଏହି ଗୁରୁ ଶିଷ୍ୟ ପରମ୍ପରା ପୁରାଣରୁ ଇତିହାସ ଯାଏ ପ୍ରଲମ୍ବିତ। ବାଲ୍ମୀକି, ବିଶ୍ୱାମିତ୍ର, ଦ୍ରୋଣାଚାର୍ଯ୍ୟ ଓ ସନ୍ଦିପନୀ ପ୍ରମୁଖ ଗୁରୁମାନେ ଏହାର ଜ୍ୱଳନ୍ତ ନିଦର୍ଶନ। ଗୁରୁ ରାମ ଦାସଙ୍କ ଶିବାଜୀ, ରାମକୃଷ୍ଣଙ୍କ ବିବେକାନନ୍ଦ ଓ ବିବେକାନନ୍ଦଙ୍କ ନିବେଦିତା ତ ଇତିହାସର ସତ୍ୟ। ଏହି ପରିପ୍ରେକ୍ଷୀରେ ଧରିତ୍ରୀ ପକ୍ଷରୁ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଭେଟିବାରୁ ସେମାନେ ଗୁରୁକୁଳକୁ ଫେରିଯିବା ଉପରେ ମତ ରଖିଥିଲେ।

## କ'ଣ କହନ୍ତି ଏମାନେ



◆ ପ୍ରାଚୀନ କାଳରୁ ମୁନି ଋଷିମାନେ ଶିକ୍ଷା ଓ ସଂସ୍କାରକୁ ପ୍ରାଥମିକତା ଦେଇଆସୁଥିବା ବେଳେ ଅଧୁନା ଶିକ୍ଷା ତା'ର ଲକ୍ଷ୍ୟଠାରୁ ବହୁ ଦୂରରେ। ସମୟର କାଳଚକ୍ରରେ ମଣିଷ ଭିତରେ ଅମଣିଷ ପଣିଆ ଭରିଯିବା ପରେ ସେ ଅନୁତାପ କରିବା ଆରମ୍ଭ କଲାଣି। ସେହି ଯୋଗ ଶାସ୍ତ୍ର, ପୁରାଣ ଶାସ୍ତ୍ର ଗୁରୁକୁଳ ଶିକ୍ଷାକୁ ଦୋହରାଇବା ଚିନ୍ତାଧାରାକୁ ଧୀରେ ଧୀରେ ଉଜ୍ଜୀବିତ କଲାଣି। ବର୍ତ୍ତମାନ ବୟୋବୃଦ୍ଧ ବ୍ୟକ୍ତିଠାରୁ ଆରମ୍ଭ କରି ନୂତନ ପିଢିର କିଛି ଲୋକ ପୂର୍ବ ସଂସ୍କୃତିକୁ ଆପଣେଇବା ପନ୍ଥା କିପରି ପାଇବେ ତା' ଉପରେ ତର୍ଜମା କରୁଛନ୍ତି।

**– ମୋନାଲୀ ସାହୁ, ଯୁକ୍ତ ୩ ଛାତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**



◆ ଆଜି ଶିକ୍ଷାର ସବୁ ସ୍ତରରେ ଖାଲି ଅର୍ଥ ଉପାର୍ଜନ କରିବାର ଲକ୍ଷ୍ୟ। ପାଠ ଏଠି ପାଲଟିଛି ଖାଉଟି ଦ୍ରବ୍ୟ। ପିଲାଏ ପାଠ ଦୋକାନରେ ଭିଡ଼ ଜମାଉଛନ୍ତି। ପାଠ ବେପାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗୁଛି। ଏ ପରିପ୍ରେକ୍ଷୀରେ ଆମ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଲୋଡା। ଏଥିପାଇଁ ଅର୍ଥବାଦୀ ଶିକ୍ଷା ପରିବର୍ତ୍ତେ ଜୀବନବାଦୀ ଶିକ୍ଷା ତଥା ପୂର୍ବରୁ ପ୍ରଚଳିତ ଗୁରୁ କୁଳାଶ୍ରମ ଶିକ୍ଷା ପଦ୍ଧତିର ଆବଶ୍ୟକତା ରହିଛି।

**– ଦେବାଶିଷ ସାମନ୍ତରାୟ, ରଣପୁର**



◆ ବିନା ଗୁରୁରେ ଶିଷ୍ୟର ସଫଳତା ଅସମ୍ଭବ। ସେଥିପାଇଁ ଆର୍ଯ୍ୟମାଟିର ଆଚାର୍ଯ୍ୟମାନେ ଚିରକାଳ ବନ୍ଦନୀୟ। ସମ୍ପ୍ରତି ଗୁରୁକୁଳର ଗୁରୁତ୍ୱ କମିବା ସହ ଶିଷ୍ୟର ଆନୁଗତ୍ୟରେ ଅଭାବ ପରିଲକ୍ଷିତ ହୋଇଛି। ବ୍ୟବସାୟିକ ଶିକ୍ଷା ଯୋଗୁ ଜଣେ ମେଧାବୀ ଓ ଗରିବ ଶିକ୍ଷାର୍ଥୀ ପାଠ ପଢାରୁ ବଞ୍ଚିତ ହେଉଛି। ସରକାରଙ୍କ ଦଣ୍ଡମୁକ୍ତ ଶିକ୍ଷାଦାନ ଓ ମାଗଣା ପ୍ରାଥମିକ ଶିକ୍ଷା ଯୋଜନା ବାଟବଣା ହୋଇଛି। ଅତୀତର ଗୁରୁକୁଳାଶ୍ରମ ଶିକ୍ଷାର ପୁନରାବୃତ୍ତି ହୋଇପାରିଲେ ସମାଜରେ ସୁଧାର ଆସିପାରନ୍ତା।

**– ଜ୍ୟୋତ୍ସ୍ନାପ୍ରଭା ସାହୁ, ଯୁକ୍ତ ୩ ଛାତ୍ରୀ, ପଦ୍ମାବତୀ**

◆ ଶିକ୍ଷା ବ୍ୟବସ୍ଥାରେ ଆଧ୍ୟାତ୍ମିକତାକୁ ଅଧିକ ପ୍ରାଧାନ୍ୟ ସହିତ ଜୀବନଜୀବିକାର ସଂଯୋଗୀକରଣ ନିହାତି ପ୍ରୟୋଜନ। ଏବେ ଗୁରୁ ଶିଷ୍ୟର ସମ୍ପର୍କ କ୍ରେତା ବିକ୍ରେତା ଭିତରେ ସୀମିତ। ନା ଅଛନ୍ତି ଏକଲବ୍ୟ, ନା ଅଛନ୍ତି ଦ୍ରୋଣାଚାର୍ଯ୍ୟ। ଉପମନ୍ୟୁମାନେ ଆଜି ପୁରାଣର ପୁରୁଣା ପୃଷ୍ଠାଟିଏ ମାତ୍ର। ଯେଉଁ ଦିନ ଶିକ୍ଷା ଖସଡାରେ ନୈତିକ ଶିକ୍ଷାକୁ ସଂଲଗ୍ନ କରାଯିବ, ସେହିଦିନ ଆମେ ଏକ ନୂଆ ସକାଳର ସ୍ୱପ୍ନ ଦେଖିପାରିବା। ବର୍ତ୍ତମାନ ପରିସ୍ଥିତିରେ ଗୁରୁ-ଶିଷ୍ୟ ଭାବ ଦୃଢ ରଖିବାରେ ଗୁରୁ ଆଶ୍ରମ ଶିକ୍ଷା ଢାଞ୍ଚା ଗ୍ରହଣଯୋଗ୍ୟ।



**– ସୂର୍ଯ୍ୟମଣି ମହାପାତ୍ର, ପ୍ରଧାନ ଶିକ୍ଷକ, ଦଶପଲ୍ଲା**



◆ ପରିବାରର ମାତାପିତାଙ୍କୁ ଛାଡିଦେଲେ ଶିକ୍ଷକ ହିଁ ଏକମାତ୍ର ବ୍ୟକ୍ତିତ୍ୱ ଯାହାଙ୍କ କାର୍ଯ୍ୟକଳାପ ଛାତ୍ରର ଚିତ୍ତ ଓ ଚରିତ୍ରକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ଦିନ ଥିଲା ଶିଷ୍ୟ ଗୃହ ତ୍ୟାଗ କରି ଗୁରୁକୁଳରେ ରହୁଥିଲା। ମାତ୍ର ଆଜିର ସମାଜରେ ସେଥିରେ ବହୁ ପରିବର୍ତ୍ତନ ଆସିଛି। ଆମର ଶିକ୍ଷା ବ୍ୟବସ୍ଥା ମୌଳିକ ଶିକ୍ଷାଠାରୁ ଦୂରେଇ ବ୍ୟବସାୟିକ ଶିକ୍ଷାପଦ୍ଧତି ଆପଣାଇଛି। ଏହି ପରିବର୍ତ୍ତନ ହିଁ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରୁଥିବାରୁ ପ୍ରାଚୀନ ଗୁରୁକୁଳ ଶିକ୍ଷା ପଦ୍ଧତିର ପୁନରାବୃତ୍ତି ହେବାର ଯଥାର୍ଥତା ରହିଛି।

**– ଇତିଶ୍ରୀ ଷଡଙ୍ଗୀ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ, ଖଣ୍ଡପଡ଼ା**